# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୧/୨୦୧୮ (୨୦ ପୃଷ୍ଠା) | Bhubaneswar, Friday, August 31 / 2018 | ★★★★★★

୪୪ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



DSPL-140



ଓଡ଼ିଶା ସରକାର

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ

- ସନ୍ଥକବି ଭୀମ ଭୋଇ
(୧୮୫୦ - ୧୮୯୫)



ସନ୍ଥ କବି ଭୀମ ଭୋଇଙ୍କ ସେହି ତ୍ୟାଗ,
ଦୁର୍ଗତ ମଣିଷର ସେବା ଏବଂ ବିଶ୍ୱ ଭ୍ରାତୃତ୍ୱ ମନୋଭାବ ପ୍ରତି
ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ନାମରେ ନାମିତ

**ଭୀମ ଭୋଇ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ, ବଲାଙ୍ଗିର**

ରାଜ୍ୟର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆଜି ଲୋକାର୍ପଣ କରୁଛନ୍ତି
ଆମ ପ୍ରିୟ ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**



10001/13/0018/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ||| ସୂଚନା ଓ ଲୋକସମ୍ପର୍କ ବିଭାଗ



"ଏଆଇଏଡିଏମ୍‌କେ ଭାଜପାର ସଖୀ କଣ୍ଢେଇ ନୁହେଁ । କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ଯେଉଁ ନୀତିଗୁଡ଼ିକୁ ନେଇ ତାମିଲନାଡୁ ସରକାର ଅସହମତ, ସେହି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରାଯିବ ।

- ଇ.କେ. ପାଲାନିସ୍ୱାମୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ

# ହିଜବୁଲ୍ ଉପରେ ଚଡ଼କ

- ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲାରେ ଏନ୍‌ଆଇଏର ଧରପଗଡ଼
- ସଲାହୁଦ୍ଦିନ୍‌ଙ୍କ ପୁଅ ଗିରଫ
- ବାପାଙ୍କଠାରୁ ଅର୍ଥ ଗ୍ରହଣ କରୁଥିଲେ ଶକିଲ

ଶ୍ରୀନଗର, ୩୦।୮ (ପି.ଟି.)



ସୟିଦ୍ ସଲାହୁଦ୍ଦିନ୍



ସୟିଦ୍ ଶକିଲ୍ ୟୁସୁଫ୍

ଭାରତରେ ଆତଙ୍କବାଦର କାୟାବିସ୍ତାର ପାଇଁ ଅର୍ଥ ଯୋଗାଉଛି ପାକିସ୍ତାନ। ହୱାଲା ଜରିଆରେ ପାକିସ୍ତାନରୁ ଦିଲ୍ଲୀ ଏବଂ ପରେ ଜମ୍ମୁ-କଶ୍ମୀରକୁ ଟଙ୍କା ପଠାଯାଉଛି। ଏଥିପାଇଁ କଶ୍ମୀରର କେତେଜଣ ବିଚ୍ଛିନ୍ନତାବାଦୀ ଏବଂ ଆତଙ୍କବାଦୀ ସଙ୍ଗଠନ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଧ୍ୟମ କରାଯାଉଛି। ୨୦୧୧ ଏପ୍ରିଲରେ ଏନେଇ ମାମଲା ହେବାପରେ ଧରପଗଡ଼ ଚଳାଇଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଏହି ମାମଲାରେ ବିଶ୍ୱର ୱାଣ୍ଟେଡ୍ ଆତଙ୍କବାଦୀ ତଥା ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ୍ ସଲାହୁଦ୍ଦିନ୍‌ଙ୍କ ପୁଅ ସୟିଦ୍ ଶକିଲ୍ ୟୁସୁଫ୍ ଗୁରୁବାର ଧରାପଡ଼ିଛନ୍ତି। ବାପାଙ୍କଠାରୁ ଅର୍ଥ ଗ୍ରହଣ କରି ଆତଙ୍କବାଦୀଙ୍କୁ ଯୋଗାଇବା ଅଭିଯୋଗରେ ତାଙ୍କୁ ଏନ୍‌ଆଇଏ ଗିରଫ କରିଛି। ଏହି ଗିରଫଦାରି ପରେ ହିଜ୍‌ବୁଲ ଉପରେ ଚଡ଼କ ପଡ଼ିଛି।

ଆତଙ୍କବାଦର ମୁକାବିଲା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ଏତିକିବେଳେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲାର ତଦନ୍ତକୁ ଜୋରଦାର କରିଛି ଏନ୍‌ଆଇଏ। ତଦନ୍ତ ସଂସ୍ଥାର ଜଣେ ମୁଖପାତ୍ରଙ୍କ ସୂଚନା ମୁତାବକ, ଗୁରୁବାର ସକାଳେ ପୋଲିସ ଓ ସିଆର୍‌ପିଏଫ୍ ସହଯୋଗରେ ଏନ୍‌ଆଇଏ ଟିମ୍ ଶ୍ରୀନଗରର ରାମବାଗ୍ ଅଞ୍ଚଳରୁ ସଲାହୁଦ୍ଦିନ୍‌ଙ୍କ ଦ୍ୱିତୀୟ ପୁତ୍ର ଶକିଲଙ୍କୁ ଗିରଫ କରିଛି। ଏକ ବଡ଼ ସରକାରୀ ହସ୍ପିଟାଲରେ ଲାବରେଟୋରୀ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି ଶକିଲ୍। କିନ୍ତୁ ବାପାଙ୍କ ଆତଙ୍କବାଦ ନେଟୱର୍କ ସହ ତାଙ୍କର ସମ୍ପୃକ୍ତି ସନ୍ଦେହ ଘେରରେ ରହିଥିଲା। ଆମେରିକାସ୍ଥିତ ଅନ୍ତର୍ଜାତୀୟ ୱେର୍ ଟ୍ରାନ୍ସଫର କମ୍ପାନୀ ଜରିଆରେ ଅଜିଜ୍ ଅହମ୍ମଦ ଭଟ୍‌ଙ୍କଠାରୁ ଶକିଲ ଅର୍ଥ ଗ୍ରହଣ କରୁଥିବା ଜଣାପଡ଼ିବା ପରେ ତାଙ୍କୁ ଧରିବା ଲାଗି ଜାଲ ବିଛାଇଥିଲା। ଭଟ ହେଉଛନ୍ତି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ, ଯିଏକି ଫେରାର ହୋଇ ସୌଦି ଆରବରେ ଲୁଚିରହିଛନ୍ତି। ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଇବା ପାଇଁ ସେ ଅନେକ ଭାରତୀୟଙ୍କ ସହ ଯୋଗାଯୋଗ ରଖୁଥିଲେ। ଅର୍ଥ ଗ୍ରହଣ ପାଇଁ କୋଡ୍ ଦେବା ଲାଗି ସେ ଶକିଲ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହେଉଥିଲେ ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଜୁନ୍‌ରେ ସଲାହୁଦ୍ଦିନ୍‌ଙ୍କ ଅନ୍ୟତମ ପୁତ୍ର ଶାହିଦ ସମାନ ମାମଲାରେ ଗିରଫ ହୋଇଥିଲେ। ଶାହିଦ ମଧ୍ୟ ଜମ୍ମୁ-କଶ୍ମୀର ସରକାରର କୃଷି ବିଭାଗରେ କାର୍ଯ୍ୟ କରୁଥିଲେ।

୨୦୧୧ରେ ଏନ୍‌ଆଇଏ ଏ ସମ୍ପର୍କିତ ମାମଲା ରୁଜୁ କରିବା ପରେ ଏଯାବତ୍ ଦୁଇଟି ଚାର୍ଜଶିଟ୍ ଦାଖଲ କରିସାରିଛି, ଯେଉଁଥିରେ ୬ ଜଣଙ୍କ ନାଁ ରହିଛି। ତନ୍ମଧ୍ୟରୁ ପାକିସ୍ତାନ ସମର୍ଥନକାରୀ ବିଚ୍ଛିନ୍ନତାବାଦୀ ନେତା ସୟଦ ଅଲି ଶାହ ଗିଲାନୀଙ୍କ ଘନିଷ୍ଠ ସହଯୋଗୀ ଜି.ଏମ୍. ଭଟ୍ଟ, ମହମ୍ମଦ ସିଦ୍ଦିକ୍ ଗାନାଇ, ଗୁଲାମ୍ ଜିଲାନୀ ଲିଲୁ, ଫାରୁକ୍ ଅହମ୍ମଦ ଦାଗା ଗିରଫ ହୋଇ ହାଜତରେ ଥିବାବେଳେ ମହମ୍ମଦ ମକ୍‌ବୁଲ ପଣ୍ଡିତ ଏବଂ ଭଟ୍ ଫେରାର ଅଛନ୍ତି। ଏମାନଙ୍କ ବିରୋଧରେ ଇଣ୍ଟରପୋଲ୍ ନୋଟିସ ଜାରି ହୋଇଛି। ଏହି ମାମଲାରେ ସଲାହୁଦ୍ଦିନ୍‌ଙ୍କ ଦୁଇପୁଅ ଗିରଫ ହୋଇଥିବାରୁ ହିଜ୍‌ବୁଲ ମୁଜାହିଦ୍ଦିନ୍‌କୁ ବଡ଼ ଝଟକା ଲାଗିଛି। ମହମ୍ମଦ ୟୁସୁଫ୍ ଶାହ ଓରଫ୍ ସଲାହୁଦ୍ଦିନ୍‌ଙ୍କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଶ୍ୱ ଆତଙ୍କବାଦୀ ଘୋଷଣା କରିଛି। ସେ ହିଜ୍‌ବୁଲ ମୁଜାହିଦ୍ଦିନର ସୁପ୍ରିମୋ ରହିବା ସଙ୍ଗେ କଶ୍ମୀରରେ ସକ୍ରିୟ ଥିବା ୟୁନାଇଟେଡ ଜେହାଦ କାଉନ୍‌ସିଲ (ୟୁଜେସି)ର ଅଧ୍ୟକ୍ଷ ଅଛନ୍ତି। ପ୍ରକାଶ ଯେ, ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ନେଇ ୨୦୧୧ ନଭେମ୍ବର ଏବଂ ୨୦୧୮ ମେ'ରେ ଏନ୍‌ଆଇଏ ଆଉ ଦୁଇଟି ମାମଲା ରୁଜୁ କରିଛି। ଏହି ଦୁଇ ମାମଲାରେ ଗିଲାନୀଙ୍କ ସମ୍ପର୍କୀୟଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଛି।

## ୨ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର,୩୦।୮(ପି.ଟି.)-** ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଗୁରୁବାର ଏନ୍‌କାଉଣ୍ଟରରେ ୨ ପାକିସ୍ତାନୀ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀ ନିହତ ହୋଇଛନ୍ତି। ହାଜିନ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷାକର୍ମୀମାନେ ତଲାସି ଅଭିଯାନ ଚଳାଇଥିଲେ। ଲୁଚିରହିଥିବା ଆତଙ୍କବାଦୀମାନେ ହଠାତ୍ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହାପରେ ଯବାନମାନେ ମଧ୍ୟ ପାଲଟା ଜବାବ ଦେଇଥିଲେ। ଗୁଳି ବିନିମୟ ହେବାବେଳେ ୨ ଆତଙ୍କବାଦୀ ଟଳିପଡ଼ିଛନ୍ତି। ଜବତ ଅସ୍ତ୍ରରୁ ସେମାନେ ପାକ୍ ଆତଙ୍କବାଦୀ ବୋଲି ଜଣାପଡ଼ିଛି।

## ନାଇକୁଙ୍କ ବାପାଙ୍କୁ ଜେରା

**ଶ୍ରୀନଗର,୩୦।୮(ପି.ଟି.)-**ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ଅୱନ୍ତିପୋରାରେ ହିଜବୁଲ୍ କମାଣ୍ଡର ରିୟାଜ୍ ନାଇକୁଙ୍କ ଘରେ ବୁଧବାର ଅଧରାତିରେ ଚଢ଼ାଉ ହୋଇଛି। ପୋଲିସ ଓ ସୁରକ୍ଷା ବାହିନୀର ଏକ ମିଳିତ ଟିମ୍ ଅୱନ୍ତିପୋରା ଅଞ୍ଚଳରୁ ୯ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ନାଇକୁଙ୍କ ୭୦ ବର୍ଷୀୟ ବାପା ଅସାଦୁଲ୍ଲା ନାଇକୁଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରିଛି। ତେବେ ଅସାଦୁଲ୍ଲା ଗିରଫ ହୋଇଥିବା ଗୁଜବ ସୃଷ୍ଟି ହୋଇଛି। କିନ୍ତୁ ଏହି ଖବରକୁ ଜଣେ ପୋଲିସ ଅଧିକାରୀ ଖଣ୍ଡନ କରିଛନ୍ତି। ପୁଅର ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ ଅସାଦୁଲ୍ଲାଙ୍କୁ ପ୍ରଶ୍ନ କରାଯାଇଥିଲା। ସାଧାରଣତଃ ଆତଙ୍କବାଦୀଙ୍କ ବିଷୟରେ ଜାଣିବା ଲାଗି ତାଙ୍କ ସମ୍ପର୍କୀୟ ଓ ପରିଚିତଙ୍କୁ ପଚରାଉଚରା କରାଯାଏ। ପୁଲ୍‌ୱାମା ଜିଲାର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ସୁରକ୍ଷାକର୍ମୀଙ୍କ ମିଳିତ ଟିମ୍ ୧୮ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

## ଥାନାର ଡ୍ରଗ୍ସ ସବୁ ମୂଷା ଖାଇଯାଉଛନ୍ତି

ସୁପ୍ରିମକୋର୍ଟଙ୍କ କଟାକ୍ଷ



ନୂଆଦିଲ୍ଲୀ,୩୦।୮(ପି.ଟି.)

ମାଲଖାନାରେ ସ୍ଥାନାଭାବ ନେଇ ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀ ପୋଲିସକୁ କଡ଼ା ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେତେବେଳେ ନାର୍କୋଟିକ୍ ମାମଲାର ଶୁଣାଣି ଚାଲେ ଜବତ ଡ୍ରଗ୍ସ ସବୁ ମୂଷା ଖାଇଦେଇଛି ବୋଲି କୁହାଯାଏ। ବାହାର ଅପେକ୍ଷା ଥାନାର ମାଲଖାନାରେ ଅଧିକ ଡ୍ରଗ୍ସ କାରବାର ହୋଇଥାଏ। ସେଠାରେ ଥିବା ଅଧିକାଂଶ ଗାଡି ଚୋରି କିମ୍ବା କୌଣସି ଅପରାଧ ପାଇଁ ବ୍ୟବହାର ହୋଇଥାଏ,ଯାହାକୁ ଦାବି କରିବାକୁ କେହି ଆସନ୍ତି ନାହିଁ। କିନ୍ତୁ ପୋଲିସ ଏଗୁଡ଼ିକୁ ବର୍ଷ ବର୍ଷ ଧରି ସାଇତି ରଖିଥାଏ। ଏଭଳି କରିବା ଅପେକ୍ଷା ଜବତ ଗାଡ଼ିଗୁଡ଼ିକୁ ବିକ୍ରି କରିଦେବା ଦରକାର ବୋଲି ଜଷ୍ଟିସ୍ ମଦନ ବି. ଲୋକୁର, ଏସ୍.ଅବଦୁଲ ନଜିର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟରେ ଦିଲ୍ଲୀର ଟ୍ରାଫିକ୍ ସମସ୍ୟା ଓ ରାସ୍ତା ଅତିକ୍ରମଣ ସମ୍ପର୍କୀତ ମାମଲାର ଶୁଣାଣି ଚାଲିଥିବା ବେଳେ ସୁପ୍ରିମକୋର୍ଟ ମାଲଖାନା ପ୍ରସଙ୍ଗ ଉଠାଇ ପୋଲିସକୁ ଏଭଳି କହିଥିଲେ।

## ପରିବାରର ୪ ଜଣଙ୍କ ସନ୍ଦେହଜନକ ମୃତ୍ୟୁ

**ଗୁଡଗାଓଁ,୩୦।୮(ପି.ଟି.)-**ଗୁଡଗାଓଁର ପଟୌଦି ସ୍ଥିତ ବିଜାପୁର ଗ୍ରାମରେ ଗୋଟିଏ ପରିବାରର ୪ ସଦସ୍ୟଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ପରିବାରର ଜଣେ ବୟସ୍କ ମହିଳାଙ୍କ ସହିତ ତାଙ୍କର ପୁଅ ଏବଂ ବୋହୂଙ୍କ ମୃତଦେହ ମିଳିଛି। ମୃତକମାନେ ହେଲେ ୬୨ ବର୍ଷୀୟା ଫୁଲବତୀ, ତାଙ୍କ ପୁଅ ମନୀଷ (୨୫) ଓ ବୋହୂ ପିଙ୍କି(୨୨)। ବୁଧବାର ସନ୍ଧ୍ୟାରେ କ୍ଷୀରବିକାଳି ତାଙ୍କ ଘରକୁ ଆସିଥିବା ବେଳେ ସମସ୍ତଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଘରୁ ଗୁରୁତର ଅବସ୍ଥାରେ ୧ ବର୍ଷର ଛୋଟ ଝିଅକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜି ଦେଇଥିବା ପୋଲିସ ସୂଚନା ଦେଇଛି। ତେବେ ମନୀଷ ଓ ପିଙ୍କିଙ୍କର ପୁଅ ଅକ୍ଷୟ ସ୍କୁଲ ଯାଇଥିବାରୁ ବଞ୍ଚିଯାଇଛନ୍ତି।

ଆତଙ୍କବାଦୀଙ୍କ କ୍ରୂରତା

## ପୋଲିସ କର୍ମଚାରୀଙ୍କ ପୁଅକୁ ଅପହରଣ

ଶ୍ରୀନଗର,୩୦।୮(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ଟ୍ରାଲ୍ ଅଞ୍ଚଳରୁ ଗୁରୁବାର ଆଉ ଜଣେ ପୋଲିସ କର୍ମଚାରୀଙ୍କ ପୁଅକୁ ଆତଙ୍କବାଦୀମାନେ ଅପହରଣ କରିନେଇଛନ୍ତି। ମିଦୁର ଗ୍ରାମନିବାସୀ ଗୁଲାମ୍ ହାସନ୍ ମିରଙ୍କ ଘରେ ଆତଙ୍କବାଦୀମାନେ ପଶିଯାଇ ନାଶିର ଅହମଦ ମିରଙ୍କୁ ଉଠାଇନେଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଅପହର୍ତ୍ତାଙ୍କ ସନ୍ଧାନ ଲାଗି ତଲାସି ଅଭିଯାନ ଚାଲିଛି। ବୁଧବାର ଟ୍ରାଲ ଅଞ୍ଚଳର ପିଙ୍ଗଲିଶ୍ ଗ୍ରାମରୁ ଅନ୍ୟ ଜଣେ ପୋଲିସ କର୍ମଚାରୀଙ୍କ ପୁଅ ଅସିଫ୍ ଅହମଦ ରାଥରଙ୍କୁ ଆତଙ୍କବାଦୀ ଅପହରଣ କରିନେଇଥିଲେ।

## ସଂକ୍ଷେପରେ

### ୧୫ ନାବାଳକଙ୍କୁ ଯୌନ ଉତ୍ପୀଡ଼ନ: ବୌଦ୍ଧ ଭିକ୍ଷୁ ଗିରଫ

ବୋଧଗୟା,୩୦।୮-୧୫ ନାବାଳକଙ୍କୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ବିହାରର ବୋଧଗୟାରେ ଜଣେ ବୌଦ୍ଧଭିକ୍ଷୁ ଗିରଫ ହୋଇଛନ୍ତି। ବୌଦ୍ଧଭିକ୍ଷୁ ଜଣକ ମସ୍ତିପୁର ଗ୍ରାମରେ 'ପ୍ରସନ୍ନ ଜ୍ୟୋତି ବୁଦ୍ଧିଷ୍ଟ ସ୍କୁଲ ଆଣ୍ଡ ମେଡିଟେଶନ୍ ସେଣ୍ଟର' ନାମରେ ଏକ ସଂସ୍ଥା ଚଳାଉଥିଲେ। ସେଠାରେ ଆସାମର ଆଙ୍ଗଲଙ୍ଗ୍ ଜିଲା କର୍ବିର ପିଲାମାନେ ପଢ଼ୁଥିଲେ। ବୌଦ୍ଧ ଭିକ୍ଷୁ ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା କରୁଛି।

ମଇଁଷି ଚୋରି ସନ୍ଦେହ

### ଶାହରୁଖ୍‌ଙ୍କୁ ପିଟି ମାରିଦେଲେ

ବରେଲି(ୟୁପି),୩୦।୮(ପି.ଟି.)- ଉତ୍ତରପ୍ରଦେଶ (ୟୁପି)ର ବରେଲି ଜିଲାରେ ଭିଡ ହିଂସାର କୁପରିଣତି ଦେଖିବାକୁ ମିଳିଛି। ଭୋଲାପୁର ହାଦୋଲିୟା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ମଇଁଷି ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ପୋଲିସ ଏନେଇ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଛି। ଶାହରୁଖ୍ ଖାନ୍ (୨୦) ଦୁବାଇରେ ଦରଜି କାମ କରୁଥିଲେ। ସେ ପରିବାର ସହ ଇଦ୍ ପାଳନ ପାଇଁ ନିକଟରେ ନିଜ ଗାଁକୁ ଆସିଥିଲେ। ଶାହରୁଖ୍ ଓ ଅନ୍ୟ ୨ ଜଣ ଯୁବକ (ପପୁ ଓ ଆବିଦ୍)ଙ୍କୁ ବୁଧବାର ବିଳମ୍ବିତ ରାତିରେ ଭୋଲାପୁର ହାଦୋଲିୟା ଗ୍ରାମର ଗଜେନ୍ଦ୍ର ପାଲ ନାମ ଜଣେ ବ୍ୟକ୍ତିଙ୍କ ଗୁହାଳରେ ଲୋକେ ଦେଖିଥିଲେ। ପପୁ ଓ ଆବିଦ୍ ନକାତିୟା ନଦୀରେ ପହଁରି ଫେରାର ହୋଇଯାଇଥିଲେ। ହେଲେ ଶାହରୁଖ୍ ପହଁରା ଜାଣି ନ ଥିବାରୁ ନଈକୂଳରେ ଛିଡ଼ାହୋଇ ରହିଥିଲେ। ୫୦ରୁ ଊର୍ଦ୍ଧ୍ୱ ଲୋକ ମଇଁଷି ଚୋରି କରୁଥିବା ସନ୍ଦେହରେ ତାଙ୍କୁ ନିର୍ଘୃମ ପିଟି ପୋଲିସ ଜିମା ଦେଇଥିଲେ। ଆକ୍ରମଣରେ ଲହୁଲୁହାଣ ଶାହରୁଖ୍‌ଙ୍କୁ ଗୁରୁତର ଅବସ୍ଥାରେ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳ ୭ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଛି।

ଭାରତକୁ ଆମେରିକାର ଚେତାବନୀ

### ଋଷିଆଠାରୁ କ୍ଷେପଣାସ୍ତ୍ର କିଣିଲେ କଟକଣା

ୱାଶିଂଟନ,୩୦।୮(ପି.ଟି.)-ଋଷିଆଠାରୁ ନୂଆଦିଲ୍ଲୀ ଏସ୍-୪୦୦ କ୍ଷେପଣାସ୍ତ୍ର ଭଳି ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ସାମଗ୍ରୀ କିଣିଲେ ଭାରତ ଉପରେ ଆମେରିକା କଟକଣା ଜାରି କରିବ। ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନର ଏସିଆ ବ୍ୟାପାର ଅଧିକାରୀ ରଣ୍ଡାଲ୍ ସ୍କ୍ରିଭର୍ ଗୁରୁବାର ଏହି ଚେତାବନୀ ଦେଇଛନ୍ତି। ୟୁକ୍ରେନୀୟ ଉପଦ୍ୱୀପ କ୍ରିମିଆକୁ ଋଷିଆ ନିଜ ଭୂଖଣ୍ଡରେ ସାମିଲ କରିଛି। ଏହାକୁ ନେଇ ଋଷିଆ ଉପରେ ଆମେରିକା କଟକଣା ଜାରି କରିଛି। ଏହାର ତାତ୍ପର୍ଯ୍ୟ ହେଉଛି ଋଷିଆ ସହିତ କୌଣସି ରାଷ୍ଟ୍ର ପ୍ରତିରକ୍ଷା କିମ୍ବା ଗୋଇନ୍ଦା ସମ୍ପର୍କ ରଖିଲେ ତା' ଉପରେ ମଧ୍ୟ ଅନୁରୂପ କଟକଣା ଜାରି କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଭୂପୃଷ୍ଠରୁ ଆକାଶମାର୍ଗ ଭେଦ କରୁଥିବା ଦୂରଗାମୀ ଏସ୍-୪୦୦ ମିଶାଇଲ୍ ୬ ବିଲିୟନ ଡଲାରରେ ଋଷିଆଠାରୁ କିଣିବାକୁ ଭାରତର ନିଷ୍ପତ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

### ଜେଲକୁ ଫେରିଲେ ଲାଲୁ

ରାଞ୍ଚି,୩୦।୮(ପି.ଟି.)-ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧକ୍ଷ ଲାଲୁ ପ୍ରସାଦ ଯାଦବ ଗୁରୁବାର ଜେଲ୍‌କୁ ଫେରିଛନ୍ତି। ଜାମିନ ଅବଧି ଶେଷ ହୋଇଯିବା ପରେ ରାଞ୍ଚିସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ସେ ଆତ୍ମସମର୍ପଣ କରିଛନ୍ତି। ବୁଧବାର ପାଟନାରୁ ଆସି ରାଞ୍ଚିରେ ପହଞ୍ଚିଥିଲେ ଲାଲୁ। ଗୁରୁବାର ପୂର୍ବାହ୍ନରେ ତାଙ୍କୁ ବିଚାରପତି ଏସ୍.ଏସ୍. ପ୍ରସାଦଙ୍କ ନିକଟରେ ହାଜର କରାଯାଇଥିଲା। ଲାଲୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି ବୋଲି ତାଙ୍କ ଓକିଲ ପ୍ରଭାତ କୁମାର କହିଥିଲେ। ଏହାପରେ ଲାଲୁଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ଲାଗି ବରିଷ୍ଠ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ବିର୍ସା ମୁଣ୍ଡା ଜେଲ୍‌ର ଡାକ୍ତରଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରୁ ଲାଲୁଙ୍କୁ ବିର୍ସା ମୁଣ୍ଡା ଜେଲ୍ ପଠାଇଦିଆଯାଇଥିଲା ଏବଂ ଏହାପରେ ତାଙ୍କୁ ହସ୍ପିଟାଲ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

କାଠମାଣ୍ଡୁ ବିମ୍‌ଷ୍ଟେକ୍ ସମ୍ମିଳନୀରେ ମୋଦି

## ସହଯୋଗ, ସମନ୍ୱୟକୁ ଗୁରୁତ୍ୱ

କାଠମାଣ୍ଡୁ,୩୦।୮(ପି.ଟି.)



ନେପାଳର କାଠମାଣ୍ଡୁଠାରେ ଗୁରୁବାର ଚତୁର୍ଥ 'ବଙ୍ଗୋପସାଗର ବହୁକ୍ଷେତ୍ରୀୟ ବୈଷୟିକ ଓ ଅର୍ଥନୈତିକ ସହଯୋଗ ଅଭିଯାନ' (ବିମ୍‌ଷ୍ଟେକ୍) ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିମ୍‌ଷ୍ଟେକ୍ ସମ୍ମିଳନୀ ଉଦ୍‌ଘାଟନୀ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନବୀୟ ସହଯୋଗ ଏବଂ ବିପର୍ଯ୍ୟୟ ରିଲିଫ୍ ଦିଗରେ 'ସହଯୋଗ ଓ ସମନ୍ୱୟ' ଲାଗି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଆଞ୍ଚଳିକ ଯୋଗାଯୋଗ ବଢ଼ାଇବା ସହ ଆତଙ୍କବାଦ ଓ ବେଆଇନ ନିଶା କାରବାର ରୋକିବା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

କ୍ଷେତ୍ରର ଶାନ୍ତି, ସମୃଦ୍ଧି ଏବଂ ବିକାଶ ପ୍ରତିଷ୍ଠା କରିବା ଗୋଟିଏ ଦେଶ ପକ୍ଷେ ସମ୍ଭବ ନୁହେଁ। ଏଥିଲାଗି ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଏକଜୁଟ ହେବାକୁ ପଡ଼ିବ ବୋଲି ମୋଦି କହିଛନ୍ତି। ସେହିପରି ନିଶା କାରବାର ବିଷୟବସ୍ତୁ ଉପରେ ବିମ୍‌ଷ୍ଟେକ୍ ଢାଞ୍ଚାରେ କାର୍ଯ୍ୟକ୍ରମର ଆୟୋଜନ କରିବା ଲାଗି ଭାରତ ପ୍ରସ୍ତୁତ ବୋଲି ମୋଦି ଏହି ଅବସରରେ କହିଛନ୍ତି। ନର୍ଥ ଇଷ୍ଟର୍ନ ସ୍ପେସ୍ ଆପ୍ଲିକେଶନ୍ ସେଣ୍ଟରରେ ଅଧ୍ୟୟନ କରିବା ଲାଗି ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଛାତ୍ରୀଛାତ୍ର, ଗବେଷକ, ଶିକ୍ଷାବିତ୍‌ଙ୍କୁ ଭାରତ ବୃତ୍ତି ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବା ସହ ବିମ୍‌ଷ୍ଟେକ୍ ଯୁବ ସମ୍ମିଳନୀ, ବିମ୍‌ଷ୍ଟେକ୍ ସାଂସଦ ଫୋରମ୍ ଗଠନ ଲାଗି ପ୍ରସ୍ତାବ ଦେଇଛନ୍ତି।

ବିମ୍‌ଷ୍ଟେକ୍ ବୈଠକ ଉପରାନ୍ତେ ମୋଦି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନା, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ପୃଥକ୍ ଭାବେ ସାକ୍ଷାତ୍ କରି ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ସ୍ୱତନ୍ତ୍ର କୋର୍ଟରେ ଦାଗୀ ନେତାଙ୍କ ବିଚାର

## କେନ୍ଦ୍ର ଅପ୍ରସ୍ତୁତ, ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୦।୮(ପି.ଟି.)



ଆଇନପ୍ରଣେତା ଓ ରାଜନେତାଙ୍କ ବିରୋଧରେ ଥିବା ଫୌଜଦାରି ମାମଲା ଏବେ ବି ଦେଶର ଅନେକ କୋର୍ଟରେ ପଡ଼ିରହିଛି। ଏଗୁଡ଼ିକର ବିଚାରପ୍ରକ୍ରିୟା ଆଗେଇପାରୁ ନାହିଁ। ତେଣୁ ଅପରାଧ ସହ ଜଡ଼ିତ ଏମ୍‌ପି, ଏମ୍‌ଏଲ୍‌ଏଙ୍କ ବିଚାର ଲାଗି ସ୍ୱତନ୍ତ୍ର କୋର୍ଟ ପ୍ରସ୍ତୁତ କରାଯିବ। ଏଥିଲାଗି ନେତାଙ୍କ ନାଁରେ ଥିବା ଫୌଜଦାରି ମାମଲାଗୁଡ଼ିକର ସବିଶେଷ ତଥ୍ୟ ଲୋଡ଼ିଥିଲେ ସୁପ୍ରିମକୋର୍ଟ। ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହି କାର୍ଯ୍ୟ ସମ୍ପାଦନ କରି ନ ଥିବାରୁ ଗୁରୁବାର ସର୍ବୋଚ୍ଚ ଅଦାଲତ ପ୍ରବଳ ବର୍ଷିଛନ୍ତି। ସରକାର 'ଅପ୍ରସ୍ତୁତ' ହୋଇରହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କୋର୍ଟ ନ ଚାହିଁଲେ ସୁଦ୍ଧା କିଛି ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ର ସରକାର ବାଧ୍ୟ କରୁଛନ୍ତି ବୋଲି ଜଷ୍ଟିସ୍ ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି।

ଗତବର୍ଷ ନଭେମ୍ବର ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ଦାଗୀ ନେତାଙ୍କ ନାଁରେ ୧,୫୮୧ ମାମଲା ପଡ଼ିରହିଥିଲା। ତେବେ ବର୍ଷକ ମଧ୍ୟରେ କେତେ ସଂଖ୍ୟକ ମାମଲାର ବିଚାର ହୋଇଛି, ତାହା ଅବଗତ କରିବା ସହ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ସୁପ୍ରିମକୋର୍ଟ ଗତ ଡିସେମ୍ବର ୧୪ରେ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଶୁଣାଣିବେଳେ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ଦାଖଲ କରିଥିବା ଅତିରିକ୍ତ ସତ୍ୟପାଠକୁ ଖଣ୍ଡପୀଠ ତର୍ଜମା କରିଛନ୍ତି। ୧୨ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ଲାଗି ୧୧ଟି ରାଜ୍ୟକୁ ଅର୍ଥ ଯୋଗାଇଦିଆଯାଇଛି ବୋଲି ସରକାର ଦର୍ଶାଇନ୍ତି। ସେପ୍ଟେମ୍ବର ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ରାଫେଲ୍ ଯୁଦ୍ଧବିମାନ ଚୁକ୍ତିରେ ନରେନ୍ଦ୍ର ମୋଦି ସରକାର ମହାଦୁର୍ନୀତି କରିଥିବା ଅଭିଯୋଗ ଆଣି ଗୁରୁବାର ଯୁବ କଂଗ୍ରେସ କର୍ମୀମାନେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆଲାଗିରିଙ୍କ ୟୁ-ଟର୍ନ

## ଷ୍ଟାଲିନଙ୍କ ନେତୃତ୍ୱକୁ ମାନିବି

ମଦୁରାଇ,୩୦।୮(ପି.ଟି.)



ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ପରଲୋକ ପରେ ଡିଏମ୍‌କେରେ ସୃଷ୍ଟି ହୋଇଥିବା କନ୍ଦଳରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। କରୁଣାନିଧିଙ୍କ ସାନପୁଅ ଏମ୍.କେ. ଷ୍ଟାଲିନ୍ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଡିଏମ୍‌କେ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ସ୍ୱର ବଦଳାଇଛନ୍ତି ଅସନ୍ତୁଷ୍ଟ ଏମ୍.କେ. ଆଲାଗିରି। ଡିଏମ୍‌କେରେ ତାଙ୍କୁ ସାମିଲ କରାଗଲେ ସେ ସାନଭାଇ ଷ୍ଟାଲିନଙ୍କ ନେତୃତ୍ୱକୁ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ଗୁରୁବାର ବଡ଼ଭାଇ ଆଲାଗିରି ଘୋଷଣା କରିଛନ୍ତି। ଏହାକୁ ନେଇ ଦଳୀୟ ରାଜନୀତିରେ ନୂଆ ସମୀକରଣର ସମ୍ଭାବନା ସୃଷ୍ଟି ହୋଇଛି।

ଆଲାଗିରି କହିଛନ୍ତି, ସେ ଓ ତାଙ୍କ ପୁଅ ଦୁରାଇ ଦୟାନିଧି ଡିଏମ୍‌କେର କୌଣସି ପଦବୀ ପାଇଁ ଆଶାୟୀ ନୁହନ୍ତି। ସେମାନେ ଡିଏମ୍‌କେରେ ସାମିଲ କରାଗଲେ ସେମାନେ ଷ୍ଟାଲିନଙ୍କ ନେତୃତ୍ୱକୁ ମାନିବେ। ମାତ୍ର ଡିଏମ୍‌କେରେ ଗ୍ରହଣ କରା ନ ଗଲେ ଆସନ୍ତା ମାସରେ ହେବାକୁ ଥିବା ସଭା ପରେ ଅନ୍ୟ ନେତାଙ୍କ ସହ ବିଚାରବିମର୍ଶ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ନେବେ। ପ୍ରକାଶ ଯେ, ଗତ ୨୮ ତାରିଖରେ ଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

## ଏକକାଳୀନ ନିର୍ବାଚନ ସପକ୍ଷରେ ଲ' କମିଶନ

ନୂଆଦିଲ୍ଲୀ,୩୦।୮(ପି.ଟି.)

ବିତର୍କ ପାଇଁ ବିଭିନ୍ନ ପକ୍ଷଙ୍କୁ ଆହ୍ୱାନ



କେନ୍ଦ୍ର ସରକାରଙ୍କ ଏକକାଳୀନ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପ୍ରସ୍ତାବକୁ ଆଇନ କମିଶନ ଗୁରୁବାର ସମର୍ଥନ ଜଣାଇଛନ୍ତି। ନିରନ୍ତର ଲାଗି ରହୁଥିବା ନିର୍ବାଚନ ବ୍ୟବସ୍ଥାରୁ ଏହା ମୁକ୍ତି ଦେବ। କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପୂର୍ବରୁ ଏହାର ବିଭିନ୍ନ ଦିଗ ବିଷୟରେ ସାଧାରଣରେ ବିତର୍କ ଏବଂ ତର୍ଜମା ହେବା ଜରୁରୀ ବୋଲି କମିଶନ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରଚଳିତ ସାମ୍ବିଧାନିକ ଢାଞ୍ଚାରେ ଏକକାଳୀନ ନିର୍ବାଚନ ସମ୍ଭବ ନୁହେଁ। ଏଥିଲାଗି ସମ୍ବିଧାନ ସଂଶୋଧନ ଲୋଡ଼ା ବୋଲି ନିଜ ଡ୍ରାଫ୍ଟ ରିପୋର୍ଟରେ ଲ ପ୍ୟାନେଲ୍ ସ୍ପଷ୍ଟକରିଛନ୍ତି।

ଏହି ଡ୍ରାଫ୍ଟ ରିପୋର୍ଟ ଆଇନ କମିଶନ ସାର୍ବଜନୀନ କରିଛନ୍ତି। ଜନସାଧାରଣଙ୍କ ସମେତ ବିଭିନ୍ନ ପକ୍ଷରୁ ଏହାକୁ ନେଇ ମତାମତ ଲୋଡ଼ିଛନ୍ତି। ଏହାର ଏକ ନକଲ ସରକାରଙ୍କୁ ମଧ୍ୟ ହସ୍ତାନ୍ତର କରାଯାଇଛି। କମିଶନ ନିଜର ଚିଠା ରିପୋର୍ଟରେ ଏକକାଳୀନ ନିର୍ବାଚନ ପାଇଁ ୩ଟି ବିକଳ୍ପ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ପ୍ରଥମତଃ ୨୦୧୯ ସାଧାରଣ ନିର୍ବାଚନ ସାଙ୍ଗରେ ୧୨ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକସଙ୍ଗେ କରାଯାଇପାରିବ। ସେଥିମଧ୍ୟରୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ସିକିମ୍, ତେଲେଙ୍ଗାନାରେ ଏହି ସମୟରେ ନିର୍ବାଚନ ହେବାକୁ ଯାଉଛି। ଏହାବାଦ୍ ହରିୟାଣା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ପାଇଁ ଯଦି ରାଜନୈତିକ ସହମତି ପ୍ରକାଶ ପାଏ, ତା'ହେଲେ ସେଠାକାର ବିଧାନସଭା ଆଗୁଆ ଭଙ୍ଗକରି ଏକାଠି ନିର୍ବାଚନ ସମ୍ଭବ। ଅନ୍ୟ ୪ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ, ମିଜୋରାମ ଏବଂ ରାଜସ୍ଥାନରେ ଚଳିତବର୍ଷ ନିର୍ବାଚନ ହେବାକୁ ଯାଉଥିବାବେଳେ ଏଠାରେ ବିଧାନସଭା କାର୍ଯ୍ୟକାଳ ଆଉ ୬ ମାସ ବୃଦ୍ଧି କରାଯାଇପାରେ। ବାକି ୧୬ ରାଜ୍ୟ ଏବଂ ପଣ୍ଡିଚେରୀରେ ଏକକାଳୀନ ନିର୍ବାଚନ ସମ୍ଭବ ଭଳିମନେ ହେଉନାହିଁ। କାରଣ ଅବଶିଷ୍ଟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ୨୦୨୧ ପାଖାପାଖି ସମୟରେ ସମ୍ପୂର୍ଣ୍ଣ ହେଉଛି। ନିର୍ବାଚନ ପାଇଁ କୌଣସି ବିଧାନସଭାର ଅବଧି ସର୍ବାଧିକ ୧୩ ମାସ ବୃଦ୍ଧି କରାଯାଇପାରେ ଏବଂ ସର୍ବାଧିକ ୧୭ ମାସ ହ୍ରାସ କରାଯାଇପାରେ। କିନ୍ତୁ ୨୦୨୧ରେ ଭଙ୍ଗ ହେଉଥିବା ବିଧାନସଭାରେ ଏକକାଳୀନ ନିର୍ବାଚନ ପାଇଁ ଚିନ୍ତା କରାଗଲେ ୩୦ ମାସ ପୂର୍ବରୁ ଏହାର କାର୍ଯ୍ୟକାଳ ଶେଷ କରିବାକୁ ପଡ଼ିବ, ଯାହା ସେତେ ସହଜ ନୁହେଁ।

ଦ୍ୱିତୀୟ ବିକଳ୍ପ ହେଲା ୫ ବର୍ଷରେ ଦୁଇଥର ନିର୍ବାଚନ। ୧୨ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ୨୦୧୯ରେ ଏକକାଳୀନ ନିର୍ବାଚନ କରାଯିବା ପରେ ବାକିତକ ରାଜ୍ୟରେ ୨୦୨୧ରେ ନିର୍ବାଚନ କରାଯାଇପାରିବ। କାରଣ ଏହି ସମୟ ଆଖପାଖରେ ହିଁ ବାକି ରାଜ୍ୟଗୁଡ଼ିକର ବିଧାନସଭା ଭଙ୍ଗ ହେବ। ପ୍ରଥମ ଦୁଇଟି ବିକଳ୍ପ ସମ୍ଭବ ନ ହେଲେ ତୃତୀୟତଃ ଗୋଟିଏ ବର୍ଷରେ ହେବାକୁ ଥିବା ସମସ୍ତ ନିର୍ବାଚନକୁ ଏକସଙ୍ଗେ କରାଯାଇପାରେ, ଯାହାକି ସମ୍ପୃକ୍ତ ରାଜ୍ୟଗୁଡ଼ିକର ବିଧାନସଭା 'ଏବଂ/କିମ୍ବା' ଲୋକ ସଭା (ଆଗୁଆ ଭଙ୍ଗ ହେଉଥିଲେ) ଅନୁକୂଳ ହେବ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୧/୨୦୧୮ | Bhubaneswar, Friday, August 31 / 2018 | ପୃଷ୍ଠା-୧



### କାଷ୍ଟିଂ କାଉଚ୍‌କୁ ବିରୋଧ କରନ୍ତି ରିଚା

ଅଭିନେତ୍ରୀ ରିଚା ଚଡ଼ା ଦୁଇଥର କାଷ୍ଟିଂ କାଉଚର ସମ୍ମୁଖୀନ ହୋଇଥିଲେ ବି ଏହାର ଶିକାର ହୋଇନାହାନ୍ତି। ଏହାକୁ ସେ ସବୁବେଳେ ବିରୋଧ କରନ୍ତି ବୋଲି ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି ।

୦୬

୧୫

### ନଗଦ ଅର୍ଥ କାରବାରକୁ ହ୍ରାସ କରିଛି ବିମୁଦ୍ରୀକରଣ

୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ହେତୁ ଦେଶରେ ନଗଦ ଅର୍ଥକାରବାର ହ୍ରାସ ପାଇଛି। ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଏହା କହିଛନ୍ତି ।



**ଆଜିର ସମ୍ପାଦକୀୟ**

ମିଛ ଦାବି

**ଆଜିର ମନ୍ତବ୍ୟ**

" ସମ୍ବିଧାନ ବିରୋଧରେ ବିଦ୍ରୋହ ଜରୁରୀ ସ୍ଥିତିଠାରୁ ମଧ୍ୟ ଘାତକ।

**–ଅରୁନ୍ଧତୀ ରୟ, ବିଶିଷ୍ଟ ସାହିତ୍ୟିକା**

**କିଛି ତଥ୍ୟ**

ବିମୁଦ୍ରୀକରଣ ମାଧ୍ୟମରେ କେନ୍ଦ୍ର ସରକାର ବଜାରରୁ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରିଛନ୍ତି। ଏବେ ସୁଦ୍ଧା ସେଥିମଧ୍ୟରୁ ୯୯.୩%(୧୫.୩୧ ଲକ୍ଷ କୋଟି) ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରିଛି। **–ଭାରତୀୟ ରିଜର୍ଭ ବ୍ୟାଙ୍କ**

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 30.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 63 | 110 | 120 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

# ଅନ୍ୟ ରାଜ୍ୟରେ ସଂରକ୍ଷଣ ଦାବି କରିପାରିବେନି ଏସ୍‌ସି/ଏସ୍‌ଟି

ନୂଆଦିଲ୍ଲୀ,୩୦।୮(ପି.ଟି.)

ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ବର୍ଗର କୌଣସି ବ୍ୟକ୍ତି ନିଜ ରାଜ୍ୟରେ ହିଁ ସଂରକ୍ଷଣ ଜନିତ ସୁବିଧା ହାସଲ କରିପାରିବେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଜାତି ଅନ୍ୟ ରାଜ୍ୟରେ ସୂଚୀବଦ୍ଧ ହୋଇ ନ ଥିଲେ ବା ତାକୁ ନେଇ ବିଜ୍ଞପ୍ତି ଜାରି କରାଯାଇ ନ ଥିଲେ ସେ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦାବି କରିପାରିବେ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

ଗୋଟିଏ ରାଜ୍ୟର ଏସ୍‌ସି/ଏସ୍‌ଟି ଅନ୍ୟ ରାଜ୍ୟରେ ସଂରକ୍ଷଣ ସୁବିଧା ଦାବି କରିପାରିବେ କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍



ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସେଗୁଡ଼ିକର ଶୁଣାଣି କରି ସର୍ବସମ୍ମତିକ୍ରମେ କହିଛନ୍ତି ଯେ, ଗୋଟିଏ ରାଜ୍ୟର ଏସ୍‌ସି ବର୍ଗର ଜଣେ ବ୍ୟକ୍ତି ଶିକ୍ଷା ବା ନିଯୁକ୍ତି ପାଇଁ ଅନ୍ୟ ରାଜ୍ୟକୁ ଯାଇ ରହୁଥିଲେ ସେଠାରେ ସେ ତଫସିଲଭୁକ୍ତ ଜାତିର ବୋଲି ପରିଗଣିତ ହେବେ ନାହିଁ। ଗୋଟିଏ ରାଜ୍ୟରେ ଏସ୍‌ସି ମାନ୍ୟତା ପାଇଥିବାରୁ ସେ ଅନ୍ୟ ରାଜ୍ୟରେ ମଧ୍ୟ ସଂରକ୍ଷଣଜନିତ ସମାନ ସୁବିଧା ଦାବି କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଏନ୍.ଭି. ରମନ୍ନା,

☞ପୃଷ୍ଠା–୨

## ଦୂତୀ ପାଇବେ ଆଉ ଦେଢ଼ କୋଟି

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ଜାକର୍ତ୍ତା ଏସିଆନ୍ କ୍ରୀଡାରେ କ୍ରମାଗତ ଚମତ୍କାର ପ୍ରଦର୍ଶନ କରି ଓଡ଼ିଆ ଝିଅ ଦୂତୀ ଚାନ୍ଦ ଭାରତର ଗୌରବ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାରଙ୍କ ସଂଶୋଧିତ କ୍ରୀଡା ପୁରସ୍କାର ନୀତି ଅନୁଯାୟୀ ଦୂତୀଙ୍କ ୨୦୦ ମିଟର ଦୌଡ଼ ରୌପ୍ୟ ପଦକ ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଏହାସହ ଦୂତୀଙ୍କ ଆଗାମୀ ଅଲିମ୍ପିକ ପ୍ରସ୍ତୁତି ଲାଗି ରାଜ୍ୟ ସରକାର ଖର୍ଚ୍ଚ ବହନ କରିବେ ବୋଲି ସେ ଘୋଷଣା କରିଛନ୍ତି। ପୂର୍ବରୁ ୧୦୦ମିଟର ଦୌଡ଼ରେ ଦୂତୀଙ୍କ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଦେଢ଼ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

# ଜନ୍‌ସନ୍‌ଙ୍କୁ ସ୍ୱର୍ଣ୍ଣ

**ଏସିଆନ ଗେମ୍ସ**

■ **ପଞ୍ଚମ ଥର ପାଇଁ ସ୍ୱର୍ଣ୍ଣ ଜିତିଲା ଭାରତୀୟ ମହିଳା ରିଲେ ଦଳ**



ଜାକର୍ତ୍ତା, ୩୦।୮(ପି.ଟି.)

ଏସିଆନ ଗେମ୍ସର ଗୁରୁବାର ଅନୁଷ୍ଠିତ ପୁରୁଷ ୧୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଜିନସନ ଜନସନ। ସେ ୩:୪୪.୭୨ ସେକେଣ୍ଡ ସମୟ ନେଇ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଇରାନର ଅମିର ମୋରାଡି ୩:୪୫.୬୨ ସେକେଣ୍ଡ ସମୟ ସହ ରୌପ୍ୟ ଏବଂ ବାହାରିନର ମହମ୍ମଦ ତୌଆଲି ୩:୪୫.୮୮ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ଜିନସନ

☞ପୃଷ୍ଠା–୨

# ଅନର କିଲିଂ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଆନ୍ତଃ ଜାତି ବିବାହ କିମ୍ବା ପ୍ରେମ ବିବାହକୁ ନେଇ ହେଉଥିବା ଅନର କିଲିଂ ଭଳି ଘଟଣାକୁ ରୋକିବା ପାଇଁ କଡା ପଦକ୍ଷେପ ନିଆଯିବ। ଏଭଳି ଘଟଣାରେ ସମ୍ପୃକ୍ତ ପଞ୍ଚାୟତ କିମ୍ବା ଗ୍ରାମ କମିଟି ବର୍ତ୍ତି ପାରିବେ ନାହିଁ। ଅପରାଧୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଅପରାଧକୁ ରୋକିବା ପାଇଁ ଗୃହ ବିଭାଗ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଓର(ଏସ୍‌ଓପି) ଜାରି କରିଛି। ଏହାକୁ କଡାକଡି ଭାବେ ପାଳନ କରିବାକୁ ଗୁରୁବାର ଗୃହ ବିଭାଗ ପକ୍ଷରୁ ପୋଲିସ ପ୍ରଶାସନ, ଜିଲାପାଳ, ଆରଡିସି ଓ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପଞ୍ଚାୟତ କିମ୍ବା ଗ୍ରାମ କମିଟି ବସି ଆନ୍ତଃ ବିବାହ ବିରୋଧରେ ନିଷ୍ପତ୍ତି ନେଲେ କିମ୍ବା ଆଇନକୁ ହାତକୁ ନେବାକୁ ଉଦ୍ୟମ କଲେ ତାହାକୁ ରୋକିବା ପାଇଁ ପଦକ୍ଷେପ ନିଆଯିବ। ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଅମାନବୀୟ ଅପରାଧ ଘଟୁଥିବାରୁ ଏ ନେଇ ସୁପ୍ରିମକୋର୍ଟ ଚିନ୍ତାପ୍ରକଟ କରିଛନ୍ତି। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ

☞ପୃଷ୍ଠା–୨

**ଜାରି ହେଲା କଠୋର ନିୟମ**

- ■ ଅନର କିଲିଂ ପ୍ରବଣ ଜିଲା, ସବଡିଭିଜନ କିମ୍ବା ଗାଁ ଚିହ୍ନଟ କରିବାକୁ ନିର୍ଦ୍ଦେଶ
- ■ ଆନ୍ତଃ ବିବାହ କରୁଥିବା ଦମ୍ପତିଙ୍କୁ ମିଳିବ ସୁରକ୍ଷା
- ■ ଆଇନ ହାତକୁ ନେଲେ ହେବ କାର୍ଯ୍ୟାନୁଷ୍ଠାନ
- ■ ଫାଷ୍ଟ ଟ୍ରାକ୍ କୋର୍ଟରେ ହେବ ବିଚାର

## ବଦଳିବ ମାଟ୍ରିକ ପ୍ରଶ୍ନପତ୍ର ଢାଞ୍ଚା

କଟକ ଅଫିସ, ୩୦।୮

ବଦଳିବ ମାଟ୍ରିକ ପ୍ରଶ୍ନପତ୍ର ଢାଞ୍ଚା। ୨୦୧୯–୨୦ ଶିକ୍ଷାବର୍ଷଠାରୁ ଉଠିଯିବ ଓଏମ୍ଆର୍ ବ୍ୟବସ୍ଥା। ସେହିଭଳି ପ୍ରଶ୍ନପତ୍ରରେ ୫୦ ମାର୍କ ସବ୍‌ଜେକ୍ଟିଭ ଓ ୫୦ ମାର୍କ ଅବ୍‌ଜେକ୍ଟିଭ ରହିବ। ଅବ୍‌ଜେକଟିଭ ପ୍ରଶ୍ନପତ୍ରରେ ବିକଳ୍ପ ଉତ୍ତର ବ୍ୟବସ୍ଥା ରହିବ ନାହିଁ। ପ୍ରତ୍ୟେକ ପ୍ରଶ୍ନ ପାଇଁ ଉତ୍ତର ନିର୍ଦ୍ଦିଷ୍ଟ ଭାବେ ଲେଖିବେ ଛାତ୍ରୀଛାତ୍ର। ତେବେ ଚଳିତ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥାରେ ନବମ ଶ୍ରେଣୀ ପିଲା ପରୀକ୍ଷା ଦେବେ। ମାତ୍ର ୨୦୧୮–୧୯ରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଓଏମ୍ଆର ସିଟ ୩ ସେଟ୍ ବଦଳରେ ୪ ସେଟ୍ ବିଶିଷ୍ଟ ହେବ। ପ୍ରତି ସେଟ୍‌ର ପ୍ରଶ୍ନପତ୍ର ପ୍ରତ୍ୟେକଠାରୁ ଭିନ୍ନ ରହିବ। ସେହିଭଳି ପୂର୍ବରୁ ମୋଟ ୩୦ ମାର୍କ ରଖିଲେ ପାସ୍ ବୋଲି ବିବେଚନା କରାଯାଉଥିବାବେଳେ ଏଣିକି ସବ୍‌ଜେକଟିଭରେ ୧୫ ଓ ଅବ୍‌ଜେକ୍ଟିଭ୍‌ରେ ୧୫ ରଖିବାକୁ ହେବ। ଗୁରୁବାର ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଜାହାଁ ଆରା ବେଗମ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।





ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ସ୍ମୃତିରେ ଡିଏମ୍‌କେ ପକ୍ଷରୁ ଗୁରୁବାର ଚେନ୍ନାଇରେ ଏକ ସଭା ଆୟୋଜିତ ହୋଇଛି। ତେବେ ଶେଷରେ ଏହା ଏକପ୍ରକାର ଭାଜପା ବିରୋଧୀ ମଞ୍ଚରେ ପରିଣତ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ମିଳିତ ଭାବେ ଲଢ଼େଇ କରିବାକୁ ଅଧିକାଂଶ ବିରୋଧୀ ଦଳର ନେତାମାନେ ମତବ୍ୟକ୍ତ କରିଛନ୍ତି। ଫଳରେ ଏହି ବୈଠକରେ ଗୈରିକ ଦଳକୁ ଶକ୍ତ ଝଟକା ଲାଗିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଦେବ୍ୟାଂଶୀ
ପରିବାରବର୍ଗ



ସମରପ୍ରିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

### automobile

**SALE**

Indica Vista, Leyland Bus, Bolero Plus, massey, Sonalika Tractor, TVS Scooty. Finance available. 9938424739. D-8087

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120

### real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238846887, 9348897443. D-62125

One acre gharabari converted land with boundary wall near Athgarh 30ft. road side. 9437284700. D-8092

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64122

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64123

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111

ଖୋର୍ଦ୍ଧା ଗେଟ୍ ପାଖରେ NH-5 sideରେ ଘରବାରି boundary plot ବିକ୍ରିହେବ। 9778556265. D-63596

Premium 3BHK semifurnished apartment resale at Manitirumala Project, Raghunathpur, Main road, 72 lakhs, contact Rentex- 9090051111. D-63598

ଭୁବନେଶ୍ୱରର ଅରଗୁଳ IIT ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। Sanjay: 9861812258. D-63585

**PURCHASE**

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64124

### GENERAL

**SALE**

Skill development food processing training module machinery sale, Bhubaneswar. 9438865754. D-63833

Servicing Machine, preser machine sale ହେବ। 9437619903. D-8088

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-63597

### to-let

2BHK semifurnished 1000 sqft. house, rent- 7000/-, Old Town, Bhubaneswar. Contact: 9439649575, 9540468155. D-63360

2BHK new marble house, Nayapalli near DAV. Family- 9500/-. 9437481649. D-64121

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-8090

### healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by expert therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

G.S Spa herbal full body massage ladies/ gents. 9078429117, 7683840853. D-63079

Experience full body massage with us by experts. Enquiry: 7377048581. D-64114

All type of massage and good therapy full body massage Sai herbal spa. 7609005923. D-64201

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

BBSR opening newly ayurvedic full body massage ladies & gents. 7438815534, 7609923705. D-38526

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

### AFFIDAVIT

I Sreenibas Mahapatra S/o- Panchanana Mahapatra residing: flat No.407 Ahalya Enclave, Rangamatia Mancheswar, Bhubaneswar 751017 Odisha have changed my name to Srinibash Mahapatra vide affidavit dated 28.08.2018 at Bhubaneswar. D-8098



### ଜନ୍ମଦିନ ଶୁଭେଚ୍ଛା



**ଦେବ୍ୟାଂଶୀ ରାୟ (ଶ୍ରୀ)**

ଆଜି ତୋ ଜନ୍ମଦିନର ପ୍ରଥମ ବର୍ଷ ପୂର୍ତ୍ତୀ ଅବସରରେ ଚଲାପଥ କୁସୁମିତ ହେବା ସହ ଦୀର୍ଘାୟୁ, ଯଶସ୍ୱୀ ଓ ଉଜ୍ଜ୍ୱଳମୟ ହେଉ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। **ଶୁଭେଚ୍ଛା ସହ:** ଦାଦା, ଦାଦି, ନାନା, ନାନୀ, ପାପା, ମା, ଫୁପୁ, ଫୁପା, ମାମା, ବରୁଣ, ଆୟୁଷ।

ଧ-୪୭୫୪୫

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



(ସୂର୍ଯ୍ୟ)

**ସମରପ୍ରିତ୍ ମାଝୀ**

ବରସାହି, ଛେଣ୍ଡିପଦା, ଅନୁଗୋଳ

ଜନ୍ମଦିନରେ ଅନେକ ଶୁଭେଚ୍ଛା। ଭଗବାନ ତୁମ ଚଲାପଥକୁ କୁସୁମିତ କରନ୍ତୁ।

**ଶୁଭେଚ୍ଛା ସହ:** ବାପା, ମା, ଅଜା, ଆଈ, ଦାଦା, ଖୁଡ଼ୀ।

ଧ-୮୦୯୭


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରତି ବ୍ଲକ୍‌ରେ ଔଦ୍ୟୋଗିକ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୮(ବ୍ୟୁରୋ)- ରାଜ୍ୟରେ ଲଘୁ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ପ୍ରତି ବ୍ଲକ, ମ୍ୟୁନିସିପାଲିଟି ଓ ମହାନଗର ନିଗମରେ ଔଦ୍ୟୋଗିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ବ୍ଲକରେ ଗୋଟିଏ, ମ୍ୟୁନିସିପାଲିଟିରେ ୨ଟି ଏବଂ ପ୍ରତି ମହାନଗର ନିଗମରେ ୫ଟି କାର୍ଯ୍ୟକ୍ରମ ଆୟୋଜିତ ହେବ। ରାଜ୍ୟ ସରକାରଙ୍କ ଅଣୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ.ଏନ. ଗୁପ୍ତା ଏହି ସୂଚନା ଦେଇଛନ୍ତି।

# ଟଳିଲା ବନ୍ୟା ବିପତ୍ତି

ଭୁବନେଶ୍ୱର,୩୦।୮(ବ୍ୟୁରୋ)- ମହାନଦୀ ଓ ଏହାର ଶାଖା ନଦୀରେ ଦେଖାଦେଇଥିବା ବନ୍ୟା ବିପତ୍ତି ଟଳିଯାଇଛି। ହୀରାକୁଦ ଡ୍ୟାମ୍‌ର ଖୋଲାଯାଇଥିବା ୨୫ ଗେଟ୍‌ରୁ ଗୁରୁବାର ୧୦ଟିକୁ ବନ୍ଦ କରି ଦିଆଯାଇଛି। ଫଳରେ ସମ୍ଭାବ୍ୟ ବନ୍ୟା ଆଶଙ୍କା ଦୂର ହୋଇଛି। ମହାନଦୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲେ ହେଁ ଜଳ ପ୍ରବାହ ହ୍ରାସ ପାଇଥିବାରୁ ବଡ଼ଧରଣ ବନ୍ୟାର ଆଶଙ୍କା ନାହିଁ। ଜଳସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସୁଦ୍ଧା ମହାନଦୀର ବିପଦ ସଙ୍କେତ ୨୫.୪୧ ମିଟର ଥିବାବେଳେ ୨୫.୯୨ ମିଟର ଉପରେ ଜଳ ପ୍ରବାହିତ ହେଉଛି। ଖଇରାମାଳଠାରେ ପ୍ରତି ସେକେଣ୍ଡରେ ୫,୪୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳଠାରେ ୫,୩୪,୦୦୦ ଓ ମୁଣ୍ଡଳିଠାରେ ୫,୪୩,୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୩,୬୫,୯୮୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୩,୩୧,୧୨୪ କ୍ୟୁସେକ୍ ଛଡାଯାଉଛି। ସେହିପରି ବଂଶଧାରା ନଦୀର କାଶୀନଗରଠାରେ ବନ୍ୟାଜଳ ସତର୍କ ସୂଚନା ଉପରେ ପ୍ରବାହିତ ହେଉଥିଲେ ମଧ୍ୟ ତାହା ହ୍ରାସ ପାଇବାରେ ଲାଗିଛି। ହୀରାକୁଦରୁ ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ମଧ୍ୟ ମହାନଦୀ ଓ ତେଲନଦୀ ଯୋଗୁ କେତେକ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି।

**ହୀରାକୁଦର ୧୦ ଗେଟ୍ ଦେଇ ଯାଉଛି ବନ୍ୟାଜଳ**

## ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ୨୯ରେ

ନୂଆଦିଲ୍ଲୀ,୩୦।୮- ନବଗଠିତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ପ୍ରଥମ ଶୁଣାଣି ସେପ୍ଟେମ୍ବର ୨୯ରେ ହେବ। ଏଥିରେ ହାଜର ହେବାକୁ ଓଡ଼ିଶା ଓ ମହାରାଷ୍ଟ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କ ସମେତ ଛତିଶଗଡ଼, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡର ମୁଖ୍ୟଶାସନ ସଚିବମାନଙ୍କୁ ବୁଧବାର ଟ୍ରିବ୍ୟୁନାଲ ରେଜିଷ୍ଟ୍ରାର ନୋଟିସ କରିଛନ୍ତି। ସମସ୍ତ ପକ୍ଷ ଗୁରୁବାର ଉକ୍ତ ନୋଟିସ ଗ୍ରହଣ କରିଥିବା ଜଣାପଡ଼ିଛି।


## ମନେ ପଡ଼ନ୍ତି

୩୧ ଅଗଷ୍ଟ ୨୦୧୮
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତା ପାର୍ବତୀ ଦେବୀ**

ଆବିର୍ଭାବ: ୧୯୪୫
ତିରୋଧାନ: ୨୨ ଅଗଷ୍ଟ ୨୦୧୬
ଗ୍ରାମ/ ପୋ: ବାଘମାରି, ଜିଲ୍ଲା: ଖୋର୍ଦ୍ଧା

ତୋର ସ୍ନେହବତ୍ସଳ, ଅମାୟିକଭାବ, ପରୋପକାରିତା, ଶ୍ରଦ୍ଧା, ସ୍ପଷ୍ଟବାଦିତା ଏବଂ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଥାଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଇତି ତୋର ହତଭାଗ୍ୟ ପୁତ୍ର- ରାମମୋହନ, ଶ୍ୟାମମୋହନ, ବ୍ରଜମୋହନ ଓ ରାଧାମୋହନ, ପୁତ୍ରବଧୂ- ସବିତା, ଦୀପା, ପୁଷ୍ପା ଓ ନାତି-ଲିକନ୍, ମଧୁ, ଜଗୁ, ବାଉନା, ସିପୁନା, ସୋନୁ ଓ ମୁନୁ। ଧ-୮୦୯୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**√ଗୋବିନ୍ଦ ଚନ୍ଦ୍ର ଦାଶ**
କାଞ୍ଜିଆପଦା, କାନପୁର, କଟକ

ଧରାବତରଣ : ୦୨-୧୦-୧୯୪୨
ସ୍ୱର୍ଗାରୋହଣ : ୧୨-୦୮-୨୦୧୭

ନନା, ଆଖି ପଲକରେ ତୁମେ ଆର ପାରିକୁ ଚାଲି ଗଲ । ଏହା ମଧ୍ୟରେ ବର୍ଷଟିଏ ବିତିଗଲାଣି । ତୁମର ପାର୍ଥୀବ ଶରୀର ପଂଚ ମହାଭୁତରେ ଲୀନ ହୋଇଯାଇଛି ସିନା, ହେଲେ ତୁମେ ଆମ ସ୍ମୃତିରେ ଏବେ ବି ସଜୀବ । ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ, ଏହାହିଁ କାମନା । ଶୋକାଭିଭୁତ ପତ୍ନୀ-ଚନ୍ଦ୍ରମଣି, ପୁତ୍ର-ଜ୍ଞାନ, ଚିତ୍ତ ଓ ପ୍ରଶନ୍, ପୁତ୍ରବଧୁ- ଗୀତା, ମିଲି ଓ ମିତା ପୌତ୍ର ପୌତ୍ରୀ-ଗାଗୁଲ୍, ପୁତୁଲ୍, ମିଲନ୍ ଓ ସାଇ

ଧ-୮୦୯୪


■ ପୋଷ୍ଟ ଅଫିସ ହେବ ସମ୍ପୂର୍ଣ୍ଣ ବ୍ୟାଙ୍କ

# ସେପ୍ଟେମ୍ବର ପହିଲାରୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ସାଧାରଣ ଲୋକଙ୍କୁ ସହଜ ତଥା ସୁଲଭ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତୀୟ ଡାକ ବିଭାଗ ଅଧୀନରେ ସେପ୍ଟେମ୍ବର ୧ରୁ ସମଗ୍ର ଦେଶରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ(ଆଇପିପିବି)। ଦେଶର ଆଭ୍ୟନ୍ତରୀଣ ତଥା ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ କରାଇବା ଏବଂ ପ୍ରତ୍ୟେକ ଲୋକଙ୍କୁ ଆର୍ଥିକ ପ୍ରଗତିରେ ସାମିଲ କରିବା ଏହି ନୂତନ ସେବାର ମୂଳ ଲକ୍ଷ୍ୟ ରହିବ। ଆଇପିପିବି ତଥା ଦେଶର ଏହି ସର୍ବବୃହତ୍ ନେଟ୍‌ୱର୍କ ଭାରତୀୟ ଡାକ ବିଭାଗ ମାଧ୍ୟମରେ ୧ ଲକ୍ଷ ୫୫ ହଜାର ଡାକଘରେ କାର୍ଯ୍ୟକାରୀ ହେବ। ଏହା ମଧ୍ୟରୁ କେବଳ ୧ ଲକ୍ଷ ୩୦ ହଜାର ଡାକଘର ଗ୍ରାମାଞ୍ଚଳ ଅନ୍ତର୍ଗତ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବ। ଜମାଖାତା, ଟଙ୍କା ଟ୍ରାନ୍ସଫର୍, ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି), ବିଲ୍ ଏବଂ ବ୍ୟବସାୟୀଙ୍କୁ ବିଲ୍ ପୈଠ ଆଦି ସେବା ଆଇପିପିବି ମାଧ୍ୟମରେ ଯୋଗାଇ ଦିଆଯିବ। 'ଆପଣଙ୍କ ବ୍ୟାଙ୍କ୍ ଆପଣଙ୍କ ଘରେ' ବାର୍ତ୍ତା ନେଇ ଆରମ୍ଭ ହେଉଥିବା ଏହି ସେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଦେଶର ୬୫୦ ଶାଖା ଏବଂ ୩୨୫୦ ଆକ୍ସେସ ପଏଣ୍ଟରେ ଆଇପିପିବି ସେବା ଉପଲବ୍ଧ ହେବ ବୋଲି ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାଡାକପାଳ ସନ୍ତୋଷ କୁମାର କାମିଲା ସୂଚନା ଦେଇଛନ୍ତି।

ଓଡ଼ିଶାରେ ଆଇପିପିବିର ମୋଟ ୩୩ଟି ଶାଖା ଖୋଲିବ। ପ୍ରତ୍ୟେକ ଜିଲାରେ ଅତିକମ୍‌ରେ ଗୋଟିଏ ଶାଖା ସହ ମୟୂରଭଞ୍ଜ ଜିଲାର ବାରିପଦା ଓ ରାଇରଙ୍ଗପୁର, ଗଞ୍ଜାମ ଜିଲାର ବ୍ରହ୍ମପୁର ଓ ଭଞ୍ଜନଗର ଏବଂ ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ ଓ ରାଉରକେଲାରେ ଦୁଇଟି ଲେଖାଏ ଶାଖା ଖୋଲିବ। ଏହାବ୍ୟତୀତ ରାଜ୍ୟର ୧୬୫ଟି ଡାକଘର ଆକ୍ସେସ ପଏଣ୍ଟ ଭାବେ କାର୍ଯ୍ୟ କରିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରସ୍ଥିତ ମୁଖ୍ୟ ଶାଖାକୁ ଉଦ୍‌ଘାଟନ କରିବାକୁ ଥିବା ବେଳେ ଜୁଏଲ୍ ଓରାମ୍ ସୁନ୍ଦରଗଡ଼ ଶାଖାକୁ ଉଦ୍‌ଘାଟନ କରିବେ। ସେହିଭଳି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ କରିବାକୁ ଆସନ୍ତା ଡିସେମ୍ବର ସୁଦ୍ଧା ଓଡ଼ିଶାରେ ୮,୨୧୫ ଡାକଘରେ ଆଇପିପିବିର ଆକ୍ସେସ୍ ପଏଣ୍ଟ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିବା ଗୁରୁବାର ପିଏମ୍‌ଜି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାମିଲା ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଅନର କିଲିଂ ବିରୋଧରେ ...

ପଦକ୍ଷେପ ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ମାର୍ଚ୍ଚ ୭ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ମୁତାବକ ଅନର କିଲିଂ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବା ଲାଗି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗାଇଡଲାଇନ ଜାରି କରାଯାଇଛି ବୋଲି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ହରିୟାଣା ଭଳି ଆମ ରାଜ୍ୟରେ ଖାପ୍ ପଞ୍ଚାୟତ ନାହିଁ । ତେବେ ଅନେକ ସମୟରେ ପଞ୍ଚାୟତ ବସି ଗାଁ ଗଣ୍ଡଗୋଳ କିମ୍ବା ଅନ୍ୟାନ୍ୟ ସମସ୍ୟାର ସମାଧାନ କରିଥାନ୍ତି। ବେଳେବେଳେ ସେହି ପଞ୍ଚାୟତ ଆଇନ ହାତକୁ ନେଇ ଯାଆନ୍ତି। ଏହାକୁ ରୋକିବା ପାଇଁ ଏସ୍‌ଓପି ଜାରି କରାଯାଇଛି। ଉତ୍ତର ଭାରତର ଅଧିକାଂଶ ସ୍ଥାନରେ ଗ୍ରାମର ମୁରବି ବସି ଆନ୍ତଃ ଜାତି କିମ୍ବା ଆନ୍ତଃ ଧର୍ମ ବିବାହ ଉପରେ ନିଷ୍ପତ୍ତି ନେଇ ଆଇନ ହାତକୁ ନେଇଥାଆନ୍ତି। ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅନର କିଲିଂ ଭଳି ସାମାଜିକ ଅପରାଧ ଘଟୁଥିବା ଜିଲା, ସବ୍‌ଡିଭିଜନ କିମ୍ବା ଗ୍ରାମଗୁଡିକୁ ଚିହ୍ନଟ କରିବା ସହ ଏଭଳି ନିଷ୍ପତ୍ତି ନେଉଥିବା ପଞ୍ଚାୟତ କିମ୍ବା କମିଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନୂତନ ଗାଇଡଲାଇନରେ କୁହାଯାଇଛି । ଅନର କିଲିଂ ଘଟଣା ଘଟୁଥିବା ଜିଲା, ସବ୍‌ଡିଭିଜନ କିମ୍ବା ଗ୍ରାମଗୁଡିକରେ ଅନୁଷ୍ଠିତ ଆନ୍ତଃ ବିବାହ ଏବଂ ଆନ୍ତଃ ଧର୍ମ ବିବାହ ଉପରେ ନଜର ରଖିବାକୁ ଥାନା ଅଧିକାରୀମାନଙ୍କୁ ଏସପିମାନେ ନିର୍ଦ୍ଦେଶ ଦେବେ। ଯଦି ଏଭଳି ନିଷ୍ପତ୍ତି ପାଇଁ କୌଣସି ପଞ୍ଚାୟତ ବସୁଥିବା ଖବର ମିଳେ ତେବେ ସମ୍ପୃକ୍ତ ପୋଲିସ କର୍ମଚାରୀ ତୁରନ୍ତ ନିଜ ଉପରିସ୍ଥ ଅଧିକାରୀ କିମ୍ବା ଏସପିଙ୍କୁ ସୂଚନା ଦେବେ। ସେଥିପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତୟନ କରାଯାଇ ସ୍ଥିତି ଉପରେ ନଜର ରଖାଯିବ। ସେହି ଘଟଣାର ଭିଡିଓ ଶୁଟିଂ କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ଏଭଳି ଘଟଣା ଜଣାପଡିବା ମାତ୍ରେ ସ୍ଥାନୀୟ ଥାନା ଅଧିକାରୀ ନିଜ ଆଡୁ ମାମଲା ରୁଜୁ କରିବେ। ଏପରି କି ଡିଏସ୍‌ପି, ଏସ୍‌ପି କିମ୍ବା ଡିସିପି ନିଜେ ମାମଲାର ତଦନ୍ତ କରିବେ। ଯଦି ଆନ୍ତଃ ବିବାହ କରିଥିବା କୌଣସି ଦମ୍ପତି କିମ୍ବା ତାଙ୍କ ପରିବାର ସଦସ୍ୟଙ୍କର ମାମଲାର ଫଇସଲା ପାଇଁ କୌଣସି ପଞ୍ଚାୟତ ବସୁଥିବ ସେଠାରେ ପୋଲିସ ବିଭାଗର ଜଣେ ଉପରିସ୍ଥ ଅଧିକାରୀ ଉପସ୍ଥିତ ରହିବାକୁ ଏସ୍‌ଓପିରେ ବ୍ୟବସ୍ଥା ରହିଛି। ଏହାର ଏକ ରିପୋର୍ଟ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଧାରା ୧୪୪ ଅନୁଯାୟୀ ଏସ୍‌ପି/ ଡିଏସ୍‌ପି, ଜିଲା ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲ କରିବେ । କୌଣସି ଅଧିକାରୀ ନିଜର କର୍ତ୍ତବ୍ୟ ପାଳନରେ ଅବହେଳା କଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନର କିଲିଂ ଭଳି ଘଟଣାର ଶୁଣାଣି ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯିବ। ୬ ମାସ ମଧ୍ୟରେ ଏହାର ବିଚାର ଶେଷ ହେବ। ଯଦି ଆନ୍ତଃ ବିବାହ କରିଥିବା କୌଣସି ଦମ୍ପତି ନିଜକୁ ଅସୁରକ୍ଷିତ ମନେ କରିବେ ତେବେ ସେମାନଙ୍କୁ ସାଧାରଣ ଭଡାରେ ମାସକ ପାଇଁ ଘର ଯୋଗାଇ ଦିଆଯିବ। ଆବଶ୍ୟକ ସ୍ଥଳେ ଏହାକୁ ବର୍ଷେ ପାଇଁ ବଢାଯାଇ ପାରିବ। ଦମ୍ପତିଙ୍କୁ ବାରମ୍ବାର ଧମକ ମିଳୁଥିଲେ ଡିଏସପି ନିଜ ଆଡୁ ଏଫ୍‌ଆଇଆର କରି ପାରିବେ। ଆନ୍ତଃ ବିବାହଜନିତ ସମସ୍ୟାକୁ ଏଡାଇବା ପାଇଁ ପ୍ରତ୍ୟେକ ଜିଲାରେ ଏକ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏଥିରେ ୨୪ ଘଣ୍ଟିଆ ହେଲ୍ପ ଲାଇନ ବ୍ୟବସ୍ଥା ରହିବ।

## ଅନ୍ୟ ରାଜ୍ୟରେ ...

ଆର୍. ବାନୁମତୀ, ଏମ୍. ଶାନ୍ତାନାଗୌଦାର ଏବଂ ଏସ୍.ଏ. ନଜିରଙ୍କୁ ନେଇ ଗଠିତ ପୀଠ କହିଛନ୍ତି। ତେବେ ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ କେନ୍ଦ୍ରୀୟ ସଂରକ୍ଷଣ ନୀତି ପ୍ରଯୁଜ୍ୟ ନୁହେଁ ବୋଲି ଜଷ୍ଟିସ୍ ବାନୁମତୀ ଏଥିରେ ନିଜର ଅସହମତି ପ୍ରକାଶ କରିଥିଲେ। ଯେତେଦୂର ଦିଲ୍ଲୀ କଥା ଉଠୁଛି, ଏସ୍‌ଏସି/ଏସ୍‌ଟି ସମ୍ପର୍କରେ କେନ୍ଦ୍ରୀୟ ସଂରକ୍ଷଣ ନୀତି ଏଠାରେ ପ୍ରାସଙ୍ଗିକ ବୋଲି ୪:୧ ସଂଖ୍ୟାଗରିଷ୍ଠତାରେ ପୀଠ ମତ ଦେଇଛନ୍ତି।

## ଜନ୍‌ସନ୍‌ଙ୍କୁ ...

ପୂର୍ବରୁ ୮୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ। ୧୫୦୦ ମିଟର ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ମନଜିତ ସିଂ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୩:୪୬.୫୭ ସେକେଣ୍ଡ ସମୟ ନେଇଥିଲେ। ୮୦୦ ମିଟରରେ କିନ୍ତୁ ମନଜିତ ସ୍ୱର୍ଣ୍ଣ ପଦକ ହାସଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ।

## ୪x୪୦୦ ମିଟର ରିଲେ

ଭାରତୀୟ ମହିଳା ୪x୪୦୦ ମିଟର ରିଲେ ଦଳ କ୍ରମାଗତ ୫ମ ଥର ପାଇଁ ଏସିଆଡ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫଳରେ ଏହି ଇଭେଣ୍ଟରେ ଭାରତର ଆଧିପତ୍ୟ ଅବ୍ୟାହତ ରହିଛି। ହିମା ଦାସ, ଏମ.ଆର.ପୁଭମ୍ମା, ସରିତା ବେନ ଓ ବିସ୍ମୟା ଭେଲୁଭା କୋରୁଥଙ୍କୁ ନେଇ ଗଠିତ ଭାରତୀୟ ଦଳ ୩:୨୮.୭୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବାହାରିନ ଦଳ ୩:୩୦.୬୧ ସେକେଣ୍ଡ ସହିତ ରୌପ୍ୟ ଓ ଭିଏତନାମ ଦଳ ୩:୩୩.୨୩ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳ ଏହି ଇଭେଣ୍ଟରେ ୨୦୦୨ ଏସିଆନ ଗେମ୍ସରୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଆସୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଜନ୍ମ ଚନ୍ଦ୍ର ହେତୁ ମାନସିକ ଅସ୍ଥିରତା ଲାଗି ରହିବ। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଅବସ୍ଥାନ କରିବା ଆପଣଙ୍କ ସକାଶେ କଷ୍ଟକର ହୋଇପାରେ। ଆଜି ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଚିନ୍ତାକରି ମନକୁ ବିଷାକ୍ତ କରିପାରନ୍ତି।

**ବୃଷ** — ଭାଗ୍ୟାଧିପ ଶନି ଅଷ୍ଟମସ୍ଥ ହେତୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇ ନ ପାରେ। ସକାଳୁ ସକାଳୁ କିଛି ଘରର କଥା, ପୂର୍ବରୁ ପରିଶୋଧ କରିବାକୁ ଥିବା ଋଣ, ଦୂରଯାତ୍ରା ଓ ବନ୍ଧୁଙ୍କ ସମ୍ପର୍କୀୟ ଦୁଶ୍ଚିନ୍ତାରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିୟତ୍‌କ୍ଷଣ ପାଇଁ ଭୁଲି ଯିବେ।

**ମିଥୁନ** — ଏକାଦଶରେ ଚନ୍ଦ୍ର ଆର୍ଥିକ ଉନ୍ନତି, ସମସ୍ୟା ସମାଧାନ ଓ ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରିବ। ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ନିଜର ସହନଶୀଳତା ଗୁଣରୁ ପାରିବାରିକ ଜୀବନ ସୁଖପ୍ରଦ ରହିପାରେ। ସମ୍ପର୍କୀୟଙ୍କ ସହଯୋଗ ନେଇ ବନ୍ଧୁଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନରେ ସାଧାରଣ ସମସ୍ୟା ଦେଖାଦେଇପାରେ।

**କର୍କଟ** — କର୍ମସ୍ଥାନରେ ଚନ୍ଦ୍ର ଓ ଚତୁର୍ଥସ୍ଥ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ କରାଇବେ। କିନ୍ତୁ ବିଭିନ୍ନ ପ୍ରକାରର ଘାତ ଓ ପ୍ରତିଘାତ ମଧ୍ୟରେ ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ହେବନାହିଁ।

**ସିଂହ** — ରବିଙ୍କ ସ୍ୱସ୍ଥାନ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ ଏବଂ ପଦସ୍ଥବ୍ୟକ୍ତି ମାନଙ୍କ ସୌହାର୍ଦ୍ଦ୍ୟ ଲାଭ କରିପାରିବେ। କର୍ମକ୍ଷେତ୍ରରେ ସାମୟିକ ବାଧା ଓ ପ୍ରତିବନ୍ଧକର ସୂଚନା ଦେଖାଦେଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବାରର କୌଣସି ବ୍ୟତିକ୍ରମ ବିଷୟରେ ଚିନ୍ତାକରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା** — ଆଲୋଚନା କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ବନ୍ଧୁଙ୍କ ଶ୍ଳେଷାର୍ଥକୁ ଠିକ୍‌ଭାବେ ବୁଝିପାରିବେନି। ସହକର୍ମୀମାନଙ୍କ ଖାମଖିଆଲ କାର୍ଯ୍ୟପଦ୍ଧତି ଫଳରେ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଆଜି କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** — ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତିଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶୁକ୍ରଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଜିହ୍ୱା ପଡି ସମାଲୋଚିତ ହେବେ। ଆଜିର ଯାତ୍ରା, ବ୍ୟବସାୟ, ବିବାଦୀୟ ପରିସ୍ଥିତିରେ ଅସୁବିଧା ରହିବନାହିଁ।

**ବିଛା** — ବନ୍ଧୁଙ୍କ ଜରିଆରେ ଆଶା କରିଥିବା ଅର୍ଥ ସାମାନ୍ୟ ବିଳମ୍ବରେ ପାଇବେ। ପରୋକ୍ଷ ଶତ୍ରୁତା କାରଣରୁ ଯୋଜନା ଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ଘରେ ବନ୍ଧୁ ମିଳନ ଓ ଖୁସୀର ଆସର ଜମିପାରେ । ବିଗତଦିନର ଘଟଣାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ କିଛି ଅଘଟଣ ଆଶଙ୍କା କରି ମନ ବିବ୍ରତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ଧନୁ** — ଧନସ୍ଥାନସ୍ଥ ପାପଯୁକ୍ତ ମଙ୍ଗଳଙ୍କ ପ୍ରଭାବରେ ସତର୍କତାର ଅଭାବ, ଅନ୍ୟମନସ୍କ କାରଣରୁ କିମ୍ବା ପକେଟମାର ଜନିତ ଧନହାନିର ଆଶଙ୍କା ଦେଖାଦେବ। ପୂର୍ବାଷାଢା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ।

**ମକର** — ଚେଷ୍ଟା କରୁଥିବା କାମଗୁଡିକ ମଧ୍ୟ ଆଶାନୁରୂପ ହେବା କାରଣରୁ ମନ ମ୍ଳାନ ରହିପାରେ। ଅତିଥି କିମ୍ବା ବନ୍ଧୁଙ୍କ ମତିଗତି ଓ କାର୍ଯ୍ୟ କଳାପରେ ଆନନ୍ଦିତ ହେବା ବଦଳରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବାର ସୂଚନା ରହିଛି । ଶିଳ୍ପ,ବାଣିଜ୍ୟ, ପରିବହନ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ।

**କୁମ୍ଭ** — ଶୁକ୍ର ଓ ଶନିଙ୍କ ଦୃଷ୍ଟି ସମ୍ବନ୍ଧରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନ ଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଉପୁଜିବାର ସମ୍ଭାବନା ରହିଛି ।

**ମୀନ** — କାର୍ଯ୍ୟ ସାଧନ ସକାଶେ ପ୍ରତ୍ୟେକ ଦିଗରୁ ସାହାଯ୍ୟ, ସହଯୋଗର ସୁଅ ବହି ଆସିବ। ବ୍ୟବସାୟ,ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। ବ୍ୟବସାୟ ପ୍ରତିଷ୍ଠାନ, ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ଥଗିତକାର୍ଯ୍ୟ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ।

ଆଜି ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ଶୁକ୍ରବାର,ଅଗଷ୍ଟ ୩୧, ଶ୍ରୀଜୀଉଙ୍କର ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଂଟାକର୍ଣ୍ଣ ପୂଜା, ଅଗଷ୍ଟ ୩୧ ତାରିଖ, ଜାତୀୟ କୃମିନାଶ ଦିବସ, ସ୍ୱାୟତ୍ତ ଶାସନ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୬।୫୧ମି. ମଧ୍ୟେ ଘ.୪।୪୫ମି. ଗତେ, ଘ.୬।୨୧ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୬।୫୧ମି. ଗତେ ଘ.୮।୨୩ମି. ମଧ୍ୟେ, ଘ.୧୧।୪୪ମି. ଗତେ ଘ.୧।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୧୩ମି. ଗତେ ଘ.୧୧।୪୭ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୧ ଅଗଷ୍ଟ, ୨୦୧୮



ବ୍ରହ୍ମପୁର ରେଳ ଷ୍ଟେଶନ ୧ ନଂ ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ଭିଲ୍ଲୁପୁରମ୍-ଖଡଗପୁର ଟ୍ରେନର ଏକ ବଗିରେ ଗୁରୁବାର ହଠାତ୍ ନିଆଁ ଲାଗିଯାଇଥିଲା । ସମ୍ପୃକ୍ତ ବଗିରେ ନିଆଁ ଲାଗି ପ୍ରବଳ ଧୂଆଁ ବାହାରିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ରେଳ ଷ୍ଟେଶନ କର୍ମଚାରୀମାନେ ପହଞ୍ଚି ବାଲି, ଅଗ୍ନି ନିର୍ବାପକ ଯନ୍ତ୍ରଦ୍ୱାରା ନିଆଁକୁ ଆୟତ୍ତ କରିଥିଲେ । ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ବ୍ରହ୍ମପୁର ଷ୍ଟେଶନ ମ୍ୟାନେଜର ଏମ୍.କେ. ଲାକ୍ରା ସୂଚନା ଦେଇଛନ୍ତି ।



## ବଦଳିବ ମାଟ୍ରିକ୍ ପରୀକ୍ଷା ଢାଞ୍ଚା




# ଭୁବନେଶ୍ୱରରୁ ଅହମ୍ମଦାବାଦ ସିଧାସଳଖ ବିମାନସେବା

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ଭୁବନେଶ୍ୱରରୁ ଗୁଜରାଟର ଅହମ୍ମଦାବାଦକୁ ଆରମ୍ଭ ହେବ ସିଧାସଳଖ ବିମାନସେବା। ଆସନ୍ତା ସେପ୍ଟେମ୍ବର ୩ରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସିଧାସଳଖ ବିମାନ ଉଡ଼ାଣ ହେବ। ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ଏହି ସେବା ଯୋଗାଇ ଦିଆଯିବ। ସପ୍ତାହକୁ ୩ଦିନ ସୋମବାର, ବୁଧବାର ଏବଂ ଶୁକ୍ରବାର ଏହା ଚଳାଚଳ କରିବ। ବିମାନ ସଂଖ୍ୟା 6E 953 ଅହମ୍ମଦାବାଦରୁ ସକାଳ ୮ଟା ୫୫ ମିନିଟ୍‌ରେ ବାହାରି ପୂର୍ବାହ୍ନ ୧୧ଟା ୨୦ ମିନିଟ୍‌ରେ ଭୁବନେଶ୍ୱରରେ ପହଞ୍ଚିବ। ସେହିଭଳି ବିମାନ ସଂଖ୍ୟା 6E 954 ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରି ଅପରାହ୍ନ ୨ଟା ୧୦ ମିନିଟ୍‌ରେ ଅହମ୍ମଦାବାଦରେ ପହଞ୍ଚିବ। ଅନ୍ୟପକ୍ଷରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ନୂଆ ୱିଣ୍ଟର ସିଡ୍ୟୁଲ୍ ପ୍ଲାନ୍ ଅନୁଯାୟୀ ଭୁବନେଶ୍ୱରରୁ ମୋଟ ୬୮ଟି ବିମାନ ଉଡ଼ାଣ କରିବ। ଏବେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପ୍ରତିଦିନ ୪୨ଟି ବିମାନ ବିଭିନ୍ନ ସ୍ଥାନକୁ ଉଡ଼ାଣ କରୁଥିବା ବେଳେ ନୂଆ ଯୋଜନାରେ ଭୁବନେଶ୍ୱରରୁ କୋଏମ୍ବାଟୁରକୁ ବିମାନସେବା ଆରମ୍ଭ ହେବ। ପ୍ରତିଦିନ କୋଲ୍‌କାତାକୁ ୧୭, ନୂଆଦିଲ୍ଲୀକୁ ୧୨ ଓ ବେଙ୍ଗାଲୁରୁକୁ ୧୫ଟି ବିମାନ ସହ ମୁମ୍ବାଇ, ହାଇଦ୍ରାବାଦ୍ ଓ ଚେନ୍ନାଇକୁ ୫ଟି ଲେଖାଏ, ଅହମ୍ମଦାବାଦ ଓ ରାୟପୁରକୁ ୨ଟି ଏବଂ ଭାଇଜାଗ୍, କୋଏମ୍ବାଟୁର, ଝାରସୁଗୁଡ଼ା, ରାଉରକେଲା ଓ କୁଆଲାଲମ୍ପୁରକୁ ଗୋଟିଏ ଲେଖାଏ ବିମାନ ଚାଲିବ।

# ଜେଇଇ, ନିଟ୍ ପରୀକ୍ଷାର୍ଥୀଙ୍କୁ ମାଗଣା କୋଚିଂ

**ଭୁବନେଶ୍ୱର, ୩୦।୮(ବ୍ୟୁରୋ)**

ଇଞ୍ଜିନିୟରିଂ ଓ ଆଇଆଇଟି ପାଠ୍ୟକ୍ରମ ପାଇଁ ଥିବା ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ଏବଂ ଡାକ୍ତରୀ ପାଠ୍ୟକ୍ରମ ଲାଗି ନିଟ୍ ପ୍ରବେଶିକା ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ମାଗଣାରେ କୋଚିଂ ଦିଆଯିବ। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ସୁବିଧା ଯୋଗାଇ ଦିଆଯିବ। ଏହି ପରୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ତା'ର ୨,୬୯୭ ପ୍ରାକ୍ଟିକାଲ ସେଣ୍ଟରକୁ ଟିଚିଂ ସେଣ୍ଟରରେ ପରିଣତ କରିବ। ଏଠାରେ ଛାତ୍ରୀଛାତ୍ରଙ୍କୁ କୋଚିଂ ଦିଆଯିବ। ଆସନ୍ତା ବର୍ଷ ସେପ୍ଟେମ୍ବର ୮ରୁ ପ୍ରାକ୍ଟିକାଲ ସେଣ୍ଟର କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିବା ଏହି କୋଚିଂ ପାଇଁ ଛାତ୍ରୀଛାତ୍ରଙ୍କ ନିକଟରୁ ଟଙ୍କା ନିଆଯିବ ନାହିଁ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଅର୍ଥାଭାବ ଯୋଗୁ ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମ ଲାଗି ପ୍ରବେଶିକା ପରୀକ୍ଷା ଦେବା ପାଇଁ କୋଚିଂ ନେଇପାରୁ ନ ଥିଲେ। ଫଳରେ ମେଧାବୀ ଛାତ୍ରୀଛାତ୍ର ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବାରୁ ବଞ୍ଚିତ ହେଉଛନ୍ତି।

## ■ ଆୟ ବହିର୍ଭୂତ ସମ୍ପତ୍ତି କାଳ ହେଲା

# ଓପେପା ଅଧିକାରୀ, ତହସିଲଦାର ସ୍ୱାମୀ ଗିରଫ

**କଟକ ଅଫିସ, ୩୦।୮**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓପେପାର ମୁଖ୍ୟ ଆକାଉଣ୍ଟସ୍ ଅଫିସର ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ତଥା ଗଞ୍ଜାମ ଜିଲା ଛତ୍ରପୁର ତହସିଲଦାର ବିଜୟ କେତନ ସାହୁଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ଖାରଜ ହେବା ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ୭/୧୮ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାଥାଉକି, ବୁଧବାର ଭିଜିଲାନ୍ସ ସେଲ୍ ପକ୍ଷରୁ ପୃଷ୍ଟି ଏବଂ ସାହୁଙ୍କର ବିଭିନ୍ନ ସ୍ଥାନରେ ଥିବା ଘର, ଅଫିସ୍ ସମେତ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ମୋଟ ୬ କୋଟି ୮୭ ଲକ୍ଷ ୧୮ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା ।ଏଥିମଧ୍ୟରୁ ୫ କୋଟି ୫ ଲକ୍ଷ ଆୟ ବହିର୍ଭୂତ ସମ୍ପତ୍ତି ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଅଦ୍ୟାବଧି ଭିଜିଲାନ୍ସ ରୁଜୁ କରିଥିବା ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ମାମଲାଗୁଡ଼ିକ ମଧ୍ୟରେ ଏତେ ପରିମାଣର ସମ୍ପତ୍ତି ଠାବ ସର୍ବକାଳୀନ ରେକର୍ଡ ବୋଲି ସେଲ୍ ଏସ୍‌ପି ଏମ୍. ରାଧାକ୍ରିଷ୍ଣ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଓପେପା ଅଧିକାରୀ ପୃଷ୍ଟିଙ୍କ ସମୁଦାୟ ଚାକିରି ଜୀବନ ୧୯ ବର୍ଷ। ୨୦୧୫ରୁ ସେ ଓପେପାରେ କାର୍ଯ୍ୟ କରୁଥିବାବେଳେ ତାଙ୍କ ସ୍ୱାମୀ ସାହୁ ୧୩ ବର୍ଷ ହେବ ସରକାରୀ ଚାକିରିରେ ଅଛନ୍ତି। ତେବେ ଠାବ ସମ୍ପତ୍ତି ସମ୍ପର୍କରେ ସ୍ୱାମୀ ସ୍ତ୍ରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଉଭୟଙ୍କ ଦଖଲରେ ଥିବା ସମ୍ପତ୍ତିର ପରିମାଣ ତଦନ୍ତ ପରେ ବଢ଼ିପାରେ ବୋଲି ଏସ୍‌ପି ରାଧାକ୍ରିଷ୍ଣ ସୂଚନା ଦେଇଛନ୍ତି।












# ମିଛ ଦାବି

୨୦୧୬ ନଭେମ୍ବର ୮ ତାରିଖରେ ହଠାତ୍ ଘୋଷଣା କରାଗଲା ଯେ, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଆଉ ଚଳିବନି। କଳାଟଙ୍କାର ପ୍ରସାରକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେତେବେଳେ କୁହାଯାଇଥିଲା। କଳାଟଙ୍କା ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଯାଉଥିବାରୁ ଉକ୍ତ ବିମୁଦ୍ରୀକରଣ ପଦକ୍ଷେପ ଦ୍ୱାରା ଆତଙ୍କବାଦୀ ତଥା ଦେଶବିରୋଧୀ କାର୍ଯ୍ୟକଳାପକୁ ହ୍ରାସ କରାଯାଇପାରିବ ବୋଲି ସରକାର ଦୃଢ଼ତାର ସହ କହିଥିଲେ। ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ପ୍ରଥମଥର ପାଇଁ ୨୨ ମାସ ତଳେ ହୋଇଥିବା ବିମୁଦ୍ରୀକରଣର ଫଳାଫଳ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରୁ ଜଣାଯାଇଛି ଯେ ସରକାର ଯେଉଁ ଦାବି କରିଥିଲେ ତାହା ମିଛ ଥିଲା। ରିଜର୍ଭ ବ୍ୟାଙ୍କର ଉକ୍ତ ରିପୋର୍ଟ ଅନୁସାରେ, ମୋଟ ୧୫.୪ ଲକ୍ଷ କୋଟି ଟଙ୍କା ମଧ୍ୟରୁ ମାତ୍ର ୧୦,୭୨୦ କୋଟିକୁ ଛାଡ଼ି ବାକି ସବୁ ଟଙ୍କା ବ୍ୟାଙ୍କଗୁଡ଼ିକୁ ଫେରିଆସିଛି। ଯେତିକି ଟଙ୍କା ଫେରି ନାହିଁ, ତା'ରି ଭିତରେ ଯାହା କଳାଟଙ୍କା ରହିଥିବ। ତେଣୁ ବିମୁଦ୍ରୀକରଣରୁ ଆଶାଜନକ ସୁଫଳ ମିଳି ନ ଥିବା ଏଥିରୁ ସ୍ପଷ୍ଟ ହେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେତେବେଳେ ଦାବି କରିଥିଲେ ଯେ, ୩ ଲକ୍ଷ କୋଟିରୁ ଅଧିକ ମୂଲ୍ୟର କଳାଟଙ୍କା ବଜାରରେ ଚାଲୁଛି, ଯାହା ବିମୁଦ୍ରୀକରଣ ପରେ ଅଚଳ ହୋଇଯିବ। କିନ୍ତୁ ତାହା ମିଥ୍ୟା ପ୍ରମାଣିତ ହେଲା। ରିପୋର୍ଟ ଅନୁସାରେ ୨୦୧୬ ନଭେମ୍ବର ୮ରେ ଅଚଳ ହୋଇଥିବା ୯୯ ପ୍ରତିଶତରୁ ଅଧିକ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କଗୁଡ଼ିକୁ ଫେରିଆସିଛି। ଯାଞ୍ଚ କରିବା ଓ ମିଳାଇ ଦେଖିବା ପରେ ଜଣାପଡ଼ିଛି ଯେ ୨୦୧୬ ନଭେମ୍ବର ୮ରେ ଅଚଳ ହୋଇଥିବା ବଡ଼ ନୋଟ୍‌ଗୁଡ଼ିକର ମୋଟ ମୂଲ୍ୟ ଥିଲା ୧୫ ଲକ୍ଷ ୪୧ ହଜାର ୭୯୩ କୋଟି ଟଙ୍କା। ବ୍ୟାଙ୍କଗୁଡ଼ିକୁ ଫେରିଥିବା ଟଙ୍କାର ମୋଟ ମୂଲ୍ୟ ହେଉଛି ୧୫ ଲକ୍ଷ ୩୧ ହଜାର ୭୩ କୋଟି ଟଙ୍କା। ଏଣୁ ମାତ୍ର ୧୦,୭୨୦ କୋଟି ଟଙ୍କାକୁ ଛାଡ଼ି ବାକି ସବୁ ଟଙ୍କା ଫେରିଆସିଛି।

ନୋଟ୍‌ବନ୍ଦୀ ଓ ଜିଏସ୍‌ଟି (ଦ୍ରବ୍ୟ ଓ ସେବା କର) ଲାଗୁ କରିବା ଦ୍ୱିତୀୟ ପାଳି ଏନ୍‌ଡିଏ ସରକାରର ସବୁଠାରୁ ବଡ଼ ସଂସ୍କାର ପଦକ୍ଷେପ ବୋଲି ବାହୁସ୍ଫୋଟ ମରାଯାଉଛି। ମାତ୍ର ଜିଏସ୍‌ଟି ଲାଗୁ କରିବାକୁ ୟୁପିଏ-୨ ସରକାର ଅମଳରୁ ଯୋଜନା ତଥା ଅନୁମୋଦନ କରାଯାଇଥିଲା। କିନ୍ତୁ ମୋଦି ସରକାର ଯେଭଳି ତରବରିଆ ଭାବେ ଏହାକୁ ଲାଗୁ କଲେ, ତାକୁ ସବୁ ମହଲରୁ ସମାଲୋଚନା କରାଯାଇଛି।

## ଆଜିର ଅର୍ଥନୀତି

ନୋଟ୍‌ବନ୍ଦୀ ଏ ସରକାରର ସମ୍ପୂର୍ଣ୍ଣ ଏକପାଖିଆ ନିଷ୍ପତ୍ତି। ତ୍ରୁଟିପୂର୍ଣ୍ଣ ତରବରିଆ ନିଷ୍ପତ୍ତି ଯୋଗୁ ଏଥି ସହ ସମ୍ପୃକ୍ତ ସମସ୍ତେ ଅସୁବିଧାରେ ପଡ଼ିଲେ। ଗରିବ ଲୋକ, କ୍ଷୁଦ୍ର ବ୍ୟବସାୟୀ ଓ କୃଷକମାନେ ସବୁଠାରୁ ଅଧିକ ହଇରାଣ ହେଲେ। ଅନେକ କାରଖାନା ରାତାରାତି ବନ୍ଦ ହୋଇଯିବା ଯୋଗୁ ଲକ୍ଷ ଲକ୍ଷ ଲୋକ କର୍ମସଂସ୍ଥାନ ହରାଇଲେ। ଟଙ୍କା ନେଣଦେଣରେ ନାନା କଟକଣା ଯୋଗୁ ବିଭିନ୍ନ କାରଖାନାର ପରିଚାଳନା କର୍ତ୍ତୃପକ୍ଷ ସଂସ୍ଥା ଚଳାଇପାରିଲେ ନାହିଁ। ପଇଠ କରିବା ପାଇଁ ନଗଦ ଟଙ୍କାର ଘୋର ଅଭାବ ଦେଖାଦେଲା। କର୍ମଚାରୀମାନଙ୍କର ବ୍ୟାପକ ଛଟେଇ କରାଗଲା। ବ୍ୟାଙ୍କରେ ଟଙ୍କା ବଦଳାଇବା ଓ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଲା। ଅନେକ ବିବାହ ସ୍ଥଗିତ ରହିଲା। ଶତାଧିକ ଲୋକ ହତାଶ ହୋଇ ମୃତ୍ୟୁବରଣ କଲେ। ବିମୁଦ୍ରାୟନ ଯୋଗୁ ଦେଶର ଜିଡିପି ୧.୫ ପ୍ରତିଶତ ତଳକୁ ଖସିଯାଇଥିଲା। ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଲେ ଯେ, ନୋଟ୍‌ବନ୍ଦୀ ଯୋଗୁ ଦେଶର ବ୍ୟବସାୟରେ ଯେଉଁ କ୍ଷତି ହେଲା, ତାହାର ପରିମାଣ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ହେବ।

ଅଥଚ ସରକାର ନିର୍ଲଜ୍ଜ ଭାବରେ ନିଜର ଭୁଲ୍ କାର୍ଯ୍ୟକୁ ସମର୍ଥନ କରିବାକୁ ଲାଗିଲେ। ସରକାର କହିଲେ ଯେ, ଏକ ବିରାଟ ଲକ୍ଷ୍ୟ ହାସଲ ପାଇଁ ଲୋକଙ୍କୁ ସାମାନ୍ୟ ମୂଲ୍ୟ ଦେବାକୁ ପଡ଼ିଛି। ନୋଟ୍‌ବନ୍ଦୀ ଦ୍ୱାରା କଳାଟଙ୍କା ନିର୍ମୂଳ ହୋଇଯିବ ବୋଲି ମୋଦି ସରକାର ଦାବି କଲେ। ଯାଞ୍ଚର ସମ୍ମୁଖୀନ ହେବା ଭୟରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଫେରିବ ନାହିଁ ବୋଲି ସରକାର ଆସ୍ଫାଳନ କଲେ। କିନ୍ତୁ ଏ ସମସ୍ତ ଆସ୍ଫାଳନ ମିଥ୍ୟା ଥିଲା ବୋଲି ରିଜର୍ଭ ବ୍ୟାଙ୍କର ବୁଧବାର ରିପୋର୍ଟରୁ ଜଣାପଡ଼ିଛି। ଆଶା କରାଯାଉଥିଲା କଳାଟଙ୍କା ଠୁଳ କରିବାକୁ ରୋକିବା ପାଇଁ ବଡ଼ ନୋଟ୍‌ର ପ୍ରଚଳନ କମାଇଦିଆଯିବ। କିନ୍ତୁ ତାହା ହୋଇନାହିଁ। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଚଳିତ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ର ପରିମାଣ ପ୍ରଚଳିତ ମୋଟ ମୁଦ୍ରାର ୭୨.୭ ପ୍ରତିଶତ ହୋଇଥିବା ବେଳେ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହା ୮୦.୨ ପ୍ରତିଶତ ହୋଇଛି।

ଅଭିବୃଦ୍ଧି ହାର ହ୍ରାସ ପାଇଛି। ଅନେକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବନ୍ଦ ହୋଇଯିବା ଫଳରେ ରପ୍ତାନି ହ୍ରାସ ପାଇଛି। ବର୍ତ୍ତମାନ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦିନକୁ ଦିନ ଦୁର୍ବଳ ହୋଇପଡ଼ିବା ପଛରେ ବିମୁଦ୍ରୀକରଣର ପ୍ରଭାବ ରହିଛି। ଗୁରୁବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପାଖାପାଖି ୭୦.୫୦କୁ ଖସିଆସିଛି। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ନିକଟ ଭବିଷ୍ୟତରେ ଏହା ୭୫ ପର୍ଯ୍ୟନ୍ତ ଖସିପାରେ। ବିମୁଦ୍ରୀକରଣ ପରେ ରପ୍ତାନି ହ୍ରାସ, ବ୍ୟାପକ କର୍ମହୀନତା ଏବଂ ଲୋକଙ୍କ କ୍ରୟଶକ୍ତି ହ୍ରାସ ଦେଶର ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଟଙ୍କାର ଅବମୂଲ୍ୟାୟନ ବିମୁଦ୍ରାୟନର ପ୍ରତ୍ୟକ୍ଷ ପରିଣାମ। ବିମୁଦ୍ରାୟନ ନେଇ ସରକାର ଯେଉଁସବୁ ମିଛ ଦାବି କରିଥିଲେ, ସେଗୁଡ଼ିକୁ ପଦାରେ ପକାଇଥିବାରୁ ରିଜର୍ଭ ବ୍ୟାଙ୍କ ଧନ୍ୟବାଦର ପାତ୍ର।



# ବିଧାନ ପରିଷଦ: ଗଢ଼ି ଜାଣିଲେ ଭଲ

ସବ୍ୟସାଚୀ ଅମିତାଭ

ରାଜ୍ୟରେ ବିଧାନ ପରିଷଦ ଗଠନ ଲାଗି ଗଠିତ ଅନୁଧ୍ୟାନ କମିଟି ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଛି। ମୋଟାମୋଟି ତେଲେଙ୍ଗାନା ଢାଞ୍ଚାରେ ଓଡ଼ିଶା ପରିଷଦ ଗଠନ ଲାଗି ସୁପାରିସ କରିଛି କମିଟି। ବିଧାନସଭାରେ ଏହି ବିଲ୍ ପାସ୍ ହେବା ପରେ ଏହାକୁ ପାର୍ଲାମେଣ୍ଟକୁ ପଠାଯିବ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହା ଗୃହୀତ ହେଲେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ଯିବ। ଏହା ପରେ ହିଁ ବିଧାନ ପରିଷଦ ଗଠିତ ହେବ।

ତେଲେଙ୍ଗାନା ମଡେଲରେ ହେବାକୁ ଥିବା ଓଡ଼ିଶା ବିଧାନ ପରିଷଦରେ ମୋଟ ୪୯ ଜଣ ସଦସ୍ୟ ରହିବେ। ସବୁ ବର୍ଗରୁ ଏଥିରେ ପ୍ରତିନିଧିତ୍ୱ ରହିବ। ଉଲ୍ଲେଖଯୋଗ୍ୟ, ତେଲେଙ୍ଗାନା ବିଧାନ ପରିଷଦ ଆନ୍ଧ୍ରପ୍ରଦେଶ ବିଭାଜନ ପରେ ୨୦୧୪ ଜୁନ୍ ୨ ତାରିଖରୁ ସୃଷ୍ଟି ହୋଇଛି। ଏଥିରେ ୪୦ ଜଣ ସଭ୍ୟ ଅଛନ୍ତି। ଅନୁରୂପ ଢାଞ୍ଚାରେ ଓଡ଼ିଶା ବିଧାନ ପରିଷଦରେ ୪୯ ଜଣ ସଭ୍ୟ ରହିବେ। ଅର୍ଥାତ୍, ବିଭିନ୍ନ କ୍ଷେତ୍ରରୁ ୧୬ ଜଣ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହେବେ, ୧୬ ଜଣ ସ୍ୱାୟତ୍ତଶାସନ ବ୍ୟବସ୍ଥା (ମ୍ୟୁନିସିପାଲିଟି ଓ ଏନ୍‌ଏସି) ଦ୍ୱାରା ନିର୍ବାଚିତ ହୋଇ ଆସିବେ। ସେହିପରି ବିଭିନ୍ନ କଲେଜ ଅବା ବିଶ୍ୱବିଦ୍ୟାଳୟରୁ ୪ ଜଣ ଅଧ୍ୟାପକ ମନୋନୀତ ହେବେ। ବାକି ୧୩ ଜଣ ସଦସ୍ୟଙ୍କୁ ବିଧାନସଭା ସଭ୍ୟମାନେ ଚୟନ କରିବେ।

ବିଧାନସଭାଠାରୁ ବିଧାନ ପରିଷଦ ପୂରାପୂରି ଅଲଗା। ଏହା ଏକ ସ୍ଥାୟୀ ସଦନ। ସଂସଦର ଅପର ହାଉସ୍ ରାଜ୍ୟ ସଭା ପରି ଏହାର ସଭ୍ୟମାନଙ୍କ କାର୍ଯ୍ୟକାଳ ବି ୬ ବର୍ଷ। ପ୍ରତି ଦୁଇ ବର୍ଷରେ ଗୃହର ଏକ ତୃତୀୟାଂଶ ସଭ୍ୟ ଅବସର ଗ୍ରହଣ କରିଥାନ୍ତି। ସମ୍ବିଧାନ ଅନୁସାରେ, ଯେଉଁ ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ଅଧିକ ସେଠାରେ ବିଧାନ ପରିଷଦ ଗଠନରେ କୌଣସି ବାଧା ନାହିଁ।

ତେବେ ବର୍ତ୍ତମାନ ସମୟର ବଡ଼ ପ୍ରସଙ୍ଗଟି ହେଲା, ଆମ ରାଜ୍ୟରେ ବିଧାନ ପରିଷଦର ଆବଶ୍ୟକତା କେତେଦୂର ରହିଛି। ସାଧାରଣ ଭାବେ ଦୁଇଟି ମତ ଏବେ ସାମ୍ନାକୁ ଆସୁଛି। ଗୋଟିଏ ବର୍ଗଙ୍କ ଯୁକ୍ତି ହେଲା- ବିଧାନ ପରିଷଦ ଦ୍ୱାରା ବିଭିନ୍ନ ବର୍ଗର ପ୍ରତିଭାଧାରୀମାନେ ପ୍ରତିନିଧିତ୍ୱର ସୁଯୋଗ ପାଇବେ। ଅନେକ ସମୟରେ ବିଧାନସଭାରେ ଅନେକ ବିଲ୍ ଉପରେ ପର୍ଯ୍ୟାପ୍ତ ଆଲୋଚନା ପାଇଁ ସୁଯୋଗ ରହୁନି। ଏପରି କି ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା ଆଲୋଚନାରେ ପାରିତ ହେଉଥିବାର ନଜିର ରହିଛି। ଏଭଳି ସ୍ଥିତିରେ ବିଧାନ ପରିଷଦ ଜରିଆରେ ବିଲ୍ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇପାରିବ, ଆଉ ଏହାର ସୁଫଳ ରାଜ୍ୟବାସୀ ପାଇପାରିବେ। ସେହିପରି ବିଧାନ ପରିଷଦ ଜରିଆରେ ଅନେକ ବୁଦ୍ଧିଜୀବୀ, ଯେଉଁମାନେ ଆଗଧାଡିର ରାଜନୀତିକ କାର୍ଯ୍ୟକଳାପରେ ସାମିଲ ନାହାନ୍ତି କିନ୍ତୁ ଜନମତ ତିଆରିରେ ପ୍ରମୁଖ ଭୂମିକା ନେଉଛନ୍ତି, ସେମାନେ ସୁଯୋଗ ପାଇବେ। ସେମାନଙ୍କ ଚିନ୍ତନ ରାଜ୍ୟ ପାଇଁ ଲାଭଦାୟକ ହେବ।

ତେବେ ଦ୍ୱିତୀୟ ବର୍ଗର ଲୋକଙ୍କ ଯୁକ୍ତି ହେଲା- ରାଜ୍ୟରେ ବିଧାନ ପରିଷଦ ଗଠନର ଆବଶ୍ୟକତା ନାହିଁ। କାରଣ ବିଧାନ ପରିଷଦ ଗଠନ ହେଲେ ରାଜ୍ୟର ବ୍ୟୟଭାର ବଢ଼ିବ। ବିଧାନସଭାର ସଭ୍ୟଙ୍କ ପରି ବିଧାନ ପରିଷଦର ସଭ୍ୟମାନେ ମଧ୍ୟ ଦରମା, ଭତ୍ତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗର ହକ୍‌ଦାର ରହିବେ। ପ୍ରତିବର୍ଷ ବିଧାନସଭା ପାଇଁ ୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ତଥ୍ୟରୁ ଜଣାପଡ଼େ, ଗୋଟିଏ ଦିନ ବିଧାନସଭା ଅଧିବେଶନ ପାଇଁ ପାଖାପାଖି ୫୦ ଲକ୍ଷ ଟଙ୍କା ବ୍ୟୟ ହୁଏ। ଏକ ଆନୁମାନିକ ହିସାବରୁ ଜଣାପଡିଛି, ବିଧାନ ପରିଷଦ ଗଠନ ସ୍ଥିତିରେ ରାଜ୍ୟକୁ ଏକକାଳୀନ ଖର୍ଚ୍ଚ ବାବଦରେ ପାଖାପାଖି ୭୦ କୋଟି ଟଙ୍କା ତଥା ବାର୍ଷିକ ଖର୍ଚ୍ଚ ବାବଦରେ ୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ବର୍ତ୍ତମାନ ସମୟରେ ରାଜ୍ୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ବିଧାନ ପରିଷଦ ନାଁରେ ଅତିରିକ୍ତ ବ୍ୟୟଭାର ସୃଷ୍ଟି କରାଯିବା ଯଥାର୍ଥ ନୁହେଁ। ବିଧାନ ପରିଷଦରେ ଆର୍ଥିକ ବିଲ୍ ବା ବିଧେୟକ ବାବଦରେ ଆଲୋଚନା ସମ୍ଭବପର ନ ଥିବାରୁ ରାଜ୍ୟବାସୀ ଅନ୍ୟ ବିଧେୟକ ଆଲୋଚନାରୁ କେତେ ସୁଫଳ ପାଇପାରିବେ ତାହା ଉପରେ ବି ପ୍ରଶ୍ନ ଉଠିଛି। ଏହା ସହ ବିଧାନ ପରିଷଦ ସରକାରୀ ଦଳର ନେତୃବୃନ୍ଦଙ୍କ ପାଇଁ ଥଇଥାନ କେନ୍ଦ୍ର ପାଲଟିପାରେ ବୋଲି ବିରୋଧୀମାନେ ଆଶଙ୍କା କରୁଛନ୍ତି।

ବର୍ତ୍ତମାନ ସମୟରେ ସାରା ଦେଶର ମାତ୍ର ୭ଟି ରାଜ୍ୟରେ ବିଧାନ ପରିଷଦ ରହିଛି। ସେଗୁଡିକ ହେଲା- ଆନ୍ଧ୍ରପ୍ରଦେଶ, ବିହାର, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଓ ଉତ୍ତରପ୍ରଦେଶ। ସେହିପରି ରାଜସ୍ଥାନ ଓ ଆସାମରେ ବି ବିଧାନ ପରିଷଦ ଗଠନ ପାଇଁ ପ୍ରକ୍ରିୟା ଜାରି ରହିଛି। ଅତୀତରେ ଆନ୍ଧ୍ରପ୍ରଦେଶ ବିଧାନ ପରିଷଦକୁ ଉଚ୍ଛେଦ କରିଥିଲେ ବି ପରବର୍ତ୍ତୀ ସମୟରେ ପୁଣି ଥରେ ପରିଷଦ ଗଠନ କରାଯାଇଥିଲା। ବର୍ତ୍ତମାନ ସେଠାରେ କ୍ଷମତାସୀନ ଥିବା ତେଲୁଗୁଦେଶମ୍ ପାର୍ଟି ବିଧାନ ପରିଷଦକୁ ପୁଣିଥରେ ଉଚ୍ଛେଦ କରିବାକୁ ଚାହୁଁଛି। ସେହିପରି ତାମିଲନାଡୁ ମଧ୍ୟ ଅତୀତରେ ନିଜର ବିଧାନ ପରିଷଦକୁ ଉଚ୍ଛେଦ କରିସାରିଛି। ଯଦିଓ ୨୦୧୦ରେ ତାମିଲନାଡୁ ସରକାର ପୁଣି ଥରେ ବିଧାନ ପରିଷଦ ଗଠନ ପାଇଁ ଉଦ୍ୟମ କରିବା ସହ ଏନେଇ ସଂସଦୀୟ ଅନୁମତି ପାଇଥିଲେ, ତେବେ ବୈଷୟିକ କାରଣ ଯୋଗୁ ଏହା ସଫଳ ହୋଇପାରିନି। ସେହିପରି ପଶ୍ଚିମବଙ୍ଗରେ ବି ପୁଣି ଥରେ ବିଧାନ ପରିଷଦ ସୃଷ୍ଟି କରିବା ପାଇଁ ଶାସକ ତୃଣମୂଳ କଂଗ୍ରେସ ଚାହୁଁଛି। ବର୍ତ୍ତମାନ ସମୟରେ ଅଧିକାଂଶ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡିକ ଶକ୍ତିଶାଳୀ ହେବା ତଥା ଦଳର ବିଭିନ୍ନ ସ୍ତରରେ ନେତୃତ୍ୱ ସୃଷ୍ଟି ହେଉଥିବାରୁ, ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ତଥା ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଧାନ ପରିଷଦ ଏକ ସମୁଚିତ ଭଲ ବିକଳ୍ପ ବୋଲି ଧରାଯାଉଛି।

ତେବେ ଓଡ଼ିଶାରେ ବିଧାନ ପରିଷଦ ଗଠନ ହେବା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଦୁଇଟି ଦିଗ ଉପରେ ଚିନ୍ତା କରାଯିବା ଆବଶ୍ୟକ। ପ୍ରଥମତଃ ବିଧାନ ପରିଷଦ ଗଠନ ସ୍ଥିତିରେ କେଉଁମାନେ ଏହାର ସଭ୍ୟ ହେବେ। ସାଧାରଣ ଭାବେ କହିବାକୁ ଗଲେ- ନିର୍ବାଚନରେ ହାରିଯାଇଥିବା ନେତା, ବିଭିନ୍ନ ଦଳର ସୁପ୍ରିମୋମାନଙ୍କର ଘନିଷ୍ଠ ସହଯୋଗୀ ଅବା ସମ୍ପର୍କୀୟ ଅବା କିଛି ଖେଳାଳି, ସଂଘ ଜରିଆରେ ରାଜନୀତି କରୁଥିବା କିଛି ଅଧ୍ୟାପକ ଅବା ଶିଳ୍ପୀ, କଳାକାର ବା ସାମ୍ବାଦିକ। ଏପରି ସ୍ଥିତିରେ ବିଧାନ ପରିଷଦ ଏହାର ମୂଳ ଲକ୍ଷ୍ୟ କେତେଦୂର ହାସଲ କରିପାରିବ ତାହା ପ୍ରଶ୍ନଘେରରେ। ଦ୍ୱିତୀୟ ଦିଗଟି ହେଲା- ବିଧାନ ପରିଷଦକୁ କିପରି ବିଭିନ୍ନ କ୍ଷେତ୍ରର ସଫଳ ଟେକ୍ନୋକ୍ରାଟ୍ ଅବା ବୃତ୍ତିଗତ ବ୍ୟକ୍ତିବିଶେଷ ଚୟନ ହୋଇପାରିବେ ସେଥିପ୍ରତି ରାଜ୍ୟର ରାଜନୈତିକ ଦଳଗୁଡ଼ିକୁ ସୁନିଶ୍ଚିତ କରିବାକୁ ପଡିବ। ବିଧାନ ପରିଷଦର ସୀମିତ କ୍ଷମତା ଥିଲେ ବି ଏହା ପ୍ରଶାସନିକ ଦୋଷତ୍ରୁଟିକୁ ଧରିବା ତଥା ସରକାରୀ କଳରେ ଉତ୍ତରଦାୟିତ୍ୱ ଆଣିବାରେ ସହାୟକ ହୋଇପାରେ। ଏହା ବିଧାନସଭାର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ ବରଂ ଏକ ପରିପୂରକ ଭାବେ ଦାୟିତ୍ୱ ନିର୍ବାହ କଲେ, ଏହାର ସୁଫଳ ରାଜ୍ୟବାସୀ ପାଇପାରିବେ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯



# ଶ୍ୱେତକାୟଙ୍କ ଶ୍ରୀମନ୍ଦିର ପ୍ରବେଶ

ଶିବରାମ ଶତପଥୀ

ଶ୍ରୀମନ୍ଦିରରେ ବିରାଜମାନ କରିଥିବା ଜଗନ୍ନାଥଙ୍କୁ ଶ୍ୱେତକାୟ (ବିଦେଶୀ)ମାନେ ଦର୍ଶନ କରିବାର ଔଚିତ୍ୟକୁ ନେଇ ବିତର୍କ ଚାଲିଛି। କିନ୍ତୁ ସେମାନଙ୍କୁ କାହିଁକି ମନ୍ଦିର ପ୍ରବେଶ ବାରଣ କରାଯାଇଛି, ତାକୁ କେହି ଯୁକ୍ତିନିଷ୍ଠ ଭାବେ ପ୍ରତିପାଦିତ କରିବା ଦେଖାଯାଉ ନାହିଁ। ସ୍ୱାମୀ ବିବେକାନନ୍ଦ ଶିକାଗୋ ଧର୍ମସଭାରେ ଭାଷଣ ଦେବାବେଳେ କହିଥିଲେ- ସମସ୍ତ ନଦୀ ଯେପରି ସମୁଦ୍ରାଭିମୁଖୀ ହୋଇ ସେଥିରେ ବିଲୀନ ହୋଇଯାଆନ୍ତି, ସମସ୍ତ ଧର୍ମ ସେପରି ସନାତନ ଧର୍ମରେ ଆତ୍ମବିସ୍ମୃତ ହୁଅନ୍ତି। ଯେତେବେଳେ ବିଶ୍ୱରେ କୌଣସି ଧର୍ମବିଶ୍ୱାସର ପ୍ରଚଳନ ନ ଥିଲା ସେତେବେଳେ ସନାତନ ଧର୍ମ ହିଁ ସର୍ବବ୍ୟାପ୍ତ ଥିଲା।

ଲୋକେ କହନ୍ତି, ଜଗନ୍ନାଥଙ୍କ ଡାକରା ଆସିଲେ, ତାଙ୍କ ଡୋରି ଲାଗିଲେ ହିଁ ଭକ୍ତ ଟାଣିହୋଇ ତାଙ୍କ ପାଖକୁ ଯାଏ। ନଚେତ୍ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ମଧ୍ୟ ତାଙ୍କ ଦର୍ଶନ ମିଳିପାରେନାହିଁ। ତେବେ ଯେକୌଣସି ଧର୍ମାବଲମ୍ବୀ ଯଦି ତାଙ୍କ ପାଖକୁ ଗଲା, ତାଙ୍କ ଶରଣାପନ୍ନ ହେଲା, ତେବେ ଆମେ ଦର୍ଶନ କାହିଁକି ବାରଣ କରିବା ? କେହି କେହି ଯୁକ୍ତି କରିପାରନ୍ତି ଅଶୌଚ ଅବସ୍ଥାରେ କାଳେ କିଏ ଭିତରେ ପଶି ଶ୍ରୀମନ୍ଦିରର ବାତାବରଣ ଅପବିତ୍ର କରିଦେବ ! କାଳେ କେହି ଅମେଧ ଧରି ଭିତରେ ପ୍ରବେଶ କରିବ। କିନ୍ତୁ ସେ ପରା ପବିତ୍ରଙ୍କ ମଧ୍ୟରେ ସୁପବିତ୍ର। ସେ ଚାହିଁଦେଲା ମାତ୍ରେ ସବୁ ପବିତ୍ର ଓ ଅମୃତମୟ ହୋଇଯାଏ। ତେବେ ଏ ଭୟ କାହିଁକି ?

ଜଣେ ପଦସ୍ଥ ଅଧିକାରୀ ପୁରୀରେ ଘର କରିଥିଲେ। ଇଚ୍ଛା ଥିଲା ଚାକିରିରୁ ଅବସର ଗ୍ରହଣ କଲା ପରେ ଜଗନ୍ନାଥଙ୍କୁ ଦର୍ଶନ କରି ଅବଶିଷ୍ଟ ଜୀବନ ଅତିବାହିତ କରିବେ। କିନ୍ତୁ ପ୍ରଭୁଙ୍କ କୃପା ନାହିଁ। ସେ କର୍କଟ ରୋଗରେ ପୀଡିତ ହେବାରୁ ଚିକିତ୍ସିତ ହେବା ପାଇଁ ମୁମ୍ବାଇ ଯାଇ ସେଠାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏ ଲେଖକ ୧୯୭୦ ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ପ୍ରୟାଗରେ ପ୍ରାତଃସ୍ନାନ କରିବାର ସୁଯୋଗ ପାଇଥିଲା। ହାଡ଼ଭଙ୍ଗା ଶୀତ। ଭୋର ସାଢ଼େ ଚାରିଟା ବେଳେ ଦେଖିଲି କିଛି ପୋଲିସ କନଷ୍ଟେବଲ ତ୍ରିବେଣୀରେ ବୁଡ଼ ପକାଉଛନ୍ତି। ସେମାନେ ପରସ୍ପର କଥା ହେଉଥିଲେ ଆମର ଏଠାରେ ଡ୍ୟୁଟି ପଡିଲା ବୋଲି ସିନା ଏ ପବିତ୍ର ସ୍ନାନର ସୁଯୋଗ ପାଇଲେ, ନଚେତ୍ ଏ ଶୀତରେ ଘରେ ରେଜେଇରୁ ଉଷୁମ ନ ଟାଣି କିଏ ବରଫ ପରି ଥଣ୍ଡା ପାଣିରେ ବୁଡିଥାନ୍ତା ?

ପୁରାଣମାନଙ୍କରେ ବର୍ଣ୍ଣିତ ଅଛି, ସୁକୃତିକାରୀମାନେ ମୃତ୍ୟୁପରେ ଶ୍ୱେତଦ୍ୱୀପରେ ଜନ୍ମଗ୍ରହଣ କରନ୍ତି। ଶ୍ୱେତଦୀପନିବାସୀମାନେ ଦୀର୍ଘକାୟ ଓ ବଳିଷ୍ଠ। ସେଠାରେ ସେମାନେ ନାନାବିଧ ସୁଖ ଭୋଗକରି ମୃତ୍ୟୁପରେ ପରମପଦ ପ୍ରାପ୍ତ ହୁଅନ୍ତି। ରାବଣ ଦିଗ୍‌ବିଜୟ କଲାବେଳେ ଶ୍ୱେତଦ୍ୱୀପର ସମୀପବର୍ତ୍ତୀ ପୁଷ୍ପକ ଯାନ ଅଟକିଗଲା। ପୁଷ୍ପକ ଯାନଠାରୁ ଅଧିକ ବଳଶାଳୀ ଶକ୍ତି ଶ୍ୱେତଦ୍ୱୀପରେ ଥିଲା। ପଦବ୍ରଜରେ ରାବଣ ଯାଇ ସ୍ତ୍ରୀମାନଙ୍କ ପଶାଖେଳରେ ହସ୍ତକ୍ଷେପ କରନ୍ତେ ଜଣେ ସ୍ତ୍ରୀ ତା'ର ହାତ ଧରି ପକାଇଲା ଯେ ରାବଣ ଛଡାଇପାରିଲା ନାହିଁ। (ବାଲ୍ମୀକି ରାମାୟଣ, ଉତ୍ତରାକାଣ୍ଡ) ଗବେଷକମାନେ ମତ ଦିଅନ୍ତି ଶ୍ୱେତଦ୍ୱୀପ, ବର୍ତ୍ତମାନର ୟୁରୋପ ମହାଦେଶ। ଅବଶ୍ୟ ୟୁରୋପ ମହାଦେଶର ଅଧିକାଂଶ ବାସିନ୍ଦା ବର୍ତ୍ତମାନ ଖ୍ରୀଷ୍ଟଧର୍ମାବଲମ୍ବୀ। ଏହା ନିଃସନ୍ଦେହ ଯେ, ଖ୍ରୀଷ୍ଟ ଧର୍ମଗୁରୁ ଯିଶୁ କେତେବର୍ଷ କଶ୍ମୀରରେ ଅବସ୍ଥାନ କରି ତତ୍ରତ୍ୟ ଧର୍ମଯାଜକମାନଙ୍କଠାରୁ ନିର୍ଗୁଣ ବ୍ରହ୍ମଙ୍କ ବିଷୟରେ ଜ୍ଞାନାର୍ଜନ କରିଥିଲେ।

ନିମ୍ନୋକ୍ତ ଘଟଣାଦ୍ୱୟର ଅବତାରଣା ନ କଲେ ମୋ ପ୍ରବନ୍ଧଟି ଅପୂର୍ଣ୍ଣ ରହିଯିବ। ମୋର ଆମେରିକାରେ ଅବସ୍ଥାନ ସମୟରେ ଇସ୍କନ ସଂସ୍ଥା ଦ୍ୱାରା ପରିଚାଳିତ ଜନ୍ମାଷ୍ଟମୀ ଉତ୍ସବରେ ଯୋଗଦେବା ପାଇଁ ରାଧାକୃଷ୍ଣ ମନ୍ଦିରକୁ ଯାଇଥିଲି। ଏ ସଂସ୍ଥା ଦ୍ୱାରା ଶ୍ୱେତାଙ୍ଗିନୀ ଓ ଶ୍ୱେତାଙ୍ଗୀମାନେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ଗଳାରେ ତୁଳସୀମାଳା ପରିଧାନ କରି ମୃଦଙ୍ଗର ତାଳେ ତାଳେ ଭଜନ କୀର୍ତ୍ତନ ଓ ପରେ ପରେ ଝୁଲିମୁଣି ପରି ପ୍ରେମାଶ୍ରୁ ପରିପ୍ଲୁତ ନେତ୍ରରେ ମହାମନ୍ତ୍ର ଜପ କରୁଥିଲେ। ପୁରୁଷଙ୍କ ମୁଣ୍ଡିତ ମୁଣ୍ଡରେ ଶିଖା ଶୋଭାପାଉଥିଲା। ସ୍ତ୍ରୀପୁରୁଷ ନିର୍ବିଶେଷରେ ସମସ୍ତେ ଗୈରିକ ବସ୍ତ୍ର ପରିହିତ। ଏ ଭକ୍ତିର ଏକ ଦଶମାଂଶ ମଧ୍ୟ ଆମ ପୂଜାପଣ୍ଡା, ପୁରୋହିତ ଓ ଧର୍ମଯାଜକଙ୍କଠାରେ ବିରଳ। ପରେ ଶୁଣିବାକୁ ପାଇଲି ଜଣେ ଆମେରିକୀୟ ଭକ୍ତ ଯେକୌଣସି ସ୍ଥାନକୁ ଗଲେ ସାଙ୍ଗରେ ଜଗନ୍ନାଥଙ୍କୁ ଧରି ଯାଆନ୍ତି। ବ୍ୟୋମଯାନରେ ଜଗନ୍ନାଥଙ୍କ ଉପବେଶନ ପାଇଁ ଏକ ସିଟ୍ (ଟିକଟ) ବୁକ୍ କରନ୍ତି। ମୋର ଚିଲିକାରେ ଅବସ୍ଥାନ ସମୟରେ (୧୯୭୭-୮୦) ଥରେ ଚିଫ୍ ଇଞ୍ଜିନିୟରଙ୍କ ବନ୍ଧୁ ଜର୍ମାନ ଦମ୍ପତିଙ୍କୁ ଭୁବନେଶ୍ୱର, ପୁରୀ ଓ କୋଣାର୍କ ବୁଲାଇ ଦେଖାଇବା ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରାଯାଇଥିଲା। ସେ ମହାରାଷ୍ଟ୍ରୀୟ ବ୍ରାହ୍ମଣ, ବିବାହ କରିଛନ୍ତି ଜଣେ ଜର୍ମାନ ମହିଳାଙ୍କୁ। ଲଳନା ଶାଢ଼ି ବ୍ଲାଉଜ ପରିଧାନ କରି ଶ୍ୱେତ ଶରୀର ସମ୍ପୂର୍ଣ୍ଣ ଆବୃତ କରିଥାନ୍ତି। ବିଦେଶିନୀ ହେତୁ ମୁଁ ପ୍ରମାଦ ଗଣୁଥାଏ। କାଳେ ସେ ଧରାପଡିଯିବେ। ଯା ହେଉ, ସେ କୃପାକୁପାରଙ୍କ ଅପାର କୃପାରୁ କିଛି ଅଘଟଣ ଘଟିଲା ନାହିଁ। ମହିଳା ଜଗନ୍ନାଥଙ୍କୁ ନିର୍ନିମେଷ ନେତ୍ରରେ ଅବଲୋକନ କରି ଭକ୍ତି ଗଦ୍‌ଗଦ୍ କଣ୍ଠରେ ପୂର୍ବରୁ ମୁଖସ୍ଥ କରିଥିବା ଆଦି ଶଙ୍କରାଚାର୍ଯ୍ୟ ପ୍ରଣୀତ ଜଗନ୍ନାଥାଷ୍ଟକ ଯେପରି ଶୁଦ୍ଧ ଉଚ୍ଚାରଣ କରି ସମ୍ପୂର୍ଣ୍ଣ ଗାନ କଲେ, ସେଥିରେ ମୁଁ ସ୍ତମ୍ଭୀଭୂତ ହେଲି।

ଶ୍ରୀମନ୍ଦିରରୁ ନିଷ୍କ୍ରାନ୍ତ ହେଲା ପରେ ଦେଖିଲି ମହିଳାଙ୍କ ତେଜୋଦୀପ୍ତ ପଦ୍ମପତ୍ରନିଭ ନୟନଦ୍ୱୟ ଅଶ୍ରୁସିକ୍ତ। ମୋ ସନ୍ଦେହ ମୋଚନ କରିବାକୁ ଯାଇ ମହିଳା କହିଲେ ଯେ, ସେ ଛାତ୍ର ଜୀବନରେ ଇଚ୍ଛାଧୀନ ବିଷୟ ସଂସ୍କୃତ ନେଇ ପଢ଼ିଛନ୍ତି। ପୁଣି ତାଙ୍କ ପତି ମରାଠୀ ବ୍ରାହ୍ମଣ ହେତୁ ସେ ବିବାହ ପୂର୍ବରୁ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି। ତାଙ୍କ ଘରେ (ଜର୍ମାନୀରେ) ସେ ହିନ୍ଦୁମାନଙ୍କ ସମସ୍ତ ପର୍ବପର୍ବାଣି ପାଳନ କରନ୍ତି। ବର୍ତ୍ତମାନ ପାଠକେ କୁହନ୍ତୁ, ଏ ବିଦେଶିନୀ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ହକ୍‌ଦାର ନା ନାହିଁ ?

ଇ-୧୮, ପଦ୍ମପାଣି ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ମୋ-୯୪୩୭୦୧୭୨୦୨

## ଏଇ ଭାରତରେ

ଗୁରୁ-ଶିଷ୍ୟ ସମ୍ପର୍କ ସବୁବେଳେ ପବିତ୍ର। ଏହି ସମ୍ପର୍କରେ ତିକ୍ତତା ଦେଖାଦେବା ଏକ ବିଳକ୍ଷଣ। ଛାତ୍ରର ଗୁରୁତର ତ୍ରୁଟି ଦେଖିଲେ ଶିକ୍ଷକ ଦଣ୍ଡିତ କରିଥାଆନ୍ତି। ଏପରି କି ସ୍କୁଲରୁ ବହିଷ୍କାର କରିଦିଅନ୍ତି। କିନ୍ତୁ ବହିଷ୍କୃତ ଛାତ୍ର ପ୍ରତିଶୋଧପରାୟଣ ହୋଇ ଶିକ୍ଷକଙ୍କ ଉପରକୁ ଗୁଳି ଚଳାଇବା ଏକ ବ୍ୟତିକ୍ରମ। ଏଭଳି ଏକ ଘଟଣା ଉତ୍ତରପ୍ରଦେଶରେ ଘଟିଛି। ବିଜ୍‌ନୋର ଜିଲାର ସେଓହାରା ଅଞ୍ଚଳରେ ସ୍କୁଲ୍ ପ୍ରଧାନଶିକ୍ଷକଙ୍କୁ ଛାତ୍ର ଜଣକ ଅଚାନକ ଗୁଳି ଚଳାଇଥିଲେ। ଗୁଳିଟି ପ୍ରଧାନଶିକ୍ଷକଙ୍କ ଦେହରେ ନ ବାଜି ତାଙ୍କ କାନ୍ଧ ପାର୍ଶ୍ୱ ଦେଇ ଚାଲିଯାଇଥିଲା। ଏ ସମ୍ପର୍କରେ ଶିକ୍ଷକ କହନ୍ତି, ସ୍କୁଲ୍‌ରେ ଏହି ଛାତ୍ରଙ୍କ ଉଗ୍ର ଆଚରଣ ପାଇଁ ତାକୁ ବହିଷ୍କାର କରାଯାଇଥିଲା। ସେ ତାଙ୍କ ମା'ଙ୍କ ସହିତ ସ୍କୁଲ୍‌କୁ ଆସିଥିଲେ। ତାଙ୍କୁ ପୁନଶ୍ଚ ସ୍କୁଲରେ ପ୍ରବେଶ ପାଇଁ ଅନୁମତି ଦିଆଗଲା ନାହିଁ। ଛାତ୍ର ଜଣକ ଫେରିଯାଇ କିଛି ସମୟ ପରେ ପୁଣି ପ୍ରଧାନଶିକ୍ଷକଙ୍କ ପାଖକୁ ଆସିଥିଲେ। ସମସ୍ତେ ଭାବିଥିଲେ ସେ ଟିସି ପାଇଁ ଆସିଥିବେ। କିନ୍ତୁ ସେ ପ୍ରଧାନଶିକ୍ଷକଙ୍କ ମୁହଁକୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ଶିକ୍ଷକ ସାମାନ୍ୟ କଡେଇ ଯିବାରୁ ତାଙ୍କର ଜୀବନରକ୍ଷା ହୋଇପାରିଥିଲା। ଅଭିଯୁକ୍ତକୁ ଖୋଜା ଚାଲିଥିବା ବେଳେ ତଦନ୍ତ ଜାରି ରହିଛି।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ତୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ ! (କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୯୩

- ଚୀନର ପଶ୍ଚିମ ପ୍ରାଦେଶିକ ଅଞ୍ଚଳ କ୍ୱିନଘାଇରେ ଏକ ନଦୀବନ୍ଧ ଭୁଶୁଡି ପଡିବା ଫଳରେ ୪୦୦ ଲୋକଙ୍କ ମୃତ୍ୟୁ।
- ମାରାତ୍ମକ ଏଡ୍‌ସର ବାହକ ଏଚ୍‌ଆଇଭି ଭୂତାଣୁ ସମ୍ପର୍କରେ ଅବଗତ ହେବା ନିମନ୍ତେ ଦେଶର ସବୁ ନାଗରିକ ଏବଂ ଦେଶ ଭିତରେ ଥିବା ବିଦେଶୀମାନଙ୍କର ରକ୍ତ ପରୀକ୍ଷା କରିବା ସପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।



## ଜିଲା ଡାଏରୀ
## ସୁବର୍ଣ୍ଣପୁର

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ଭିତ୍ତିଭୂମି ସାଙ୍ଗକୁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସୁବର୍ଣ୍ଣପୁର ଜିଲାରେ ସ୍ୱାସ୍ଥ୍ୟସେବାକୁ ବିପର୍ଯ୍ୟସ୍ତ କରିପକାଇଛି। ୨ଟି ସିଏଚ୍‌ସି ଓ ୧୦ଟି ପିଏଚ୍‌ସିରେ ଜଣେ ହେଲେ ଡାକ୍ତର ନ ଥିବାବେଳେ ଜିଲାରେ ମୋଟ ୫୩ଟି ଡାକ୍ତର ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ବିଭିନ୍ନ ବିଭାଗରେ ୧୧୩ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ କାମ କରୁଛନ୍ତି ମାତ୍ର ୬୦ଜଣ। ମେଡିକାଲ ଅଫିସରଙ୍କ ସମେତ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ଆଡଜଷ୍ଟ ଓ ଡେପୁଟେସନରେ କାମ ଚାଲିଛି। ଗରିବ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ମୁଖ୍ୟତଃ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ମାତ୍ର ଡାକ୍ତର ନ ଥିବାରୁ କ୍ୱାକ୍‌ଙ୍କ ହାବୁଡରେ ପଡି ନୟାନ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକାଯାଇ ପାରୁନି। ସରକାର ନିରାମୟ, ଆୟୁଷ୍ମାନ୍ ଭାରତଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ନୂତନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଡାକ୍ତର ନ ଥିଲେ ଏଥିରୁ ରୋଗୀଙ୍କୁ କି ଲାଭ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

-ମୃତ୍ୟୁଞ୍ଜୟ ଶତପଥୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୂତାଣୁ ଆତଙ୍କ

ମହାଶୟ,

'ଭାଇରସ୍' ବା ଭୂତାଣୁ ଅନେକ ରୋଗ ସୃଷ୍ଟିର କାରଣ। କଟକ ସହରରେ ଜଣ୍ଡିସ୍ ସୃଷ୍ଟିକାରୀ ଭାଇରସ୍‌ର ଜୈବ ରାସାୟନିକ ଚେହେରା ଚିହ୍ନଟୀକରଣ ହୋଇପାରିଲାନାହିଁ। କେବଳ ଖୋଳତାଡରେ କେତେଜଣ ଧନୀ ହୋଇଗଲେ। 'ଏଡ୍‌ସ' ସୃଷ୍ଟିକାରୀ ଏଚ୍‌ଆଇଭି ଭାଇରସ୍ ସମଗ୍ର ବିଶ୍ୱକୁ ଦୋହଲାଇ ଦେଉଛି। ଯକୃତ କର୍କଟ ତଥା ଜଣ୍ଡିସ୍ କରୁଥିବା ହେପାଟାଇଟିସ୍-ବି ଭୂତାଣୁ ଏଡ୍‌ସଠାରୁ ୨୦୦ ଗୁଣ ଭୟଙ୍କର। ସାଧାରଣ ସର୍ଦ୍ଦିରୋଗ ଘଟାଉଥିବା ରାଇନୋ-ଭାଇରସ୍, ଶିଶୁଙ୍କ ଝାଡା କରାଉଥିବା ରୋଟା ଭାଇରସ୍ ପାଇଁ ଚିକିତ୍ସା ନାହିଁ। କେରଳରେ ବାଦୁଡିମାନେ ଅଇଁଠା କରୁଥିବା ଫଳରୁ ମଣିଷକୁ ଓ ମଣିଷରୁ ପଶୁକୁ ମାରୁଥିବା 'ନିପା' ଭାଇରସ୍ ଏବଂ ବାର୍ଡ ଫ୍ଲୁ କରୁଥିବା ଏଚ୍‌୧ଏନ୍‌୧ ଭୂତାଣୁ ଏକୁ ଆରେକ ବଳୀୟାର। ମଣିଷଙ୍କୁ ବଞ୍ଚାଇବାକୁ କ'ଣ ଗାଈ, ଘୁଷୁରି, କୁକୁଡା, ବାଦୁଡି ଏମାନଙ୍କର ଗଣହତ୍ୟା କରିବା ? ବିଜ୍ଞାନ ହାର୍ ମାନିଗଲା ଏଇ ଭାଇରସ୍ ଆଗରେ। ତେବେ ଅଇଁଠା ପିଜୁଳି-ଡାଳିମ୍ବ-ସେଓ-ଖଜୁରି ଖାଆନ୍ତୁ ନାହିଁ।

ଡାକ୍ତର ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

### ସମୁଦ୍ରକୁ ଶଙ୍ଖେ ପଣା

ସରକାର ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା ସହ ବିଧବା, ସ୍ୱାମୀ ପରିତ୍ୟକ୍ତା, ଅସହାୟ, ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରୁଛନ୍ତି। ବର୍ତ୍ତମାନ ଦିନକୁ ଦିନ ଦରଦାମ୍ ହୁ ହୁ ହୋଇ ବଢିଚାଲିଛି। ରୋଗରେ ପଡିଲେ ଔଷଧ ଖର୍ଚ୍ଚ ମଧ୍ୟ ବହୁତ ବଢିଯାଉଛି। ସରକାର ଯେଉଁ ବରିଷ୍ଠ ନାଗରିକ ୬୦ ବର୍ଷରୁ ଅଧିକ ସେମାନଙ୍କୁ ୩୦୦ ଟଙ୍କା ଓ ୮୦ ବର୍ଷରୁ ଅଧିକଙ୍କୁ ୫୦୦ ଟଙ୍କା ଦେଉଛନ୍ତି। ଏହା ସମୁଦ୍ରକୁ ଶଙ୍ଖେ ଭଳି। ତେଣୁ ସରକାରଙ୍କୁ ଅନୁରୋଧ, ଅତିକମ୍‌ରେ ବାର୍ଦ୍ଧକ୍ୟଭତ୍ତା ୧୦୦୦ ଟଙ୍କା ଦେବାର ବ୍ୟବସ୍ଥା କରନ୍ତୁ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ନାରାୟଣପୁର, କେନ୍ଦ୍ରାପଡ଼ା


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | | 3 | | 8 | A | 6 | C | | 2 | | B | |
| | | | | | | | 3 | | | A | | E | 6 | 4 |
| D | | | | 1 | | E | | 5 | | 7 | 6 | | | |
| | | 0 | | 2 | | | | | | 3 | | | | 7 |
| | 5 | 8 | | A | | | 0 | | | | | D | 9 | |
| | | C | | | 2 | 7 | | | 1 | 4 | | 8 | | |
| 2 | | | 5 | | | 4 | | | 6 | | | | 1 | 9 |
| | | | 9 | | C | D | | 3 | | | | | 7 | |
| 1 | 3 | | 4 | | | | | | D | | 7 | 6 | 0 | |
| 8 | | D | | 6 | | | | | | 9 | B | | | |
| C | | | | 5 | | | | | | | | | | |
| E | | 6 | 7 | C | | | | | | 1 | | | | |
| | 1 | 3 | 6 | | | | | | 9 | | A | B | | |
| B | | 9 | 3 | | | 1 | | E | | | C | | | 5 |
| 5 | | | | 4 | | 6 | | | B | | 0 | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 5 | 4 | 6 | 2 | A | 1 | B | 8 | C | 9 | 7 | 3 | E |
| 1 | 4 | C | 9 | D | E | 3 | 7 | 8 | 2 | 5 | 6 | B | 0 | A |
| 9 | A | 6 | 7 | C | 3 | D | 5 | 4 | 0 | B | E | 2 | 8 | 1 |
| 8 | 2 | 7 | 1 | B | A | 0 | 9 | E | D | 4 | 3 | C | 6 | 5 |
| 3 | B | E | 5 | 8 | 0 | C | 2 | 6 | 7 | 1 | A | D | 9 | 4 |
| C | D | B | 0 | 2 | 7 | 5 | 3 | 9 | 4 | E | 1 | 6 | A | 8 |
| 0 | 3 | 1 | A | E | 8 | 4 | B | 7 | C | 6 | D | 9 | 5 | 2 |
| A | 8 | 9 | D | 1 | B | E | 6 | 2 | 5 | 7 | 0 | 4 | C | 3 |
| 7 | 5 | 2 | 6 | 3 | 4 | 1 | C | A | B | 9 | 8 | 0 | E | D |
| E | 6 | 4 | C | 9 | 5 | 8 | D | 0 | A | 3 | 2 | 1 | B | 7 |
| 4 | 7 | 8 | E | 0 | D | B | A | 3 | 9 | 2 | C | 5 | 1 | 6 |
| 6 | C | 0 | 3 | A | 9 | 2 | 4 | 5 | 1 | 8 | 7 | E | D | B |
| B | 1 | 3 | 2 | 5 | 6 | 9 | 8 | D | E | 0 | 4 | A | 7 | C |
| 2 | 9 | D | B | 7 | 1 | 6 | E | C | 3 | A | 5 | 8 | 4 | 0 |
| 5 | E | A | 8 | 4 | C | 7 | 0 | 1 | 6 | D | B | 3 | 2 | 9 |

ଗତକାଲିର ଉତ୍ତର



ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମତୋ ପଞ୍ଚାୟତର ମାଳବାଡ ଗାଁରେ ବୁଧବାର ସନ୍ଧ୍ୟାରେ ଡବଲ ମର୍ଡର ଘଟଣା ପରେ ଗାଁରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ପୋଲିସ ଅଭିଯୁକ୍ତ ଯୁବକ ତ୍ରିଲୋଚନ ସେନାପତିଙ୍କୁ ଗିରଫ କରି ତାଙ୍କ ମା' ଓ ବାପାଙ୍କୁ ଅଟକ ରଖି ଜେରା ଚଳାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ଗୁରୁବାର ଭଦ୍ରକରୁ ୩ ଜଣିଆ ସାଇଣ୍ଟିଫିକ ଦଳ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି।






# 'ମୁଁ ତୁମକୁ ଭଲପାଏ ବାପା'




ସଡ଼କ ସୁରକ୍ଷା ସମ୍ପର୍କିତ ସମାବେଶରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ବାପା ତୁମେ ଆମର ସବୁ କିଛି। ଆମେ ତୁମ ଉପରେ ନିର୍ଭରଶୀଳ। ତୁମର କିଛି ହୋଇଗଲେ ଆମ ଜୀବନ ଅଧୁରା ହୋଇଯିବ। ତୁମେ ନ ଥିଲେ ମୁଁ ପାଠ ପଢ଼ି ପାରିବିନି। ଆମ ଘର ଚଳି ପାରିବନି। ସାରା ପରିବାର ତୁମ ଉପରେ ବନ୍ଧା। ମୁଁ ତୁମକୁ ବହୁତ ଭଲପାଏ ବାପା। ତୁମେ ରାସ୍ତାରେ ଗଲାବେଳେ ଦେଖି ଚାହିଁ ଯିବ। ଟ୍ରାଫିକ୍ ନିୟମ ମାନିବ। ହେଲ୍‌ମେଟ୍ ପିନ୍ଧିବାକୁ ଜମା ଭୁଲିବନି। ଦ୍ରୁତ ଗତିରେ ଗାଡ଼ି ଚଳାଇବନି। ଟିକେ ଡେରି ହେଇଯାଉ ପଛେ ତୁମେ ଭଲରେ ଯିବ ଆଉ ଭଲରେ ଫେରିବ ବାପା...

ବିଦ୍ୟାଳୟର କୁନି କୁନି ପିଲାମାନେ ସଡକସୁରକ୍ଷା ସଚେତନ ପାଇଁ ନିଜ ବାପାଙ୍କୁ ଏଭଳି ବିନତି କରିଛନ୍ତି। ପ୍ରଥମଥର ପାଇଁ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)-୨ ଏବଂ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ସଡକ ସୁରକ୍ଷା ସମ୍ମିଳନୀ ୨୦୧୮ରେ ଏଭଳି କିଛି ମର୍ମସ୍ପର୍ଶୀ ନିବେଦନ ଶୁଣିବାକୁ ମିଳିଥିଲା। ହୋଣ୍ଡା ପକ୍ଷରୁ ସଡକ ସୁରକ୍ଷା ସଚେତନତା ସକାଶେ 'ହେଲ୍‌ମେଟ୍ ଅନ୍ ଲାଇଫ୍ ଅନ୍' ଶୀର୍ଷକ କ୍ୟାମ୍ପେନ୍‌ରେ କୁନି କୁନି ପିଲାମାନେ ମା'ବାପାଆଙ୍କୁ ଏଭଳି ବିନତି କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧକ୍ଷମାନଙ୍କୁ ନେଇ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସଡକ ସୁରକ୍ଷା କେବଳ ପରିବହନ ବିଭାଗ ବା ଆରକ୍ଷୀ ଅଧିକାରୀଙ୍କ ଦାୟିତ୍ୱ ନିହେଁ। ଏହା ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ ଶିକ୍ଷାନୁଷ୍ଠାନରୁ ଏହି ସଚେତନତା ଆରମ୍ଭ କରିବା ଉଦ୍ଦେଶ୍ୟରେ ଏଭଳି ସମାବେଶ ଅନୁଷ୍ଠିତ ହୋଇଛି।

ଏହି ଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି (ବ୍ରାଣ୍ଡ ଏବଂ କମ୍ୟୁନିକେଶନ) ପ୍ରଭୁ ନାଗରାଜ କହିଛନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଆମେ ପ୍ରଥମ ଥର ପାଇଁ ଏଭଳି ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଆୟୋଜନ କରିଛୁ। ଏହାକୁ ଆଗାମୀ ଦିନରେ ଦେଶବ୍ୟାପୀ ସଂପ୍ରସାରିତ କରାଯିବ। ସମଗ୍ର ଦେଶରେ ହୋଣ୍ଡାର ୧୩ଟି ରୋଡ ସେଫ୍ଟି ଆଣ୍ଡ ଟ୍ରାଫିକ୍ ଟ୍ରେନିଂ ପାର୍କ ରହିଛି। ସେଥିମଧ୍ୟରୁ ଓଡ଼ିଶାର କଟକ ଏବଂ ଭୁବନେଶ୍ୱରରେ ଗୋଟିଏ ଲେଖାଏଁ ପାର୍କ ରହିଛି। ଏବେ ସୁଦ୍ଧା ଏହି ପାର୍କରେ ପ୍ରାୟ ୨୧ ଲକ୍ଷ ଭାରତୀୟଙ୍କୁ ସଡକ ସୁରକ୍ଷା ସଚେତନ ପାଇଁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ନାଗରାଜ କହିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଏସ୍.କେ. ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ସରକାରଙ୍କ ପ୍ରଦତ୍ତ ତଥ୍ୟ

- ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବର୍ଷକୁ ମୃତ୍ୟୁସଂଖ୍ୟା ୧୦,୮୫୫
- ଜଖମ ସଂଖ୍ୟା ୧୧୨୦୪
- ୯୮% ଦୁର୍ଘଟଣା ମନୁଷ୍ୟକୃତ
- ରାଜ୍ୟ ଜିଡିପିର ୭.୩% କ୍ଷତିର କାରଣ ସଡ଼କ ଦୁର୍ଘଟଣା

ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

କଟକ ଅଫିସ (ଡି.ଏନ୍.ଏ.), ୩୦।୮

ପୋଲିସ ହେପାଜତରେ ଥିବା ଅବିନାଶ ପାଇଟାଳ ଓରଫ୍ ମୂଷା (୨୩)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଆର୍.ପି. ଶର୍ମା ଗୁରୁବାର ଏହି ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚର ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଏହି ଘଟଣାର ତଦନ୍ତ କରିବେ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନାରେ ଗତ ୨୬ ତାରିଖରେ ଏହି ସ୍ପର୍ଶକାତର ଘଟଣା ଘଟିଥିଲା। ଏକ ମୋବାଇଲ୍ ଚୋରି ଘଟଣାରେ ମହାକାଳପଡ଼ା ପୋଲିସ ମାର୍ଶାଘାଇ ଥାନା ଅନ୍ତର୍ଗତ ବାଲଣା ଗ୍ରାମର ଶରତ ଚନ୍ଦ୍ର ପାଇଟାଳଙ୍କ ପୁଅ ଅବିନାଶଙ୍କୁ ଗତ ୨୫ ତାରିଖରେ ଗାଁ ନିକଟରୁ ଉଠାଇ ଆଣିଥିଲା। ପରଦିନ ସକାଳେ ଅବିନାଶଙ୍କ ଝୁଲନ୍ତା ମୃତଦେହ ଥାନା ନିକଟ କୋଠାର ଶିଡ଼ି ଘରୁ ଠାବ କରାଯାଇଥିଲା। ପୋଲିସ ତାଙ୍କୁ ପିଟିମାରିଦେଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନ ଆଜି

ବଲାଙ୍ଗୀର ଅଫିସ, ୩୦।୮

୧୮ ବର୍ଷର ପ୍ରତୀକ୍ଷା ପରେ ବଲାଙ୍ଗୀରରେ ମେଡିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟନ ହେବ। ଉଦ୍‌ଘାଟନୀ ପୂର୍ବରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲର ନାମକରଣ ସନ୍ଥକବି ଭୀମଭୋଇଙ୍କ ନାମରେ ହୋଇଥିବାରୁ ଲୋକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିବେ। ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ, ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଗୁରୁବାର ମେଡିକାଲ କଲେଜ କ୍ୟାମ୍ପସରେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି।

### ନିମନ୍ତ୍ରଣ ପତ୍ରକୁ ନେଇ ବିବାଦ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହେଲେ ନିମନ୍ତ୍ରଣ ପତ୍ରରେ ତାଙ୍କ ନାମ ଉଲ୍ଲେଖ ନାହିଁ। ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ଏବଂ ନିନ୍ଦନୀୟ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ନିମନ୍ତ୍ରଣ ପତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ନ ଥିବା କଥା କହୁଛନ୍ତି, ତାହା ସତ୍ୟ। କିଛିଦିନ ତଳେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ତାଙ୍କ ତରଫରୁ କୌଣସି ସ୍ପଷ୍ଟ ଉତ୍ତର ନ ମିଳିବାରୁ ନିମନ୍ତ୍ରଣ ପତ୍ର ଛପାଯିବାବେଳେ ତାଙ୍କ ନାମ ରହି ନ ଥିଲା।


ଓଡ଼ିଶା ସରକାର
ପୂର୍ତ୍ତ ବିଭାଗ

# ମହାନଦୀ ସେତୁ

(ଗୋପୀନାଥପୁର ଠାରୁ ସିଂହନାଥ ପୀଠ ଦେଇ ବୈଦେଶ୍ୱର)
ଗୋପୀନାଥପୁର, ବଡ଼ମ୍ବାର



ଭୂମିପୂଜନ ଓ ଶୁଭାରମ୍ଭ
ତା୦୧।୦୯।୨୦୧୮ରିଖ
ସମୟ: ସକାଳ ୧୦ ଘଟିକା

ଉଦ୍‌ଘାଟକ ଓ ମୁଖ୍ୟ ପୁରୋଧା
ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକ
ମାନ୍ୟବର ମନ୍ତ୍ରୀ, ପୂର୍ତ୍ତ, ଇସ୍ପାତ ଓ ଖଣି

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ଶଶିଭୂଷଣ ବେହେରା
ମାନ୍ୟବର ମନ୍ତ୍ରୀ, ଅର୍ଥ ଓ ଅବକାରୀ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ଲୋକସଭା ସାଂସଦ, କଟକ

ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ
ମାନ୍ୟବର ବିଧାୟକ, ବାଙ୍କୀ

ପୌରୋହିତ୍ୟ
ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର
ମାନ୍ୟବର ବିଧାୟକ, ବଡ଼ମ୍ବା

ଏହି ସମାରୋହରେ ବିପୁଳ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ।

ମୁଖ୍ୟଯନ୍ତ୍ରୀ (ବିଶ୍ୱବ୍ୟାଙ୍କ ପ୍ରକଳ୍ପ)
ଓଡ଼ିଶା, ଭୁବନେଶ୍ୱର



unicef

## UNICEF OFFICE RENOVATION

UNICEF requires interior designing/refurbishment of its Bhubaneswar office [approx. 7000sqft].

The Request for Expression of Interest has been posted on UNICEF India website and the link is given below **http://unicef.in/Jobs/10263/REQUEST-FOR-EXPRESSION-OF-INTEREST-Refurbishment-of-UNICEF-Odisha-Office-in-Bhubaneshwar.**

Interested persons may send their contact details to **Ms. Vasuki Selvaraj (svasuki@unicef.org)** and copy to **Mr. Kumar Chatterjee, Operations Officer (kchatterjee@unicef.org)** for receiving Request for Proposal [Tender papers]



ଭାରତ ସରକାର
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ
ଅଖିଳ ଭାରତୀୟ ଭୌତିକ ଚିକିତ୍ସା ଏବଂ ପୁନର୍ବାସ ସଂସ୍ଥାନ
ହାଜି ଅଲି ପାର୍କ, କେ.ଖାଡ୍ୟେ ମାର୍ଗ, ମହାଲକ୍ଷ୍ମୀ, ମୁମ୍ବାଇ - ୪୦୦ ୦୩୪

## ଭୌତିକ ଚିକିତ୍ସା ଏବଂ ପୁନର୍ବାସରେ ସ୍ନାତକୋତ୍ତର ପ୍ରମାଣପତ୍ର ପାଠ୍ୟକ୍ରମ

ଏମ୍‌ବିବିଏସ୍ ଡାକ୍ତରମାନଙ୍କ ପାଇଁ ଏକମାସ ଅବଧିର **ଭୌତିକ ଚିକିତ୍ସା ଏବଂ** ପୁନର୍ବାସରେ ସ୍ନାତକୋତ୍ତର ପ୍ରମାଣପତ୍ର ପାଠ୍ୟକ୍ରମରେ ନାମଲେଖା ପାଇଁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି। ବିବରଣୀ ପାଇଁ ସଂସ୍ଥାନର ୱେବ୍‌ସାଇଟ୍ **www.aiipmr.gov.in** ପରିଦର୍ଶନ କରନ୍ତୁ। davp 17134/11/0003/1819



**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 90/2018**

**Syndicate Bank, B.K. Road Branch,**
**B.K. Road, Town/Dist.: Cuttack ...Applicant**
**AND**
**M/s. Amma Bhagwan Fly Ash Bricks & others ...Defendants**
**To**

1. **M/s. Amma Bhagawan Fly Ash Bricks,** represented through its proprietor Smt. Anusaya Mohanty, W/o: Late Manas Ranjan Mohanty, At: Jagatpur, Cuttack. At present at: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.
2. **Smt. Anusaya Mohanty,** W/o: Late Manas Ranjan Mohanty, At: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.
3. **Ms. Rubaya Mohanty,** D/o: Late Manas Ranjan Mohanty, At: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.
4. **Sri Spandan Mohanty,** S/o: Late Manas Ranjan Mohanty, At: Gopabandhu Nagar, Chauliaganj, Post: Nayabazar, Town/Dist.: Cuttack, Pin-753004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 90/2018** in the Court of Debts Recovery Tribunal at Cuttack for a recovery of **Rs. 24,13,961.05** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **10th day of October, 2018 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **24th day of August 2018.**

**Sd/- Registrar**
**Debts Recovery Tribunal, Cuttack**



DICGC Since 1961
निक्षेप बीमा और प्रत्यय गारंटी निगम
ଡିପୋଜିଟ ଇନ୍‌ସ୍ୟୁରାନ୍‌ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ
(ଭାରତୀୟ ରିଜର୍ଭ ବ୍ୟାଙ୍କର ସମ୍ପୂର୍ଣ୍ଣ ସତ୍ତ୍ୱାଧିକୃତ ସହଯୋଗୀ ସଂସ୍ଥା)

## ଡିପୋଜିଟ ଇନ୍‌ସ୍ୟୁରାନ୍‌ସ ଆଣ୍ଡ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ ଦାବି ସମାଧାନ ବିଭାଗ

ଡିଆଇସିଜିସି ଅଧିନିୟମ, ୧୯୬୧ର ଧାରା ୧୭ ଏବଂ ୧୮ର ଅନୁସାରେ ଡିଆଇସିଜିସି ଲିକ୍ୟୁଡେଟରଙ୍କ ଦ୍ୱାରା ପ୍ରସ୍ତୁତ ଦାବି ଗୁଡ଼ିକର ପୁଷ୍ଟିକରଣ କରିଥାଏ। ଡିଆଇସିଜିସି ବର୍ତ୍ତମାନ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ପ୍ରମାଣିତ ଏବଂ ଲିକ୍ୟୁଡେଟରଙ୍କ ଠାରୁ ନାମାଙ୍କିତ ବ୍ୟାଙ୍କମାନଙ୍କ ମାଧ୍ୟମରେ ଗ୍ରହଣ କରାଯାଇଥିବା ଦାବି ଗୁଡ଼ିକର ପୁଷ୍ଟିକରଣ କରୁଛି। ଲିକ୍ୟୁଡେଟରଙ୍କ ଦ୍ୱାରା ଚିହ୍ନଟ ନହେବା / ଠାବ ନ ହେବା କାରଣରୁ ଡିଆଇସିଜିସି ଦ୍ୱାରା ପୁଷ୍ଟିକୃତ କିଛି ଦାବିର ଦେୟ ରାଶି ବର୍ତ୍ତମାନ ପର୍ଯ୍ୟନ୍ତ ବୀମାକୃତ ଜମାକର୍ତ୍ତାମାନଙ୍କୁ ପ୍ରଦାନ କରାଯାଇ ପାରିନାହିଁ। ଏଇ ପରିପ୍ରେକ୍ଷୀରେ ଏହା ଜଣାଇ ଦିଆଯାଉଛି ଯେ ୨୦୦୭ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପୂର୍ବରୁ ଲିକ୍ୟୁଡେଟ ହୋଇଥିବା ବ୍ୟାଙ୍କମାନଙ୍କର ଲିକ୍ୟୁଡେଟର ମାନଙ୍କୁ ଏଇଭଳି ଜମାକର୍ତ୍ତା ମାନଙ୍କ ସହ ଯୋଗାଯୋଗ କରି ୨୦୧୮ ମସିହା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବାକୀ ଥିବା ସେମାନଙ୍କର ଦାବି ଗୁଡ଼ିକୁ ଡିଆସିଜିସିର ନିୟମ ଅନୁଯାୟୀ ପ୍ରସ୍ତୁତ କରିବା ପାଇଁ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ଜରିଆରେ ସୂଚନା ଜାରି କରାଯାଇଛି। ଏଇଭଳି ଅଚିହ୍ନଟ / ଅଠାବ୍ୟ ଜମାକର୍ତ୍ତାଙ୍କ ଦେୟ ପାଇଁ କରାଯାଇଥିବା ବ୍ୟବସ୍ଥା (ଯାହାକି ବ୍ୟାଙ୍କ ଲିକ୍ୟୁଡେସନ ପରେ ୧୦ ବର୍ଷରୁ ଅଧିକ ସମୟ ଧରି ରହିଛି) ଡିଆଇସିଜିସିର ବାଲାନ୍‌ସ ସିଟ୍‌ରୁ ସେଇ ତାରିଖ ପରେ ପ୍ରତ୍ୟାବର୍ତ୍ତିତ ହୋଇଯିବାର ବିବେଚନା କରାଯିବ।

**ଭି ଜି ଭେଙ୍କଟ ଚଲପତି**
**ମହାପ୍ରବନ୍ଧକ**

| ଆଇଏନଏସଟି କୋଡ଼ | ବ୍ୟାଙ୍କର ନାମ |
|---|---|
| ୦୨୨ | ଭଞ୍ଜନଗର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିମିଟେଡ୍ (ଡ଼ିଆରଜିଡ଼ି) |

"ଆପଣଙ୍କୁ ଅର୍ଥ ପ୍ରତିଶ୍ରୁତି ପ୍ରଦାନ କରାଯାଉଥିବା ଇ-ମେଲ୍/ଏସଏମଏସ/କଲ୍ ଦ୍ୱାରା ଠକାମିରେ ପଡ଼ନ୍ତୁ ନାହିଁ"


See Career Appointment on every Wednesday & Saturday


## ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-

ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ଼ ଗୁଡ଼ିକରେ ପ୍ରଶିକ୍ଷଣ ଦିଆଯାଉଛି।

**(1) Food & Beverage Service (2) Food Production (3) Housekeeping Utility**

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ। କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ।

ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୬୫୭୦୯୭୦୮୦)

ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୭୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦

**STATE INSTITUTE OF HOTEL MANAGEMENT, BALANGIR**
**(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)**
**e-mail: principal@sihmbalangir.org website: www.sihmbalangir.org**



ଭାଗ୍ୟଚକ୍ର ଅନବରତ ତଳ ଉପର ହୋଇ ଘୂରୁଛି। କେମିତି ଜଣେ କହିବ ଯେ, ପରମୁହୂର୍ତ୍ତରେ ମୁଁ ଉପରେ ଥିବି।
- କନ୍‌ଫୁସିୟସ୍



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଆଇସିଏସ୍‌ଆଇ ପକ୍ଷରୁ ଦକ୍ଷତା ବିକାଶ ଉପରେ ସ୍ୱତନ୍ତ୍ର ଅଧିବେଶନ, ହୋଟେଲ ମେଫେୟାର, ସକାଳ ୯ଟା।
- ୱାର୍ଡ ନଂ. ୩୫ ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ, ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ, ୟୁନିଟ୍-୯, ସକାଳ ୯ଟା ୩୦।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ନାଗରିକ ସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ପ୍ରଦର୍ଶନୀ 'ସିଲ୍‌କ ଇଣ୍ଡିଆ-୨୦୧୮', ଦି ନ୍ୟୁ ମାରିୟନ, ପୂର୍ବାହ୍ନ ୧୦ଟା ୩୦।।
- ସଦ୍‌ଗୁରୁ ସାଇନାଥ ମହାରାଜଙ୍କ ବାର୍ଷିକ ମହୋତ୍ସବର ଅଙ୍କୁରାରୋପଣ, ନୀଳାଦ୍ରି ବିହାର ଶ୍ରୀଶିରିଡ଼ି ସାଇ କୁଟୀର, ପୂର୍ବାହ୍ନ ୧୧ଟା।
- ଚିତ୍ରକଳା ପ୍ରଦର୍ଶନୀ 'ସାଥ୍-ସାଥ୍', ଗ୍ୟାଲେରି ପରିସର, ପୂର୍ବାହ୍ନ ୧୧ଟା ୩୦।
- ପ୍ରଭାକର ସାମନ୍ତରାୟଙ୍କ ଲିଖିତ ପୁସ୍ତକ 'ମ୍ୟାଥ୍ ମ୍ୟାଜିକ୍' ଉନ୍ମୋଚନ, ବୁଦ୍ଧ ମନ୍ଦିର, ମଧ୍ୟାହ୍ନ ୧୨ଟା।
- ବିଜେବି କଲେଜ ଏମ୍‌ଜେଏମ୍‌ସି ବିଭାଗ ପକ୍ଷରୁ ଓରିଏଣ୍ଟେସନ ପ୍ରୋଗ୍ରାମ, କଲେଜ ପରିସର, ହଲ୍ ନଂ. ୧୦୨, ଅପରାହ୍ନ ୧ଟା।
- କମ୍ରେଡ୍ ବନମାଳୀ ଦାସଙ୍କ ଜନ୍ମ ଶତବାର୍ଷିକୀ ସଭା, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା।
- ୧୦ମ କଟନଫାବ୍-୨୦୧୮ର ଉଦ୍‌ଘାଟନୀ ଉତ୍ସବ, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୪ଟା ୩୦।
- ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଉତ୍କଳ ଅଡିଟୋରିୟମ୍, ଅପରାହ୍ନ ୫ଟା ୩୦।
- କାଳୀପ୍ରସାଦ ସାମନ୍ତରାୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀ ସଭାଗୃହ, ଜଗନ୍ନାଥ ନଗର, ଝାରପଡ଼ା, ସନ୍ଧ୍ୟା ୬ଟା।
- ଶୈଳବାଳା ମୋସନ ପିକ୍‌ଚର୍ସ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ଏବଂ ଅର୍ପଣର ମିଳିତ ଆନୁକୂଲ୍ୟରେ ନାଟକ 'ପ୍ରେମ ଗଳ୍ପ', ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- ଭାଜପା, କଟକ ନଗର ଜିଲା ପକ୍ଷରୁ କଳା ଦିବସ ପାଳନ, ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଜନଗଣଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ସିଏମ୍‌ସି ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳନ, ଶହୀଦ ଭବନ, ସନ୍ଧ୍ୟା ୬ଟା।
- 'ଶିକ୍ଷା ଓ ସାମାଜିକ ନ୍ୟାୟ' ଶୀର୍ଷକ ଆଲୋଚନାଚକ୍ର, ମୈତ୍ରୀ ସରଣୀ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ କର୍ମଶାଳା, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ୩୦।
- ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ, ପୌରସଂସ୍ଥା କାର୍ଯ୍ୟାଳୟ ପରିସର, ସକାଳ ୬ଟା ୩୦।

### ନିମାପଡ଼ା

- ନିମାପଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳନ ଏବଂ ନୂତନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ ସମାରୋହ, କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଡ. ମନମୋହନ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ଓ ପାଠଚକ୍ର ସମ୍ମିଳନୀ, ଅମଳାପଡ଼ା ଗ୍ରୀନ୍‌ଲାଣ୍ଡ ମଣ୍ଡପ, ଅପରାହ୍ନ ୪ଟା।

## ହତ୍ୟା ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ

# ଥାନା ହାଜତରେ ତଣ୍ଟି କାଟିଲେ

**ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ**

**ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି**

ଟାଙ୍ଗୀ(କଟକ), ୩୦।୮(ଡି.ଏନ୍.ଏ)

କଟକ ଜିଲା ଟାଙ୍ଗୀ ଥାନା ହାଜତରେ ଜଣେ ହତ୍ୟା ଅଭିଯୁକ୍ତ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଗୋବିନ୍ଦପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ବଳରାମ ନାୟକ। ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ତାଙ୍କୁ ବୁଧବାର ଗିରଫ କରିଥିଲା। ତେବେ ବଳରାମ ଥାନା ହାଜତ ଭିତରେ ଥିବା ବେଳେ ବ୍ଲେଡରେ ନିଜ ତଣ୍ଟି ଓ ହାତର ଧମନୀକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଥିବାବେଳେ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହାଜତ ଭିତରେ ବଳରାମ କେଉଁଠୁ ବ୍ଲେଡ ପାଇଲେ। ଯଦି ବଳାରାମଙ୍କ ପାଖରେ ବ୍ଲେଡ ଥିଲା ତେବେ ହାଜତ ଭିତରେ ଭର୍ତ୍ତି କରିବା ପୂର୍ବରୁ ପୋଲିସ କିଭଳି ଜାଣିପାରିଲା ନାହିଁ। ନିକଟରେ କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ପୋଲିସ ହେପାଜତରେ ଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାକୁ ନେଇ ପୂରା ପୋଲିସ ବିଭାଗ ବଦନାମ ମୁଣ୍ଡାଇଛି। ଏବେ ଟାଙ୍ଗୀ ଥାନା ଘଟଣା ପୋଲିସ ହେପାଜତରେ ଅଭିଯୁକ୍ତମାନେ ସୁରକ୍ଷିତ ନ ଥିବା ସ୍ପଷ୍ଟ ହୋଇଛି।

ପ୍ରକାଶ ଥାଉକି, ଗତ ସୋମବାର ବିଳମ୍ବିତ ରାତିରେ ବଳରାମ ତାଙ୍କ ସ୍ତ୍ରୀ ଦମୟନ୍ତୀଙ୍କ ମୁଣ୍ଡକୁ ଶିଳପୁଆରେ ଛେଚି ହତ୍ୟା କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିଲା। ମୃତା ଦମୟନ୍ତୀଙ୍କ ସାନଭାଇ ମାନସ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ ୧୬୦/୧୮) ରୁଜୁ କରିଛି। ଏଥିସହ ବଳରାମ ଓ ଭଡ଼ା ଘରର ମାଲିକ ମଦନ ନାୟକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ତେବେ ଘର ମାଲିକ ମଦନଙ୍କୁ ପୋଲିସ ଛାଡି ଦେଇଥିବାବେଳେ ବଳରାମଙ୍କ ବିରୋଧରେ ହତ୍ୟା ଅଭିଯୋଗର ସମସ୍ତ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିବାକୁ ସମସ୍ତ କାଗଜପତ୍ର ସହିତ ମେଡିକାଲ ପରୀକ୍ଷା ମଧ୍ୟ ସାରିଥିଲା।

ତେବେ ଘଟଣା ସମ୍ପର୍କରେ ଥାନା ଅଧିକାରୀ ବିମଳ କୁମାର ବାରିକ କୁହନ୍ତି, ବଳରାମଙ୍କୁ ମେଡିକାଲ ଟେଷ୍ଟ କରିବା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରୁ ସେ ବ୍ଲେଡ ସଂଗ୍ରହ କରିଥିବା ଅନୁମାନ କରାଯାଉଛି। ଉକ୍ତ ବ୍ଲେଡ୍‌କୁ ସେ ନିଜ ପାଖରେ ଲୁଚାଇ ରଖି ହାଜତ ଭିତରେ ଏଭଳି କାଣ୍ଡ ଘଟାଇଛନ୍ତି। ବଳରାମ ଏବେ ଏସ୍‌ସିବି ମେଡିକାଲର ଇନ୍‌ଟି ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁବ୍ରତ କୁମାର ବେହେରା କହିଛନ୍ତି।

## ବାଇକ୍ ପଛକୁ ଧକ୍କା ଦେଲା କାର, ୩ ଗୁରୁତର

ଭୁବନେଶ୍ୱର, ୩୦।୮(ବ୍ୟୁରୋ): ନୟାପଲ୍ଲୀ ଥାନା ସାଣ୍ଡିସ୍‌ଟାୱାର ଛକ ନିକଟରେ ଏକ ବାଇକ୍‌କୁ ପଛପଟୁ ଗୋଟିଏ କାର୍ ଧକ୍କା ଦେବାରୁ ୩ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବାଇକ ଆରୋହୀ ନାଲକୋ ଛକରୁ ଜୟଦେବିହାର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ପିସିଆର ଭ୍ୟାନ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ପୋଲିସ ୨ଟି ଗାଡିକୁ ଜବତ କରି ତଦନ୍ତ କରୁଛି।


**ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୧୮ ପାଳନ ଅବସରରେ କଟକ ମହାନଗର ନିଗମ ଅଞ୍ଚଳରେ ନିମ୍ନଲିଖିତ ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ।**

**ବାରବାଟୀ କଟକ**

| କ୍ର. ନଂ. | ସମୟ | ପ୍ରକଳ୍ପର ନାମ | ଭିତ୍ତିପ୍ରସ୍ତର/ ଶୁଭ ଉଦ୍‌ଘାଟନ |
|---|---|---|---|
| ୧ | ପୂ. ୧୦.୦୦ ଘ. | ହରିପୁର ଜଳାଶୟର ପୁନରୁଦ୍ଧାର, ହରିପୁର, ୱାର୍ଡ଼ ନଂ.-୨୪ | ଶୁଭ ଉଦ୍‌ଘାଟନ |
| ୨ | ପୂ. ୧୦.୨୦ ଘ. | ଶିଶୁ ଭବନ ଶୌଚାଳୟ କାର୍ଯ୍ୟ, ୱାର୍ଡ଼ ନଂ.- ୧୧ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୩ | ପୂ. ୧୦.୩୦ ଘ. | ହାଇମାଷ୍ଟ ଲାଇଟ, ବେଲ୍‌ଭ୍ୟୁ ଛକ, ୱାର୍ଡ଼ ନଂ.- ୧୧ | ଶୁଭ ଉଦ୍‌ଘାଟନ |
| ୪ | ପୂ. ୧୦.୩୫ ଘ. | କ୍ଲକ ଟାୱାର, ବେଲ୍‌ଭ୍ୟୁ ଛକ, ୱାର୍ଡ଼ ନଂ.-୧୧ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୫ | ପୂ. ୧୦.୪୦ ଘ. | ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ମାର୍ଗ, ବେଲଭ୍ୟୁ ଛକ | ଉନ୍ମୋଚନ |
| ୬ | ପୂ. ୧୦.୫୫ ଘ. | କାଠଯୋଡ଼ି ବିହାର ଶୌଚାଳୟ, ୱାର୍ଡ଼ ନଂ.- ୦୪ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୭ | ପୂ. ୧୧.୧୦ ଘ. | ବ୍ରଜବିହାରୀପୁର ଶୌଚାଳୟ, ୱାର୍ଡ଼ ନଂ. - ୦୩ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୮ | ପୂ. ୧୧.୨୦ ଘ. | ସତୀଚୌରା ମାର୍କେଟ କମ୍ପଲେକ୍ସ, ୱାର୍ଡ଼ ନଂ. - ୦୬ | ଶୁଭ ଉଦ୍‌ଘାଟନ |
| ୯ | ପୂ. ୧୧.୩୦ ଘ. | ପ୍ରୋଜେକ୍ଟ ସମ୍ମାନ ଶୌଚାଳୟ, ହରିଣ ପାର୍କ, ୱାର୍ଡ଼ ନଂ. - ୧୬ | ଶୁଭ ଉଦ୍‌ଘାଟନ |
| ୧୦ | ପୂ. ୧୧.୪୦ ଘ. | ଆମ ଶୌଚାଳୟ, ସିଦ୍ଧେଶ୍ୱରସାହି, ୱାର୍ଡ଼ ନଂ.- ୧୦ | ଶୁଭ ଉଦ୍‌ଘାଟନ |
| ୧୧ | ପୂ. ୧୧.୫୦ ଘ. | ଶୌଚାଳୟ, ଥୋରିଆ ସାହି, ୱାର୍ଡ଼ ନଂ.- ୨୫ | ଭିତ୍ତି-ପ୍ରସ୍ତର ସ୍ଥାପନ |

**ଚୌଦ୍ୱାର କଟକ**

| କ୍ର. ନଂ. | ସମୟ | ପ୍ରକଳ୍ପର ନାମ | ଭିତ୍ତିପ୍ରସ୍ତର/ ଶୁଭ ଉଦ୍‌ଘାଟନ |
|---|---|---|---|
| ୧ | ଅ. ୧୨.୧୦ ଘ. | ଯନ୍ତ୍ରୀ ବିଭାଗ ଦ୍ୱିତୀୟ ମହଲା, ବିକାଶ ଭବନ, ୱାର୍ଡ଼ ନଂ.- ୪୪ | ଶୁଭ ଉଦ୍‌ଘାଟନ |
| ୨ | ଅ. ୧୨.୩୦ ଘ. | ଆମ ଶୌଚାଳୟ, ମଙ୍ଗଳା ମନ୍ଦିର, ଖାନ୍‌ନଗର, ୱାର୍ଡ଼ ନଂ.- ୪୫ | ଶୁଭ ଉଦ୍‌ଘାଟନ |
| ୩ | ଅ. ୧୨.୨୦ ଘ. | ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗୋଷ୍ଠୀ ଗୃହ, ଖାନ୍‌ନଗର, ୱାର୍ଡ଼ ନଂ.- ୪୫ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୪ | ଅ. ୧୨.୪୦ ଘ. | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ଚାଉଳିଆଗଞ୍ଜ ମଠସାହି, ୱାର୍ଡ଼ ନଂ.-୪୨ | ଶୁଭ ଉଦ୍‌ଘାଟନ |
| ୫ | ଅ. ୨.୨୦ ଘ. | ପୋଡାପୋଖରୀ ମାର୍କେଟ କମ୍ପଲେକ୍ସର ପ୍ରଥମ ମହଲା, ୱାର୍ଡ଼ ନଂ.- ୪୩ | ଶୁଭ ଉଦ୍‌ଘାଟନ |
| ୬ | ଅ. ୧.୪୦ ଘ. | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ଯୋବ୍ରା ମଲ୍ଲା ସାହି, ୱାର୍ଡ଼ ନଂ.- ୪୧ | ଶୁଭ ଉଦ୍‌ଘାଟନ |
| ୭ | ଅ. ୧.୩୦ ଘ. | ଶୌଚାଳୟ, ଟିଣପିଟା ସାହି, ୱାର୍ଡ଼ ନଂ.- ୪୧ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୮ | ଅ. ୧୨.୫୦ ଘ. | ଶୌଚାଳୟ, ମାଲଗୋଦାମ, ବେହେରା ସାହି, ୱାର୍ଡ଼ ନଂ.- ୩୮ | ଭିତ୍ତି-ପ୍ରସ୍ତର ସ୍ଥାପନ |
| ୯ | ଅ. ୧.୨୦ ଘ. | ଆମ ଶୌଚାଳୟ, ଛତ୍ର ବଜାର, ୱାର୍ଡ଼ ନଂ.- ୩୧ | ଶୁଭ ଉଦ୍‌ଘାଟନ |
| ୧୦ | ଅ. ୧.୧୦ ଘ. | ଅର୍ଗାନିକ ୱେଷ୍ଟ କନଭେନ୍‌ଟର୍, ଛତ୍ର ବଜାର, ୱାର୍ଡ଼ ନଂ.- ୩୧ | ଶୁଭ ଉଦ୍‌ଘାଟନ |
| ୧୧ | ଅ. ୧.୦୦ ଘ. | ମହିଳା ଶୌଚାଳୟ, ଛତ୍ର ବଜାର, ୱାର୍ଡ଼ ନଂ.- ୩୬ | ଶୁଭ ଉଦ୍‌ଘାଟନ |
| ୧୨ | ଅ. ୨.୧୦ ଘ. | ଅଙ୍ଗନୱାଡ଼ି କେନ୍ଦ୍ର, ଲକ୍ଷ୍ମଣପୁର, ଜଗତପୁର, ୱାର୍ଡ଼ ନଂ.- ୪୮ | ଶୁଭ ଉଦ୍‌ଘାଟନ |
| ୧୩ | | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ନିମପୁର, ଶବରସାହି, ୱାର୍ଡ଼ ନଂ.- ୪୮ | ଶୁଭ ଉଦ୍‌ଘାଟନ |
| ୧୪ | ଅ. ୨.୦୦ ଘ. | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ଲକ୍ଷ୍ମଣପୁର, ହରିଜନ ସାହି, ୱାର୍ଡ଼ ନଂ.-୪୮ | ଶୁଭ ଉଦ୍‌ଘାଟନ |
| ୧୫ | ଅ. ୧.୫୦ ଘ. | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ଶାନ୍ତି ନଗର, ୱାର୍ଡ଼ ନଂ.- ୪୮ | ଶୁଭ ଉଦ୍‌ଘାଟନ |

**ସଦର କଟକ**

| କ୍ର. ନଂ. | ସମୟ | ପ୍ରକଳ୍ପର ନାମ | ଭିତ୍ତିପ୍ରସ୍ତର/ ଶୁଭ ଉଦ୍‌ଘାଟନ |
|---|---|---|---|
| ୧ | | ଅଙ୍ଗନୱାଡ଼ି କେନ୍ଦ୍ର, କାଚେରାମାଳ, ୱାର୍ଡ଼ ନଂ.- ୫୯ | ଶୁଭ ଉଦ୍‌ଘାଟନ |
| ୨ | | ବିଜୁ ପଟ୍ଟନାୟକ ପାଠାଗାର, ଗାନ୍ଧୀସ୍ମୃତି ପୀଠ, ୱାର୍ଡ଼ ନଂ.-୫୯ | ଶୁଭ ଉଦ୍‌ଘାଟନ |
| ୩ | | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ଇନ୍ଦିରା କଲୋନୀ, ୱାର୍ଡ଼ ନଂ.-୫୯ | ଶୁଭ ଉଦ୍‌ଘାଟନ |
| ୪ | | ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ବମ୍ପକୁଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୱାର୍ଡ଼ ନଂ.-୫୯ | ଶୁଭ ଉଦ୍‌ଘାଟନ |
| ୫ | | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ସୁଭଦ୍ରାପୁର, ୱାର୍ଡ଼ ନଂ.- ୫୬ | ଶୁଭ ଉଦ୍‌ଘାଟନ |
| ୬ | | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ଅମାଣିଆ ପାଟଣା, ୱାର୍ଡ଼ ନଂ.- ୫୬ | ଶୁଭ ଉଦ୍‌ଘାଟନ |
| ୭ | | ପ୍ରୋଜେକ୍ଟ ସମ୍ମାନ ଗୋଷ୍ଠୀ ଶୌଚାଳୟ, ମଙ୍ଗଳାମନ୍ଦିର, ନୂଆପଡ଼ା, ୱାର୍ଡ଼ ନଂ.- ୫୧ | ଶୁଭ ଉଦ୍‌ଘାଟନ |

ବି.ଦ୍ର.: ପୂ.: ପୂର୍ବାହ୍ନ, ମ.: ମଧ୍ୟାହ୍ନ, ଅ.: ଅପରାହ୍ନ

କମିଶନର, କଟକ ମହାନଗର ନିଗମ
ଡେପୁଟି ମେୟର, କଟକ ମହାନଗର ନିଗମ
ମେୟର, କଟକ ମହାନଗର ନିଗମ



10th A grand Exhibition of Cotton & Silk
**Cottonfab-2018**
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing



Inauguration by :
Dr. (Prof.) Prasanna Kumar Patasani
Hon'ble Member of Parliament,
Lok Sabha Bhubaneswar
On 31st August 2018 at 4.30 PM



BROUGHT TO YOU
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ODISHA Sambhalpuri Ikkat, Bomkai. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery ALSO AVAILABLE :- Hyderabadi Real Pearl, Rajasthan Stone Polki, Mumbai & Delhi Artificial Jewellers. & Bedcovers, Bedsheets, Curtains, Export Handloom Darri, Rughs, Runner Etc.

All Debit/Credit Cards Accepted

Gate No. 3, Exhibition Ground,
Unit-III, Kharvela Nagar, Bhubaneswar
31st Aug. - 02 Oct. 2018 Time: 10.30 AM To 9.00 PM

REGD BY:- Ministry of Textiles, Govt. of India, ORGANISED BY :- Awadh Hathkargha Hastshilp Evam Gramodyog Samiti, Lucknow
Contact No.09235602388, Email: cottonfabexpo@gmail.com,cottonfabexpo.com


# CLASSIFIED DISPLAY


**EARN IN DOLLARS**
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

**Reliance RETAIL — DISTRIBUTOR REQUIRED**
TOWN/AREA
Bhubaneswar, Cuttack, Jagatsinghpur, Paradeep, Jaraka, Panikoili, Bhadrak, Balasore, Baripada, Jajpur Town, Jajpur Road, Anandpur, Karanjia, Rairangpur, Barbil, Keonjhar, Dhenkanal, Angul, Talcher, Nayagarh, Dasapalla, Balugaon, Berhampur, Aska, Puri.
FMCG PRODUCTS,
RSD ENTERPRISES
8917639232/ 9778918827

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

**Aren't Ready Till Now !** Limited Seats
JOIN
PANCHASAKHA ACADEMY
for
Hurry Up
IAS - Prelim-cum-Mains
OAS - One Month Crash Course Start- Sept. 15th
'Your Success is our Guarantee'
6370981054, 8457099246
L-280, Baramunda HB Colony, Bhubaneswar
www.panchasakha.com

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

**ଅଶ୍ୱିନୀ ଜଏଣ୍ଟ ରିପ୍ଲେସ୍‌ମେଣ୍ଟ କ୍ଲିନିକ୍**



ଯେଉଁମାନେ ଆଣ୍ଠୁଗଣ୍ଠି ବାତରେ ଦୀର୍ଘଦିନ ଧରି ପୀଡ଼ିତ ରହି ଔଷଧ ସେବନ କରିବା ପରେ ମଧ ଭଲ ହେଉନାହାନ୍ତି ସେମାନଙ୍କ ଲାଗି ଆଣ୍ଠୁ ପ୍ରତିରୋପଣ (ନି ରିପ୍ଲେସ୍‌ମେଣ୍ଟ) ର ଆବଶ୍ୟକତା ରହିଛି। ଅଶ୍ୱିନୀ ହସ୍ପିଟାଲ୍‌ରେ ମୁମ୍ବାଇରୁ ସୁନାମଧନ୍ୟ ଡ଼ାକ୍ତର ମାନେ ଆସି ଏଭଳି ସର୍ଜରୀ ସୁଲଭ ମୂଲ୍ୟରେ କରାଉଛନ୍ତି। ଆପଣ ଏଭଳି ରୋଗରେ ପୀଡ଼ିତ କି ? ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ ପାଇଁ ଯୋଗାଯୋଗ କରନ୍ତୁ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**ALL LEADING FOOTWEAR BRANDS**
LIBERTY, Lee Cooper, RED CHIEF, WOODLAND, Hitz, inblu, DUKE, Tracer, Helios, SOLETHREADS, NEOZ italia, iD
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୧ ଅଗଷ୍ଟ, ୨୦୧୮



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହା ହିଁ ସବୁଠାରୁ ଯନ୍ତ୍ରଣାଦାୟକ।
– ବେନ୍ ଜନସନ



## ସଂକ୍ଷେପରେ

### ଭୁବନେଶ୍ୱର ବାର୍‌ର କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ):** ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିବା ଘଟଣା ପ୍ରତିବାଦରେ ହାଇକୋର୍ଟ ବାର ଆସୋସିଏଶନର ବନ୍ଦ ଡାକରାକୁ ସମର୍ଥନ କରି ଭୁବନେଶ୍ୱର ବାର ଆସୋସିଏଶନ ପକ୍ଷରୁ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଆସୋସିଏଶନ ସଭାପତି ଦୁର୍ଗାମାଧବ ମିଶ୍ରଙ୍କ ନେତୃତ୍ୱରେ ଆଇନଜୀବୀମାନେ ବ୍ୟାନର ଧରି କୋର୍ଟ ମଧ୍ୟରୁ ଏକ ରାଲିରେ ବାହାରି ବିଜେବି କଲେଜ ସମ୍ମୁଖ ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଠପ୍ ହୋଇଯାଇଥିଲା। ସଂଘ ସମ୍ପାଦକ ଅଞ୍ଜନ କୁମାର ସାମନ୍ତରାୟ, ଉପସଭାପତି ଅଶୋକ କୁମାର ବେହେରା, ସହ ସମ୍ପାଦକ ଭାଗ୍ୟବତୀ ରାଉରାୟଙ୍କ ସମେତ ଏକାଧିକ ଆଇନଜୀବୀ ଏଥିରେ ସାମିଲ ହୋଇଥିଲେ।

### ଆଜି ସ୍ୱାୟତ୍ତ ଶାସନ ଦିବସ
### ନିରାଡ଼ମ୍ବରରେ ପାଳିବ ବିଏମସି

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ):** ଶୁକ୍ରବାର ସ୍ୱାୟତ୍ତ ଶାସନ ଦିବସ। ଏହି ଦିବସକୁ ପ୍ରତିବର୍ଷ ବିଏମ୍‌ସି ମହାଆଡମ୍ବରରେ ପାଳନ କରୁଥିଲା। ହେଲେ ଚଳିତବର୍ଷ ନିରାଡ଼ମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଅତ୍ୟଧିକ ବର୍ଷା ଏବଂ ବନ୍ୟାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ହୋଇଥିବା କର୍ପୋରେଶନ ବୈଠକରେ କୁହାଯାଇଛି। ଏହି ଅବସରରେ ସକାଳ ସାଢ଼େ ୮ଟାରେ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟାରେ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍‌ସି ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି। ଅନ୍ୟପଟେ ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଦିବସରେ ୬୭ ୱାର୍ଡ ବାସିନ୍ଦାଙ୍କ ପାଇଁ ବିଏମ୍‌ସି କିଛି ନା କିଛି ପ୍ରକଳ୍ପ ଶୁଭାରମ୍ଭ କରିଥାଏ। ଏହାକୁ ୨ରୁ ୩ ବର୍ଷ ଭିତରେ ସାରିଥାଏ। ପୂର୍ବବର୍ଷ ବିଏମ୍‌ସି ସ୍ୱାୟତ୍ତ ଶାସନ ଦିବସରେ ୫୭ରୁ ଅଧିକ ପ୍ରକଳ୍ପ ସହରବାସୀଙ୍କୁ ଭେଟି ଦେଇଥିଲା। ହେଲେ ଚଳିତ ବର୍ଷ ଗୋଟିଏ ହେଲେ ପ୍ରକଳ୍ପ ନାହିଁ। ଗତବର୍ଷ ଆରମ୍ଭ କରାଯାଇଥିବା ପ୍ରକଳ୍ପ ମଧ୍ୟରୁ ଏକତୃତୀୟାଂଶ ସମ୍ପୂର୍ଣ୍ଣ ହୋଇନି। ମେୟର ଅନନ୍ତ ନାରାୟଣ ଜେନା କର୍ପୋରେଶନ ବୈଠକରେ କହିଥିଲେ, ଗତବର୍ଷର ଯେଉଁ ପ୍ରକଳ୍ପ ଶେଷ ହୋଇନି, ଚଳିତବର୍ଷ ସେଗୁଡିକୁ ସମ୍ପୂର୍ଣ୍ଣ କରାଯିବ। ଆଉ ଅଧିକ କିଛି ନୂଆ ପ୍ରକଳ୍ପ କରିବାକୁ ମନେ କଲୁନାହିଁ।

### ନିଯୁକ୍ତି ଦାବିରେ ଧାରଣା

**ବାରଙ୍ଗ, ୩୦।୮ (ଡି.ଏନ୍.ଏ.):** ଚନ୍ଦକା ଥାନା ଅଧୀନ କଣ୍ଟାବାଡ଼ ପଞ୍ଚାୟତର ଗୋଡ଼ିବାରିଠାରେ ଥିବା ଦୁଇ କମ୍ପାନୀ ଗୋଦାମରେ ନିଯୁକ୍ତି ଦାବି କରି ଗୁରୁବାର କଣ୍ଟାବାଡ଼ ନେତାଜୀ ଯୁବକ ସଂଘ ପକ୍ଷରୁ ଗୋଦାମ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଶହେରୁ ଊର୍ଦ୍ଧ୍ୱ ଯୁବକ ଗୋଦାମ ସମ୍ମୁଖରେ ଧାରଣାରେ ବସିରହିବାରୁ ଗୋଦାମ କାମ ବନ୍ଦ ରହିଥିଲା। ଗ୍ରାମର ସୁକାନ୍ତ ବାଘସିଂ, ରଜତ ଲେଙ୍କା, ସୁଶାନ୍ତ କୁମାର ଜେନା, ଅମିତ କୁମାର ଜେନା ପ୍ରମୁଖଙ୍କ ନେତୃତ୍ୱରେ ସଂଘର ଶହେରୁ ଊର୍ଦ୍ଧ୍ୱ ଯୁବକ ଏଥିରେ ସାମିଲ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଗୋଦାମ ମାଲିକଙ୍କ ସହ ଏ ନେଇ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

# ଲୁଟ୍ ପାଇଁ ଘରେ ପଶି ବୃଦ୍ଧାଙ୍କୁ ହତ୍ୟା

**ବାଲିଅନ୍ତା, ୩୦।୮ (ଡି.ଏନ୍.ଏ.)**

## ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ବଙ୍ଗୁଆରି ସାହାବାଜ୍ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ଘରେ ଏକୁଟିଆ ରହୁଥିବା ମନୋରମା ପଣ୍ଡା(୬୩) ନାମ୍ନୀ ବିଧବା ବୃଦ୍ଧାଙ୍କୁ ଦୁର୍ବୃତ୍ତମାନେ ତଣ୍ଟିଚିପି ହତ୍ୟା କରିଛନ୍ତି। ମନୋରମାଙ୍କୁ ହତ୍ୟା କରିବା ପରେ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସେମାନେ ଲୁଟି ନେଇଛନ୍ତି। ଖବର ପାଇ ପୋଲିସ ଗୁରୁବାର ଅପରାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଘର ଚଟାଣରେ ପଡ଼ିଥିବା ମନୋରମାଙ୍କ ମୃତଦେହକୁ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ମନୋରମାଙ୍କ ଘର ବଙ୍ଗୁଆରି ସାହାବାଜ୍ ଗ୍ରାମରେ। ୮ମାସ ତଳେ ସ୍ୱାମୀ ପରକ୍ଷିତ ପଣ୍ଡାଙ୍କ ମୃତ୍ୟୁ ପରେ ସେ ଘରେ ଏକୁଟିଆ ରହୁଥିଲେ। ଘରର ଉପର ମହଲା ନିର୍ମାଣ ପାଇଁ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଜଣେ ମିସ୍ତ୍ରି ଆସି ଜଣେ ମହିଳାଙ୍କ ସହିତ ରହୁଥିଲେ। ହେଲେ ଗତ ୮ଦିନ ହେବ ସେ ନିଜ ଗାଁକୁ ପଳାଇଥିଲେ। ତେଣୁ ମନୋରମା ୬ଦିନ ହେବ ନଖରାରେ ଥିବା ସାନଝିଅ ଘରେ ଯାଇ ରହୁଥିଲେ। ତେବେ ବୁଧବାର ସନ୍ଧ୍ୟାରେ ଜ୍ୱାଇଁ ସୁଶାନ୍ତ ରଥ ଶାଶୁ ମନୋରମାଙ୍କୁ ଆଣି ସାହାବାଜ୍ ଗ୍ରାମରେ ଛାଡ଼ିଥିଲେ। ପରେ ରାତି ୮ଟାରେ ଖାଦ୍ୟ ଆଣି ଦେଇ ସୁଶାନ୍ତ ନିଜ ଘରକୁ ପଳାଇଥିଲେ। ଜ୍ୱାଇଁ ପଳାଇଯିବା ପରେ ମନୋରମା ଘରର ମୁଖ୍ୟଦ୍ୱାର ଗ୍ରୀଲ୍ ତାଲା ଦେଇ ଶୋଇବାକୁ ଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ତାଙ୍କ ଘରେ ପଶିଥିଲେ। ଉପର ମହଲା ଛାତ ନିର୍ମାଣ ପାଇଁ ହୋଇଥିବା ପଟା ଶିଡି ବାଟ ଦେଇ ସେମାନେ ଘର ଭିତରକୁ ପ୍ରବେଶ କରିଥିଲେ। ମନୋରମା ଶୋଇଥିବା ରୁମ୍‌ରେ ପଶି ଲୁଟ୍ ଉଦ୍ୟମ କରିଥିଲେ। ଏହା ଜାଣିପାରି ମନୋରମା ବିରୋଧ କରିବାରୁ ଦୁର୍ବୃତ୍ତମାନଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଦୁର୍ବୃତ୍ତମାନେ ଏକ ରଡ୍‌ରେ ମନୋରମାଙ୍କ ମୁହଁକୁ ଶକ୍ତ ଆଘାତ କରିଥିଲେ। ପରେ ତାଙ୍କୁ ମାଡ଼ ମାରି ୨ପଟ ସୁନା ବାହୁଟି, ସୁନାଚେନ୍ ଓ ଆଲମିରାରେ ଥିବା ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ପରେ ସେମାନେ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଗୁରୁବାର ଅପରାହ୍ନ ୨ଟାରେ ମନୋରମାଙ୍କ ଜଣେ ସମ୍ପର୍କୀୟ ଖାଇବାକୁ ଦେବା ପାଇଁ ଆସିଥିଲେ। ସେ ଘର କବାଟ ବାଡ଼େଇଥିଲେ ମଧ୍ୟ ମନୋରମା ଉଠି ନ ଥିଲେ। ଫଳରେ ସମ୍ପର୍କୀୟ ଓ ପଡ଼ୋଶୀଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେମାନେ ତାଙ୍କ ସାନଝିଅଙ୍କୁ ଫୋନ୍ ଯୋଗେ ଖବର ଦେଇଥିଲେ। ଖବର ପାଇ ଝିଅ, ଜ୍ୱାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଝରକା ଫାଙ୍କରେ ଘର ଭିତରକୁ ଦେଖିଲା ପରେ ମନୋରମା ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ କବାଟ ତାଡ଼ି ଘର ଭିତରକୁ ପଶିଥିଲେ। ସେତେବେଳେ ଘରେ ଟିଭି ଚାଲୁଥିଲା। ମନୋରମାଙ୍କ ମୃତଦେହ ତଳେ ପଡ଼ିଥିବା ବେଳେ ତାଙ୍କ ନାକ ଓ ପାଟିରୁ ରକ୍ତ ବାହାରୁଥିଲା। ଏ ନେଇ ସାନଜ୍ୱାଇଁ ପାହାଳ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ବାଲିଅନ୍ତା ଥାନା ଅଧିକାରୀ ମନୋଜ ସ୍ୱାଇଁ ଓ ଫାଣ୍ଡି ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଜୋନ୍-୪ ଏସିପି ସେଠାରେ ପହଞ୍ଚିଥିଲେ। ମନୋରମାଙ୍କ ମୁହଁରେ କ୍ଷତ ଚିହ୍ନ ଥିବା ପୋଲିସ ଦେଖିବାକୁ ପାଇଥିଲା। ତଦନ୍ତ ବେଳେ ଏକ ବାକ୍ସରୁ ନଗଦ ୪୪ହଜାର ଟଙ୍କା ଓ କିଛି ସୁନା ଅଳଙ୍କାର ଜବତ କରାଯାଇଥିବା ଫାଣ୍ଡି ଅଧିକାରୀ କହିଛନ୍ତି। ଘଟଣା ସଂକ୍ରାନ୍ତରେ ଜ୍ୱାଇଁ ସୁଶାନ୍ତ ତାଙ୍କ ଶାଶୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ନଂ. ୨୧୮/୧୮ରେ ବାଲିଅନ୍ତା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ

**ବାଲିଅନ୍ତା, ୩୦।୮ (ଡି.ଏନ୍.ଏ.)**

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଗୁରୁବାର ଏକ ଜାତୀୟ ସମ୍ମିଳନୀ ଶିକ୍ଷାନୁଷ୍ଠାନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ କହିଥିଲେ, ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାକୁ ହେଲେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ରହିବା ନିହାତି ଜରୁରୀ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସ୍ୱରୂପ ଚନ୍ଦ୍ର ସାହୁ ଯୋଗଦେଇ ବର୍ତ୍ତମାନର ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ଦୀର୍ଘ ସ୍ଥାୟିତ୍ୱ ଏହାର ମାନବ ସମ୍ବଳର ବିକାଶ ଉପରେ ନିର୍ଭରଶୀଳ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜେପି ମର୍ଗାନ ଚେଜ୍ ଆଣ୍ଡ କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି ଆଧୁନିକ ବ୍ୟବସାୟର ପରିଚାଳନାଗତ ସଂସ୍କାର ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ସମ୍ପାଦକ ଇଂ. ବଙ୍କିମ ମହାନ୍ତି ସ୍ୱାଗତଭାଷଣ ଓ ଅଧକ୍ଷ ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟନ ସମ୍ମିଳନୀର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପଞ୍ଚମୁଖୀ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ୍ ବିଜୟ କୁମାର ପାତ୍ର ଓ ଅତିଥିମାନଙ୍କ ଦ୍ୱାରା ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଦୁଇଦିନ ବ୍ୟାପୀ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର କୋଣ ଅନୁକୋଣରୁ ଏକାଡେମିସିଆନ୍, ରିସର୍ଚ୍ଚ ସ୍କଲାର ଓ ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ପ୍ରଫେସର ଜିନାଶିଷ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରଫେସର ଡ. ତ୍ରିଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।



ଜାତୀୟ ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଯୁବତୀଙ୍କୁ ପ୍ରତାରଣା, ପ୍ରେମିକ ଗିରଫ

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଅଭିଯୁକ୍ତ ପ୍ରେମିକ ଫୁଲବାଣୀର ପବିତ୍ର ଦିଗାଲଙ୍କୁ ଗିରଫ କରିଛି। ସେ ଚକେଇସିଆଣୀରେ ରହୁଥିଲେ। ନୟାଗଡ଼ର ଉକ୍ତ ଯୁବତୀ ଏବଂ ପବିତ୍ର ମଞ୍ଚେଶ୍ୱରରେ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପବିତ୍ର ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ନିଜ ରୁମ୍‌ରେ ରଖିଥିଲେ। ଏହା ମଧ୍ୟରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ତାଙ୍କୁ ବିବାହ କରିବାକୁ କହିବାରୁ ସେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ।

# ହାତ କାଟି ୩ମହଲାରୁ ଡେଇଁଲେ ଯୁବତୀ

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ପ୍ରେମିକା କଥାରେ ପ୍ରେମିକ ରାଜି ହେଲେ ନାହିଁ। ଫଳରେ ଦୁହିଁଙ୍କ ମଧ୍ୟରେ ଫୋନ୍‌ରେ କଥା କଟାକଟି ହେଲା। ଶେଷରେ ଯୁବତୀ ଜଣକ ଯୁବକଙ୍କୁ ମନାଇବା ପାଇଁ ଭିଡିଓ କଲିଂ କରି ନିଜର ହାତ କାଟିଲେ। କିନ୍ତୁ ପ୍ରେମିକ ମାନିଲେନି। ଶେଷରେ ଯୁବତୀ ଜଣକ ୩ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରୀବିହାର ଅଞ୍ଚଳରେ ଥିବା ଏକ ଲେଡିଜ ହଷ୍ଟେଲରେ। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ହଷ୍ଟେଲ ଅନ୍ତେବାସୀଙ୍କ କହିବା ଅନୁଯାୟୀ, ଯୁବତୀ ଜଣକ ଉକ୍ତ ଯୁବକଙ୍କୁ ଦୀର୍ଘଦିନ ଧରି ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ମଝିରେ ମଝିରେ ବିଭିନ୍ନ କଥାକୁ ନେଇ ଝଗଡା ହୁଏ। ପରେ ଆପୋସ ବୁଝାବଣା ହୋଇଯାଏ। ହେଲେ ଗୁରୁବାର ପ୍ରେମିକ ଜଣକ ଅନ୍ୟ ଜଣଙ୍କୁ ଭଲ ପାଉଥିବା ନେଇ ଯୁବତୀ ଜଣକ ଜାଣିବାକୁ ପାଇଥିଲେ। ସେ ସନ୍ଧ୍ୟା ପ୍ରାୟ ୭ଟାରେ ଏ ସମ୍ପର୍କରେ ପ୍ରେମିକଙ୍କୁ ପଚାରିଥିଲେ। ହେଲେ ସେ ତାଙ୍କ କଥାକୁ ଏଡାଇ ଯାଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡା ହୋଇଥିଲା। ଯୁବତୀ ଜଣକ ତୃତୀୟ ମହଲାର ବାଲକୋନୀକୁ ଆସି ପ୍ରେମିକଙ୍କୁ ଭିଡିଓ କଲିଂ କରି ପ୍ରଥମେ ହାତ କାଟିଥିଲେ। ପରେ ଝଗଡା ଅଧିକ ହେବାରୁ ଛାତ ଉପରକୁ ଯାଇ ଡେଇଁପଡ଼ିଥିଲେ। ତଳେ ପଡ଼ି ଚିତ୍କାର କରିବାରୁ ହଷ୍ଟେଲରେ ରହୁଥିବା ଅନ୍ୟ ପିଲା ଦୌଡି ଆସିଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# 'ଓଡ଼ିଶା ପର୍ବ'କୁ ଉଦ୍‌ଘାଟନ କରିବେ ଗୁଜରାଟ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

ବିଶ୍ୱ ଦରବାରରେ ଓଡ଼ିଶାର ଗୌରବମୟ ଲୋକକଳା, ସଂସ୍କୃତି, ପାରମ୍ପରିକ ଖାଦ୍ୟ, ନିଖୁଣ ହସ୍ତଶିଳ୍ପ ଏବଂ ସୂକ୍ଷ୍ମ ହସ୍ତତନ୍ତର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ନୂଆଦିଲ୍ଲୀସ୍ଥିତ ଅଗ୍ରଣୀ ସଂସ୍ଥା 'ଓଡ଼ିଆ ସମାଜ' ପକ୍ଷରୁ 'ଓଡ଼ିଶା ପର୍ବ' ଆୟୋଜନ ହେବାକୁ ଯାଉଛି। ସାରା ଦେଶର ବିଭିନ୍ନ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଏହା ହେଉଛି ଏକ ଉତ୍କୃଷ୍ଟ ମଞ୍ଚ। ଆସନ୍ତା ସେପ୍ଟେମ୍ବର ୨ ଏବଂ ୩ ତାରିଖ ଦୁଇଦିନ ବ୍ୟାପୀ ସୁରଟର ଅନ୍ତର୍ଜାତୀୟ ପ୍ରଦର୍ଶନୀ ଓ ସମ୍ମେଳନ କେନ୍ଦ୍ର ସରସାନାଠାରେ ଓଡ଼ିଶା ପର୍ବ ଅନୁଷ୍ଠିତ ହେବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଦୁଇଦିନିଆ ପର୍ବକୁ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହାସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ଓଡ଼ିଶା ପର୍ବ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସି.ଆର. ପାଟିଲ୍ ସୂଚନା ଦେଇଛନ୍ତି।

# ବରମୁଣ୍ଡାରେ ଖୋଲିଲା ପଞ୍ଚସଖା ଆଇଏଏସ୍ ଏକାଡେମୀ



**ଭୁବନେଶ୍ୱର, ୩୦।୮**

ପ୍ରଶାସନିକ ସେବା କ୍ଷେତ୍ରରେ ନିଯୁକ୍ତି ପାଇବା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ସକାଶେ ସ୍ଥାନୀୟ ବରମୁଣ୍ଡା ଅଞ୍ଚଳରେ ପଞ୍ଚସଖା ଆଇଏଏସ୍ ଏକାଡେମୀ ନାମରେ ଏକ ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ ହୋଇଛି। ଓଡିଶାର ଉଚ୍ଚଶିକ୍ଷିତ ଛାତ୍ରୀଛାତ୍ରଙ୍କୁ ଓଡିଶାରେ ରହି ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତ କରାଇବା ଏହି ଶିକ୍ଷାନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ଏହାର କର୍ମକର୍ତ୍ତା ସୌମେନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି। ବରିଷ୍ଠ ପ୍ରଶାସକ ଆଇଏଏସ୍ ପ୍ରଦୀପ କୁମାର ବିଶ୍ୱାଳ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅବସରରେ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ସନ୍ଧ୍ୟା ପଟ୍ଟନାୟକ, କଳ୍ପନା ଦାସ, ଭବତୋଷ ପତି ଏବଂ ଅନିନ୍ଦିତା ପ୍ରମୁଖ ଉପସ୍ଥିତ ଥିଲେ।

# ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବ

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

## ହକି ବିଶ୍ୱକପ୍ ପ୍ରସ୍ତୁତି

- ରାସ୍ତାପାର୍ଶ୍ୱରେ ଅଙ୍କାଯିବ ଚିତ୍ର
- ଜନତା ମୈଦାନରେ ପଡ଼ିବ ସହରୀ ପର୍ବ
- ନଭେମ୍ବର ସୁଦ୍ଧା ୧୦୦ ନୂଆ ବସ୍ ଗଡ଼ିବ

ହକିବିଶ୍ୱକପ୍‌କୁ ଆଉ ୮୮ଦିନ ବାକିରହିଲା। ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏହି କ୍ରୀଡ଼ା ମହାକୁମ୍ଭ ପାଇଁ ବିଏମ୍‌ସି ଏବଂ ବିଡିଏ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ସମୟରେ ଦେଶବିଦେଶରୁ ଲକ୍ଷାଧିକ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇଦେବା ସହିତ ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସହରର ୪୦ କିମି ରାସ୍ତାରେ ସୌନ୍ଦର୍ଯ୍ୟପୂର୍ଣ୍ଣ ବୃକ୍ଷରୋପଣ କରାଯିବ। ରାସ୍ତାପାର୍ଶ୍ୱରେ ଚିତ୍ର ଅଙ୍କାଯିବ। ୮୦ କିମି ରାସ୍ତାକୁ ନିୟମିତ ଭାବେ ଯାନ୍ତ୍ରିକ ଉପାୟରେ ସଫେଇ କରାଯିବ। ସହରର କୀର୍ତ୍ତିରାଜି ସମ୍ପର୍କରେ ବିଭିନ୍ନ ସ୍ଥାନରେ ସୂଚନାଫଳକ ଲଗାଯିବ। ଭୁବନେଶ୍ୱର ଆର୍ଟ ଟ୍ରେଲ ଏବଂ ସହରୀ ପର୍ବ ଆୟୋଜନ କରିବାକୁ ଯୋଜନା ହୋଇଛି।

କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି) ଦ୍ୱାରା ୨୦ କୋଟି ଟଙ୍କା ବ୍ୟୟରେ ୨୦୦ ଅତ୍ୟାଧୁନିକ ବସ୍ ସେବା ସହରବାସୀଙ୍କୁ ମିଳିବ। ବସ୍ ରହିବା ପାଇଁ ପାତ୍ରପଡା ଏବଂ ପଟିଆରେ ଦୁଇଟି ବସ୍‌ଷ୍ଟାଣ୍ଡ ନିର୍ମାଣ ଚାଲିଛି। ନଭେମ୍ବର ଶେଷ ବେଳକୁ ୧୦୦ ନୂଆ ବସ୍ ଗଡିବ। ବିଭିନ୍ନ ସ୍ଥାନରେ ସହରର କିର୍ତ୍ତିରାଜି ସମ୍ପର୍କିତ ସୂଚନା ଫଳକ ମରାଯିବ। ବିଡିଏ, ବିଏମ୍‌ସି ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଉଦ୍ୟମରେ ଜନତା ମୈଦାନଠାରେ ଖାଦ୍ୟ, ସଙ୍ଗୀତ ଏବଂ ଆମୋଦପ୍ରମୋଦ ପାଇଁ ସହରୀ ପର୍ବ ଆୟୋଜନ କରାଯିବ। ବକୁଲ ଫାଉଣ୍ଡେଶନ ସହଯୋଗରେ ବିଡିଏ ଦ୍ୱାରା ଗଳ୍ପ କଥନ ପର୍ବ ଅନୁଷ୍ଠିତ ହେବ। ଏଥିପାଇଁ ବୁଦ୍ଧ ଜୟନ୍ତୀ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ ଏବଂ ମଧୁସୂଦନ ଦାସ ପାର୍କକୁ ଚୟନ କରାଯାଇଛି। ଉତ୍ସ ଫାଉଣ୍ଡେଶନ ମାଧ୍ୟମରେ ପୁରୁଣା ଭୁବନେଶ୍ୱରର ୧.୩ କିମି ରାସ୍ତାରେ ଚିତ୍ର ଅଙ୍କାଯିବ। ମୁଖ୍ୟ କିର୍ତ୍ତିରାଜି ସ୍ଥାନ, ଗଳି ରାସ୍ତା, ଘର କାନ୍ଥ, ବିଦ୍ୟାଳୟ, ଦୋକାନ ଏବଂ ସର୍ବସାଧାରଣ ସ୍ଥାନରେ ଚିତ୍ର ଅଙ୍କାଯିବ। ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରି ବିଭିନ୍ନ ସମୟର ବିକାଶ ଏବଂ ଘଟଣାବଳୀକୁ ଶିଳ୍ପୀମାନେ କଳା ମାଧ୍ୟମରେ ସ୍ଥାନ ଦେବେ।

ବିଡିଏ, ବିଏମ୍‌ସି ଏବଂ ପର୍ଯ୍ୟଟନ ବିଭାଗ ମିଳିତ ଉଦ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର କରାଯାଇଛି। ଏକାମ୍ର ୱାକ, ମଙ୍କସ, କେଉସ୍ ଆଣ୍ଡ କିଙ୍ଗସ କାର୍ଯ୍ୟକ୍ରମ ଚାଲିଥିବାବେଳେ ଆଗକୁ ହେରିଟେଜ୍ ୱାକ, ସାଇକେଲ ଟୁର୍ ଏବଂ ନେଚର ଟ୍ରେଲ ଭଳି ୩ଟି ନୂଆ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିସହିତ ଷ୍ଟ୍ରିଟ୍ ଆଣ୍ଡ ମୋରାଲ ପ୍ରୋଜେକ୍ଟ ଅଧୀନରେ ସହରକୁ ସୁନ୍ଦର କରି ସଜାଯିବ। ଆସନ୍ତା ୫ ତାରିଖ ସୁଦ୍ଧା ଚୟନ ଓ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ସତ୍ୟ




@ ରିଚି



@ ସନ୍ତୋଷ



@ ସର୍ବେଶ୍ୱର



@ ଶଙ୍କର



@ ମୃତ୍ୟୁଞ୍ଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ସେପ୍ଟେମ୍ବର ୧ରେ ଆଦିତ୍ୟ ମେମୋରିଆଲ କୁଇଜ୍

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

## ଭାଗନେବେ ୨୬ ସ୍କୁଲରୁ ୨୩୦ ପ୍ରତିଯୋଗୀ

ଲୟୋଲା ସ୍କୁଲ, ଭୁବନେଶ୍ୱର ପକ୍ଷରୁ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଛି 'ଆଦିତ୍ୟ ମେମୋରିଆଲ କୁଇଜ୍-୨୦୧୮'। ଚଳିତଥର ୮ମ ବର୍ଷ ପାଇଁ ଏହି ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆସନ୍ତା ସେପ୍ଟେମ୍ବର ୧ରେ ସ୍ଥାନୀୟ ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ବା ଏକ୍ସଆଇଏମ୍‌ବି ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାରର ୨୬ଟି ସ୍କୁଲରୁ ପ୍ରାୟ ୨୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କୁଇଜ୍ ପ୍ରତି ନିଜକୁ ସମର୍ପଣ କରିଥିବା ଜଣାଶୁଣା କୁଇଜର୍ ଆଦିତ୍ୟ, ଯିଏକି କର୍କଟ ରୋଗରେ ପ୍ରାଣ ହରାଇଥିଲେ, ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଉଭୟ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଛି। କର୍କଟର ନିରାକରଣ ତଥା ଏଥିପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ବର୍ତ୍ତମାନର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ।



ନିର୍ମଳ କୁମାର ମିଶ୍ର

# ଦୂତୀ ଆଶ୍ୱସ୍ତ

**ଆନ୍ତର୍ଜାତିକ ଆସୋସିଏଶନ ଅଫ ଆଥଲେଟିକ୍ ଫେଡେରେଶନ (ଆଇଏଏଏଫ୍)ର ନୂଆ ହାଇପରଆଣ୍ଡ୍ରୋଜେନିଜମ୍ ନିୟମ ଲାଗୁ ହେବା ପରେ ବିଶ୍ୱ ଆଥଲେଟିକ୍ସରେ ହଇଚଇ ସୃଷ୍ଟି ହୋଇଛି। ଭାରତର ଦ୍ରୁତତମ ଧାବିକା ଦୂତୀ ଚାନ୍ଦଙ୍କ ପାଇଁ ଏହି ନିୟମ ଅବଶ୍ୟ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। ତେବେ ୧୦୦ ଓ ୨୦୦ ମିଟର ଦୌଡ ବ୍ୟତୀତ ୪୦୦ରୁ ୧୫୦୦ ମିଟର ମଧ୍ୟରେ ସାମିଲଥିବା ସବୁ ଇଭେଣ୍ଟ୍ ଏହି ନିୟମ ପରିସରକୁ ଆସୁଥିବାରୁ ବହୁ ତାରକା ଆଥଲେଟଙ୍କ କ୍ୟାରିୟର ପ୍ରଭାବିତ ହେବା ଆଶଙ୍କା କରାଯାଉଛି।**

ଅଲିମ୍ପିକ୍ସ ପରି ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଥଲେଟିକ୍ସ, ଟେନିସ୍, ବକ୍ସିଂ, ରେସଲିଂ, ଦୌଡ ପରି ବ୍ୟକ୍ତିଗତ ପ୍ରଦର୍ଶନ ଭିତ୍ତିକ ଖେଳକୁଦରେ ପ୍ରତିଯୋଗିତା ଅତି ତୀବ୍ର ତଥା ସଂଘର୍ଷପୂର୍ଣ୍ଣ ହୋଇଥାଏ। ସେଥିପାଇଁ ଅଧିକାଂଶ ଖେଳାଳି ପ୍ରବଳ ପରିଶ୍ରମ ଓ ଅଭ୍ୟାସ କରିଥାନ୍ତି। ପ୍ରତିଯୋଗିତାରେ ରହିବା ଏବଂ ପଦକ ଜିତିବା ପାଇଁ ଯେଉଁ ସର୍ବାଧିକ ପ୍ରଦର୍ଶନ ଆବଶ୍ୟକ ହୋଇଥାଏ ସେଥିପାଇଁ ଆଥଲେଟମାନେ ନିଷିଦ୍ଧ ଶକ୍ତିବର୍ଦ୍ଧକ ଔଷଧ (ଡ୍ରଗ୍ସ) ବ୍ୟବହାର କରିଥାନ୍ତି। ଏ ନେଇ ବିଶ୍ୱକ୍ରୀଡ଼ାରେ ଅନେକ ଉଦାହରଣ ରହିଛି। ଏପରିକି ଅନେକ ବିଶ୍ୱସ୍ତରୀୟ ତାରକା ଆଥଲେଟ୍ ପରବର୍ତ୍ତୀ ଅବସ୍ଥାରେ ଡୋପ ଟେଷ୍ଟରେ ବିଫଳ ହୋଇ ସେମାନଙ୍କ ପଦକ ଫେରାଇଥିବାର ବହୁ ଉଦାହରଣ ରହିଛି। ଏହି ସବୁ ପ୍ରତିଯୋଗିତାଗୁଡିକରେ ଅତିରିକ୍ତ ଶକ୍ତି ଓ ସାମର୍ଥ୍ୟ ପାଇବା ପାଇଁ ପ୍ରଶିକ୍ଷକଙ୍କ ଜ୍ଞାତ ଓ ଅଜ୍ଞାତରେ ଅନେକେ ଏପରି କଟକଣାଯୁକ୍ତ ଡ୍ରଗ୍ସ ସେବନ କରିଥାନ୍ତି। ଅଲିମ୍ପିକ୍ସ ପରି ସବୁ ଅନ୍ତର୍ଜାତୀୟ ଏବଂ ଜାତୀୟ ସ୍ତରରେ ବିଭିନ୍ନ ଦେଶରେ ସଙ୍ଗଠନମାନ ରହିଛି। ଆମ ଦେଶରେ ମଧ୍ୟ ଏପରି ଏକ ଜାତୀୟ ଆଣ୍ଟିଡୋପିଂ ଏଜେନ୍ସି (ନାଡା) କାର୍ଯ୍ୟ କରୁଛି। କଡା କଟକଣା ଏବଂ ବ୍ୟାପକ ସଚେତନତା ସତ୍ତ୍ୱେ ନିଶା ଔଷଧ ସେବନ କରିବା ଖେଳ ପ୍ରତି ସେମାନଙ୍କର ନିଷ୍ଠା ଓ ବିଶ୍ୱାସକୁ ନ୍ୟୁନ କରୁଛି। ଅନେକ ବିଶ୍ୱସ୍ତରୀୟ ମହିଳା ଏବଂ ପୁରୁଷ ଆଥଲେଟ୍ ଡୋପ୍ ଏବଂ ଆଣ୍ଡ୍ରୋଜେନ ସମସ୍ୟା ଯୋଗୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ସମ୍ପ୍ରତି ଆଇଏଏଏଫ୍ (ଇଣ୍ଟର ନ୍ୟାଶନାଲ ଆସୋସିଏଶନ୍ ଅଫ୍ ଆଥଲେଟିକ୍ସ ଫେଡେରେଶନ୍) ଏକ ନୂଆ ନିୟମ ପ୍ରଣୟନ କରିଛି। ଏହି ନିୟମ କେବଳ ମହିଳା ଆଥଲେଟ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯେଉଁ ମହିଳା ଆଥଲେଟ୍‌ମାନଙ୍କ ଶରୀରରେ ଆଣ୍ଡ୍ରୋଜେନ୍ ମାତ୍ରା ଅଧିକ ରହିଛି ସେମାନଙ୍କ ପାଇଁ ଏହି ନୂତନ ନିୟମ ଆସିଛି । ନଭେମ୍ବର ୧ତାରିଖରୁ ଲାଗୁ ହେବ। ଏହି ନିୟମ ଲାଗୁ ହେଲେ ଅନେକ ରୁଷିଆ ଏବଂ ଦକ୍ଷିଣ ଆଫ୍ରିକାର ମହିଳା ଖେଳାଳିମାନେ ଅଧିକ ପ୍ରଭାବିତ ହେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦକ୍ଷିଣ ଆଫ୍ରିକାର ଷ୍ଟାର ଆଥଲେଟ୍ ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜୟିନୀ କାଷ୍ଟର ସିମେନ୍ୟା ଅଧିକ ସମସ୍ୟାରେ ପଡିବେ। ଏହି ନୂଆ ନିୟମକୁ ନେଇ ଦକ୍ଷିଣ ଆଫ୍ରିକା ଏବଂ ରୁଷିଆ ପୂରାପୂରି କ୍ଷୁବ୍ଧ।

ଚଳିତ ଏସିଆନ ଗେମ୍ସରେ ୧୦୦ ଓ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଥିବା ଦେଶର ଦ୍ରୁତତମ ଧାବିକା ତଥା ଓଡ଼ିଆ ମହିଳା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ପାଇଁ ଅବଶ୍ୟ ଏ ନେଇ କୌଣସି ସମସ୍ୟା ନାହିଁ। ହାଇପର ଆଣ୍ଡ୍ରୋଜେନିଜିମ୍ ମାମଲାରେ ତାଙ୍କୁ ପୂର୍ବରୁ ବେଶ୍ ଅପବାଦ ସହିବାକୁ ପଡିଥିଲା। ଆଇଏଏଏଫ୍ ଏହାକୁ କାସ୍ (କୋର୍ଟ ଅଫ୍ ଆର୍ବିଟ୍ରେଶନ୍ ଫର୍ ସ୍ପୋର୍ଟ)ରେ ପ୍ରମାଣିତ କରିବାରେ ବିଫଳ ହେବା ଫଳରେ ଦୂତୀଙ୍କୁ ବେଶ ଆଶ୍ୱସ୍ତି ମିଳିଛି ଓ ସେ ଏବେ ଆନ୍ତର୍ଜାତିକ ଆଥଲେଟିକ୍ସରେ ବେଶ ସକ୍ରିୟ ରହିଛନ୍ତି। ମାତ୍ର ଏହି ନୂଆ ନିୟମ ଦକ୍ଷିଣ ଆଫ୍ରିକାର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ସିମେନ୍ୟାଙ୍କ ପାଇଁ ଅଦ୍ଭୁଆ ପରିସ୍ଥିତି ସୃଷ୍ଟି କରିଛି। ନୂଆ ନିୟମ ଅନୁସାରେ ଯେଉଁ ଆଥଲେଟମାନେ ୪୦୦ମିଟରରୁ ଏକ ମାଇଲ୍ ଦୌଡୁଛନ୍ତି ସେମାନଙ୍କ ପାଇଁ ଏହି କଟକଣା ରହିଛି। ଏଥି ମଧ୍ୟରେ ରହିଛି ୪୦୦ମି, ୮୦୦ମି, ହର୍ଡଲ୍ସ, ୧୫୦୦ମି. ରେସ୍ ପ୍ରତିଯୋଗିତା। ତେବେ ୧୦୦ମିଟର ଏବଂ ୨୦୦ମିଟର ଦୌଡୁଥିବା ମହିଳା ଆଥଲେଟ୍‌ମାନଙ୍କ ପାଇଁ କୌଣସି କଟକଣା ନାହିଁ। ଏପରି ନିୟମକୁ ନେଇ ଦକ୍ଷିଣ ଆଫ୍ରିକା ଆଥଲେଟିକ ସଂଘ ବେଶ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଏହି ନିୟମ ଏକ ଅବାସ୍ତବ ପରିକଳ୍ପନା। ଏଥିପାଇଁ ସେମାନେ ୱାଡ଼ା ନିକଟରେ ଅଭିଯୋଗ ଆଣିବେ। ଦକ୍ଷିଣ ଆଫ୍ରିକାର କ୍ରୀଡାମନ୍ତ୍ରୀ ଟୋକୋଜିଲ୍ ଖାସା ଏହାକୁ ଆଇଏଏଏଫ୍‌ର ଏକ ଷଡଯନ୍ତ୍ର ବୋଲି କହିଛନ୍ତି। ୨୦୧୨ ଏବଂ ୨୦୧୬ ଅଲିମ୍ପିକ୍ସରେ ୮୦୦ ମିଟର ସ୍ୱର୍ଣ୍ଣ, ୨୦୦୯, ୨୦୧୧, ୨୦୧୭ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡା (ଗୋଲ୍ଡ କୋଷ୍ଟ) ୮୦୦ମିଟର ଏବଂ ୧୫୦୦ମିଟର ସ୍ୱର୍ଣ୍ଣ ବିଜୟିନୀ ଏହି ଷ୍ଟାର ଆଥଲେଟ୍ ଏହାକୁ ଅବାସ୍ତବ ଏବଂ ଅଜବ ନିୟମ କହିଛନ୍ତି ଓ ଦୌଡିବା ମୋର ଜନ୍ମଗତ ଅଧିକାର ବୋଲି ସେ ସ୍ପଷ୍ଟ କରିଛନ୍ତି।

ଦୂତୀ ଚାନ୍ଦଙ୍କ ମାମଲା ବିଚାରାଧୀନ ଥିବା ସମୟରେ କାସ୍ ଆଇଏଏଏଫ୍‌ର ହାଇପର ଆଣ୍ଡ୍ରୋଜେନିଜିମ୍ ନିୟମକୁ ସମାଲୋଚନା କରି ସାମୟିକ ନିଲମ୍ବନ କରିଥିଲେ। ମହିଳାମାନଙ୍କ ଶରୀରରେ ଆଣ୍ଡ୍ରୋଜେନ୍ (ପୁରୁଷ ହରମୋନ୍)ର ମାତ୍ରା ଅଧିକ ରହିଲେ ତାହା ପ୍ରଦର୍ଶନ ଉପରେ ପ୍ରଭାବ ପକାଇଥାଏ ଓ ସାଧାରଣ ମହିଳାମାନଙ୍କଠାରୁ ସେମାନଙ୍କର ପ୍ରଦର୍ଶନ ଅଧିକ ରହିଥାଏ। ଯାହା ଦୂତୀଙ୍କଠାରେ ରହିଥିବାର ଅଭିଯୋଗ ଆସିଛି। ଏହି ଯୁକ୍ତିକୁ କାସ୍ ଗ୍ରହଣ କରି ନ ଥିବାରୁ ଏହାକୁ ବୈଜ୍ଞାନିକ ଯୁକ୍ତି ମାଧ୍ୟମରେ ଦୁଇ ବର୍ଷ ମଧ୍ୟରେ ଅର୍ଥାତ ୨୦୧୭ ସେପ୍ଟେମ୍ବର ୨୭ ତାରିଖରେ କାସ୍ ନିକଟରେ ରିପୋର୍ଟ ଦାଖଲ କରିଥିଲା। ଏହି ନିୟମ ଅନୁସାରେ ଦୂତୀ ଚାନ୍ଦ ଆଗକୁ ୪୦୦ମିଟର କିମ୍ବା ୧ ମାଇଲ ଦୌଡରେ ଅଂଶ ଗ୍ରହଣ କରିପାରିବେ ନାହିଁ। ନୂଆ ଖସଡା ଅନୁସାରେ ପୁଣି ଆଇଏଏଏଫ୍ ନୂଆ ନିୟମ ପ୍ରସ୍ତୁତ କରିଛି। ଆଇଏଏଏଫ୍‌ର ବର୍ତ୍ତମାନର ସଭାପତି ସେବାଷ୍ଟିଆନ କୋ ଏହାକୁ ଆଗାମୀ ନଭେମ୍ବର ମାସ ୧ତାରିଖରୁ କଡାକଡି ଭାବେ ଲାଗୁ କରିବା ପାଇଁ କହିଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡିକୁ ଡୋପିଂ ଏବଂ ଆଣ୍ଡ୍ରୋଜେନ୍ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଠାରୁ ଅଧିକ ସ୍ୱଚ୍ଛତା ରଖିବାକୁ ଏପରି ନିୟମ ନିହାତି ଆବଶ୍ୟକ ବୋଲି ସେବାଷ୍ଟିଆନ କହିଛନ୍ତି। ତେବେ ଏହାକୁ ଦକ୍ଷିଣ ଆଫ୍ରିକା ଆଥଲେଟିକ୍ ମହାସଂଘ ତୀବ୍ର ପ୍ରତିବାଦ କରିବା ସହ କଡ଼ା ସମାଲୋଚନା କରିଛି। ମୋନାକୋ ସହରରେ ଅବସ୍ଥିତ ଆଇଏଏଏଫ୍ ମୁଖ୍ୟ କାର୍ଯ୍ୟାଳୟରେ ୨୧୫ ସଭ୍ୟ ଦେଶ ରହିଛନ୍ତି। ତେବେ ଏହି ନିୟମକୁ ନେଇ ସଭ୍ୟ ଦେଶମାନେ ନିଜର ମତ ବ୍ୟକ୍ତ କରିଛନ୍ତି। ଫଳରେ ଏହି ମାମଲା ବେଶ୍ ବିବାଦୀୟ ହୋଇପଡିଛି।

ଓଡ଼ିଶାର ଦୂତୀ ଚାନ୍ଦ ଏବଂ ସିମେନ୍ୟା ମାମଲା ପ୍ରାୟ ଏକା ପ୍ରକାର। ୨୦୦୯ରେ ସିମେନ୍ୟା ପ୍ରକୃତରେ ଝିଅ ନା ଉଭୟଲିଙ୍ଗୀ ସେନେଇ ବିବାଦ ଉପୁଜିଥିଲା। ଫଳରେ ସେ ପରେ ସନ୍ଦେହ ପରିସରକୁ ଆସିଥିଲେ। ଆଇଏଏଏଫ୍ ତାଙ୍କର ପ୍ରକୃତ ଲିଙ୍ଗ ନିରୂପଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ୨୦୧୦ ଜୁଲାଇ ମାସରେ ଏହି ବିବାଦର ଅନ୍ତ ଘଟିଥିଲା। ଫଳସ୍ୱରୂପ ଆଇଏଏଏଫ୍ ଠାରୁ ସବୁଜ ସଂକେତ ପାଇ ସିମେନ୍ୟା ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡିକରେ ଭାଗନେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ସମଗ୍ର ବିଶ୍ୱର ନଜର ଆମ ତାରକା ଆଥଲେଟ୍ ଦୂତୀଙ୍କ ଉପରେ ରହିଥିଲା। ତାଙ୍କଠାରେ ପୁରୁଷ ହରମୋନ୍ ଅଧିକ ଦର୍ଶାଇ ତାଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ବିଷୟ ଆଇଏଏଏଫ୍ କୋର୍ଟରେ ପ୍ରମାଣିତ କରିବାରେ ବିଫଳ ହୋଇଛି।

ନୂଆ ନିୟମ ଅନୁସାରେ ଯେଉଁମାନଙ୍କ ଶରୀରରେ ଟେଷ୍ଟୋଷ୍ଟେରନ୍‌ର ମାତ୍ରା ଅଧିକ ରହିଛି, ସେମାନେ ମହିଳା ନା ଉଭୟଲିଙ୍ଗୀ ତାହା ଆଇନ ଦ୍ୱାରା ସ୍ୱୀକୃତ ହେବେ। ରକ୍ତରେ ଏହି ଟେଷ୍ଟୋଷ୍ଟେରନ୍‌ର ମାତ୍ରା ୫ ଏନ୍ଏମ୍ଓଏଲ ମଧ୍ୟରେ ସୀମିତ ରଖିବେ ଏହା ଅତି କମ୍‌ରେ ୬ମାସ ପର୍ଯ୍ୟନ୍ତ ରହିବା ଆବଶ୍ୟକ। ଡୋପିଂ ପଦ୍ଧତିରେ ଆଥଲେଟ୍‌ମାନେ ଏହି ଆଣ୍ଡ୍ରୋଜେନ୍‌ର ପରିମାଣ ବୃଦ୍ଧି କରି ଅସୀମ ଶକ୍ତିର ଅଧିକାରୀ ହେଉଥିବାର ଯଦି ପ୍ରମାଣ ମିଳେ ସେପରି ଆଥଲେଟ୍‌ମାନଙ୍କୁ ଆଜୀବନ ବାସନ୍ଦ କରାଯିବାର ନିୟମ ମଧ୍ୟ କାର୍ଯ୍ୟକାରୀ କରାଯିବ। କାସ୍ ଏବଂ ଆଇଏଏଏଫ୍‌ର ନିଷ୍ପତ୍ତି ଅନୁସାରେ ଦୂତୀଙ୍କ ପାଇଁ କୌଣସି ସମସ୍ୟା ନାହିଁ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଦୂତୀ ଯେଉଁ ଆଣ୍ଡ୍ରୋଜେନ ସମସ୍ୟାରେ ଛନ୍ଦିହୋଇ ଯାଇଥିଲେ ଓ ସମସ୍ୟା ମଧ୍ୟ ଦେଇ ଗତି କରୁଥିଲେ ସେଥିରୁ ତାଙ୍କୁ ଅବଶ୍ୟ କିଛି ମାତ୍ରାରେ ନିସ୍ତାର ଏବଂ ଆଶ୍ୱାସନା ମିଳିଛି। ତାଙ୍କୁ ପ୍ରକୃତ ନ୍ୟାୟ ମିଳିଛି ଏବଂ ସେ ଅଧିକ ଖୁସି ଅଛନ୍ତି। ତେବେ ବାସନ୍ଦ ହେବାର ସେ ଦିନ ଗୁଡିକ ମୋତେ ସେତେବେଳେ କଷ୍ଟ ଦେଇଥିଲା ଓ ମୋତେ ନିରାଶ କରିଥିଲା। ଏବେ କିଛି ସମସ୍ୟା ନ ଥିଲେ ମଧ୍ୟ ଭବିଷ୍ୟତରେ ପୁଣି ଥରେ ବାସନ୍ଦ ଭୟ ମୋତ ଏବେ ବି ଘାରୁଛି ବୋଲି ଦୂତୀ କହିଛନ୍ତି। ଆଗକୁ ୧୦୦ମି, ୨୦୦ମିଟର ପ୍ରତିଯୋଗିତା ପାଇଁ ଅଧିକ ଧ୍ୟାନ ଦେବେ ଓ ଏଥିପାଇଁ ସେ ତାଙ୍କର ଅଭ୍ୟାସ ଜାରି ରଖିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହା ଆମ ରାଜ୍ୟ ତଥା ଦେଶର କ୍ରୀଡ଼ା ପାଇଁ ଏକ ଖୁସି ଖବର ବୋଲି କୁହାଯାଇପାରେ।




ଦୂତୀ ଚାନ୍ଦ




କାଷ୍ଟର ସିମେନ୍ୟା

## ଗୋଲ୍‌ଡେନ

ସିଲଭର ପଦକ ହଉପଛେ ଦୂତୀ
ସୁନାଝିଅ ଆମ ଯଶ
ଏକଶ' ମିଟର ପରେ ଦୁଇ ଶ'ରେ
ଜିତି କଲା ଇତିହାସ
ଜାକର୍ତ୍ତାରେ ଯହ କଷ
ସ୍ପ୍ରିଣ୍ଟ କୁଇନ ପାଇଁକି ଗର୍ବିତ
ରାଜ୍ୟ ସହ ଆମ ଦେଶ ।।।୧

ଏସିଆନ ଗେମ୍ସରେ ଫାଷ୍ଟ ଥର ପାଇଁ
ହେପ୍‌ଟାଥଲନରେ ସୁନା
ପଦକ ପାଇଁକି ସ୍ୱପ୍ନା ବର୍ମନ
ଗୋଲଡେନ ଗର୍ଲ ଅନା
କେରଳର ଝିଅ ନିନା
ଲଙ୍ଗ୍‌ଜମ୍ପରେ ରୌପ୍ୟ ପଦକ ଜିତିକି
ଉଡାଏ ବିଜୟ ବାନା ।।।୨



ଲେଡି କୁସ୍ତି ଯୋଦ୍ଧା ଭିନେଶ ଫୋଗତ
ପାଇଁ ଆମ ମୋଟ ଛାତି
ଲଭର ରାଠିଙ୍କ ସହିତ ନିର୍ବନ୍ଧ
ସରିଅଛି ରାତାରାତି
ଏସିଆନ ଗେମ୍ସ ତାତି
ସିଲଭର, ବ୍ରୋଞ୍ଜ, ସୁନା ଇକ୍ୱାଲ
ପଦକ ଗଣୁଥା ସାଥୀ ।।।୩

–ସୁବାସ ଚନ୍ଦ୍ର ପ୍ରଧାନ

# ଡ୍ରାଗ୍ ଫ୍ଲିକର ବରୁଣ

**ଜୁନିୟର ସ୍ତରରେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିବା ଡ୍ରାଗ୍ ଫ୍ଲିକର ବରୁଣ କୁମାର ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ପାଇଁ ବେଶ୍ ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି । ଦାରିଦ୍ର୍ୟ ଓ ଅର୍ଥାଭାବ ସତ୍ତ୍ୱେ ସେ ନିଜର ଅସାଧାରଣ ପ୍ରତିଭା ବଳରେ ଦଳ ପାଇଁ ନିର୍ଭରଯୋଗ୍ୟ ଡିଫେଣ୍ଡରର ମାନ୍ୟତା ହାସଲ କରିଛନ୍ତି । ଏବେ ଆନ୍ତର୍ଜାତିକସ୍ତରରେ ଭଲ ଖେଳି ଦେଶ ପାଇଁ ସୁନାମ ଆଣିବା ଲକ୍ଷ୍ୟରେ ସେ ରହିଛନ୍ତି ।**

ଯୁବ ଡ୍ରାଗ୍ ଫ୍ଲିକର ତଥା ଡିଫେଣ୍ଡର ବରୁଣ କୁମାର ଭାରତୀୟ ତଥା ଆନ୍ତର୍ଜାତିକ ହକିରେ ଏକ ପରିଚିତ ନାମ। ୨୩ ବର୍ଷୀୟ ପଞ୍ଜାବର ଏହି ହକି ଖେଳାଳି ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରି ସିନିୟରସ୍ତରରେ ଖେଳିବାର ସୌଭାଗ୍ୟ ହାସଲ କରିଥିଲେ। ଦାରିଦ୍ର୍ୟର କାଷାଘାତ ଦେଇ ଗତି କରୁଥିବା ବରୁଙ୍କ ଜୀବନରେ ୨୦୦୭ରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା, ଯେତେବେଳେ ତାଙ୍କୁ ଜଳନ୍ଧରର ପ୍ରସିଦ୍ଧ ସୁର୍ଜିତ ହକି ଏକାଡେମୀରେ ଭର୍ତ୍ତି କରାଯିବା ପାଇଁ ଚୟନ କରାଗଲା। ଏହା ପରେ ୨୦୧୪ରେ ତାଙ୍କୁ ଭାରତୀୟ ଜୁନିୟର ଦଳରେ ସାମିଲ କରାଗଲା। ସେତେବେଳେ ସେ ଫୁଲ ବ୍ୟାକ୍ ପାଇଁ ପ୍ରଥମ ପସନ୍ଦ ବନିଯାଇଥିଲେ। ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ଜୁନିୟର ହକି ବିଶ୍ୱକପ୍ ଖେଳିବାପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଏହି ବିଶ୍ୱକପ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଭାରତ ବିଶ୍ୱକପ୍ ହାସଲ କରିଥିଲା ଓ ଦଳର ଏହି ଐତିହାସିକ ସଫଳତା ପଛରେ ବରୁଣଙ୍କ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଥିଲା। ବିଶ୍ୱକପ୍‌ରେ ତାଙ୍କୁ ଦି ୱାଲ୍ କୁହାଯାଉଥିଲା। ତାଙ୍କୁ ଅତିକ୍ରମ କରି ଅନ୍ୟଦେଶର ଖେଳାଳିମାନେ ଭାରତୀୟ ଗୋଲ ପୋଷ୍ଟ ନିକଟରେ ପହଞ୍ଚିବା ପ୍ରାୟ ଅସମ୍ଭବ ମନେହେଉଥିଲା। ଏହାର ଠିକ୍ ଗୋଟିଏ ବର୍ଷ ପରେ ତାଙ୍କୁ ଭାରତୀୟ ସିନିୟର ଦଳରେ ସାମିଲ କରାଯାଇଥିଲା। ଏହା ମୋ ପାଇଁ ସ୍ୱପ୍ନ ସଦୃଶ ଥିଲା। ମୋ ପିଲା ବେଳର ହିରୋ ସର୍ଦ୍ଦାର ସିଂ, ରୁପିନ୍ଦର ପାଲ ସିଂଙ୍କ ସହ ଗୋଟିଏ ଯାତ୍ରା କରିଥିଲି ଓ ସେମାନେ ମୋ ଆଖି ଆଗରେ ଥିଲେ ଏହା ମୋ ବିଶ୍ୱାସର ବାହାରେ ଥିଲା। ସିନିୟରସ୍ତରରେ ଅବଶ୍ୟ ସେ ଅଧିକ ଅଭିଜ୍ଞତା ହାସଲ କରିନାହାନ୍ତି। କିନ୍ତୁ ସେ ଦଳରେ ଜଣେ ଶ୍ରେଷ୍ଠ ଡିଫେଣ୍ଡର ତଥା ଡ୍ରାଗଫ୍ଲିକର ହେବାର ପ୍ରମାଣ ଦେଇଛନ୍ତି।

ଆନ୍ତର୍ଜାତିକ ସ୍ତରରେ ପହଞ୍ଚିବା ପାଇଁ ବରୁଣଙ୍କୁ ବେଶ୍ କଷ୍ଟ କରିବାକୁ ପଡିଛି। ସ୍କୁଲରେ ଶିକ୍ଷା ସମାପ୍ତ କରିବା ପରେ ତାଙ୍କୁ ବିଭିନ୍ନ ନିର୍ମାଣ ସ୍ଥଳୀରେ ଦିନ ମଜୁରିଆ ଭାବେ କାମ କରିବାକୁ ପଡିଥିଲା। ଏଥିରୁ ଉପାର୍ଜିତ ଅର୍ଥରେ ସେ ହକିର ବିଭିନ୍ନ ଉପକରଣ କିଣିବାକୁ ସକ୍ଷମ ହେଉଥିଲେ। ବରୁଣଙ୍କ ପିତା ବ୍ରହ୍ମାନନ୍ଦ ଜଣେ ଟ୍ରକ ଡ୍ରାଇଭର ଥିଲେ। ତେଣୁ ସେ ଠିକ୍ ଭାବେ ଘର ଚଳାଇ ପାରୁ ନ ଥିଲେ। ଏଭଳି ପରିସ୍ଥିତିରେ ସେ ପୁଅର ଇଚ୍ଛା ପୂରଣ କିଭଳି ବା କରିଥାନ୍ତେ। ବରୁଣ ମଜୁରିଆ ଭାବେ କାମ କରୁଥିବା କଥା ଜାଣିବା ପରେ ପିତା ବ୍ରହ୍ମାନନ୍ଦ ତାଙ୍କୁ ଗାଳି କରିଥିଲେ। କିନ୍ତୁ ପରେ ସେ ଏ ନେଇ ଆପତ୍ତି ଉଠାଇ ନ ଥିଲେ। କାରଣ ବରୁଣ ହକିକୁ ନେଇ ବେଶ୍ ଉତ୍ସାହିତ ଥିଲା ଓ ଆଗକୁ ବଢିବାକୁ ଚାହୁଁଥିଲା ବୋଲି ବ୍ରହ୍ମାନନ୍ଦ କୁହନ୍ତି।

ହକି ଖେଳିବାକୁ ମୋର ପ୍ରବଳ ଇଚ୍ଛା ଥିଲା। କିନ୍ତୁ ଷ୍ଟିକ୍ କିଣିବାକୁ ପାଖରେ ପଇସା ନ ଥିଲା। ସେଥିପାଇଁ ମୁଁ କେତେକ ନିର୍ମାଣ ସ୍ଥଳୀରେ କାଠ ପଟା ଓ ଗଣ୍ଡି ଉଠାଇ ଥିଲି। ଏଥିରୁ ଯେଉଁ ଅର୍ଥ ମିଳୁଥିଲା ତାକୁ ନେଇ ହକି ଷ୍ଟିକ୍ ସହିତ ବିଭିନ୍ନ ଉପକରଣ କିଣୁଥିଲି। ଘରର ପରିସ୍ଥିତି ମଧ୍ୟ ଆଦୌ ଭଲ ନ ଥିଲା। ବାପାଙ୍କ ରୋଜଗାରରେ ଆମେ କେବଳ ଡାଲି ରୁଟି ଖାଇବ ପାଇଁ ସକ୍ଷମ ହେଉଥିଲୁ। ବେଳେବେଳେ ଆମକୁ ଭୋକରେ ଶୋଇବାକୁ ପଡୁଥିଲା। ତେଣୁ ମୋତେ କମ୍ ବୟସରୁ ରୋଜାଗର କରିବାକୁ ପଡୁଥିଲା ବୋଲି ବରୁଣ କୁହନ୍ତି। ପଞ୍ଜାବର ଜଳନ୍ଧର ନିକଟସ୍ଥ ମିଠାପୁର ଗାଁରେ ବରୁଣ ଜନ୍ମଗ୍ରହଣ କରିଥିଲେ। ମିଠାପୁରକୁ ହକିର ଅନ୍ତୁଡିଶାଳ କୁହାଯାଇଥାଏ। ଏହି ଗାଁରେ ପୂର୍ବତନ ଭାରତୀୟ ଅଧିନାୟକ ପରଗତ ସିଂ, ମନପ୍ରୀତ୍ ସିଂ, ଷ୍ଟ୍ରାଇକର ମନଦୀପ ସିଂ ଓ ତଲବିନ୍ଦର ସିଂଙ୍କ ଭଳି ତାରକା ହକି ଖେଳାଳି ଆସିଛନ୍ତି।

ମନପ୍ରୀତଙ୍କ ଯୋଗୁ ସେ ହକି ଖେଳିବାକୁ ପ୍ରେରଣା ପାଇଥିଲେ। ପିଲା ଦିନେ ମୁଁ କୌଣସି ଖେଳପ୍ରତି ଆକୃଷ୍ଟ ନ ଥିଲି। ତେବେ ମନପ୍ରୀତ୍ ପାଜି ସ୍କୁଲ୍‌ରେ ମୋର ସିନିୟର ଥିଲେ ଓ ସେ ମୋତେ ହକି ଖେଳିବାକୁ ପ୍ରସ୍ତାବ ଦେଇଥିଲେ। ଆମ ସହ ହକି ଖେଳିବାକୁ କାହିଁକି ଆସୁନାହଁ ବୋଲି ସେ ମୋତେ କହିଥିଲେ। ପ୍ରଥମେ ହକି ମୋତେ ଭଲ ଲାଗି ନ ଥିଲା। ତେବେ କେତେ ସପ୍ତାହ ପରେ ହକିକୁ ନେଇ ମୋର ଭଲ ପାଇବା ଆରମ୍ଭ ହୋଇଥିଲା ଓ ଏହା ମୋର ଜୀବନ ପାଲଟି ଯାଇଥିଲା ବୋଲି ବରୁଣ କୁହନ୍ତି।

### ସଂକ୍ଷେପରେ...

- ନାମ- ବରୁଣ କୁମାର
- ଜନ୍ମ- ପଞ୍ଜାବ, ଜଳନ୍ଧର
- ବୟସ- ୨୩
- ଦଳ- ଭାରତୀୟ ସିନିୟର ଓ ଜୁନିୟର।
- ହକି ଇଣ୍ଡିଆ ଲିଗ୍- ପଞ୍ଜାବ ୱାରିୟର୍ସ ।
- ସ୍ୱର୍ଣ୍ଣ- ଏସିଆ କପ୍ (୨୦୧୭)
- ଚାମ୍ପିୟନ୍ସଟ୍ରଫି-ରୌପ୍ୟ (୨୦୧୮)



| Dollar | Sensex | Nifty | Gold | Silver |
|---|---|---|---|---|
| 70.74 (15) | 38,690.10 (32.83) | 11,670.80 (15.10) | 31,200.00 (₹120) | 38,300.00 (₹0) |

## ସଂକ୍ଷେପରେ

### ବ୍ୟାଙ୍କ ଖୋଲା ରହିବ

**ନୂଆଦିଲ୍ଲୀ,୩୦-୮:** ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଦେଶର ସମସ୍ତ ବ୍ୟାଙ୍କ ଖୋଲା ରହିବ ଏବଂ ଏଟିଏମ୍‌ରେ ଟଙ୍କା ଉଠାଇ ହେବ। ସେପ୍ଟେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଏବଂ ୮ ଓ ୯ ତାରିଖ ଛୁଟି ଦିନ ଓ ଧର୍ମଘଟ ଯୋଗୁ ୬ ଦିନ ବ୍ୟାଙ୍କ ବନ୍ଦ ରହିବ ଏବଂ ଏହି ସମୟରେ ଏଟିଏମ୍‌ରୁ ଟଙ୍କା ଉଠାଇ ହେବ ନାହିଁ ବୋଲି ସୋସିଆଲ ମିଡିଆ ହ୍ୱାଟ୍ସଆପ୍‌ରେ ଏକ ସୂଚନା ପ୍ରସାରିତ ହେଉଛି। ଏଥିରେ କୁହାଯାଇଛି ଯେ, ସେପ୍ଟେମ୍ବର ୩ରେ ଜନ୍ମାଷ୍ଟମୀ ଓ ୪ ଓ ୫ରେ କର୍ମଚାରୀଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ନ୍ୟାଶନାଲ ଅର୍ଗାନାଇଜେଶନ ଅଫ ବ୍ୟାଙ୍କ ୱାର୍କର୍ସର ଭାଇସ ପ୍ରେସିଡେଣ୍ଟ ଅଶ୍ୱିନୀ ରାଣା ଏହାକୁ ଖଣ୍ଡନ କରିଛନ୍ତି। ରିଜର୍ଭ ବ୍ୟାଙ୍କ କର୍ମଚାରୀ ୪ ଓ ୫ରେ ଧର୍ମଘଟ କରୁଛନ୍ତି। ଏଥିରେ ଦେଶର ସମସ୍ତ ବ୍ୟାଙ୍କ ସାମିଲ ହୋଇଛନ୍ତି ବୋଲି ଧରିନିଆଯାଇଛି। ଆସନ୍ତା ସପ୍ତାହରେ ବ୍ୟାଙ୍କ ଖୋଲା ରହିବ ବୋଲି ସେ କହିଛନ୍ତି।

### ସୁନ୍ଦର ପିଚାଇଙ୍କୁ ଭେଟିଲେ ପ୍ରସାଦ



**ୱାଶିଂଟନ/ନୂଆଦିଲ୍ଲୀ,୩୦-୮:** ଆମେରିକା ଗସ୍ତରେ ଯାଇଥିବା ଭାରତର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ ଗୁଗୁଲ ସିଇଓ ସୁନ୍ଦର ପିଚାଇଙ୍କୁ ଭେଟିଛନ୍ତି। ସିଲିକନ୍ ଭ୍ୟାଲିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରସାଦ ଭାରତରେ ଆଇଟି ଉଦ୍ୟୋଗରେ ଅଧିକ ନିବେଶ ବୃଦ୍ଧି ଉପରେ ଜୋର୍ ଦେଇଥିଲେ। ଏନ୍‌ଆର୍‌ଆଇମାନେ ଭାରତର ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ସହ ସାଇବର ସୁରକ୍ଷା ଏବଂ ନୂଆ ଟେକ୍ନୋଲୋଜି ନିଜ ଦେଶରେ ଲାଗୁ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଗୁଗୁଲ୍ କାର୍ଯ୍ୟାଳୟରେ ପିଚାଇଙ୍କୁ ଭେଟିଥିଲେ। କମ୍ପ୍ୟୁଟର ସଂଯୋଗ ବୃଦ୍ଧି, ଭାରତୀୟ ଭାଷାକୁ ଗୁଗୁଲ୍‌ରେ ସାମିଲ କରିବା ତଥା ଷ୍ଟାର୍ଟଅପ୍ କ୍ଷେତ୍ରରେ କ୍ଷମତା ବୃଦ୍ଧି ଲାଗି ଭାରତରେ କମ୍ପାନୀର ନିବେଶ ଉପରେ ପିଚାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଜଣାଇଥିଲେ।

### ବିମୁଦ୍ରୀକରଣ ନଗଦ କାରବାରକୁ ହ୍ରାସ କରିଛି

**ନୂଆଦିଲ୍ଲୀ, ୩୦-୮(ପି.ଟି.):** ବିମୁଦ୍ରୀକରଣ ଯୋଗୁ ଦେଶରେ ନଗଦ ଅର୍ଥ କାରବାର ହ୍ରାସ ପାଇଛି। ଏହା ବଦଳରେ ଜନସାଧାରଣ ଅନ୍‌ଲାଇନ୍ କାରବାରକୁ ଗ୍ରହଣ କରିଛନ୍ତି। ନୀତି ଆୟୋଗର ଉପାଧ୍ୟକ୍ଷ ରଜୀବ କୁମାର ଗୁରୁବାର ଏହା କହିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ୯୯.୩% ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଲୋକଙ୍କ ଠାରୁ ପ୍ରତ୍ୟାହାର କରି ନିଆଯାଇଛି। ଏହି ସବୁ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଛି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏହି ସମୟରେ ଭାରତୀୟ ବଜାରରେ ମୋଟ ୧୫.୪୧ ଲକ୍ଷ କୋଟି ମୂଲ୍ୟର ୫୦୦ ଓ ୧୦୦୦ ଟଙ୍କିଆ ନୋଟ ପ୍ରବାହିତ ହେଉଥିଲା। ସେଥି ମଧ୍ୟରୁ ଏବେ ସୁଦ୍ଧା ୧୫.୩୧ ଲକ୍ଷ କୋଟି ନୋଟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଛି।

### ମାଲ୍ୟାଙ୍କ ଲାଗି ସେଲ୍ ନଂ ୧୨ର ପୁନଃନିର୍ମାଣ

**ମୁମ୍ବାଇ,୩୦-୮:** ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ଲଣ୍ଡନ କୋର୍ଟରେ ମାମଲା ଚାଲିଛି। ପ୍ରତ୍ୟର୍ପଣ ପରେ ସ୍ଥାନୀୟ ଆର୍ଥର ରୋଡ୍ ଜେଲ୍‌ର ସେଲ୍ ନଂ ୧୨ରେ ତାଙ୍କୁ ରଖାଯିବ। ତେବେ ମାଲ୍ୟା ଏଥିପାଇଁ ଅରାଜି ହେବାରୁ କୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ପକ୍ଷରୁ ସେଲ୍‌ର ଏକ ଭିଡିଓ ଦାଖଲ କରାଯାଇଛି। ଏହି ଭିଡିଓରୁ ଜଣାପଡିଛି ଯେ, ମାଲ୍ୟା ରହିବାକୁ ଥିବା ସେଲ୍ ନଂ ୧୨ର ଫ୍ଲୋର ଟାଇଲ୍‌କୁ ବଦଳାଯାଇଛି। ସେଲ୍‌ର କାନ୍ଥରେ ନୂଆ ରଙ୍ଗ ଦିଆଯାଇଛି। ଏହାଛଡା ବାଥ୍‌ରୁମ୍‌କୁ ଚକାଚକ୍ କରାଯିବା ସହ ଅତ୍ୟାଧୁନିକ ଟଏଲେଟ୍ ବ୍ୟବସ୍ଥା କରାଯାଇଛି। ଏହି ସେଲ୍‌ରେ ୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ଅଜମଲ କସବକୁ ରଖାଯାଇଥିଲା। ପିଡବ୍ଲ୍ୟୁଡି ପକ୍ଷରୁ ଏହି ସେଲ୍‌ର ନବନିର୍ମାଣ କରାଯାଇଛି। ପ୍ରମେଶ କନଷ୍ଟ୍ରକ୍ସନ ନାମକ ଏକ କଣ୍ଟ୍ରାକ୍ଟର କମ୍ପାନୀ ଏହାକୁ ନିର୍ମାଣ କରିଛି। କମ୍ପାନୀ ମୁଖ୍ୟ ଶିବକୁମାର ପାଟିଲ ପୁନଃନିର୍ମାଣକୁ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଆର୍ଥର ରୋଡ୍ ଜେଲ୍ ଦାୟିତ୍ୱରେ ଥିବା ପିଡବ୍ଲ୍ୟୁଡିର ସେକ୍ସନ ଇଞ୍ଜିନିୟର ଶୈଳେଶ ପୋଲ୍ ଏହାକୁ ସାଧାରଣ କାର୍ଯ୍ୟ ବୋଲି ଦର୍ଶାଇଛନ୍ତି।

> କେଉଁ ସୀମା ପର୍ଯ୍ୟନ୍ତ ରିସ୍କ ନେବା ସୁରକ୍ଷିତ ତାହା ବିଚାର କରିବା ଜଣେ ନିବେଶକଙ୍କ ପାଇଁ ଏକ କଠିନ ବ୍ୟାପାର।
> – ଜର୍ଜ ସୋରୋ, ଆମେରିକୀୟ ନିବେଶକ



> ଯଦି କୌଣସି ସେବା ଆପଣଙ୍କୁ ମାଗଣାରେ ମିଳୁଛି ତେବେ ଆପଣ ପ୍ରକୃତରେ ତାହାର ଗ୍ରାହକ ନୁହନ୍ତି। ବରଂ ଏହା ଆପଣଙ୍କ ପାଇଁ ଏକ ବୋଝ ହୋଇ ପାରେ।
> – ଟିମ୍ କୁକ୍, ସିଇଓ, ଆପଲ୍



# ଜିଲା ସ୍ତରରେ ସ୍ୱତନ୍ତ୍ର କ୍ଲଷ୍ଟର ସ୍ଥାପନକୁ ପ୍ରାଥମିକତା

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**



## ରାଜ୍ୟ ଏସ୍‌ସିଏସ୍‌ଟି କନକ୍ଲେଭ

- ଏନ୍‌ଏସ୍‌ଆଇସି ଧର୍ମପଦ ଭବନର ଶୁଭାରମ୍ଭ
- ରାଉରକେଲାରେ ହେବ ବିଜନେସ୍ ଲାଇଭ୍‌ଲିହୁଡ ଇନ୍‌କ୍ୟୁବେଟର
- ଭୁବନେଶ୍ୱରରେ ଆପାରେଲ୍ ଇନ୍‌କ୍ୟୁବେଶନ ସେଣ୍ଟର

ଓଡିଶାରେ ଉପଲବ୍ଧ ହେଉଥିବା ବିଭିନ୍ନ ଉତ୍ପାଦ ତଥା ସାମଗ୍ରୀ ବେଶ୍ ସ୍ୱତନ୍ତ୍ର। କନ୍ଧମାଳର ହଳଦୀ ଭଳି ଏଠାକାର ବିଭିନ୍ନ ଜିଲା ସେମାନଙ୍କ ସାମଗ୍ରୀକୁ ନେଇ ବେଶ ଜଣାଶୁଣା। ଏଠାରେ କୃଷିଜାତ ସାମଗ୍ରୀ, ବୟନ ଶିଳ୍ପ ତଥା ଅନ୍ୟ କେତେକ କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ଲାଗି ବିଶେଷ ସୁଯୋଗ ରହିଛି। 'ୱାନ ଡିଷ୍ଟ୍ରିକ୍ଟ ୱାନ ପ୍ରଡକ୍ଟ ସ୍କିମ୍' ଆଧାରରେ ଜିଲା ସ୍ତରରେ କ୍ଲଷ୍ଟର ସ୍ଥାପନକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି। ଏହା ହେଲେ ଉଦ୍ୟୋଗୀମାନଙ୍କୁ ବିଶେଷ ଭାବେ ଲାଭ ମିଳିବ। ଗୁରୁବାର ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ (ଏନ୍‌ଏସ୍‌ଆଇସି) ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଏସ୍‌ସି ଏସ୍‌ଟି କନକ୍ଲେଭ ଅବସରରେ କେନ୍ଦ୍ର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଗିରିରାଜ ସିଂ ଏହା କହିଛନ୍ତି। ଏଭଳି କ୍ଲଷ୍ଟର ଉନ୍ନତୀକରଣ ହୋଇପାରିଲେ ଏହା ନିଯୁକ୍ତି ସୃଷ୍ଟି ଦିଗରେ ସହାୟକ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ଯୋଗୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ପ୍ରାୟ ୨ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ୧୮ ଲକ୍ଷ ନୂଆ ଉଦ୍ୟୋଗୀ ସୃଷ୍ଟି ଦିଗରେ ସରକାର କାର୍ଯ୍ୟକରୁଥିବା ସିଂ ଏହି ଅବସରରେ ସୂଚନା ଦେଇଛନ୍ତି। କନ୍ଧମାଳରେ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ, ଉନ୍ନତ ବ୍ୟବସ୍ଥା ଦ୍ୱାରା ଘରୋଇ ବଜାରରେ କୃଷକଙ୍କ ଆୟ ବୃଦ୍ଧି, ରପ୍ତାନି ବୃଦ୍ଧି, ରାଜ୍ୟର ୨୦ ହଜାର କୃଷି ଉଦ୍ୟୋଗୀଙ୍କୁ ତାଲିମ୍ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଏନ୍‌ଏସ୍‌ଆଇସି ଧର୍ମପଦ ଭବନର ଶୁଭାରମ୍ଭ ହୋଇଛି।

କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଆଦିବାସୀ ଉଦ୍ୟୋଗୀଙ୍କ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ନୂଆ କରି ସ୍ଥାପନ ହୋଇଥିବା ଧର୍ମପଦ ଭବନ ରାଜ୍ୟର ଯୁବବର୍ଗଙ୍କ ଲାଗି ବିଶେଷ ଭାବେ ସହାୟକ ହେବ ବୋଲି ପ୍ରଧାନ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକ ଅର୍ଥନୀତିର ମେରୁଦଣ୍ଡ। ଉକ୍ତ ଶିଳ୍ପଗୁଡିକ ନିଯୁକ୍ତି ସୃଷ୍ଟି ଓ ଜିଡିପି ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପାରାଦୀପ ଆଗାମୀ ଦିନରେ ଓଡିଶାର ବିକାଶ ଦୀପ ହେବ। ସେଠାକାର ପେଟ୍ରୋକେମିକାଲ ଶିଳ୍ପରୁ ଆଗାମୀ ଦିନରେ ସିନ୍ଥେଟିକ୍ ସୂତା ପ୍ରସ୍ତୁତି ତଥା ବୟନ ଶିଳ୍ପର ବିକାଶ ନେଇ ସେ ସୂଚନା ଦେଇଥିଲେ। ଷ୍ଟାଣ୍ଡ ଅପ୍ ତଥା ମୁଦ୍ରା ଯୋଜନାରେ ଅନୁସୂଚିତ ଜାତି, ଜନଜାତି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, କ୍ଷୁଦ୍ର ଶିଳ୍ପଗୁଡିକରୁ ବୃହତ୍ ଶିଳ୍ପଗୁଡିକର ଉତ୍ପାଦ ସଂଗ୍ରହରେ ଉନ୍ନତି, ଏସ୍‌ଟି ଏସ୍‌ସି ଉଦ୍ୟୋଗୀଙ୍କ ବିକାଶ ଦିଗରେ ବ୍ୟାଙ୍କଗୁଡିକର ଭୂମିକା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ରାଜ୍ୟ ତଥା କେନ୍ଦ୍ର ସରକାର ମିଳିତ ହୋଇ କାର୍ଯ୍ୟ କରିବା ଉପରେ ସେ ମତ ରଖିଛନ୍ତି।

ଏସ୍‌ସି ଏସ୍‌ଟି ଉଦ୍ୟୋଗୀଙ୍କ ଲାଗି କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କାର୍ଯ୍ୟକ୍ରମରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସୂଚନା ଦେଇଛନ୍ତି। ଉଦ୍ୟୋଗୀଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ମଧ୍ୟ ଆଗେଇ ଆସିବା ଦରକାର ବୋଲି ସେ ଆହ୍ୱାନ ଜଣାଇଛନ୍ତି। ଏସ୍‌ଟି ଏସ୍‌ସି ଉଦ୍ୟୋଗୀଙ୍କ ମଧ୍ୟରେ ଶିଳ୍ପ ସଂକ୍ରାନ୍ତ ବିଭିନ୍ନ ସଚେତନତା ସୃଷ୍ଟି ଲାଗି ଏଭଳି କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବ ଅରୁଣ ପଣ୍ଡା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୨୬ଟି ସ୍ଥାନରେ ଏଭଳି କନକ୍ଲେଭ ଆୟୋଜନ କରାଯାଇଛି। ପବ୍ଲିକ ପ୍ରକ୍ୟୁରମେଣ୍ଟ, କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କୁ ହ୍ୟାଣ୍ଡ ହୋଲ୍‌ଡିଂ ସହାୟତା, ଶିଳ୍ପଗୁଡିକର ଉତ୍ପାଦ ମାର୍କେଟିଂ, ପ୍ରଡକ୍ଟର ସେଲିଂ, ଏମ୍‌ଏସ୍‌ଏମ୍‌ଇ ସମ୍ବନ୍ଧ ପୋର୍ଟାଲ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଟେକ୍ନୋଲୋଜି ହସ୍ତାନ୍ତର ପାଇଁ ଏନ୍‌ଏସ୍‌ଆଇସି ସହ ସ୍ୟାପ୍ , ରାଉରକେଲାରେ ଲାଇଭଲିହୁଡ୍ ବିଜନେସ୍ ଇନକ୍ୟୁବେଟର ସ୍ଥାପନ ଲାଗି ଏନ୍‌ଏସ୍‌ଆଇସି, ରାଉରକେଲା ଏବଂ ଏସ୍‌ଟି ଫାଇନାନ୍ସ ଡେଭଲପମେଣ୍ଟ କର୍ପୋରେଶନ ମଧ୍ୟରେ ସହଭାଗିତା ହୋଇଛି। ଏଥିରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କ, ଶିଳ୍ପ ସଂଘ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସି ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଧର୍ମପଦ ଭବନ

ଭୁବନେଶ୍ୱରର ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ନୂଆ କରି ସ୍ଥାପନ ହୋଇଥିବା ଧର୍ମପଦ ଭବନ ଏସ୍‌ଏସ୍‌ଏମ୍‌ଇ ଲାଗି ୱାନଷ୍ଟପ ସଲ୍ୟୁଶନ ହେବ। ପୂର୍ବାଞ୍ଚଳରେ ଏହା ଏନ୍‌ଏସ୍‌ଆଇସିର ସର୍ବବୃହତ୍ ଅଫିସ ବିଲଡିଂ। ୧.୧୦ ଲକ୍ଷ ବର୍ଗ ଫୁଟ ବିଲ୍‌ଡ ଅପ୍ ଏରିଆରେ ଏହା ସ୍ଥାପନ ହୋଇଛି। ଏହା ଏକ ସମନ୍ୱିତ ମାର୍କେଟିଂ ଉନ୍ନତୀକରଣ ସେଣ୍ଟର(ଆଇଏମ୍‌ଡିସି) ଭାବେ କାର୍ଯ୍ୟ କରିବ। ଉକ୍ତ ବିଲଡିଂରେ ଜାତୀୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ(ଏନ୍‌ଏସ୍‌ଡିସି), ଜାତୀୟ ଦକ୍ଷତା ତାଲିମ୍ ପ୍ରତିଷ୍ଠାନ(ଏନ୍‌ଏସ୍‌ଟିଆଇ), ଏନ୍‌ଏସ୍‌ଆଇସିର ଜାତୀୟ ଏସ୍‌ସିଏସ୍‌ଟି ହବ୍ ଅଫିସ (ଏନ୍‌ଏସ୍‌ଏସ୍‌ଏଚ୍‌ଓ) ଭଳି କାର୍ଯ୍ୟାଳୟ ରହିବ। ଏହା ସହ ଆପାରେଲ କ୍ଷେତ୍ରରେ ତାଲିମ ତଥା ଇନ୍‌କ୍ୟୁବେଶନ ସେଣ୍ଟର ମଧ୍ୟ ଏଠାରେ ରହିବ।

## ବଜାଜ ଅଟୋର ହ୍ୟାଟ୍ରିକ୍ ଅଫର

**ଭୁବନେଶ୍ୱର, ୩୦-୮**

ସେପ୍ଟେମ୍ବର ପହିଲାରୁ ମୋଟର ସାଇକେଲ କ୍ରୟ କଲେ ଗ୍ରାହକଙ୍କୁ ହାରାହାରି ୩୦୦୦ ଟଙ୍କା ଅଧିକ ଖର୍ଚ୍ଚ ବହନ କରିବାକୁ ପଡ଼ିବ। ପୂର୍ବରୁ ଜଣେ ଗ୍ରାହକ ଗାଡି କ୍ରୟ କଲେ ଅତି କମ୍‌ରେ ବର୍ଷକ ପାଇଁ ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ କଭରେଜ୍‌ର ନିୟମ ରହିଥିଲା। କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅର୍ଥାତ ଗାଡି କ୍ରୟରେ ତୃତୀୟ ପକ୍ଷଙ୍କ ପାଇଁ ୫ ବର୍ଷର ବାଧ୍ୟତାମୂଳକ ବୀମା କରିବାକୁ ପଡ଼ିବ। ଫଳରେ ଏଥିବାବଦ ଗ୍ରାହକଙ୍କୁ ପ୍ରାୟ ୩୦୦୦ ହଜାର ଟଙ୍କା ଅଧିକ ଖର୍ଚ୍ଚ ମୁଣ୍ଡାଇବାକୁ ହେବ ବୋଲି ପ୍ରମୁଖ ଦୁଇ ଚକିଆ ଓ ତିନିଚକିଆ ଯାନ ନିର୍ମାତା ବଜାଜ ଅଟୋ ଲିମିଟେଡ୍ ପ୍ରକାଶ କରିଛି। ଏ ସମ୍ପର୍କିତ ଏକ ପ୍ରେସ୍ ଇସ୍ତାହାର ଜାରି କରି ବଜାଜ ଅଟୋ ଏହାର ହ୍ୟାଟ୍ରିକ୍ ଅଫର ଘୋଷଣା କରିଛି। କମ୍ପାନୀର ସୂଚନା ଅନୁସାରେ ଯେଉଁମାନେ ନୂତନ ଯାନ କ୍ରୟ କରିବା ପାଇଁ ଚାହୁଁଛନ୍ତି ସେମାନେ ଚାହିଁଲେ ଏହି ଅତିରିକ୍ତ ବାଧ୍ୟତାମୂଳକ ଖର୍ଚ୍ଚରୁ ବର୍ତ୍ତି ପାରିବେ। ଏଥିପାଇଁ ଶୁକ୍ରବାର ଗୋଟିଏ ଦିନ ସମୟ ବାକି ରହିଛି। ଏହି ସମୟରେ ଯାନ କ୍ରୟ କଲେ ବଜାଜର ପ୍ଲାଟିନାରେ ପାଖାପାଖି ୪୮୦୦ ଏବଂ ପଲ୍‌ସର ଏନ୍‌ଏସ୍ ୧୬୦ ମଡେଲ୍‌ରେ ପାଖାପାଖି ୮୦୦୦ ଟଙ୍କା ସଞ୍ଚୟ କରିପାରିବେ। ଏହି ସୀମିତ ସମୟ ମଧ୍ୟରେ ଗ୍ରାହକମାନେ ବଜାଜ ସିଟି ୧୦୦, ପ୍ଲାଟିନା, ଡିସ୍କଭର, ଭି, ପଲ୍‌ସର ଆଦି ମଡେଲ୍‌ରେ ୨ ବର୍ଷର ମାଗଣା ସର୍ଭିସ୍ ପାଇ ପାରିବେ। ଏହା ବାଦ୍ ବଜାଜର ଯେକୌଣସି ମୋଟରସାଇକେଲ୍‌ରେ ୫ ବର୍ଷର ୱାରେଣ୍ଟି ପ୍ୟାକେଜ୍ ମଧ୍ୟ ପାଇବେ। ଏହି ସ୍ୱତନ୍ତ୍ର ଅଫର ସୁବିଧା ପ୍ରଦାନ ପାଇଁ ବଜାଜ ଅଟୋର ସମସ୍ତ ଡିଲର୍ସିପଏଣ୍ଟ ଶୁକ୍ରବାର ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ।

### ସିକ୍ୟୁରିଟିଜ ବୋର୍ଡରେ ପୁନର୍ନିଯୁକ୍ତି

## ଚନ୍ଦାଙ୍କୁ ଆଇସିଆଇସିଆଇର ସମର୍ଥନ

**ମୁମ୍ବାଇ,୩୦-୮**

ଆଇସିଆଇସିଆଇ ବ୍ୟାଙ୍କ ଏହାର ସିଇଓ ତଥା ଏମ୍‌ଡି ଚନ୍ଦା କୋଚର୍‌ଙ୍କୁ ସହଯୋଗୀ କମ୍ପାନୀ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରେ ପୁନଃନିଯୁକ୍ତିକୁ ସମର୍ଥନ କରିଛି ବୋଲି ଟିଭି ରିପୋର୍ଟ ପ୍ରକାଶ ପାଇଛି। ଏଠାରେ ଗୁରୁବାର ଆଇସିଆଇସିଆଇ ସିକ୍ୟୁରିଟିଜର ବାର୍ଷିକ ସାଧାରଣ ବୈଠକରେ ଚନ୍ଦାଙ୍କ ପୁନଃନିଯୁକ୍ତିକୁ ନେଇ ଭୋଟିଂ ହୋଇଥିଲା ବୋଲି ବିଶ୍ୱସ୍ତ ସୂତ୍ରକୁ ଉଦ୍ଧାର କରି ରିପୋର୍ଟରେ କୁହାଯାଇଛି। ଭିଡିଓକନ୍ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ କୋଚର୍‌ଙ୍କୁ ଏବେ ବାଧ୍ୟତାମୂଳକ ଭାବେ ଛୁଟିରେ ଯିବାକୁ ପଡିଛି। ତାଙ୍କ ବିରୋଧରେ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ ହୋଇଛି। ଏହାଛଡା ମାର୍କେଟ ରେଗୁଲେଟର ସେବି, ସିବିଆଇ ଓ ଆୟକର ବିଭାଗ ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଉଛି। ଆଇସିଆଇସିଆଇ ସିକ୍ୟୁରିଟିଜର ସମ୍ବିଧାନ ଅନୁଯାୟୀ ବ୍ୟାଙ୍କ୍‌ର ସିଇଓ ତଥା ଏମଡି ଭାବେ ଚନ୍ଦା କୋଚର ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ଜଣେ ସଦସ୍ୟ ରହିଛନ୍ତି। ତାଙ୍କର କାର୍ଯ୍ୟକାଳ ଆଜି ଶେଷ ହୋଇଥିବା ବେଳେ ସେ ପୁନଃନିଯୁକ୍ତି ପାଇ ଯୋଗ୍ୟ ହୋଇଛନ୍ତି। ଏସଂକ୍ରାନ୍ତରେ ଆଗତ ରିଜଲ୍ୟୁଶନ ଅନୁମୋଦନ ଲାଭ କଲେ ଚନ୍ଦା ପୁନର୍ବାର ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ପାଇବେ। ଅପରପକ୍ଷରେ କୋଚର ଏବେ ମଧ୍ୟ ବ୍ୟାଙ୍କର ଏମଡି ତଥା ସିଇଓ ଅଛନ୍ତି।

## ୧୫% ବଢ଼ିବ ନାଚୁରାଲ ଗ୍ୟାସ୍

**ନୂଆଦିଲ୍ଲୀ,୩୦-୮**



କେନ୍ଦ୍ର ସରକାର ଦେଶରେ ଉତ୍ପାଦିତ ହେଉଥିବା ନାଚୁରାଲ ଗ୍ୟାସ୍(ପ୍ରାକୃତିକ ବାଷ୍ପ)ର ଦାମ ୧୪% ବଢ଼ାଇବାକୁ ଯାଉଛନ୍ତି। ଆସନ୍ତା ୬ ମାସ ପାଇଁ ନାଚୁରାଲ ଗ୍ୟାସ୍‌ର ଦାମ ୩.୫୦ ଡଲାର ମିଲିୟନ ମେଟ୍ରିକ ବ୍ରିଟିଶ ଥର୍ମାଲ ୟୁନିଟ୍ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ହାଣ୍ଡିଶାଳରେ ବ୍ୟବହୃତ ଗ୍ୟାସ୍‌ର ଦାମ୍ ବଢ଼ିବା ନିଶ୍ଚିତ। କେବଳ ସେତିକି ନୁହେଁ ନାଚୁରାଲ ଗ୍ୟାସ୍ ବ୍ୟବହାର କରି ସାର ଉତ୍ପାଦନ କରୁଥିବା କମ୍ପାନୀଙ୍କ ଖର୍ଚ୍ଚ ବଢ଼ିବ। ସେହିପରି ପିଏନ୍‌ଜି ଓ ସିଏନ୍‌ଜି ବ୍ୟବହାର କରୁଥିବା ଅଟୋ ଉଦ୍ୟୋଗ ପାଇଁ ମଧ୍ୟ ଖର୍ଚ୍ଚ ବଢ଼ିଯିବ। ନୂଆ ପ୍ରାଇସ୍ ମେକାନିଜମ ଆପଣାଇ କେନ୍ଦ୍ର ସରକାର ଚଳିତ ବର୍ଷ ଆରମ୍ଭରେ ଘରୋଇ ଉତ୍ପାଦିତ ନାଚୁରାଲ ଗ୍ୟାସ୍ ଦାମ ୬% ବଢ଼ାଇଥିଲେ। ଫଳରେ ଏହାର ଦାମ୍ ୩.୦୬ ମିଲିୟନ ମେଟ୍ରିକ ବ୍ରିଟିଶ୍ ଥର୍ମାଲ ୟୁନିଟ୍‌ରେ ପହଞ୍ଚିଥିଲା। ଏହା ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ତେବେ ସରକାର ଏକାଥରକେ ଗ୍ୟାସ୍ ଦାମରେ ୧୪% ବୃଦ୍ଧି କରିବା ଦ୍ୱାରା ଏହା ଉପରେ ନିର୍ଭରଶୀଳ ସମସ୍ତେ ବ୍ୟାପକ ଭାବେ ପ୍ରଭାବିତ ହେବେ। ଏହାଦ୍ୱାରା ପାଇପ୍ ଯୋଗେ ରୋଷେଇ ଗ୍ୟାସ୍ ନେଉଥିବା ପରିବାର ଅଧିକ ଦାମ୍ ଦେବାକୁ ବାଧ୍ୟ ହେବେ। ସେହିପରି ସିଏନ୍‌ଜି ବ୍ୟବହାର କରୁଥିବା ଅଟୋ ସେକ୍ଟର ମଧ୍ୟ ଦାମ୍ ବଢ଼ାଇବେ।

## ଇରାନରୁ ତେଲ କ୍ରୟ ନେଇ ହେବ ନିଷ୍ପତ୍ତି

**ନୂଆଦିଲ୍ଲୀ,୩୦-୮**

ଆମେରିକାର କଟକଣା ସତ୍ତ୍ୱେ ଭାରତ ଏହାର ମିତ୍ର ରାଷ୍ଟ୍ର ଇରାନରୁ ଅଶୋଧିତ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିବ ନାହିଁ। ଆସନ୍ତା ସପ୍ତାହରେ ଆମେରିକା ସହ ଆଲୋଚନା ପରେ ହିଁ ଭାରତ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଆମେରିକା ବିଦେଶ ସଚିବ ମାଇକ ପମ୍ପିଓ ଏବଂ ପ୍ରତିରକ୍ଷା ସଚିବ ଜିମ୍ ମ୍ୟାଟିସ୍‌ଙ୍କ ସହ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ୨+୨ ବୈଠକ ସେପ୍ଟେମ୍ବର ୬ରେ ଅନୁଷ୍ଠିତ ହେବାକୁ ଯାଉଛି।

## ଓପୋଲଫେଡ୍‌ର ନୂଆ ପରିଚାଳନା ନିର୍ଦ୍ଦେଶକ

**ଭୁବନେଶ୍ୱର,୩୦-୮**



ଓପୋଲଫେଡ୍‌ର ନୂଆ ପରିଚାଳନା ନିର୍ଦ୍ଦେଶକ ଭାବେ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ନରେଶ ଚନ୍ଦ୍ର ରଥ ବୁଧବାର ଅତିରିକ୍ତ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଓପୋଲଫେଡର ଜେନେରାଲ ମ୍ୟାନେଜର ଡା.ବିମଳ କୁମାର ମହାପାତ୍ର, ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ପ୍ରଧାନ, ବିବେକାନନ୍ଦ ପଟ୍ଟନାୟକ, ସୁବାସ ମହାନ୍ତି, ପ୍ରଦୀପ ମହାପାତ୍ର, ତାରିଣୀ ସାହୁ, ଦେବଦତ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ସନ୍ତୋଷ ଦାସ ,ନିର୍ମଳ ସାମଲ, ନିରଞ୍ଜନ ଦାସ, ସୁନିଲ ନାୟକ, ନିରଞ୍ଜନ ମଲ୍ଲିକ, ପ୍ରମିଳା ମିଶ୍ର, ରମେଶ ନାଏକ ଚିତ୍ରସେନ ଭୋଇପ୍ରମୁଖ ଉପସ୍ଥିତ ଥିଲେ।

## ୩ କ୍ୟାରେଟ୍‌ର ହୀରା ଦେଖାଇ ଋଣ ନେଇଥିଲେ ନୀରବ

**ନୂଆଦିଲ୍ଲୀ,୩୦-୮**

ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଆମେରିକା କମ୍ପାନୀ ବିରୋଧରେ ତଦନ୍ତ କରିବା ଲାଗି ସେଠାକାର କୋର୍ଟ ଦ୍ୱାରା ଜନ୍ ଜେ. କାର୍ନେ ନାମକ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଥିଲା। ସେ ଗଭୀର ତଦନ୍ତ କରିବା ପରେ ସେଠାକାର ଅଦାଲତରେ ଏକ ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟରେ ଉଲ୍ଲିଖିତ ବହୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ୩ କ୍ୟାରେଟ୍‌ର ଏକ ହଳଦିଆ ହୀରାକୁ ଦେଖାଇ ନୀରବ ମୋଦି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କାର ଋଣ ନେବାରେ ସଫଳ ହୋଇଥିଲେ ବୋଲି ରିପୋର୍ଟରୁ ଜଣାପଡିଛି।ନୀରବ ୩ କ୍ୟାରେଟ୍‌ର ଏକ ହଳଦିଆ ହୀରାକୁ ନିଜର ଏକାଧିକ ଜାଲ୍ କମ୍ପାନୀ ଜରିଆରେ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଥିଲେ। ଏଥିପାଇଁ ସେ ହୀରା ମୂଲ୍ୟକୁ ବାରମ୍ବାର ବଢ଼ାଇଥିଲେ। ୨୦୧୧ରୁ ୨୦୧୭ ମଧ୍ୟରେ ଏହି ଠକେଇ କାରବାର୍‌କୁ ଆଗେଇ ନିଆଯାଇଥିଲା।

## ଉନ୍ନତ ଗଭର୍ନାନ୍ସ ଲାଗି କମ୍ପାନୀ ସେକ୍ରେଟାରିଙ୍କୁ ଆହ୍ୱାନ

**ଭୁବନେଶ୍ୱର,୩୦-୮(ବ୍ୟୁରୋ)**




### ଆଇସିଏସ୍‌ଆଇ ପକ୍ଷରୁ ଜାତୀୟ ସମ୍ମିଳନୀ

ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଅବସରରେ ୪୬ତମ ଜାତୀୟ ସମ୍ମିଳନୀ ତଥା ଷଷ୍ଠ ଅନ୍ତର୍ଜାତୀୟ ସମ୍ମିଳନୀ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ। ଆଇସିଏସ୍‌ଆଇ ଦୀର୍ଘ ୫୦ ବର୍ଷ ଧରି ସେବା ଯୋଗାଣ ସହ ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ପଦାର୍ପଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଅନୁଷ୍ଠାନର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, କମ୍ପାନୀର ଅଭିବୃଦ୍ଧି କ୍ଷେତ୍ରରେ କମ୍ପାନୀ ସେକ୍ରେଟାରିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏମାନେ କମ୍ପାନୀର ଆସ୍ଥାସାଡାର ଭାବେ କାର୍ଯ୍ୟ କରନ୍ତି। ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ତଥା ଶିଳ୍ପ କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ହୋଇଥିବାରୁ କମ୍ପାନୀ ସେକ୍ରେଟାରିଙ୍କ କାର୍ଯ୍ୟ ପରିସର ବିଶେଷ ଭାବେ ବୃଦ୍ଧି ଘଟିଛି। ଘରୋଇ ବଜାରରେ ଓଡିଶା ଏକ ପ୍ରମୁଖ ମାନୁଫାକଚରିଂ ହବ୍ ଭାବେ ଉଭା ହୋଇଛି। ଉକ୍ତ କ୍ଷେତ୍ରରେ କମ୍ପାନୀ ସେକ୍ରେଟାରୀ ଅବଦାନ ରଖି ପାରିବେ। ସେହିଭଳି ଉନ୍ନତ ଗଭର୍ନାନ୍ସ ତଥା ଘରୋଇ ବଜାରର ଅଭିବୃଦ୍ଧି କ୍ଷେତ୍ରରେ ସହଭାଗୀ ହେବାକୁ ମୁଖ୍ୟମନ୍ତ୍ରୀ କମ୍ପାନୀ ସେକ୍ରେଟାରିଙ୍କୁ ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଆଇସିଏସ୍‌ଆଇ ସଭାପତି ମକରନ୍ଦ ଲେଲେ, ପ୍ରତିଷ୍ଠାନର କାର୍ଯ୍ୟଧାରା ଓ ଲକ୍ଷ୍ୟ ଉପରେ ସୂଚନା ଦେଇଥିଲେ। କମ୍ପାନୀ ଆଇନ ୨୦୧୩, ବ୍ୟାଙ୍କରପ୍ସି କୋଡ୍, ଜିଏସ୍‌ଟି, ଆଇପିଆର୍ ଭଳି ଅନ୍ୟ ପ୍ରମୁଖ କ୍ଷେତ୍ରରେ ଆଇସିଏସ୍‌ଆଇର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ଅବସରରେ ସିଏସ୍ ଏସ୍.କେ. ଅଗ୍ରୱାଲା, ସିଏସ୍ ଦିନେଶ ଅରୋରା, ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ଅଧ୍ୟକ୍ଷ ଅରୁଣ ମିଶ୍ର, ସିଏସ୍ ଅହଲାଦ ରାଓ ଭି. ସିଏସ୍ ଅଶୋକ ପୁରୋହିତ, ସିଏସ୍ ଏସ୍.ଏନ୍. ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦେଶ ତଥା ବିଦେଶର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଛନ୍ତି। କାର୍ଯ୍ୟକ୍ରମ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏଠାରେ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବ।

# ୧୯୭୮ ପରେ ଭାରତକୁ ଶ୍ରେଷ୍ଠ ସଫଳତା

**ଜାକର୍ତ୍ତା, ୩୦।୮ (ପି.ଟି.)**

ଗୁରୁବାର ଅନୁଷ୍ଠିତ ପୁରୁଷ ୧୫୦୦ ମିଟର ରେସ୍‌ରେ ଜିନସନ ଜନସନ ସ୍ୱର୍ଣ୍ଣ ପଦକ ଲାଭ କରିବା ଏବଂ ମହିଳା ୪x୪୦୦ ମିଟର ରିଲେ ଦଳ କ୍ରମାଗତ ୫ମଥର ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ଭାରତ ୧୯୭୮ ପରେ ଚଳିତ ଏସିଆନ ଗେମ୍ସରେ ଆଥଲେଟିକ୍ସ ଇଭେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛି। ୬ ଦିନର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ପରେ ଭାରତ ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛି। ୧୯୭୮ରେ ଭାରତ ୮ ସ୍ୱର୍ଣ୍ଣ ସହିତ ୧୮ ପଦକ ପାଇଥିଲା। ମାତ୍ର ଏଥର ମୋଟ ୧୯ଟି ପଦକ ହାସଲ କରିଛି। ୧୯୫୧ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବପ୍ରଥମ ସଂସ୍କରଣରେ ଭାରତ ଆଥଲେଟିକ୍ସରେ ୧୦ ସ୍ୱର୍ଣ୍ଣ ସହ ୩୦ ପଦକ ପାଇଥିଲା। ୧୯୮୨ରେ ଭାରତ ଆଥଲେଟିକ୍ସ ଇଭେଣ୍ଟରୁ ୨୦ଟି ପଦକ ପାଇଥିଲେ ହେଁ ସ୍ୱର୍ଣ୍ଣ ପଦକ ସଂଖ୍ୟା ମାତ୍ର ୪ରେ ସୀମିତ ରହିଥିଲା। ଚଳିତ ଏସିଆଡ୍‌ରେ ଭାରତ ଚାଇନା(୧୨-୧୨-୯) ଓ ବାହାରିନ(୧୨-୫-୭) ପଛକୁ ତୃତୀୟ ସ୍ଥାନରେ ରହିଛି।

**ସୀମା, ଚିତ୍ରାଙ୍କୁ ବ୍ରୋଞ୍ଜ ପଦକ**

ଚଳିତ ଏସିଆନ ଗେମ୍ସରେ ଗୁରୁବାର ଭାରତର ସୀମା ପୁନିଆ ଓ ପି.ୟୁ. ଚିତ୍ରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ଡିସ୍‌କସ୍ ଥ୍ରୋରେ ଗତଥରର ଚାମ୍ପିୟନ ସୀମାଙ୍କୁ ଏଥର ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୩୫ ବର୍ଷୀୟ ଏହି ଭାରତୀୟ ଆଥଲେଟ୍ ସର୍ବାଧିକ ୬୨.୨୬ ମିଟର ଦୂରକୁ ଡିସ୍‌କସ୍ ଥ୍ରୋ କରିପାରିଥିଲେ। ଗତ ୬ ବର୍ଷ ମଧ୍ୟରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲେ ହେଁ ତାହା କେବଳ ବ୍ରୋଞ୍ଜ ପଦକ ସଫଳତା ଦେଇ ପାରିଥିଲା। ଏସିଆନ ଚାମ୍ପିୟନ ଚାଇନାର ଚେନ୍ ୟାଙ୍ଗ ୬୫.୧୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଯାହାକି ସୀମାଙ୍କଠାରୁ ୨.୮୬ ମିଟର ଅଧିକ ଥିଲା। ଚାଇନାର ଫେଙ୍ଗ୍ ବିନ୍ ୬୪.୨୫ ମିଟର ସହ ରୌପ୍ୟ ପଦକ ହାସଲ କରିଥିଲେ।

ପ୍ରଥମ ଉଦ୍ୟମରେ ୫୮.୫୧ ମିଟର ଦୂରକୁ ଡିସକସ୍ ଫିଙ୍ଗିଥିବା ସୀମା ଦ୍ୱିତୀୟ ଉଦ୍ୟମରେ ଫାଉଲ୍ କରିଥିଲେ। ତୃତୀୟ ଉଦ୍ୟମରେ ସେ ୬୨.୨୬ ମିଟର ଥ୍ରୋ କରି ପାରିଥିଲେ। ୪ର୍ଥ ଉଦ୍ୟମରେ ୬୧.୨୮, ୫ମ ଉଦ୍ୟମରେ ଫାଉଲ୍ ଓ ୬ଷ୍ଠ ତଥା ଅନ୍ତିମ ଉଦ୍ୟମରେ ସେ ୬୧.୧୮ ମିଟର ଥ୍ରୋ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷରେ ୨୭ ବର୍ଷୀୟ ଚେନ୍ ଚଳିତ



ପି.ୟୁ. ଚିତ୍ରା



ସୀମା ପୁନିଆ

## ଆଥଲେଟିକ୍ସ

ସିଜନରେ ପୂର୍ବରୁ ୬୭.୦୩ ମିଟର ଥ୍ରୋ କରି ସାରିଥିବାରୁ ଟାଇଟଲ ଫେଭରାଇଟ ଥିଲେ। ଏଠାରେ ସେ ୫୯.୬୧ ମିଟରରୁ ଅଭିଯାନ ଆରମ୍ଭ କରିଥିଲେ ହେଁ କ୍ରମେ ଉନ୍ନତି କରି ଶେଷରେ ଶେଷ ଉଦ୍ୟମରେ ୬୫.୧୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଦାବିଦାର ହୋଇ ଯାଇଥିଲେ। ସୀମା ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ୬୧.୦୩ ମିଟର ଦୂରକୁ ଡିସକସ୍ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମାତ୍ର ଏଠାରେ ୬୨.୨୬ ମିଟର ଥ୍ରୋ କରିଥିଲେ ହେଁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ୪ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨ଟି ଏସୀୟ କ୍ରୀଡ଼ା ପଦକ ହାସଲ କରି ସୀମା ଏସିଆର ଶ୍ରେଷ୍ଠ ଡିସ୍‌କସ୍ ଥ୍ରୋୟର ହୋଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ହରିୟାଣାର ସନ୍ଦୀପ କୁମାରୀ ୫୪.୬୧ ମିଟର ସହ ୫ମ ସ୍ଥାନରେ ରହିଥିଲେ। ତାଙ୍କର ଶେଷ ୩ ଉଦ୍ୟମ ଫାଉଲ୍ ହୋଇଥିଲା।

ମହିଳା ୧୫୦୦ ମିଟର ରେସ୍‌ରେ ମଧ୍ୟ ଚିତ୍ରାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଚଳିତ ସିଜନ ପ୍ରଦର୍ଶନ ଦୃଷ୍ଟିରୁ ଚିତ୍ରା ହଟ୍ ଫେଭରାଇଟ୍‌ଭାବେ ରେସ୍ ଆରମ୍ଭ କରିଥିଲେ। ମାତ୍ର ସେ ୪ ମିନିଟ ୧୨.୫୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ପାରିଥିଲେ। ବାହାରିନ୍‌ର ଦୁଇ ପ୍ରତିଯୋଗୀ କାଲ୍‌କିଡାନ ବେଫ୍‌କାଡୁ ୪:୦୭.୮୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଟିଗିଷ୍ଟ ବେଲି ୪:୦୯.୧୨ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ଚିତ୍ରା ୪:୧୭.୯୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ଭାରତୀୟ ପୁରୁଷ ରିଲେ ଦଳକୁ ରୌପ୍ୟ**

ଭାରତୀୟ ୪x୪୦୦ ମିଟର ପୁରୁଷ ରିଲେ ଦଳ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଛି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ କୁନ୍‌ହୁ ମହମ୍ମଦ, ଧରୁନ ଆୟାସାମି, ମହମ୍ମଦ ଆନାସ ଓ ରାଜୀବ ଆରୋକିଆଙ୍କୁ ନେଇ ଭାରତୀୟ ଦଳ ୩:୦୧.୮୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲା। କାତାର ଦଳ ୩:୦୦.୫୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଏବଂ ଜାପାନ ଦଳ ୩:୦୧.୯୪ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ଦଳ ୪ର୍ଥ ସ୍ଥାନରେ ରହିଥିଲା।



୪x୪୦୦ ରିଲେରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଦଳ।



୪x୪୦୦ ରିଲେରେ ରୌପ୍ୟ ପଦକ ବିଜୟୀ ଭାରତୀୟ ପୁରୁଷ ଦଳ।

## ଆଜି ଭାରତର କାର୍ଯ୍ୟସୂଚୀ

**ବକ୍ସିଂ**
ଅପରାହ୍ନ ୪ଟା ୪୫ରୁ ଆରମ୍ଭ
ପୁରୁଷ ଲାଇଟ୍ ଫ୍ଲାଏ (୪୯କେଜି ସେମିଫାଇନାଲ)
ଅମିତ ଫଙ୍ଗାଲ ବନାମ ପାଲାମ କାର୍ଲୋ ।
ପୁରୁଷ ମିଡଲ: (୭୫କେଜି ସେମିଫାଇନାଲ ସନ୍ଧ୍ୟା ୬ଟା)
ବିକାଶ କ୍ରିଷ୍ଣନ ବନାମ ଅମନକୁଲ ଆବିଲଖାଁ।
**ହକି**
ମହିଳା ଟୁର୍ନାମେଣ୍ଟ ସ୍ୱର୍ଣ୍ଣ ପଦକ ମ୍ୟାଚ
ଭାରତ ବନାମ ଜାପାନ
**ଟେବୁଲ ଟେନିସ** (ସକାଳ ୯ଟା୩୦)
ପୁରୁଷ ସିଙ୍ଗଲ୍ସ ରାଉଣ୍ଡ ଅଫ୍ ୧୬- ଶରଥ କମଲ ବନାମ ଚୁଆଙ୍ଗ ଛିୟୁଆନ।
**ଭଲିବଲ** (ସକାଳ ୭ଟା ୩୦ରୁ)
ମହିଳା କ୍ଲାସିଫିକେଶନ ୯ମ-୧୦ମ- ଭାରତ ବନାମ ଚାଇନିଜ ତାଇପେ।
**ଜୁଡୋ** ( ସକାଳ ୭ଟା ୪୨ରୁ)
ପୁରୁଷ ୧୦୦ କେଜି ଏଲିମିନେଶନ ରାଉଣ୍ଡ।
ମହିଳା+୭୮କେଜି କ୍ୱାର୍ଟରଫାଇନାଲ।
**କାନୋଇ/କାୟାକ ସ୍ପ୍ରିଣ୍ଟ:** (ସକାଳ ୭ଟା ୩୦ରୁ)
କାନୋଇ ସିଙ୍ଗଲ (ସି-୧) ୨୦୦ମିଟର ମହିଳା ହିଟ୍ସ
କାୟାକ ସିଙ୍ଗଲ୍ (କେ-୧)
କାନୋଇ ଡବଲ୍ସ (ସି-୨) ୨୦୦ ମିଟର ପୁରୁଷ ହିଟ୍ସ।
ସେଲିଂ ( ସକାଳ ୧୦ଟା ୩୦ରୁ)।

# ସେମିରେ ହାରିଲେ ଭାରତୀୟ ପୁରୁଷ

**ଜାକର୍ତ୍ତା, ୩୦।୮ (ପି.ଟି.)**

ଏସିଆନ ଗେମ୍ସ ହକି ଇଭେଣ୍ଟରେ ଗତଥରର ଚାମ୍ପିୟନ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଦୌଡରୁ ବାଦ୍ ପଡିଛି। ଗୁରୁବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ ଭାରତ ଅପେକ୍ଷାକୃତ ଦୁର୍ବଳ ମାଲେସିଆଠାରୁ ସଡନ ଡେଥରେ ୬-୭ ଗୋଲରେ ପରାସ୍ତ ହୋଇଛି। ଫଳରେ କେବଳ ସ୍ୱର୍ଣ୍ଣ ନୁହଁ, ରୌପ୍ୟ ପଦକ ହାସଲରୁ ମଧ୍ୟ ଭାରତ ବଞ୍ଚିତ ହୋଇଛି। ଏଥିସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବା ସୁଯୋଗ ମଧ୍ୟ ଭାରତ ହାତଛଡ଼ା କରିଛି। ଭାରତୀୟ ଖେଳାଳିମାନେ ଏକାଧିକ ତ୍ରୁଟି କରିଥିଲେ। ତେବେ ଏହି ମ୍ୟାଚରେ ଭାରତକୁ ଅବଶ୍ୟ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ। ଶୁଟ୍ ଅଫ୍ ପରେ ସଡନ ଡେଥର ସହାୟତା ନିଆଯାଇଥିଲା। ଏବେ ବ୍ରୋଞ୍ଜ ପଦକ ପାଇଁ ଭାରତ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଅନ୍ୟ ଏକ ସେମିରେ ପାକିସ୍ତାନ ୦-୧ ଗୋଲରେ ଜାପାନଠାରୁ ହାରିଛି। ଟାଇଟଲ ପାଇଁ ଏବେ ଜାପାନ ଓ ମାଲେସିଆ ପରସ୍ପରକୁ ଭେଟିବେ।

**ଏସିଆନ ଗେମ୍ସ ହକି**

୮ ବର୍ଷ ତଳେ ଗୁଆଝଉ ସଂସ୍କରଣରେ ମାଲେସିଆ ଭାରତକୁ ହରାଇଥିଲା। ନିର୍ଦ୍ଧାରିତ ସମୟ ଓ ଶୁଟ୍ ଅଫ୍‌ରେ ଭାରତୀୟ ଖେଳାଳିମାନେ ତ୍ରୁଟି କରିଥିଲେ ଓ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ନିର୍ଦ୍ଧାରିତ ୬୦ ମିନିଟ ସୁଦ୍ଧା ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ହରମନପ୍ରୀତ ସିଂ ଓ ବରୁଣ କୁମାର ପେନାଲ୍ଟି କର୍ନର ଜରିଆରେ ଯଥାକ୍ରମେ ୩୩ ଓ ୪୦ତମ ମିନିଟରେ ଗୋଲ ସ୍କୋର କରିଥିଲେ। ସେହିପରି ମାଲେସିଆ ତରଫରୁ ଫୈଜଲ ସାରି ୩୯ତମ ମିନିଟରେ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ଶେଷ ହେବାର ଦୁଇ ମିନିଟ ପୂର୍ବରୁ ମାଲେସିଆର ମୁହମ୍ମଦ ରାଜି ଗୋଲ ଦେଇ ଭାରତ ହାତରୁ ବିଜୟ ଛଡ଼ାଇ ନେଇଥିଲେ। ଶୁଟ୍ ଅଫ୍‌ରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା ମାଲେସିଆ। ଏଥିସହ ମାଲେସିଆ ଦ୍ୱିତୀୟଥର ପାଇଁ ଏସିଆଡ ଫାଇନାଲରେ ପ୍ରବେଶ କରିଛି। ସଡନ ଡେଥ୍‌ରେ ଏସ୍‌ଭି ସୁନୀଲ ଗୋଲ ଦେବାରେ ବିଫଳ ହୋଇଥିଲେ। ଫଳରେ ଭାରତ ହାତରୁ ମ୍ୟାଚ ଚାଲିଯାଇଥିଲା। ଶୁଟ୍ ଅଫ୍‌ରେ ଆକାଶଦୀପ ଓ ହରମନପ୍ରୀତ ପ୍ରଥମ ୫ଟି ଶଟ୍ ଗୋଲ ସ୍କୋର କରିଥିଲେ। ତେବେ ମନପ୍ରୀତ ସିଂ, ଦିଲପ୍ରୀତ ସିଂ ଓ ସୁନୀଲ ଫେଲ୍ ମାରିଥିଲେ। ଗୋଲକିପର ପି.ଆର. ଶ୍ରୀଜେସ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ।

ସଡନ ଡେଥ୍‌ରେ ମାଲେସିଆର ୫ଟି ପ୍ରୟାସ ସଫଳ ହୋଇଥିଲା। ଅନ୍ୟପଟେ ଭାରତ ପ୍ରଥମ ୪ଟିରେ ଗୋଲ ଦେଇଥିଲା। କିନ୍ତୁ ଚାପର ସମ୍ମୁଖୀନ ହୋଇ ନ ପାରି ସୁନୀଲ ଫେଲ ମାରିବା ଫଳରେ ଭାରତ ହାରିଥିଲା। ଏହାପୂର୍ବରୁ ଗ୍ରୁପ ପର୍ଯ୍ୟାୟରେ ଭାରତ ୭୬ଟି ଗୋଲ ସ୍କୋର କରିଥିଲା।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧୨ | ୭୬ | ୫୩ | ୨୪୧ |
| ଜାପାନ | ୫୯ | ୪୯ | ୬୬ | ୧୭୪ |
| ଦକ୍ଷିଣ କୋରିଆ | ୩୯ | ୪୬ | ୫୬ | ୧୪୧ |
| ଇଣ୍ଡୋନେସିଆ | ୩୦ | ୨୩ | ୩୭ | ୯୦ |
| ଇରାନ | ୧୯ | ୧୯ | ୨୦ | ୫୮ |
| ଉଜବେକିସ୍ତାନ | ୧୫ | ୧୯ | ୧୯ | ୫୩ |
| ଚାଇନିଜ୍ ତାଇପେ | ୧୪ | ୧୭ | ୨୪ | ୫୫ |
| ଭାରତ | ୧୩ | ୨୧ | ୨୫ | ୫୯ |
| ଉତ୍ତର କୋରିଆ | ୧୨ | ୯ | ୧୨ | ୩୩ |
| ବାହାରିନ | ୧୨ | ୬ | ୭ | ୨୫ |
| କାଜାଖସ୍ତାନ | ୧୧ | ୧୧ | ୩୮ | ୬୦ |
| ଥାଇଲାଣ୍ଡ | ୯ | ୧୪ | ୩୬ | ୫୯ |

# ୩୬ ବର୍ଷ ପରେ ସ୍ୱର୍ଣ୍ଣ ଲକ୍ଷ୍ୟରେ ମହିଳା ହକି

**ଜାକର୍ତ୍ତା, ୩୦।୮ (ପି.ଟି.)**

ଏସିଆନ ଗେମ୍ସ ମହିଳା ହକି ଫାଇନାଲରେ ଭାରତୀୟ ଦଳ ଶୁକ୍ରବାର ଜାପାନକୁ ଭେଟିବାକୁ ଯାଉଛି। ଏହି ମ୍ୟାଚ୍‌ରେ ଜାପାନକୁ ପରାସ୍ତ କରି ଭାରତୀୟ ମହିଳା ଦଳ ଦୀର୍ଘ ୩୬ ବର୍ଷର ବ୍ୟବଧାନ ପରେ ସମ୍ମାନଜନକ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିଛି। ଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳ ସେମିଫାଇନାଲରେ ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ୨୦ ବର୍ଷର ପରେ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଶେଷଥର ପାଇଁ ୧୯୯୮ରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଫାଇନାଲକୁ ପ୍ରବେଶ କରିଥିଲା। କିନ୍ତୁ କୋରିଆ ନିକଟରୁ ପରାସ୍ତ ହୋଇ ଦଳ ରୌପ୍ୟରେ ସନ୍ତୁଷ୍ଟ ରହିଥିଲା। ଏବେ ଫାଇନାଲରେ ପ୍ରବେଶ କରିଥିବାରୁ ଭାରତ ନିକଟରେ ୩୬ ବର୍ଷ ପରେ ସ୍ୱର୍ଣ୍ଣ ପଦକ ଜିତିବାର ସୁଯୋଗ ସୃଷ୍ଟି ହୋଇଛି। ୧୯୮୨ରେ ଦିଲ୍ଲୀରେ ଖେଳାଯାଇଥିବା ଏସିଆନ ଗେମ୍ସ ପ୍ରତିଯୋଗିତାରେ ଭାରତ ଶେଷଥର ପାଇଁ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ବର୍ତ୍ତମାନ ସୁଦ୍ଧା ଭାରତୀୟ ଦଳ ପ୍ରତିଯୋଗିତାରେ ଅପରାଜେୟ ରହିଛି। ଭାରତ ଯଥାକ୍ରମେ ୮-୦ ଗୋଲରେ ଇଣ୍ଡୋନେସିଆକୁ, ୨୧-୦ରେ କାଜାଖସ୍ତାନକୁ, ୪-୧ରେ କୋରିଆକୁ, ୫-୦ରେ ଥାଇଲାଣ୍ଡକୁ ଏବଂ ସେମିଫାଇନାଲର ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

# ଉଦାହରଣ ସୃଷ୍ଟି କରିଛନ୍ତି କୋହଲି

**ମହିନ୍ଦର ଅମରନାଥ**

ନଟିଂହାମ୍‌ରେ ଭାରତ ଏକ ଉଲ୍ଲେଖନୀୟ ବିଜୟ ହାସଲ କରିଛି। ଅଧିନାୟକ ବିରାଟ କୋହଲି ପୁଣି ଥରେ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତର ଦଳଗତ ପ୍ରଦର୍ଶନ ଚମତ୍କାର ଥିଲା। ସ୍କୋର ବୋର୍ଡରେ ଅଧିକ ସଂଖ୍ୟାରେ ରନ ଥିଲା। ଯାହାଫଳରେ ଭାରତ ପାଇଁ ବିଜୟ ସୁଯୋଗ ସୃଷ୍ଟି ହୋଇଥିଲା। ତେଣୁ କୋହଲିଙ୍କ ପ୍ରଦର୍ଶନ ଅନ୍ୟ ଖେଳାଳିଙ୍କ ପାଇଁ ଦୃଷ୍ଟାନ୍ତ ସଦୃଶ ହୋଇଛି। ଅନ୍ୟ ଖେଳାଳିଙ୍କ ପାଇଁ କୋହଲି ଉଦାହରଣ ସୃଷ୍ଟି କରିଛନ୍ତି।

ପ୍ରତିକୂଳ ପରିସ୍ଥିତିରେ ନିଜକୁ ଖାପ ଖୁଆଇ କୋହଲି ସୁନ୍ଦର ପ୍ରଦର୍ଶନ କରିଛନ୍ତି। ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଖେଳିବା ଓ ଇଂଲଣ୍ଡରେ ଖେଳିବା ସମ୍ପୂର୍ଣ୍ଣ ଅଲଗା ତଥା ଭିନ୍ନ। ଟେକ୍‌ନିକ୍‌ରେ କୋହଲି ଆବଶ୍ୟକୀୟ ପରିବର୍ତ୍ତନ ମଧ୍ୟ କରିଥିଲେ, ଯାହାଫଳରେ ସେ ରନ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ତାଙ୍କର ସନ୍ତୁଳନ ମଧ୍ୟ ଜବରଦସ୍ତ ରହିଥିଲା। ଅନ୍ୟମାନଙ୍କ ତୁଳନାରେ ସେ ପୋଜିଶନ ପରିବର୍ତ୍ତନ କରି ବଲ୍‌ର ଲେନ୍ଥକୁ ମାପିବାରେ ସମର୍ଥ ହୋଇଥିଲେ। କ୍ରିଜ୍‌ରେ ଥରେ ରହିଗଲେ ସେ ରନ ସଂଗ୍ରହ ଗତି ବଢାଇଥାନ୍ତି। ତେବେ ପ୍ରତିପକ୍ଷ ଦଳ ପାଇଁ ଏହା ନିଶ୍ଚିତ ଭାବେ ସମସ୍ୟା ସୃଷ୍ଟି କରିଥାଏ। କୋହଲିଙ୍କ ଏହି ଖେଳ ମୋତେ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ ଭିଭିଆନ୍ ରିଚାର୍ଡ୍ସଙ୍କ କଥା ମନେ ପକାଇଦେଉଛି। ରିଚାର୍ଡ୍ସ ଆମ ସମୟରେ ଏହିଭଳି ଖେଳୁଥିଲେ। କେହି ଏଭଳି ସ୍ଥିର ଓ ଦମ୍‌ଦାର ପ୍ରଦର୍ଶନ କରିବା ମୁଁ ଦେଖିନାହିଁ। କୋହଲି ଜଣେ ମ୍ୟାଚ୍ ୱିନର ବୋଲି କହିବାର ଆବଶ୍ୟକତା ନାହିଁ। ଯେତେବେଳେ ସେ ଭଲ ଖେଳିଛନ୍ତି ଭାରତ ଭଲ ଫଳାଫଳ ପାଇଛି। ଯେକୌଣସି ସ୍ଥାନ ଓ ପରିସ୍ଥିତିରେ କିଭଳି ଭଲ ଖେଳିବାକୁ ହେବ ତାହା କୋହଲି ଦେଖାଇ ଦେଇଛନ୍ତି।

କୋହଲିଙ୍କୁ ବାଦ୍ ଦେଲେ ଉଭୟ ଦଳର ଅନ୍ୟ ସବୁ ବ୍ୟାଟ୍ସମ୍ୟାନ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଭାରତୀୟ ଦ୍ରୁତ ବୋଲରମାନେ ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଯଶପ୍ରୀତ ବୁମରା ଅତି ସୁନ୍ଦର ବୋଲିଂ କରିଥିଲେ। ସେହିପରି ପ୍ରଥମ ଇନିଂସରେ ପାଣ୍ଡ୍ୟା ମଧ୍ୟ ବେଶ୍ ଉଚ୍ଚକୋଟୀର ବୋଲିଂ କରି ୫ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ଅପେକ୍ଷା ଭାରତୀୟ ବୋଲରମାନେ ଅଧିକ ଶାଣିତ ପ୍ରଦର୍ଶନ କରିଛନ୍ତି।

ଇଂଲଣ୍ଡ ଦଳରେ ବେଶ୍ କିଛି ସମସ୍ୟା ରହିଛି। ଦୁଇ ଓପନର ଆଲିଷ୍ଟର କୁକ ଓ କିଟନ ଜେନିଙ୍ଗ୍ସ ଫର୍ମରେ ନାହାନ୍ତି। ଫଳରେ ଦଳ ଅଧିନାୟକ ଜୋ ରୁଟ ଓ ବେନ୍ ଷ୍ଟୋକ୍ସଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛି।

ଏପର୍ଯ୍ୟନ୍ତ ଏହି ସିରିଜ ବେଶ୍ ମଜାଦାର ହୋଇଛି। ପ୍ରତି ଟେଷ୍ଟ ମ୍ୟାଚରେ ଉଭୟ ଦଳର ଉତ୍ଥାନ ପତନ ଦେଖିବାକୁ ମିଳିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟ ପରେ ଭାରତ ପ୍ରତ୍ୟାବର୍ତ୍ତନ କରିବା ବହୁତ ବଡ଼ କଥା ଓ ଏହା ଦଳର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ସହ ପର ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ପାଇଁ ବେଶ୍ ସହାୟକ ହେବ। ଭାରତ ଏହି ସିରିଜକୁ ସମାନ ସ୍ତରକୁ ଆଣିବାର କ୍ଷମତା ରଖୁଛି। ସିରିଜ ପାଇଁ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି। **(ଗେମ୍ ପ୍ଲାନ)**


#WhatDrivesYou
EXIDE


# କର୍ଷ୍ଟେନ ଆର୍‌ସିବି ମୁଖ୍ୟ କୋଚ୍

**ବେଙ୍ଗାଲୁରୁ, ୩୦।୮ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ୟାରି କର୍ଷ୍ଟେନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳର ନୂଆ କୋଚ ଓ ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଗତ କେତୋଟି ସିଜନରେ ଆରସିବିର ପ୍ରଦର୍ଶନ ଭଲ ରହି ନ ଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଦଳର ପୂର୍ବତନ କୋଚ୍ ଡାନିଏଲ ଭିଟୋରୀଙ୍କୁ ବହିଷ୍କୃତ କରିଛି। ତାଙ୍କ ସ୍ଥାନରେ କର୍ଷ୍ଟେନଙ୍କୁ ନିଯୁକ୍ତି ଦିଆଯାଇଥିବା ଟିମ୍ ଚେୟାରମ୍ୟାନ ସଞ୍ଜୀବ ଚୁରିୱାଲା କହିଛନ୍ତି। ଭିଟୋରୀ ଆରସିବି ସହିତ ୮ବର୍ଷ ହେଲା ସମ୍ପୃକ୍ତ ଥିଲେ। ଅନ୍ୟପକ୍ଷରେ କର୍ଷ୍ଟେନ ଗତ ଆଇପିଏଲ ସିଜନରେ ଜଣେ ମେଣ୍ଟର ଭାବେ ଆରସିବିର ଉଭୟ ପୁରୁଖା ଓ ଯୁବ ଖେଳାଳିଙ୍କ ଲାଗି ଫଳପ୍ରଦ ପ୍ରମାଣିତ ହୋଇଛନ୍ତି। ଦଳକୁ ସେ ନୂଆ ମାର୍ଗରେ ନେବେ ବୋଲି ଚୁରିୱାଲା ଆଶା ପ୍ରକାଶ କରି କହିଛନ୍ତି। ୨୦୧୮ରେ ଆରସିବିରେ ବ୍ୟାଟିଂ କୋଚ୍ ଭାବେ ଯୋଗ ଦେଇଥିବା କର୍ଷ୍ଟେନ ସମସ୍ତ ଫର୍ମାଟରେ ୭୦୦ ପାଖାପାଖି ମ୍ୟାଚ ଖେଳିଥିବାବେଳେ ୪୦,୦୦୦ ପାଖାପାଖି ରନ ସଂଗ୍ରହ କରିଛନ୍ତି। ୨୦୦୮ରେ କର୍ଷ୍ଟେନ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଭାରତ ୨୦୧୧ ବିଶ୍ୱକପ୍ ଜିତିଥିଲା। ଗତ ୧୦ବର୍ଷ ହେଲା କର୍ଷ୍ଟେନ ଉଚ୍ଚସ୍ତରରେ କୋଚିଂ ଦେଇ ଆସୁଛନ୍ତି।



ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ ଦଳରେ ସାମିଲ ହୋଇଥିବା ରାଜେଶ ମହାନ୍ତିଙ୍କୁ ଗୁରୁବାର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।



“ ଏସିଆନ ଗେମ୍ସ ପଦକ ବିଜେତାଙ୍କ ଲାଗି ଅନ୍ୟ ସରକାର ପୁରସ୍କାର ଘୋଷଣା କରିସାରିଥିବାବେଳେ ପଞ୍ଜାବ ସରକାରଙ୍କ ନୀରବତା ମୋତେ ବିସ୍ମିତ କରିଛି।

–ତେଜିନ୍ଦର ପାଲ୍ ସିଂ ତୁର୍, ଏସିଆନ ଗେମ୍ସ ଶଟ୍‌ପୁଟ ସ୍ୱର୍ଣ୍ଣ ବିଜେତା



“ ସିନ୍ଧୁ ଓ ସାଇନା ଚାଇନିଜ୍ ତାଇପେ ଖେଳାଳି ତାଇ ଜୁ ୟିଙ୍ଗ୍‌ଙ୍କୁ କାହିଁକି ସାମ୍ନା କରିପାରୁ ନାହାନ୍ତି, ତାହାର ସୂତ୍ର ବାହାର କରିବାକୁ ପଡ଼ିବ।

–ପୁଲେଲା ଗୋପୀଚାନ୍ଦ, ବ୍ୟାଡ୍‌ମିଣ୍ଟନ ମୁଖ୍ୟ କୋଚ୍

## ସଂକ୍ଷେପରେ

### ଫାଓ ଲିଗ୍: କିଶୋର କ୍ଲବ ବିଜୟୀ

କଟକ ଅଫିସ,୩୦।୮: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ରେ ଗୁରୁବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଏସ୍‌ବିଆଇ ୪-୧ ଗୋଲରେ ୱେଷ୍ଟର୍ନ ମହାବୀର କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୪ର୍ଥ ମିନିଟ୍‌ରେ ଆଲୋକ ଦେହୁରୀ ଏସ୍‌ବିଆଇ ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ନାରାୟଣ ମୁର୍ମୁ ୧୩ତମ ମିନିଟ୍‌ରେ, ଯୋଶେଫ ଏକ୍କା ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବା ଯୋଗୁ ପ୍ରଥମାର୍ଦ୍ଧରେ ଏସ୍‌ବିଆଇ ୩-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ ଏସ୍‌ବିଆଇ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ ଜାରି ରଖିଥିଲେ। ୪୩ତମ ମିନିଟରେ ଆଲୋକ ଦେହୁରୀ ବ୍ୟକ୍ତିଗତ ୨ୟ ତଥା ଏସ୍‌ବିଆଇ ନିମନ୍ତେ ୪ର୍ଥ ଗୋଲ ସ୍କୋର କରିଥିଲେ। ୱେଷ୍ଟର୍ନ ମହାବୀର ପକ୍ଷରୁ ୫୩ତମ ମିନିଟ୍‌ରେ ଅକୁଲା ସେଠୀ ଏକ ଗୋଲ ଦେଇ ଦଳ ନିମନ୍ତେ ଖାତା ଖୋଲିଥିଲେ। ଅକୁଲାଙ୍କ ଏହି ଗୋଲ ପରେ ଅନ୍ୟ କୌଣସି ଗୋଲ ନ ହେବା ଯୋଗୁ ଏସ୍‌ବିଆଇ ମ୍ୟାଚ୍‌କୁ ୪-୧ ଗୋଲରେ ଜିତିଥିଲା।

### ଆନ୍ତଃ ସ୍କୁଲ ଫୁଟବଲ କ୍ୱାର୍ଟର ଫାଇନାଲରେ ବିଜେବି

ଭୁବନେଶ୍ୱର, ୩୦।୮(କ୍ରୀଡ଼ା ପ୍ରତିନିଧି)- ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ବିଜେବି ଇଂଲିଶ୍ ମିଡିୟମ ସ୍କୁଲ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ବିଜେବି ୨-୦ ଗୋଲରେ କ୍ୟାପିଟାଲ ସ୍କୁଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଋତୁରାଜ ମିଶ୍ର ଏବଂ ସୌମେଶ ମହାନ୍ତି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମନାଭ ବେହେରା ଅତିଥିଭାବେ ଯୋଗଦେଇ ଋତୁରାଜଙ୍କୁ ପୁରସ୍କୃତ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ ଓ ଜାଭିୟର କେଦାରଗୌରୀ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ଅତିଥିଭାବେ ଯୋଗଦେଇ ସାଇ ଇଣ୍ଟରନ୍ୟାଶନାଲର ସାଗର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ୟୁନିଟ-୨ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ଏବଂ କିସ୍ ସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟ-୨ ମଧରେ ମ୍ୟାଚ ଅନୁଷ୍ଠିତ ହେବ।

# ଇଂଲଣ୍ଡ ୨୪୬ରେ ସୀମିତ

## ଚତୁର୍ଥ ଟେଷ୍ଟ

ସାଉଥାମ୍ପଟନ, ୩୦।୮ (ପି.ଟି.)

ସ୍ଥାନୀୟ ରୋଜ ବାଓଲଠାରେ ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ଏଥିରେ ଘରୋଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ ୭ମ ଉଇକେଟରେ ଅଲରାଉଣ୍ଡର ମୋଇନ ଅଲି (୪୦) ଓ ସାମ କୁରାନ (୭୮)ଙ୍କ ଗୁରୁତ୍ୱପୂର୍ଣ୍ଣ ୮୧ ରନର ଭାଗୀଦାରି ଯୋଗୁ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିପାରିଛି। ଇଂଲଣ୍ଡ ୭୬.୪ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଛି। ଭାରତ ତରଫରୁ ଯଶପ୍ରୀତ ବୁମ୍ରା ୩ଟି ଉଇକେଟ ନେଇଥିବା ବେଳେ ଈଶାନ୍ତ ଶର୍ମା, ମହମ୍ମଦ ଶାମି ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ଭାରତ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୧୯ ରନ୍ କରିଛି। ଦଳ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ଆଉ ୨୨୭ ରନ୍ ପଛରେ ରହିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲଣ୍ଡ ମଧାହ୍ନଭୋଜନ ବିରତି ସୁଦ୍ଧା ୫୪ ରନରେ ୪ଟି ଉଇକେଟ ହରାଇ ବସିଥିଲା। ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ବୋଲିଂ କରି ଇଂଲଣ୍ଡ ଟପ୍ ଅର୍ଡରକୁ ନିସ୍ତେଜ କରିଦେଇଥିଲେ। ଭାରତ ଏହି ମ୍ୟାଚ ଲାଗି ଦଳରେ କୌଣସି ପରିବର୍ତ୍ତନ କରି ନ ଥିଲା। ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ଭାରତ ଖେଳୁଥିବା ୩୯ତମ ଟେଷ୍ଟରେ ପ୍ରଥମ ଥର ପୂର୍ବମ୍ୟାଚ ଖେଳିଥିବା ଦଳକୁ ଅପରିବର୍ତ୍ତିତ ରଖାଯାଇଛି।

ବୁମ୍‌ରା ଭାରତର ବୋଲିଂ ଓପନ କରିଥିଲେ। ସେ ଆରମ୍ଭରୁ ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କ ପ୍ରତି ସମସ୍ୟା ସୃଷ୍ଟି କରିଥିଲେ। ତୃତୀୟ ଓଭରରେ କିଟନ ଜେନିଙ୍ଗ୍ସ (୦) ତାଙ୍କ ବଲ୍‌କୁ ବୁଝି ନ ପାରି ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିଅନକୁ ଫେରିଥିଲେ। ଖେଳର ୭.୧ତମ ଓଭରରେ ଜୋ ରୁଟ୍ (୪) ଈଶାନ୍ତଙ୍କ ଏକ ଅଫ୍-କଟର ଖେଳି ନ ପାରି ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଦ୍ୱିତୀୟ ଉଇକେଟରେ ମାତ୍ର ୧୪ ରନ ଯୋଗ ହୋଇ ପାରିଥିଲା। ଓପନର ଆଲିଷ୍ଟର କୁକ୍(୧୭) ଧୈର୍ଯ୍ୟର ସହିତ ବ୍ୟାଟିଂ କରୁଥିବାବେଳେ ଅପରପାର୍ଶ୍ୱରେ ଗୋଟିଏ ଲେଖାଏଁ ଉଇକେଟ ପତନ ଘଟିବାରେ ଲାଗିଥିଲା। ବୁମ୍‌ରା ଦ୍ୱିତୀୟ ଥର ବୋଲିଂ କରିବାକୁ ଆସି ଜନି ବେୟାରଷ୍ଟୋ (୬)ଙ୍କୁ ଶୀଘ୍ର ଆଉଟ୍ କରିଦେଇଥିଲେ। ୧୩ତମ ଓଭରରେ ଏକ ଆଉଟସାଇଡ୍ ଅଫ୍ ଷ୍ଟମ୍ପ ଡେଲିଭରିକୁ ଖେଳି ନ ପାରି ବେୟାରଷ୍ଟୋ କଟ୍ ବିହାଇଣ୍ଡ ହୋଇଥିଲେ। ପରେ ପାଣ୍ଡ୍ୟା କୁକ୍‌ଙ୍କୁ କୋହଲିଙ୍କ ଦ୍ୱାରା କ୍ୟାଚ ଆଉଟ କରି ବିଦା କରିଦେଇଥିଲେ। ୧୮ତମ ଓଭର ବେଳକୁ ଘରୋଇ ଦଳ ୩୬ରନ ସ୍କୋରରେ ୪ଟି ଉଇକେଟ ହରାଇ ସାରିଥିଲା। ଇଂଲଣ୍ଡ ୨୦ତମ ଓଭରରେ ୫୦ ଅତିକ୍ରମ କରିବାରେ ସଫଳ ରହିଥିଲା।

### ସଂକ୍ଷିପ୍ତ ସ୍କୋର

■ ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬/ଅଲଆଉଟ (ମୋଇନ ଅଲି-୪୦, ସାମ କୁରାନ-୭୮, ବେନ୍ ଷ୍ଟୋକ୍ସ-୨୩, ଜୋସ୍ ବଟଲର-୨୧; ଯଶପ୍ରୀତ ବୁମ୍‌ରା-୩/୪୬, ଈଶାନ୍ତ ଶର୍ମା-୨/୨୬, ମହମ୍ମଦ ଶାମି-୨/୫୧, ହାର୍ଦ୍ଦିକ ପାଣ୍ଡ୍ୟା-୧/୫୧, ରବିଚନ୍ଦ୍ରନ ଅଶ୍ୱିନ-୨/୪୦)।





ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ଭାରତର ମହମ୍ମଦ ସାମି ଓ ଈଶାନ୍ତ ଶର୍ମା।



ଭୁବନେଶ୍ୱର: ଆନ୍ତଃ ସ୍କୁଲ ଫୁଟବଲ୍ ଟୁର୍ନାମେଣ୍ଟ ଅବସରରେ ଗୁରୁବାର ସାଗର ପ୍ରଧାନ ଅତିଥିଙ୍କ ଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

### ଓଏଏ ଯୁଗ୍ମ ସମ୍ପାଦକ କଳିଙ୍ଗଙ୍କ ପରଲୋକ

କଟକ ଅଫିସ,୩୦।୮

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ (ଓଏଏ)ର ଯୁଗ୍ମ ସମ୍ପାଦକ ପଦବୀରେ ଥିବା କଳିଙ୍ଗ ମହାପାତ୍ରଙ୍କର ଗୁରୁବାର ପରଲୋକ ଘଟିଛି । କଳିଙ୍ଗ କ୍ୟାନ୍ସର ରୋଗରେ ପୀଡ଼ିତ ଥିବା ବେଳେ କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା । ସେ ଗତ ୨୦ବର୍ଷ ଧରି ଓଏଏର ସକ୍ରିୟ ସଦସ୍ୟ ଭାବେ ରହି ଆସିଥିଲେ । ପୂର୍ବରୁ ଓଏଏର ସହକାରୀ ସମ୍ପାଦକ ଭାବେ ମଧ ଦାୟିତ୍ୱ ତୁଲାଇଛନ୍ତି । ସେ ବାଲେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ଯୁଗ୍ମ ସମ୍ପାଦକ ମଧ ରହିଥିଲେ । କଳିଙ୍ଗଙ୍କ ବିୟୋଗ ବାଲେଶ୍ୱର କ୍ରୀଡ଼ା ଜଗତ ସମେତ ରାଜ୍ୟ ନିମନ୍ତେ ଏକ ଅପୂରଣୀୟ କ୍ଷତି ବୋଲି ଓଏଏ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି ।

### ଡବଲ୍ସ ବ୍ରେ: ଗୋପୀନାଥ କ୍ଲବ ଚାମ୍ପିୟନ

କଟକ ଅଫିସ,୩୦।୮

ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଚାଲିଥିବା ବଂଶୀଧର ସ୍ମାରକୀ ଡବଲ୍ସ ବ୍ରେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଗୋପୀନାଥ କ୍ଲବର ନିରଞ୍ଜନ ସାହୁ ଓ ମନୋରଞ୍ଜନ ସାହୁ ଚାମ୍ପିୟନ ହୋଇଥିବା ବେଳେ ଶ୍ରୀରାମ କ୍ଲବର ପ୍ରଭାତ କୁମାର ସ୍ୱାଇଁ ଓ ଡାଙ୍ଗେଶ୍ୱର ବେହେରା ରନର୍ସଅପ ହୋଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ କ୍ଲବ ସମ୍ପାଦକ ସତ୍ୟ ମହାନ୍ତି ଅଧକ୍ଷତା କରିଥିଲେ। ଶିଳ୍ପୋଦ୍ୟୋଗୀ ନବକୁମାର ଗଡନାୟକ, ଫାଓ ଉପସଭାପତି ଭକ୍ତବଲ୍ଲଭ ଦାସ, ପ୍ରତାପ ରାଜ, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସହ ସମ୍ପାଦକ ପ୍ରଭାକର ବର୍ଦ୍ଧନ ଧନ୍ୟବାଦ ଅର୍ପଣ କରିଥିଲେ।

### ସେକ୍ରେଟାରିଏଟ କପ୍ ଫୁଟବଲ

ଭୁବନେଶ୍ୱର, ୩୦।୮(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ସଚିବାଳୟ କ୍ରୀଡ଼ାସଂଘ ୩-୨ ଗୋଲରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ୧-୦ ଗୋଲରେ ଖଣି ଏବଂ ଇସ୍ପାତ ବିଭାଗକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହେବ। ଶୁକ୍ରବାର ଉର୍ମିଳା ଫୁଟବଲ ଏକାଡେମୀ ଓ ବଜରଙ୍ଗି ୟୁନାଇଟେଡ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ।

# କ୍ୱିଟୋଭା ତୃତୀୟ ରାଉଣ୍ଡରେ

ନ୍ୟୁୟର୍କ, ୩୦।୮

ଚେକ୍ ରିପବ୍ଲିକର ପେଟ୍ରା କ୍ୱିଟୋଭା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଏହି ୫ମ ସିଡ୍ ଖେଳାଳି ବିଶ୍ୱର ୯୦ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନାର ୱାଙ୍ଗ୍ ୟାଫାନଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। କ୍ୱିଟୋଭା ତୃତୀୟ ରାଉଣ୍ଡରେ ବେଲାରୁଷର ୨୦ ବର୍ଷୀୟା ଆରିନା ସାବାଲେଙ୍କାଙ୍କୁ ଭେଟିବେ। ସାବାଲେଙ୍କା ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଏଠାରେ ୨୦୧୦ ରନର୍ସଅପ୍ ଭେରା ଭୋନାରେଭାଙ୍କୁ ୬-୩, ୭-୬ (୯-୭)ରେ ପରାସ୍ତ କରିଛନ୍ତି। ଚତୁର୍ଥ ସିଡ୍ ଜର୍ମାନୀର ଆଞ୍ଜେଲିକ୍ କର୍ବର ମଧ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ସ୍ୱିଡେନର ଜୋହାନା ଲାର୍ସେନଙ୍କୁ ୬-୨, ୫-୭, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।

## ମୁରେଙ୍କ ବିଦାୟ

ଦୀର୍ଘ ୧୪ ମାସର ବ୍ୟବଧାନ ପରେ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଖେଳୁଥିବା ବ୍ରିଟେନ ଟେନିସ ତାରକା ଆଣ୍ଡି ମୁରେ ୟୁଏସ୍ ଓପନରୁ ଦୁଃଖଦ ବିଦାୟ ନେଇଛନ୍ତି। ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ବିଶ୍ୱର ପ୍ରାକ୍ତନ ଏକ ନମ୍ବର ଖେଳାଳି ମୁରେ ୫-୭, ୬-୨, ୪-୬, ୪-୬ ସେଟ୍‌ରେ ସ୍ପାନିଶ ଟେନିସ ଖେଳାଳି ଫର୍ନାଣ୍ଡୋ ଭର୍ଡାସ୍କୋଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଏହି ମ୍ୟାଚ୍‌ଟି ୩ ଘଣ୍ଟା ୨୩ ମିନିଟ୍ ଧରି ଖେଳାଯାଇଥିଲା। ଅପରପକ୍ଷରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ୍ ପୋଟ୍ରୋ ଓ ସୁଇଜରଲାଣ୍ଡର ଷ୍ଟାନ୍ ୱାୱ୍ରିଙ୍କା ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୦୯ ଚାମ୍ପିୟନ ପୋଟ୍ରୋ ୬-୩, ୬-୧, ୭-୬ (୭/୪) ସିଧାସଳଖ ସେଟ୍‌ରେ ଆମେରିକାର ଡେନିସ୍ କୁଡ୍‌ଲାଙ୍କୁ ହରାଇଥିଲେ। ପୋଟ୍ରୋ ଓ ଭର୍ଡାସ୍କୋଙ୍କ ମଧ୍ୟରେ ୩ୟ ରାଉଣ୍ଡ ମୁକାବିଲା ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ରାଉଣ୍ଡର ଅନ୍ୟ ଏକ ମୁକାବିଲାରେ ଅନ୍ୟତମ ପ୍ରାକ୍ତନ ବିଜେତା ୱାୱ୍ରିଙ୍କା ୭-୬ (୭/୫), ୪-୬, ୬-୩, ୭-୫ ସେଟ୍‌ରେ ଫ୍ରାନ୍ସର ଯୋଗ୍ୟତା ଅର୍ଜନକାରୀ ଉଗୋ ହମବର୍ଟଙ୍କୁ ମାତ୍ ଦେଇଛନ୍ତି।

# ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପ୍ ୧ରୁ

ଭୁବନେଶ୍ୱର, ୩୦।୮(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ଆନୁକୂଲ୍ୟରେ ସେପ୍ଟେମ୍ବର ୧ରୁ କଳିଙ୍ଗ ଷ୍ଟାଡିୟମରେ ୧୧ତମ ଜିଲାସ୍ତରୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍ ଆରମ୍ଭ ହେବ। ୨ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୫୦୦ ଖେଳାଳି ଓ ୫୦ ଅଫିସିଆଲ ଯୋଗଦେବେ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରୁ ୧୪ ବାଳିକା ଓ ବାଳକ ତାମିଲନାଡୁଠାରେ ହେବାକୁଥିବା ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନ ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ ପ୍ରକାଶ କରିଛନ୍ତି। ଏହି ଅବସରରେ ସୁବାସ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ରାଉତ, ସଞ୍ଜୟ କୁମାର ବେହେରା, ମନୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

■ ଇଲେଭେନ ସ୍ପୋର୍ଟ୍ସ ଟିଟି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସିଡ଼ିଏ ଡିଏଭିକୁ ଦୁଇଟି ଟାଇଟଲ

କଟକ ଅଫିସ, ୩୦।୮

ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲରେ ଚାଲିଥିବା ଇଲେଭେନ ସ୍ପୋର୍ଟ୍ସ ରାଜ୍ୟ ଆନ୍ତଃ ବିଦ୍ୟାଳୟ ଟେବୁଲ ଟେନିସ୍ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୟଙ୍ଗ ଜେନେରେଶନ୍ ଟେବୁଲ ଟେନିସ୍ ଆସୋସିଏଶନ(ୱାଇଜିଟିଟିଏ) ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ରାଜ୍ୟ ଓପନ ଟିଟି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଦଳଗତ ବିଭାଗରେ ସିଡ଼ିଏ ଡିଏଭି ୨ଟି ବୟସ ବର୍ଗରେ ଚାମ୍ପିୟନ ଟାଇଟଲ ହାସଲ କରିଛି।

ଦଳଗତ ବିଭାଗର ସବ୍‌ଜୁନିୟର ବାଳକ ଓ ଜୁନିୟର ବାଳକ ବର୍ଗରେ ସିଡ଼ିଏ ଡିଏଭି ଚାମ୍ପିୟନ ହୋଇଥିଲା। ସବ୍‌ଜୁନିୟର ବାଳକ ବିଭାଗର ଫାଇନାଲରେ ୩-୨ ସେଟ୍‌ରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲକୁ ଓ ଜୁନିୟର ବାଳକ ବିଭାଗର ଫାଇନାଲରେ ୩-୦ ସେଟରେ ଭୁବନେଶ୍ୱର ଡିଏମ ସ୍କୁଲକୁ ହରାଇଥିଲା। ସବ୍‌ଜୁନିୟର ବାଳିକା ଦଳଗତ ଚାମ୍ପିୟନ ଟ୍ରଫି ହାସଲ କରିଛି କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ। ଫାଇନାଲରେ କଟକର ସେଣ୍ଟ ଯୋଶେଫ ସ୍କୁଲକୁ ୩-୦ ସେଟରେ ହରାଇ ନ୍ୟୁ ଷ୍ଟିୱାର୍ଟ ଏହି ସଫଳତା ପାଇଥିଲା। ଜୁନିୟର ବାଳିକା ଦଳଗତ ବିଭାଗର ଫାଇନାଲରେ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ ୩-୧ ସେଟରେ ଚନ୍ଦ୍ରଶେଖରପୁର ଡିଏଭିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସିଙ୍ଗଲ୍ସ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାର ସବ୍‌ଜୁନିୟର ବାଳକ ବର୍ଗରେ ପ୍ରଭୁଜୀ ଇଂରାଜୀ ମିଡ଼ିୟମ ସ୍କୁଲର ଆନିନ୍ଦ୍ୟ ଅନୁପମ ଦାସ ୩-୦ ସେଟ୍‌ରେ ଭୁବନେଶ୍ୱର ଡିପିଏସର ଆରକ୍ଷ ତ୍ୟାଗୀଙ୍କୁ, ସବ୍‌ଜୁନିୟର ବାଳିକା ବର୍ଗରେ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ସ୍କୁଲର ଶ୍ୱେତପଦ୍ମା ଦଳାଇ ୩-୦ ସେଟ୍‌ରେ ଭୁବନେଶ୍ୱର ଲୟୋଲା ସ୍କୁଲର ସୋହାଳିକା ସୋଦଭରମଙ୍କୁ, ଜୁନିୟର ବାଳକ ବର୍ଗରେ ସିଡ଼ିଏ ଡିଏଭିର ସାହିଲ ଭୂୟାଁ ୩-୦ ସେଟ୍‌ରେ ଉକ୍ତ ସ୍କୁଲର ମୋହିତ ବେହୁରାଙ୍କୁ, ଜୁନିୟର ବାଳିକା ବର୍ଗରେ ଭୁବନେଶ୍ୱର ବିଜେଇମ୍ ସ୍କୁଲର ସୁଶ୍ରୀ ପଟ୍ଟନାୟକ ୩-୦ ସେଟରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ନନ୍ଦିନୀ ବିଶ୍ୱାଳଙ୍କୁ, ସିନିୟର ବାଳକ ବର୍ଗରେ ସିଡ଼ିଏ ଡିଏଭିର ଆର୍ଯ୍ୟ ମହାପ୍ରଷ୍ଟ ୩-୦ ସେଟ୍‌ରେ ଉକ୍ତ ବିଦ୍ୟାଳୟର ମହମ୍ମଦ ଇଖାରଙ୍କୁ, ସିନିୟର ବାଳିକା ବର୍ଗରେ ଭୁବନେଶ୍ୱର ଲୟୋଲା ସ୍କୁଲର ୟୋଶିତା ଜାମୁଲା ୩-୦ ସେଟ୍‌ରେ ଭୁବନେଶ୍ୱର ଡିପିଏସ୍‌ର ପ୍ରସିଦ୍ଧି ପୋଦ୍ଦାରଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ମୁଖ୍ୟ ରେଫରି ଜୀବନ ବଲ୍ଲଭ ସାମଲ, ଅମ୍ପାୟର ବିଜନ ଦାସ ମହାପାତ୍ର, ସୁଜିତ ରାୟ, କେଏସ୍‌ଏନ୍ ମୂର୍ତ୍ତି, ତପନ ଖା, ଏମ ଚିନ୍ନା ରାଓ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅଂଶୁମାନ ପଟ୍ଟନାୟକ, ପ୍ରୀତି ପଲ୍ଲଭୀ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧକ୍ଷ ନିହାର ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଉପ ସଭାପତି ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଇଲେଭେନ ସ୍ପୋର୍ଟ୍ସ ଟିଟି ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଆଇଏଏଏଫ୍ କାଉନ୍‌ସିଲ ସଦସ୍ୟ ଆଜୀବନ ବାସନ୍ଦ

ମୋନାକୋ, ୩୦।୮(ଏପି)

ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ (ଆଇଏଏଏଫ୍)ର କାଉନ୍‌ସିଲ ସଦସ୍ୟ କେନିୟାର ଡେଭିଡ୍ ଓକିୟୋଙ୍କୁ ଗୁରୁବାର ଟ୍ରାକ୍ ଆଣ୍ଡ ଫିଲ୍ଡରୁ ଆଜୀବନ ବାସନ୍ଦ କରାଯାଇଛି। ‘ନାଇକ୍’ରୁ ସ୍ପନସରଶିପ୍ ବାବଦରେ ଆସୁଥିବା ହଜାର ହଜାର ଡଲାର ଅର୍ଥକୁ ସେ ନିଜ ଏବଂ ଅନ୍ୟମାନଙ୍କ ବ୍ୟକ୍ତିଗତ କ୍ଷେତ୍ରରେ ବିନିଯୋଗ କରିବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଓକିୟୋ କେନିୟାର ଟ୍ରାକ୍ ଫେଡେରେଶନ ସେକ୍ରେଟାରି ଜେନେରାଲ ଓ ଉପସଭାପତି ଥିଲେ। ୨୦୦୪ରେ ନାଇକ୍ ପକ୍ଷରୁ ଆସିଥିବା ଅର୍ଥକୁ ସେ ଚଳୁ କରିଦେଇଥିବା ଅଭିଯୋଗ ହୋଇଥିଲା। ୨୦୧୫ରେ ସେ ସସ୍‌ପେଣ୍ଡ ହୋଇଥିଲେ। ୩ ବର୍ଷର ଏହି ମାମଲାର ଶୁଣାଣି ଜାନୁୟାରୀ ଓ ଫେବୃୟାରୀରେ ହୋଇଥିଲା। ସେ ଆଇଏଏଏଫ୍ ଏଥିକ୍ସ ବୋର୍ଡ ନିଷ୍ପତ୍ତିକ୍ରମେ ଆନୁଷ୍ଠାନିକ ଭାବେ ଏହାର କାଉନ୍‌ସିଲ ସଦସ୍ୟରୁ ବହିଷ୍କୃତ ହୋଇଥିଲେ। ଓକିୟୋଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ଅଫିସିଆଲ ପୂର୍ବତନ ଆଥଲେଟିକ୍ସ କେନିୟା (ଏକେ) ସଭାପତି ଓ ପୂର୍ବତନ ଆଇଏଏଏଫ୍ କାଉନ୍‌ସିଲ ସଦସ୍ୟ ଇସାଇଆ କିପ୍‌ଲାଗାଟ ଏବଂ ପୂର୍ବତନ ଏକେ କୋଷାଧକ୍ଷ ଯୋଶେଫ କିନ୍‌ୟୁଆଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଥିଲା। କିପ୍‌ଲାଗାଟଙ୍କ ୨୦୧୬ରେ ଦେହାନ୍ତ ହୋଇଛି। କିନ୍‌ୟୁଆ କେନିୟା ଆଥଲେଟଙ୍କ ଲାଗି ଆସୁଥିବା ଅର୍ଥକୁ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏକେ’କୁ ୫୦,୦୦୦ ଡଲାର ଏବଂ ଆଇନଗତ ଖର୍ଚ୍ଚ ବାବଦରେ ଆହୁରି ୧୦୦,୦୦୦ ଡଲାର ଜରିମାନା ଦେବା ଲାଗି ଓକିୟୋଙ୍କୁ ନିର୍ଦ୍ଦେଶ ହୋଇଥିଲା। ଓକିୟୋଙ୍କ ନାମରେ ଅନ୍ୟ ଏକ ଅଭିଯୋଗ ହୋଇଥିଲା, ତାହା ହେଲା ସେ ଆଥ୍‌ଲେଟଙ୍କଠାରୁ ଚାନ୍ଦା ନେଉଥିଲେ।



ଡେଭିଡ୍ ଓକିୟୋ

### ସୁବିଧାଜନକ ସ୍ଥିତିରେ ଇଣ୍ଡିଆ ବ୍ଲୁ

ଡିଣ୍ଡିଗୁଲ୍, ୩୦।୮(ପି.ଟି.)

ସ୍ଥାନୀୟ ଏନ୍‌ପିଆର କଲେଜ ଗ୍ରାଉଣ୍ଡଠାରେ ଚାଲିଥିବା ଦୁଲିପ୍ ଟ୍ରଫିର ଫାଇନାଲ ଲିଗ୍ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଇଣ୍ଡିଆ ବ୍ଲୁ ସୁବିଧାଜନକ ସ୍ଥିତିରେ ରହିଛି। ଇଣ୍ଡିଆ ବ୍ଲୁର ୩୪୦ ସ୍କୋର ଜବାବରେ ଇଣ୍ଡିଆ ଗ୍ରୀନ ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୪ ଉଇକେଟ ବିନିମୟରେ ୧୫୧ ରନ କରିଛି। ଦିଲ୍ଲୀର ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଧ୍ରୁବ ଶୋରେ ପୁଣି ଏକ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୯୩ ରନ କରି ଅତିଥ ଶେଠଙ୍କ ବଲ୍‌ରେ ଆଉଟ ହୋଇଯାଇଛନ୍ତି।

### ଫିଫା ଦୁର୍ନୀତି ସ୍କାଣ୍ଡାଲରେ ୯ ବର୍ଷ ଜେଲ୍

ନ୍ୟୁୟର୍କ, ୩୦।୮(ଏଏଫ୍‌ପି)

ଫିଫା ଦୁର୍ନୀତି ସ୍କାଣ୍ଡାଲରେ ଜଡ଼ିତ ଥିବା ସାଉଥ୍ ଆମେରିକାନ ଫୁଟ୍‌ବଲ କନଫେଡେରେଶନର ପ୍ରାକ୍ତନ ମୁଖ୍ୟ ଜୁଆନ ଆଙ୍ଗେଲ ନାପୋଉଟ୍‌ଙ୍କ ୯ ବର୍ଷ ଜେଲ ଦଣ୍ଡ ହୋଇଛି। ଗତ ସପ୍ତାହରେ ସମାନ ମାମଲାରେ ଆମେରିକାର ଜଣେ ବିଚାରପତି ୮୬ ବର୍ଷୀୟ ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟ କୋସ୍ ମାରିଆ ମାରିନଙ୍କୁ ୪ବର୍ଷ ଜେଲ ଦଣ୍ଡବିଧାନ କରିଥିଲେ।

# ଆଜି ରାହୁରେଖା ଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୩୦।୮**

ଶ୍ରୀମନ୍ଦିରରେ ଶୁକ୍ରବାର ସୁନା ରାହୁରେଖା ଲାଗି ହେବେ ମହାପ୍ରଭୁ। ଏଥିପାଇଁ ଅପରାହ୍ନ ପ୍ରାୟ ୨ଟାରୁ ସନ୍ଧ୍ୟା ୬ଟା ଅର୍ଥାତ୍ ୪ ଘଣ୍ଟା ଦର୍ଶନ ବନ୍ଦ ରହିବ। ପ୍ରଥମ ଭୋଗମଣ୍ଡପ ପୂଜା ପରେ ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବେ। ଏହି ନୀତି ସମ୍ପନ୍ନ ପରେ ପୁଣି ଭକ୍ତଙ୍କୁ ଦର୍ଶନ ପାଇଁ ଛଡାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି। ଗୁରୁବାର ଭଣ୍ଡାର ଘରୁ ରାହୁରେଖା କଢ଼ାଯାଇ ସଫା କରାଯାଇଛି।

ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ରାହୁରେଖା ଓଲାଗି ହୋଇ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଏହା ଲାଗି ହୋଇଥାନ୍ତି। ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରାହୁରେଖା ଲାଗିର ଏକ ତାତ୍ତ୍ୱିକ ଦିଗ ରହିଛି। ତାତ୍ତ୍ୱିକ ଦୃଷ୍ଟିକୋଣରୁ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ନବଗ୍ରହର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଚକ୍ଷୁ ଯୁଗଳ ରବି ଏବଂ ଚନ୍ଦ୍ରଙ୍କ ପ୍ରତୀକ। ନାସିକା ମଙ୍ଗଳଙ୍କ ପ୍ରତୀକ। ଅଧର ବୁଧଙ୍କ ପ୍ରତୀକ। ସୁବର୍ଣ୍ଣ ଚିତା ବୃହସ୍ପତିଙ୍କ ପ୍ରତୀକ। ଚତୁରସ୍ର (ଚାରିକୋଣିଆ)ମୁଖ ଶୁକ୍ରଙ୍କ ପ୍ରତୀକ ଏବଂ ଶ୍ରୀମୁଖ କୃଷ୍ଣବର୍ଣ୍ଣ ହୋଇଥିବାରୁ ତାହା ଶନିଙ୍କ ପ୍ରତୀକ। ମହାପ୍ରଭୁଙ୍କ ଘଣା କେତୁଙ୍କ ପ୍ରତୀକ। ରାହୁରେଖା ରାହୁଙ୍କ ପ୍ରତୀକ ବୋଲି କୁହାଯାଏ। ତେଣୁ ମହାପ୍ରଭୁଙ୍କୁ ଦର୍ଶନ କଲେ ଗ୍ରହ ରିଷ୍ଟ ଦୋଷ ଖଣ୍ଡନ ହୋଇଥାଏ। ଏହି ରାହୁରେଖା ମହାପ୍ରଭୁଙ୍କ ଶ୍ରୀମୁଖର ଏକ ଦିବ୍ୟ ଅଳଙ୍କାର ବୋଲି ଗବେଷକ ଡ. ଦାଶ କହିଛନ୍ତି।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ

**କଟକ ରୋଡ,୩୦।୮(ଡି.ଏନ୍.ଏ):** ଗୁରୁବାର ରାତିରେ ଲକ୍ଷ୍ମୀସାଗର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ତାଳଚେର ଅଞ୍ଚଳର ମନୀଷା ସାମଲ(୩୨)। ବମିଖାଲର ଗାୟତ୍ରୀନଗରରେ ମନୀଷା ରହୁଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଏକ କୋଠରୀରେ ସେ ଫ୍ୟାନରେ ଝୁଲୁଥିବା ନେଇ ଥାନାକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାକ୍ରମ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।










See Career Appointment on every Wednesday & Saturday

# ୩.୧ କୋଟି ଟଙ୍କା ହେରଫେର ଅଭିଯୋଗ

## ଇନ୍‌ଫିନିଟି ଇନ୍‌ଫ୍ରା ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର, ୩୦।୮(ବ୍ୟୁରୋ)**

ଓସିସିଏଲ୍(ଓଡ଼ିଶା କନ୍‌ଷ୍ଟ୍ରକ୍ସନ କୋଅପରେଟିଭ ଲିମିଟେଡ୍)ର ୩କୋଟି ୧୦ ଲକ୍ଷ ଟଙ୍କା ହେରଫେର ଅଭିଯୋଗରେ ଗିରଫ ହୋଇଥିବା ସଂସ୍ଥାର ସିନିୟର ମ୍ୟାନେଜର ବିଶ୍ୱଜିତ ବିଶ୍ୱାଳଙ୍କ ସହଯୋଗୀ ଅନୀଲ ରାୟଙ୍କୁ ଗୁରୁବାର କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଗିରଫ କରିଛି। ଅନୀଲ ଇନ୍‌ଫିନିଟି ଇନ୍‌ଫ୍ରା ସଲ୍ୟୁଶନ ଠିକା ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରନ୍ତି। ହେରଫେର ହୋଇଥିବା ୩କୋଟି ୧୦ ଲକ୍ଷ ଟଙ୍କା ମଧ୍ୟରୁ ବିଶ୍ୱଜିତ ୨ କୋଟି ୧୦ ଲକ୍ଷ ଟଙ୍କା ଅନୀଲଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଅନୀଲଙ୍କୁ ଫରେଷ୍ଟପାର୍କସ୍ଥିତ ତାଙ୍କ ବାସଭବନରୁ ଗିରଫ କରିବା ପରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କଲେଜ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର

## ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୦।୮(ବ୍ୟୁରୋ)**

ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ନୋଳିଆସାହିର ଶ୍ରୀଧର ନାୟକ(୨୨)। ତାଙ୍କୁ ପୋଲିସ ସାଲିଆସାହିରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ସାଲିଆସାହି ଅଞ୍ଚଳର ସମ୍ପୃକ୍ତ ଛାତ୍ରୀ ପଟିଆସ୍ଥିତ ଏକ କଲେଜରେ ଯୁକ୍ତ୨ରେ ପଢୁଥିଲେ। ସେ କଲେଜ ଯିବା ବାଟରେ ଶ୍ରୀଧର ତାଙ୍କୁ ବିଭିନ୍ନ ସମୟରେ ପ୍ରେମ ନିବେଦନ କରନ୍ତି। ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଶ୍ରୀଧରଙ୍କୁ ତାଗିଦ କରିଥିଲେ। ଏହା ପରେ ଗତମାସ ୩୧ ତାରିଖରେ ଶ୍ରୀଧର ଉକ୍ତ ଛାତ୍ରୀଙ୍କୁ ଅପହରଣ କରି ନେଇଯାଇଥିଲେ। ପ୍ରଥମେ ତାଙ୍କୁ ପୁରୀ ଓ ପରେ କନ୍ଧମାଳ ନେଇ ସେଠାରେ ବଳାତ୍କାର କରିଥିଲେ। ବୁଧବାର ସେ ନାବାଳିକାଙ୍କୁ ଭୁବନେଶ୍ୱରକୁ ଆଣୁଥିବାବେଳେ ଖବର ପାଇ ପୋଲିସ ଚଢଉ କରି ତାଙ୍କୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଗୁରୁବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହା ହିଁ ସବୁଠାରୁ ଯନ୍ତ୍ରଣାଦାୟକ।

- ବେନ୍ ଜନସନ



## ସଂକ୍ଷେପରେ

### ଓକିଲଙ୍କୁ ମାଡ ପ୍ରତିବାଦରେ ରାସ୍ତାରୋକୋ, କାର୍ଯ୍ୟ ବନ୍ଦ



ସାଲେପୁର, ୩୦।୮ (ଡି.ଏନ୍.ଏ.): କଟକ ଚାଉଳିଆଗଞ୍ଜଠାରେ ଜଣେ ଆଇନ୍‌ଜୀବୀଙ୍କୁ ପୋଲିସ୍‌ର ଆକ୍ରମଣ ନେଇ ସାଲେପୁର କୋର୍ଟ ଓକିଲ ସଂଘ ପକ୍ଷରୁ ୨ଦିନ କୋର୍ଟ ବର୍ଜନ କରାଯାଇଛି। ଓକିଲମାନେ ଗୁରୁବାର ଏହି ଘଟଣାରେ ରାସ୍ତାକୁ ଓହ୍ଲାଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଓକିଲ ସଂଘର ସଭାପତି ବିଜୟକେତନ ନାୟକଙ୍କ ନେତୃତ୍ୱରେ ସାଲେପୁର କୋର୍ଟର ଆଇନ୍‌ଜୀବୀମାନେ ଏକତ୍ରିତ ହୋଇ ଏହି ଘଟଣାର ତୀବ୍ର ନିନ୍ଦା କରିଥିଲେ। ଓକିଲମାନେ ସାଲେପୁର-କୁଆଁପାଳ ରାସ୍ତାର କୋର୍ଟଛକ ନିକଟରେ ସମ୍ମିଳିତ ହୋଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ବଡ଼ମ୍ବା,(ଡି.ଏନ୍.ଏ.): କଟକର ଆଇନଜୀବୀଙ୍କୁ ପୋଲିସ ମାଡ଼ମାରିବା ଘଟଣାର ପ୍ରତିବାଦ କରି ବଡ଼ମ୍ବା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇ ଆନ୍ଦୋଳନ କରାଯାଇଛି। ଏନେଇ ଆୟୋଜିତ ଏକ ଜରୁରୀ ବୈଠକରେ ପୋଲିସର ଏତାଦୃଶ କାର୍ଯ୍ୟକୁ ସଂଘ ତରଫରୁ ନିନ୍ଦା କରାଯାଇଛି। ସଂଘର ସଭାପତି ଅମୀୟ ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଏହି ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

### ବଳଦେବ ଜୀଉଙ୍କ ପ୍ରତିମୂର୍ତ୍ତିରେ ଲାଗିଲା ବ୍ରହ୍ମକମଳ



ମାହାଙ୍ଗା, ୩୦।୮(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ୍ ଚାହାପଡା ପଞ୍ଚାୟତସ୍ଥିତ କଣ୍ଟିକିଆରି ଗ୍ରାମସ୍ଥିତ ବଳଦେବଜୀଉଙ୍କ ମନ୍ଦିରରେ ଥିବା ପ୍ରତିମୂର୍ତ୍ତିରେ ବୁଧବାର ରାତିରେ ଏକ ବ୍ରହ୍ମକମଳ ଫୁଲ ଲଗାଯାଇ ପୂଜାର୍ଚ୍ଚନା କରାଯାଇଛି। ପ୍ରକାଶ ଯେ, ଗ୍ରାମର କୃଷ୍ଣ ଚନ୍ଦ୍ର ଓଝାଙ୍କ ବୃନ୍ଦାବତୀ ନିକଟରେ ଥିବା ଏକ ବ୍ରହ୍ମକମଳ ଫୁଲ କୁଣ୍ଡ ରହିଛି। ଉକ୍ତ କୁଣ୍ଡରେ ରାତି ପ୍ରାୟ ୯ଟାରେ ଏହି ଫୁଲଟି ଫୁଟିଥିଲା। ଏହା ଜଣାପଡିବା ପରେ ଫୁଲଟିକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା। ପରେ ବ୍ରାହ୍ମଣଙ୍କୁ ଡକାଯାଇ ବଳଦେବଜୀଉଙ୍କ ମନ୍ଦିରରେ ଫୁଲଟିକୁ ଲଗାଯାଇଥିଲା।

### ପ୍ରମାଣ ଅଭାବରୁ ୩ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଆଠଗଡ଼, ୩୦।୮ (ସ୍ୱ.ପ୍ର.): ଆଠଗଡ଼ ଏନଏସି ଅନ୍ତର୍ଗତ ୪ ନଂ ୱାର୍ଡରେ ପ୍ରମୋଦ ପ୍ରଧାନଙ୍କ ପୁଅ ପ୍ରଶାନ୍ତଙ୍କ ହତ୍ୟା ଅଭିଯୋଗର ରାୟ ବୁଧବାର ପ୍ରକାଶ ପାଇଛି। ଏଥିରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି। ସେମାନେ ହେଲେ ୪ ନଂ ୱାର୍ଡର ଅଭି ବେହେରା ଓ ୨ ନଂ ୱାର୍ଡର ଦିନେଶ୍ ବେହେରା ଓ କୁନି ବେହେରା। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦଙ୍କ ଅଦାଲତରେ ଏହି ଅଭିଯୋଗର ଶୁଣାଣି ହୋଇଥିଲା। ସୂଚନାଯୋଗ୍ୟ, ୨୦୧୫ ମେ ୧୮ରେ ୪ ନଂ ୱାର୍ଡ ହରିଜନ ସାହିର ଏକ କୂଅରୁ ପ୍ରଶାନ୍ତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରମୋଦ ଥାନାରେ ମାମଲା ରୁଜୁ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ (ନଂ ୧୦୫/୧୫)ରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରାଯାଇ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଏସ. କେ. ଦାଶ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବି. ଏନ. ମିଶ୍ର, ଜି.ପି ଧଳସାମନ୍ତ, ଏସ. ସ୍ୱାଇଁ ଓ ଏମ. ଆର. ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଭାଜପାରେ ଯୋଗଦାନ

ଲଳିତଗିରି, ୩୦।୮ (ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତର ବହୁ ଯୁବକ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ଏନେଇ ପୋଡାମରାଇଠାରେ ଯୁବନେତା ଶାରଦା ପ୍ରଧାନଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏଥିରେ ଭଦ୍ରେଶ୍ୱର ପଞ୍ଚାୟତର ପବିତ୍ର କୁମାର ଓଝା, ସୂର୍ଯ୍ୟକାନ୍ତ ପ୍ରଧାନ, ମିତ୍ରଭାନୁ ସାହୁ, ମନୋଜ କୁମାର ପ୍ରଧାନ, ରଞ୍ଜିତ ବାରିକଙ୍କ ସମେତ ବହୁ ଯୁବକ ଭାଜପାରେ ସାମିଲ ହୋଇଥିଲେ। ବିଶ୍ୱନାଥ ଜେନା, ନଗେନ୍ଦ୍ର ନାୟକ, କମଳାକାନ୍ତ ପ୍ରଧାନ, ପ୍ରଦୀପ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସାଲେପୁର ରାଜନୀତିରେ ଆଉ ଏକ ହଟଚମଟ

# ‘ଆମ ଗାଁ ଆମ ବିକାଶ’ ମଞ୍ଚରେ ପ୍ରକାଶ

କଟକ ଅଫିସ, ୩୦।୮

■ବିଭିନ୍ନ ପ୍ରକଳ୍ପ ତାଲିକା ପ୍ରଦାନ କଲେ

■କହିଲେ ଏହା ମୋ ଅଞ୍ଚଳ ବିକାଶର କଥା

ସାଧାରଣ ନିର୍ବାଚନ କେବେ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇନାହିଁ। କିନ୍ତୁ ରାଜ୍ୟ ରାଜନୀତିରେ ଏଥିପାଇଁ ଉଷ୍ମତା ବାରି ହୋଇପଡ଼ିଲାଣି। ଜନତାଙ୍କଠାରୁ ନେତା, ସମସ୍ତଙ୍କୁ ନିଜ ନିଜ ଦଳକୁ ନେବାକୁ କଳକୌଶଳ ଲଗାଇଥିବାବେଳେ ଅନେକ ନେତା ଦଳ ପରିବର୍ତ୍ତନ କରିବା ନେଇ ଚର୍ଚ୍ଚା ଜୋର୍‌ଧରୁଛି। ଏପରିସ୍ଥଳେ ଗୁରୁବାର ସାଲେପୁରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଧାୟକ ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ପ୍ରକାଶ ବେହେରାଙ୍କ ଉପସ୍ଥିତିକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ଏହାକୁ ନେଇ ନାନା ଚର୍ଚ୍ଚା ହେଉଥିବାବେଳେ ସାଲେପୁର ରାଜନୀତି ଓଲଟିଲା ବୋଲି ଅନେକଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବିଜେଡି ପ୍ରାୟୋଜିତ ବୋଲି ଉଭୟ ବିରୋଧୀ ଭାଜପା ଓ କଂଗ୍ରେସ କହି ସମାଲୋଚନା କରୁଛନ୍ତି। ସାଲେପୁରରେ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଜେଡି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସାଲେପୁରର ବିଜେଡି ନେତା ତଥା ପୂର୍ବତନ ଜିଲା ପରିଷଦ ସଭାପତି ପ୍ରଶାନ୍ତ ବେହେରା ବ୍ୟାନର ଓ ତୋରଣ ଆଦି ଲଗାଇଥିଲେ। ଏପରିସ୍ଥଳେ ଗୁରୁବାର ସାଲେପୁରଠାରେ ଆମ ଗାଁ ଆମ ବିକାଶ ଯୋଜନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବ ସୂଚୀ ଅନୁଯାୟୀ, ଜିଲାପାଳଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଥିଲେ। ହେଲେ ହଠାତ୍ ସାଲେପୁର ବିଧାୟକ ବେହେରା କାର୍ଯ୍ୟକ୍ରମ ମଞ୍ଚକୁ ଉଠିବା ସହିତ ବିଭିନ୍ନ ପ୍ରକଳ୍ପ ତାଲିକା ପ୍ରଦାନ କରିଥିଲେ। ପ୍ରକାଶଙ୍କ ଆବିର୍ଭାବ ପରେ ଉପସ୍ଥିତ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଗୁଞ୍ଜରଣ ଆରମ୍ଭ ହୋଇଥିଲା। ଏହା ପ୍ରକାଶଙ୍କ ପ୍ରଥମ ଘଟଣା ନୁହେଁ। ସାଲେପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ପ୍ରକାଶ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଢ଼େର୍ ପ୍ରଶଂସା କରିଥିଲେ। ବିଜୁ ପଟ୍ଟନାୟକ ଜୟନ୍ତୀରେ ବିଜୁଙ୍କ ଗୁଣଗାନ କରିଥିଲେ। ତେବେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ପ୍ରକାଶଙ୍କ ଯୋଗଦାନ ଏହି ଚର୍ଚ୍ଚାକୁ ଅଧିକ ବ୍ୟାପକ କରିଛି।

ଏ ସମ୍ପର୍କରେ ବିଧାୟକ ବେହେରା କୁହନ୍ତି, ଏହା ଏକ ସରକାରୀ କାର୍ଯ୍ୟକ୍ରମ। ମୋତେ ପ୍ରଶାସନ ପକ୍ଷରୁ ସେଠାକୁ ଯିବାକୁ ନିମନ୍ତ୍ରଣ ମିଳିଥିଲା। ତା’ଛଡ଼ା ସାଲେପୁରର ବିକାଶ ପାଇଁ ମୋର ସେଠାକୁ ଯିବାଟା ନିତ୍ୟାନ୍ତ ଆବଶ୍ୟକ ଥିଲା। ପ୍ରକାଶଙ୍କ ପ୍ରତିପକ୍ଷ ତଥା ବିଜେଡି ନେତା ପ୍ରଶାନ୍ତ ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, ବିଧାୟକ କାହିଁକି ଯାଇଥିଲେ ସେ କହିପାରିବେ। ମୋ ପାଖରେ ସେ ସମ୍ପର୍କରେ କୌଣସି ଉତ୍ତର ନାହିଁ ବୋଲି ପ୍ରଶାନ୍ତ କହିଥିଲେ।

ସୂଚନା ଥାଉକି, ଗତ ୨୦୧୪ ସାଧାରଣ ନିର୍ବାଚନରେ କଟକ ଜିଲାର ୯ଟି ବିଧାନସଭା ଆସନ ମଧ୍ୟରୁ ଏକମାତ୍ର ସାଲେପୁର ବିଧାନସଭା ଆସନ କଂଗ୍ରେସ ଖାତାକୁ ଯାଇଥିଲା। ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨ହଜାର ୧୧୭ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କୁ ପରାସ୍ତ କରିଥିଲେ। ଗତ କିଛିଦିନ ହେବ ବିଧାୟକ ବେହେରା ବିଜେଡିରେ ଯୋଗ ଦେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଯଦିଓ ସେ ଏହାକୁ ସିଧାସଳଖ ଭାବେ ଅସ୍ୱୀକାର କରିନାହାନ୍ତି, କିନ୍ତୁ ବିରୋଧୀ ଦଳରେ ଥିବା ସେ କହିଛନ୍ତି।

## ସାଲେପୁରକୁ ୮କୋଟି ୭୬ ଲକ୍ଷ

ସାଲେପୁର,୩୦।୮(ଡି.ଏନ୍.ଏ.)

ସାଲେପୁର ହାଇସ୍କୁଲ ପଡ଼ିଆରେ ଗୁରୁବାର ‘ଆମ ଗାଁ, ଆମ ବିକାଶ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉପସ୍ଥିତ ବ୍ଲକର ୩୫ ପଞ୍ଚାୟତର ହଜାର ହଜାର ଜନସାଧାରଣଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମ୍ପର୍କ ସ୍ଥାପନା କରିଥିଲେ। ଏହି ଅବସରରେ ବ୍ଲକର ୩୫ ପଞ୍ଚାୟତର ଉନ୍ନତି ନିମନ୍ତେ ୪୦୩ ପ୍ରକଳ୍ପ ପାଇଁ ୮କୋଟି ୭୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ୍ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବାରେ ବିଶେଷ ଭୂମିକା ନିର୍ବାହ କରିଥିଲେ। ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏବଂ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରାଙ୍କ ଶହ ଶହ ସମର୍ଥକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେପଟେ ମୁଖ୍ୟମନ୍ତ୍ରୀ ସଚ୍ଚିବାଳୟରେ ନିଜେ ଉପସ୍ଥିତ ଥିବାବେଳେ ତାଙ୍କ ସହ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏବଂ ପଞ୍ଚାୟତରାଜ ବିଭାଗ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଥମେ ରାଜ୍ୟ ସରକାରଙ୍କ ଯୋଜନା ସଫଳ କରିବା ତଥା ଅନୁଦାନ ଅର୍ଥ ସୁବିନିଯୋଗ କରିବା ନିମନ୍ତେ ଜନସାଧାରଣ ସହଯୋଗ କାମନା କରାଯାଇଥିଲା। ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ୪୦୩ ପ୍ରକଳ୍ପଗୁଡ଼ିକ ଘୋଷଣା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ମମତା ରାଉତ ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି, ତହସିଲଦାର ମହେନ୍ଦ୍ର ପ୍ରସାଦ ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ପୂର୍ବତନ ଉପାଧ୍ୟକ୍ଷ ଦିଲୀପ କୁମାର ଦାଶ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଅଶୋକ ଭୂୟାଁ, ସୁଭାଶିଷ ପ୍ରଧାନ, ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ୍‌ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏନ୍‌ଆଇସି ପକ୍ଷରୁ କିଶୋର ରାଓ ଉପସ୍ଥିତ ରହି ସିଧାସଳଖ ପ୍ରସାରଣ ବ୍ୟବସ୍ଥା କରିଥିଲେ। ବିଡିଓ ଶିବବ୍ରତ ଘୋଷ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ପରିଚାଳନା କରିଥିଲେ।

## ବେଆଇନ ଚୋରାମଦ କାରବାରର ପ୍ରତିବାଦ

# ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ଗ୍ରାମବାସୀ କରବରଠାରେ ବାଙ୍କୀ-କଟକ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି।

ବାଙ୍କୀ,୩୦।୮ (ବି.ପ୍ର)

ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତ ଅଧୀନ କରବର ଗ୍ରାମରେ ବେଆଇନ ଚୋରାମଦ କାରବାର ବୃଦ୍ଧି ପାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଗୁରୁବାର ବାଙ୍କୀ-କଟକ ମୁଖ୍ୟ ରାସ୍ତାକୁ କରବରଠାରେ ଅବରୋଧ କରିଥିଲେ। ସେମାନେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଗାଡି ଚଳାଚଳ ବନ୍ଦ ରହିଥିଲା। ସୂଚନା ଯୋଗ୍ୟ, ବୁଧବାର ସ୍ଥାନୀୟ ରଣଶଙ୍ଖରେ ମଦ ବିରୋଧକୁ ନେଇ ଜଣେ ଯୁବକଙ୍କୁ ୨ଜଣ ବ୍ୟକ୍ତି ମାଡ ମାରିଥିଲେ। ଏନେଇ ବାଙ୍କୀ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ଏହାକୁ ଗ୍ରାମବାସୀ ବିରୋଧ କରି ରାସ୍ତାରେକୋ କରିଥିଲେ। ଗ୍ରାମରୁ ମଦ ବ୍ୟବସାୟ ବନ୍ଦ କରିବା ଏବଂ ଯୁବକକୁ ମାଡ ମାରିଥିବା ୨ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ଖବର ପାଇ ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

# ନରେନ୍ଦ୍ରପୁର ଗୋଷ୍ଠୀ ସଂଘର୍ଷ ଘଟଣାରେ ୭ ଗିରଫ

ନିଶ୍ଚିନ୍ତକୋଇଲି/ନେମାଳ ୩୦।୮ (ଡି.ଏନ୍.ଏ.)

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତରେ ଗତ ସୋମବାର ଦିନଠାରୁ ଲାଗିରହିଥିବା ଗୋଷ୍ଠୀ ସଂଘର୍ଷ ଶାନ୍ତି କମିଟି ବୈଠକ ପରେ ସ୍ୱାଭାବିକ ହୋଇଛି। ଗୁରୁବାର ରାସ୍ତାରେ ଗାଡି ମୋଟର ଚଳାଚଳ କରୁଥିବା ବେଳେ ସ୍କୁଲ, ଅଙ୍ଗନୱାଡିଗୁଡ଼ିକରେ ଶିକ୍ଷାଦାନ ଆରମ୍ଭ ହୋଇଛି।

### ୪ ଦିନ ପରେ ଖୋଲିଲା ଶିକ୍ଷାନୁଷ୍ଠାନ

ପୂର୍ବପରି ଦୋକାନ ବଜାର ସବୁ ଖୋଲିଯାଇଛି। ତେବେ ଏବେ ବି ଜାରି ହୋଇଥିବା ୧୪୪ ଧାରା ବଳବତ୍ତର ରହିଛି। ଅଞ୍ଚଳରେ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛି। ଗ୍ରାମାଞ୍ଚଳ ଏସପି ମାଧବ ସାହୁ, ଅତିରିକ୍ତ ଏସପି ନୃସିଂହ ଚରଣ ସ୍ୱାଇଁ ଓ ଏସଡିପିଓ ପ୍ରଦ୍ୟୁମ୍ନ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରୁଛନ୍ତି। ଅପରପକ୍ଷେ ପୋଲିସ ଏହି ଘଟଣାରେ ଗୁରୁବାର ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟକୁରା ଥାନା ହରିପୁର ଗାଁର ରାଧାରମଣ ଷଡଙ୍ଗୀ(୩୫), ରମେଶ ସେଠୀ(୩୦)ସୌମ୍ୟ ରଞ୍ଜନ ବାରିକ(୩୦) ଓ ମହମ୍ମଦପୁର ଗ୍ରାମର ଚିତ୍ତରଞ୍ଜନ ବାରିକ(୨୮), ସୁନାକର ମଳିକ(୩୭),ବାବୁନା ମଳିକ(୨୯) ଓ ମଣିଜଙ୍ଗ ଗ୍ରାମର ବାଦଲ ନାୟକ(୪୧)। ପୂର୍ବରୁ ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨ ଜଣ ନାବାଳକ ଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ସାଲେପୁର କୋର୍ଟରେ ହାଜର କରାଯାଇଥଲା। ତେବେ ଜାମିନ ନାମାଞ୍ଜୁର ହେବାରୁ ୧୧ଜଣଙ୍କୁ ଶିଶୁଆ ଜେଲ ପଠାଇ ଦିଆଯାଇଥିବା ବେଳେ ୨ ନାବଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଗୋଷ୍ଠୀ ସଂଘର୍ଷ ସମୟରେ ନିଶ୍ଚିନ୍ତକୋଇଲି ଥାନା ପିସିଆର ଭ୍ୟାନକୁ କେତେଜଣ ଉତ୍ୟକ୍ତ ଲୋକେ ପୋଡି ଦେଇଥିଲେ। ଏହି ମାମଲାରେ ଏବେବି ଚଢ଼ାଉ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ କୁହାଯାଇଛି।

### ଗାଏବ ହୋଇଗଲା ଶିଶୁକନ୍ୟାର ମୃତଦେହ

ନରସିଂହପୁର, ୩୦।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ନରସିଂହପୁର ବ୍ଲକ କାନପୁର ଥାନାରେ ପୋଲିସର ଦାୟିତ୍ୱହୀନ କାର୍ଯ୍ୟ ପଦାକୁ ଆସିଛି। ନାଳରେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ ମଧ୍ୟ ପୋଲିସ ୫ ଘଣ୍ଟା ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ଶିଶୁ କନ୍ୟାର ମୃତଦେହ ଗାଏବ ହୋଇଯାଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସର ଏଭିଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ନରସିଂହପୁର ବ୍ଲକ କାନପୁର ଥାନା ଅଧୀନ ରଷିପଡା ଛକ ନିକଟ ଭୀମ ନାଳରେ ଗୁରୁବାର ଏକ ଶିଶୁ କନ୍ୟାର ମୃତଦେହ ଭାସିଥିଲା। ପାଣିରେ ଶିଶୁକନ୍ୟାର ମୃତହେଦ ଓ ନାଳକଡରେ ଜଣେ ମହିଳାଙ୍କ ରକ୍ତ ଲାଗିଥିବା ଲୁଗା ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ। ମାତ୍ର ପୋଲିସ ୫ ଘଣ୍ଟା ବିଳମ୍ବରେ ସେଠାରେ ପହଞ୍ଚିଥିଲା। ସେତେବେଳକୁ ଉକ୍ତ ସ୍ଥାନରୁ ଶିଶୁକନ୍ୟାର ମୃତଦେହ ଆଉ ମିଳି ନ ଥିଲା। କେବଳ ଲୁଗାଟି ସେଠାରେ ପଡିଥିଲା। ଏସମ୍ପର୍କରେ କାନପୁର ଥାନା ଅଧିକାରୀ ଶିବ ଚରଣ ବେହେରା କହିଛନ୍ତି ଯେ, ଶିଶୁର ମୃତଦେହ ମିଳି ନ ଥିବାରୁ କୌଣସି ତଦନ୍ତ ହୋଇପାରୁନାହିଁ ବୋଲି କହିଛନ୍ତି। ଫଳରେ ଘଟଣାଟିର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିପାରିନାହିଁ।

### ଏମପି,ବିଧାୟକଙ୍କୁ ସମ୍ବର୍ଦ୍ଧନା

ଆଠଗଡ,୩୦।୮(ସ୍ୱ.ପ୍ର.)

ଆଠଗଡ ନାଗରିକ ମଞ୍ଚ ଆନୁକୂଲ୍ୟରେ ବୁଧବାର କଟକ ଲୋକସଭା ଏମପି ଭର୍ତ୍ତୃହରି ମହତାବ ଓ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆଇନଜୀବୀ ପ୍ରାଣକୃଷ୍ଣ ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ଡା. ଭୁବନାନନ୍ଦ ଦାସ, ସ୍ମୃତିଧର ପ୍ରଧାନ, ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା ଓ ବିନୟ ଶୁକ୍ଳା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହତାବ ଓ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ମହତାବ ସଂସଦରେ ଶ୍ରେଷ୍ଠ ଏମପି ଭାବେ ବିବେଚିତ ହୋଇଛନ୍ତି। ସେହିପରି ସ୍ୱାଇଁ ୨୦୧୫ରେ ଶ୍ରେଷ୍ଠ ବିଧାୟକ ଭାବେ ଚୟନ ହୋଇଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ସତ୍ୟ



@ ରିଚି



@ ସନ୍ତୋଷ



@ ସର୍ବେଶ୍ୱର



@ ଶଙ୍କର



@ ମୃତ୍ୟୁଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ

ଲଳିତଗିରି, ୩୦।୮ (ସ୍ୱ.ପ୍ର.)

ଏରକଣା ସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟରେ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ଛାତ୍ରୀଛାତ୍ରମାନେ ନିଶା ଖାଇବାରୁ ଦୂରେଇ ରହିବାକୁ ଶପଥ ନେଇଥିଲେ। ପରେ କଲେଜ ପରିସରରେ ଏକ ସଚେତନତା ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଜନୀତି ବିଜ୍ଞାନର ମୁଖ୍ୟ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ନିଶା ନିବାରଣର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଛାତ୍ର ସଂସଦର ଉପସଭାପତି ବିଦ୍ୟାରଞ୍ଜନ ପଣ୍ଡା, ଆଲୋକ ସେଠୀ, ସୌମ୍ୟରଞ୍ଜନ ନାୟକ, ଜନ୍ମେଜୟ ସେଠୀ, ମାନସ ମହାରଣା, ତୋଫାନ ଦାସ, ବିଜୟ ବେହେରା ଓ ରାଜକିଶୋର ବଳ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହା ହିଁ ସବୁଠାରୁ ଯନ୍ତ୍ରଣାଦାୟକ।

– ବେନ୍ ଜନସନ



## ସଂକ୍ଷେପରେ

### ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

**କଟକ ଅଫିସ, ୩୦।୮:** କଟକ ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ୨୦୧୯ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ରାଜନୈତିକ ଦଳର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୧ ତାରିଖ ଦିନ ଫଟୋ, ଭୋଟର ତାଲିକା, ବୁଥ କେନ୍ଦ୍ର ଓ ଇଲୋକ୍ଟୋରାଲ ପଞ୍ଜୀକରଣ ବ୍ଲକ କାର୍ଯ୍ୟାଳୟରେ ପ୍ରକାଶ ପାଇବ ବୋଲି ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକ ବୈଠକରେ ସୂଚନା ଦେଇଥିଲେ। ଏହି ତାଲିକାରେ ଯଦି ଭୋଟରମାନଙ୍କର ଆପତ୍ତି ଅଭିଯୋଗ ଥାଏ, ତେବେ ୨୦୧୮ ସେପ୍ଟେମ୍ବର ୧ ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସେମାନେ ସେମାନଙ୍କର ଆପତ୍ତି ଅଭିଯୋଗ ବୁଥସ୍ତରୀୟ ଅଧିକାରୀଙ୍କୁ ଜଣାଇବେ। ନଭେମ୍ବର ୩୦ ତାରିଖ ସୁଦ୍ଧା ଗ୍ରହଣ କରାଯାଇଥିବା ଦାବି ଓ ଆପତ୍ତିଗୁଡିକର ସମାଧାନ କରାଯିବ। ୨୦୧୯ ଜାନୁୟାରୀ ୩ ତାରିଖରେ ଭୋଟର ତାଲିକାର ଡାଟାବେସ କରାଯାଇ ଜାନୁୟାରୀ ୪ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହାବ୍ୟତୀତ ୨୦୧୯ ଜାନୁୟାରୀ ୧ ତାରିଖ ସୁଦ୍ଧା ଯେଉଁମାନଙ୍କର ବୟସ ୧୮ କିମ୍ବା ତଦୂର୍ଦ୍ଧ ହୋଇଥିବ, ସେମାନେ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ। ଏଥର ଜିଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୨୪୭ଟି ବୁଥ୍‌ରେ ମତଦାନ ହେବ। ସେହିପରି ଗ୍ରାମାଞ୍ଚଳ ବୁଥ୍‌ଗୁଡିକରେ ୧୨୦୦ ଏବଂ ସହାରାଞ୍ଚଳ ବୁଥ୍‌ରେ ୧୪୦୦ ଭୋଟର ମତଦାନ କରିବେ ବୋଲି ବୈଠକରୁ ଜଣାଯାଇଛି।

### ରାମଚନ୍ଦ୍ର ଖୁଣ୍ଟିଆ ପାଇଲେ ଉତ୍କଳ ଜ୍ୟୋତି ସମ୍ମାନ

**କଟକ ଅଫିସ, ୩୦।୮:** କଟକ ସାରଳା ଭବନଠାରେ ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ପୂଜନ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ଏ.ଏସ୍. ନାଇଡୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପୂର୍ବତନ ମନ୍ତ୍ରୀ ତଥା ସାହିତ୍ୟିକ ସେକ୍ ମତଲୁବ ଅଲ୍ଲୀ, ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ଡ. ବୈଷ୍ଣବ ଚରଣ ସାମଲ ଯୋଗ ଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ପୂର୍ବତନ ଏମ୍‌ପି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କବିତା ଦାସମହାପାତ୍ର ମାନପତ୍ର ପାଠ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ପ୍ରଶାନ୍ତ କୁମାର ଭୂୟାଁ ପ୍ରାରମ୍ଭିକ ସୂଚନା ଓ ସୁବ୍ରତ ଭୂୟାଁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଡା. ନିମାଇଁ ଚରଣ ପରିଜା, ଡା. ସୁଦର୍ଶନ ପଟ୍ଟନାୟକ, ନଟବର ଶତପଥୀ, ପ୍ରଭାତୀ ମିଶ୍ର, ପ୍ରତାପ କିଶୋର ମହାନ୍ତି, ଡ. ବାବାଜୀ ଚରଣ ପଟ୍ଟନାୟକ, ଇଂ. ପ୍ରଭାକର ସ୍ୱାଇଁ, ଡ. ସୁଲୋଚନା ଦାସ, ସତ୍ୟ ରାୟ, ଗୋବିନ୍ଦ ଭୂୟାଁ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପ୍ରଫେସର ଡା. ନୀରଦ କୁମାର ଗଛାୟତ ପ୍ରମୁଖ ଯୋଗଦେଇଥିଲେ।

## ସାଲେପୁର ରାଜନୀତିରେ ଆଉ ଏକ ହଟଚମଟ

# ‘ଆମ ଗାଁ ଆମ ବିକାଶ’ ମଞ୍ଚରେ ପ୍ରକାଶ

- ବିଭିନ୍ନ ପ୍ରକଳ୍ପ ତାଲିକା ପ୍ରଦାନ କଲେ
- କହିଲେ ଏହା ମୋ ଅଞ୍ଚଳ ବିକାଶର କଥା

**କଟକ ଅଫିସ, ୩୦।୮**

ସାଧାରଣ ନିର୍ବାଚନ କେବେ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇନାହିଁ। କିନ୍ତୁ ରାଜ୍ୟ ରାଜନୀତିରେ ଏଥିପାଇଁ ଉଷ୍ମତା ବାରି ହୋଇପଡ଼ିଲାଣି। ଜନତାଙ୍କଠାରୁ ନେତା, ସମସ୍ତଙ୍କୁ ନିଜ ନିଜ ଦଳକୁ ନେବାକୁ କଳକୌଶଳ ଲଗାଇଥିବାବେଳେ ଅନେକ ନେତା ଦଳ ପରିବର୍ତ୍ତନ କରିବା ନେଇ ଚର୍ଚ୍ଚା ଜୋର୍‌ଧରୁଛି। ଏପରିସ୍ଥଳେ ଗୁରୁବାର ସାଲେପୁରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଧାୟକ ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ପ୍ରକାଶ ବେହେରାଙ୍କ ଉପସ୍ଥିତିକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ଏହାକୁ ନେଇ ନାନା ଚର୍ଚ୍ଚା ହେଉଥିବାବେଳେ ସାଲେପୁର ରାଜନୀତି ଓଲଟିଲା ବୋଲି ଅନେକଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବିଜେଡି ପ୍ରାୟୋଜିତ ବୋଲି ଉଭୟ ବିରୋଧୀ ଭାଜପା ଓ କଂଗ୍ରେସ କହି ସମାଲୋଚନା କରୁଛନ୍ତି। ସାଲେପୁର ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଜେଡି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସାଲେପୁରର ବିଜେଡି ନେତା ତଥା ପୂର୍ବତନ ଜିଲା ପରିଷଦ ସଭାପତି ପ୍ରଶାନ୍ତ ବେହେରା ବ୍ୟାନର ଓ ତୋରଣ ଆଦି ଲଗାଇଥିଲେ। ଏପରିସ୍ଥଳେ ଗୁରୁବାର ସାଲେପୁରଠାରେ ଆମ ଗାଁ ଆମ ବିକାଶ ଯୋଜନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବ ସୂଚୀ ଅନୁଯାୟୀ, ଜିଲାପାଳଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଥିଲେ। ହେଲେ ହଠାତ୍ ସାଲେପୁର ବିଧାୟକ ବେହେରା କାର୍ଯ୍ୟକ୍ରମ ମଞ୍ଚକୁ ଉଠିବା ସହିତ ୮କୋଟି ୭୬ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ତାଲିକା ପ୍ରଦାନ କରିଥିଲେ। ପ୍ରକାଶଙ୍କ ଆବିର୍ଭାବ ପରେ ଉପସ୍ଥିତ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଗୁଞ୍ଜରଣ ଆରମ୍ଭ ହୋଇଥିଲା। ଏହା ପ୍ରକାଶଙ୍କ ପ୍ରଥମ ଘଟଣା ନୁହେଁ। ସାଲେପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ପ୍ରକାଶ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଢ଼େର୍ ପ୍ରଶଂସା କରିଥିଲେ। ବିଜୁ ପଟ୍ଟନାୟକ ଜୟନ୍ତୀରେ ବିଜୁଙ୍କ ଗୁଣଗାନ କରିଥିଲେ। ତେବେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ପ୍ରକାଶଙ୍କ ଯୋଗଦାନ ଏହି ଚର୍ଚ୍ଚାକୁ ଅଧିକ ବ୍ୟାପକ କରିଛି।

ଏ ସମ୍ପର୍କରେ ବିଧାୟକ ବେହେରା କୁହନ୍ତି, ଏହା ଏକ ସରକାରୀ କାର୍ଯ୍ୟକ୍ରମ। ମୋତେ ପ୍ରଶାସନ ପକ୍ଷରୁ ସେଠାକୁ ଯିବାକୁ ନିମନ୍ତ୍ରଣ ମିଳିଥିଲା। ତା’ଛଡ଼ା ସାଲେପୁରର ବିକାଶ ପାଇଁ ମୋର ସେଠାକୁ ଯିବାଟା ନିତ୍ୟାନ୍ତ ଆବଶ୍ୟକ ଥିଲା। ପ୍ରକାଶଙ୍କ ପ୍ରତିପକ୍ଷ ତଥା ବିଜେଡି ନେତା ପ୍ରଶାନ୍ତ ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, ବିଧାୟକ କାହିଁକି ଯାଇଥିଲେ ସେ କହିପାରିବେ। ମୋ ପାଖରେ ସେ ସମ୍ପର୍କରେ କୌଣସି ଉତ୍ତର ନାହିଁ ବୋଲି ପ୍ରଶାନ୍ତ କହିଥିଲେ। ସୂଚନା ଥାଉକି, ଗତ ୨୦୧୪ ସାଧାରଣ ନିର୍ବାଚନରେ କଟକ ଜିଲାର ୯ଟି ବିଧାନସଭା ଆସନ ମଧ୍ୟରୁ ଏକମାତ୍ର ସାଲେପୁର ବିଧାନସଭା ଆସନ କଂଗ୍ରେସ ଖାତାକୁ ଯାଇଥିଲା। ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨ହଜାର ୧୧୭ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କୁ ପରାସ୍ତ କରିଥିଲେ। ଗତ କିଛିଦିନ ହେବ ବିଧାୟକ ବେହେରା ବିଜେଡିରେ ଯୋଗ ଦେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଯଦିଓ ସେ ଏହାକୁ ସିଧାସଳଖ ଭାବେ ଅସ୍ୱୀକାର କରିନାହାନ୍ତି, କିନ୍ତୁ ବିରୋଧୀ ଦଳରେ ଥିବା ସେ କହିଛନ୍ତି।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦୁର୍ନୀତି

# କୁଳସଚିବଙ୍କୁ ସରକାରଙ୍କ ଡକରା

**କଟକ ଅଫିସ, ୩୦।୮**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦୁର୍ନୀତି ସମ୍ପର୍କରେ କୁଳସଚିବ ମହେଶ୍ୱର ଅଗସ୍ତିଙ୍କୁ ସରକାରଙ୍କ ପକ୍ଷରୁ ଡକରା ଆସିଛି। ୩୧ ତାରିଖ ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ଏ ସମ୍ପର୍କରେ ଗତ ୨୮ ତାରିଖରେ କୁଳସଚିବଙ୍କୁ ଏକ ପତ୍ର ଲେଖିଥିବା ଜଣାପଡିଛି। ୨୦୧୪–୧୫ ଅଡିଟ୍ ରିପୋର୍ଟର ନକଲ ସହିତ ଏମ୍‌ଓୟୁ ସମ୍ପର୍କିତ ଦସ୍ତାବିଜ, ଫାକ୍‌ଲଟି ନିଯୁକ୍ତି ଏବଂ ୨୦୧୮ ଜାନୁୟାରୀ ୧ରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ଆୟବ୍ୟୟ ସମ୍ପର୍କିତ ହିସାବର କାଗଜପତ୍ର ସହ ପହଞ୍ଚିବାକୁ କୁହାଯାଇଛି । ଏହି ଚିଠି ପରେ ବିଶ୍ୱବିଦ୍ୟାଳୟ ଦୁର୍ନୀତିର ଆହୁରି ଅଧିକ ଗୁମର ଫିଟିବ ବୋଲି ଚର୍ଚ୍ଚା ହେଉଛି। ସୂଚନାଥାଉକି, ଗତ ୨୧ ତାରିଖରେ ତଦନ୍ତ ଦାୟିତ୍ୱରେ ଥିବା ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦାସ ଓ ଅନ୍ୟ ଜଣେ ଅଧିକାରୀ ସାଢ଼େ ସାତ ଘଣ୍ଟା ଧରି ବିଶ୍ୱାବିଦ୍ୟାଳୟରେ ପହଞ୍ଚି କୁଳସଚିବଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାଗଜପତ୍ରର ଯାଞ୍ଚ କରି ଫେରିଥିଲେ। ପରେ ୨୩ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହୋଇଛି ବୋଲି ଅତିରିକ୍ତ ସଚିବ ଦାସ ଗଣମାଧ୍ୟମକୁ କହିଥିଲେ।

# ୨ ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

**କଟକ ଅଫିସ, ୩୦।୮**

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ ଦୁଇଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଛି। କଟକ ନଗର ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସିଦ୍ଧେଶ୍ୱର ସାହିରେ ମଧୁସୂଦନ ଦାସ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଷଣ୍ଢପୁର (ମୌଜା–ବିଦ୍ୟାଧରପୁର)ଠାରେ ଅନ୍ୟ ଏକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ମିଳିତ ସହଯୋଗରେ ପୂର୍ତ୍ତ ବିଭାଗ ପକ୍ଷରୁ ମଧୁସୂଦନ ଦାସ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୭୮.୭ ଲକ୍ଷ ଟଙ୍କା ଏବଂ ଷଣ୍ଢପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୮୭.୫୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ପ୍ରଥମଟିରେ ୪୯,୮୫୬ ଜଣ ଲୋକ ଓ ଦ୍ୱିତୀୟଟିରେ ୧୦,୫୬୬ ଜଣ ଲୋକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି । ବିନା ମୂଲ୍ୟରେ ନିରାମୟ ଯୋଜନାରେ ଔଷଧ, ବିଭିନ୍ନ ରୋଗର ପରୀକ୍ଷା, ଆମ କ୍ଲିନିକ ସେବା, ପରିବାର ନିୟୋଜନ, ଟୀକାକରଣ, ପ୍ରସବ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଚିକିତ୍ସା ଏବଂ ସପ୍ତାହରେ ୪ ଦିନ ବିଭିନ୍ନ ବିଶେଷଜ୍ଞଙ୍କ ପରାମର୍ଶ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହୋଇପାରିବ। ଷଣ୍ଢପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ମଡେଲ ଚିକିତ୍ସା କେନ୍ଦ୍ରରେ ପରିଣତ କରାଯିବ। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହଯୋଗରେ ପ୍ରତିଦିନ ଏହି ଚିକିତ୍ସା କେନ୍ଦ୍ରରେ ପ୍ରାତଃ ସମୟରେ ଧ୍ୟାନ, ଯୋଗ ଓ ପ୍ରାଣାୟମ ଅଭ୍ୟାସ ସୁବିଧା ଜନସାଧାରଣଙ୍କୁ ଯୋଗାଇ ଦିଆଯିବ ଏବଂ ପରିସର ମଧ୍ୟରେ ଏକ ଔଷଧୀୟ ବଗିଚା ପ୍ରତିଷ୍ଠା କରାଯାଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷଣାବେକ୍ଷଣ କରାଯିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବାରବାଟୀ–କଟକ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, ସିଏମ୍‌ସି କମିଶନର ବିକାଶ ଚନ୍ଦ୍ର ମହାପାତ୍ର, ସିଡିଏମ୍‌ଓ ଡା. ହରପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଏନ୍‌ୟୁଏଚଏମ) ଡା. ସେକ୍ କଲ୍ଲିମୁଲା, ସିଏମ୍‌ସି ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, ସ୍ୱାସ୍ଥ୍ୟ ଅଧିକାରୀ ଡା. ଉମେଶ ପାଣିଗ୍ରାହୀ, ପ୍ରଫୁଲ୍ଲ ସିଂହ, ଧର୍ମେଶ ନାୟକ, ଏଲିନା ମହାପାତ୍ର, ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଓ ଅନ୍ୟାନ୍ୟ ଅଧିକାରୀ, ଆଶାକର୍ମୀ, ଏଏନଏମ୍, ସ୍ଥାନୀୟ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ ।



ସିଦ୍ଧେଶ୍ୱର ସାହି ଅଞ୍ଚଳରେ ଅନୁଷ୍ଠିତ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ମେୟରଙ୍କ ସହ ଅନ୍ୟମାନେ।

## ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ

**କଟକ ଅଫିସ, ୩୦।୮**

ଗଣେଶ ପୂଜା ଚାନ୍ଦା ଆଦାୟକୁ ନେଇ ଗୁରୁବାର ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାରେ ମାଲଗୋଦାମ ଥାନାରେ ଉଭୟ ପକ୍ଷରୁ ପୃଥକ ଅଭିଯୋଗ ହୋଇଛି। ପୋଲିସ ସୂଚନାନୁସାରେ, ମହାବିଦ୍ୟାଳୟରେ ଗଣେଷ ପୂଜାକୁ ନେଇ ଗୋଟିଏ ଛାତ୍ରଗୋଷ୍ଠୀ ଏକ ବୈଠକ ଡାକିଥିଲା। ପୂର୍ବାହ୍ନ ୧୧ଟା ୩୦ରେ ଅନ୍ୟଏକ ଛାତ୍ର ଗୋଷ୍ଠୀ ସେଠାରେ ପହଞ୍ଚିବାରୁ ଚାନ୍ଦା ଆଦାୟକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଯୁକ୍ତିତର୍କରୁ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ସୁକାନ୍ତ କୁମାର ନନ୍ଦ ଉଭୟ ଗୋଷ୍ଠୀକୁ ବୁଝାଶୁଝା କରି ବିଫଳ ହେବାରୁ ମାଲ୍ ଗୋଦାମ ଥାନାକୁ ଖବର ଦେଇଥିଲେ। ଅଧକ୍ଷ ଡ. ନନ୍ଦଙ୍କ କହିବାନୁଯାୟୀ, ଛାତ୍ରମାନେ ଏହିଭଳି ଅଶାନ୍ତି ସୃଷ୍ଟି କରିବା ଦୁଃଖଦାୟକ ଘଟଣା। ଆଗକୁ ନିର୍ବାଚନ ଥିବାରୁ କ୍ୟାମ୍ପସରେ ଏପରି ପରିସ୍ଥିତିକୁ ଯେମିତି ହେଲେ ବି ରୋକାଯିବା ଜରୁରୀ ବୋଲି ଡ. ନନ୍ଦ କହିଛନ୍ତି।

## ମହିଳାଙ୍କ ଫଟୋ ଭାଇରାଲ

**କଟକ ସଦର, ୩୦।୮(ଡି.ଏନ୍.ଏ.):** ୪୨ ମୌଜା ଡେଲ୍ଟା ଅଞ୍ଚଳର ଜଣେ ମହିଳାଙ୍କ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାରେ କଟକ ସଦର ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଛି। ମହିଳାଙ୍କର ଜଣେ ପଡୋଶୀ କମ୍ପ୍ୟୁଟରରେ ଫଟୋକୁ ଏପରି ଏଡିଟିଂ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିଥିବା ଅଭିଯୋଗ ହୋଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ସତ୍ୟ



@ ଗିରି



@ ସନ୍ତୋଷ



@ ସର୍ବେଶ୍ୱର



@ ଶଙ୍କର



@ ମୃତ୍ୟୁଞ୍ଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# କଂଗ୍ରେସର ବାଇକ୍ ରାଲି, ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ବାହାରିଥିବା ବାଇକ୍ ରାଲି।




ଭାଜପା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

**କଟକ ଅଫିସ, ୩୦।୮**

**ଆଜି ସ୍ୱାୟତ୍ତ ଶାସନ ଦିବସ**

ସ୍ୱାୟତ୍ତ ଶାସନ ଦିବସ ପାଳନ କରିବାକୁ କଟକ ମହାନଗର ନିଗମ ଓ ଶାସକ ଦଳ କର୍ପୋରେଟର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାବେଳେ ବିରୋଧୀ କଂଗ୍ରେସ ଏବଂ ଭାଜପା ଏହାକୁ କଳାଦିବସ ଭାବେ ପାଳନ କରିବାକୁ ସ୍ଥିର କରିଛନ୍ତି। ଗୁରୁବାର ନଗର କଂଗ୍ରେସ ସଭାପତି ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଶତାଧିକ ଯୁବକ ବାଇକ ରାଲିରେ ବାହାରି ମହାନଗର ନିଗମର ସମସ୍ତ ଅଞ୍ଚଳ ବୁଲି ଲୋକଙ୍କୁ ନିଗମର ଅପାରଗତା, ଜଳବନ୍ଦୀ ସମସ୍ୟା, ଟେଣ୍ଡର ଦୁର୍ନୀତି, ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ବିଷୟରେ ଜଣାଇଥିଲେ। ସେହିପରି ଭାଜପା ଯୁବମୋର୍ଚ୍ଚା କଟକ ନଗର ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ମହାନଗର ନିଗମ ସହରବାସୀଙ୍କୁ ସର୍ବନିମ୍ନ ଆବଶ୍ୟକତା ଯୋଗାଇଦେବାରେ ବିଫଳ ବୋଲି କର୍ମୀମାନେ କହିବା ସହ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପାର କର୍ପୋରେଟରମାନେ ଏକତ୍ରିତ ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ବିରୋଧ ପ୍ରଦର୍ଶନ କରାଯିବ ବୋଲି କର୍ପୋରେଟମାନେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱାୟତ୍ତ ଶାସନ ଦିବସରେ ୨୪ଟି ପ୍ରକଳ୍ପର ଉଦ୍‌ଘାଟନ, ୯ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ଗୋଟିଏ ମାର୍ଗ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି।

# ଲୁଟ୍ ପାଇଁ ଘରେ ପଶି ବୃଦ୍ଧାଙ୍କୁ ହତ୍ୟା

**ବାଲିଅନ୍ତା,୩୦।୮(ଡି.ଏନ୍.ଏ.)**

ଲୁଟ୍ ପାଇଁ ବୁଧବାର ରାତିରେ ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ବଙ୍ଗୁଆରୀ ସାହାବାଜ୍ ଗ୍ରାମର ମନୋରମା ପଣ୍ଡା(୬୩)ଙ୍କୁ ଦୁର୍ବୃତ୍ତମାନେ ତଣ୍ଟିଚିପି ହତ୍ୟା କରିଛନ୍ତି। ପରେ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଇଛନ୍ତି। ଗୁରୁବାର ଅପରାହ୍ନରେ ପୋଲିସ ମନୋରମାଙ୍କ ମୃତଦେହକୁ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି।

୮ମାସ ତଳେ ସ୍ୱାମୀ ପରୀକ୍ଷିତଙ୍କ ମୃତ୍ୟୁ ପରେ ମନୋରମା ଘରେ ଏକୁଟିଆ ରହୁଥିଲେ। ଘରର ଉପର ମହଲା ତିଆରି ପାଇଁ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଜଣେ ମିସ୍ତ୍ରୀ ମହିଳାଙ୍କ ସହ ରହୁଥିଲେ। ୮ଦିନ ହେବ ସେମାନେ ଗାଁକୁ ପଳାଇବା ପରେ ମନୋରମା ନଖରାସ୍ଥିତ ସାନଝିଅ ପାଖରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ସାନଜ୍ୱାଇଁ ସୁଶାନ୍ତ ରଥ ଶାଶୁ ମନୋରମାଙ୍କୁ ଆଣି ବଙ୍ଗୁଆରୀ ସାହାବାଜ୍ ଗ୍ରାମରେ ଛାଡ଼ିଦେଇ ଯାଇଥିଲେ। ରାତି ୮ଟାରେ ଖାଦ୍ୟ ଆଣି ଦେଇ ସୁଶାନ୍ତ ତାଙ୍କ ଘରକୁ ପଳାଇବା ପରେ ମନୋରମା ଘରର ମୁଖ୍ୟଦ୍ୱାର ଗ୍ରୀଲ୍ ତାଲା ଦେଇ ଶୋଇବାକୁ ଯାଇଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ଲୁଟ୍ କରୁଥିବାବେଳେ ସେ ଉଠିପଡିବାରୁ ଦୁର୍ବୃତ୍ତଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଦୁର୍ବୃତ୍ତମାନେ ଏକ ରଡ୍‌ରେ ମୁଣ୍ଡକୁ ଆଘାତ ଦେବାସହ ତଣ୍ଟିଚିପି ହତ୍ୟା କରିଥିଲେ। ଜ୍ୱାଇଁ ସୁଶାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ନଂ. ୨୧୮/୧୮ ରୁଜୁ କରିଛି।



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହା ହିଁ ସବୁଠାରୁ ଯନ୍ତ୍ରଣାଦାୟକ।
- ବେନ୍ ଜନସନ



## ସଂକ୍ଷେପରେ

### ବିଜେଡି କର୍ମୀଙ୍କ ସଂଘର୍ଷ ଘଟଣା ଥାନାରେ ରୁଜୁହେଲା ୨ ମାମଲା

ବେଗୁନିଆ,୩୦।୮ (ଡି.ଏନ.ଏ.): ବେଗୁନିଆ ଥାନା ଅଧୀନ କୁଶପଲା ଖେଳପଡିଆ ପରିସରରେ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ଅସନ୍ତୁଷ୍ଟ ବିଜେଡି କର୍ମୀମାନେ ପ୍ରତିବାଦ ଶୋଭାଯାତ୍ରା କରୁଥିଲେ। ହଠାତ ସେଠାରେ ବିଧାୟକ ପ୍ରଶାନ୍ତ ଜଗଦେବ ଆସି ପହଞ୍ଚିଥିଲେ। ବିକ୍ଷୋଭକାରୀମାନେ ପ୍ରତିକ୍ରିୟାଶୀଳ ହୋଇ ବିଧାୟକଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଏପରିକି ସେଠାରେ କଥା କଟାକଟି ହେବା ପରେ ବିଧାୟକଙ୍କ ଉପସ୍ଥିତିରେ ଉଭୟ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ସଂଘର୍ଷରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ଏ ନେଇ ବେଗୁନିଆ ଥାନାରେ ଉଭୟପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି। ଥାନାରେ ନିବାସ ସୁନ୍ଦରାୟ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗରୁ ଜଣାଯାଇଛି ଯେ, ବୁଧବାର ସେ ରାସ୍ତାରେ ଯାଉଥିଲେ। ହଠାତ ମୋତେ ଆସି ୧୮ ଜଣ ବ୍ୟକ୍ତି ମିଳିତ ଭାବେ ଆକ୍ରମଣ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ଦଫା ୩୪୧, ୩୪୨, ୩୨୩, ୩୨୫, ୫୦୬ରେ ନଂ. ୧୪୩/୧୮ରେ ମାମଲା ରୁଜୁ ହୋଇଛି। ଆପରପକ୍ଷରେ ବେଗୁନିଆ ଗ୍ରାମର ଗୁନ ସାମନ୍ତରାୟଙ୍କ ଅଭିଯୋଗରୁ ଜଣାଯାଇଛି, କୁଶପଲା ଖେଳପଡିଆଠାରେ ଅନୁଷ୍ଠିତ ହୋଇଥିବା ବିଜେଡି ସମାବେଶରେ ମୋର ସହକର୍ମୀମାନଙ୍କ ପାଇଁ ଖାଦ୍ୟପଦାର୍ଥ ପ୍ରସ୍ତୁତ କରୁଥିଲି। ହଠାତ ୧୮ ଜଣ ଆସି ମୋତେ ଓ ମୋ ସହକର୍ମୀଙ୍କୁ ମିଳିତ ଭାବେ ଆକ୍ରମଣ କରିବା ସହ ପ୍ରସ୍ତୁତ କରିଥିବା ରନ୍ଧା ଖାଦ୍ୟକୁ ମଧ୍ୟ ଫୋପାଡି ଦେଇଥିଲେ। ଥାନାରେ ଦଫା ୩୪୧, ୩୪୨, ୩୨୩, ୫୦୬, ୪୨୭ ଓ ୩୪ ଆଇପିସି ନଂ. ୧୪୪/୧୮ରେ ମାମଲା ରୁଜୁ କରି ପୋଲିସ ଉଭୟ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଖୋର୍ଦ୍ଧା ଅଫିସ,୩୦।୮: ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଶରଣକୁଳଠାରୁ ପୁରୀ ନୂଆ ଜଗନ୍ନାଥ ସଡ଼କର ସିକୋ ନିକଟରେ ଏକ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଚନ୍ଦ୍ରମଣି ମଙ୍ଗରାଜ(୨୪)। ଘର ନୟାଗଡ ଜିଲା ରଣପୁର ଥାନା ବଜ୍ରକୋଟ ଗାଁରେ। ଚନ୍ଦ୍ରମଣି କିନ୍ତୁ ଜଙ୍କିଆ ଥାନା ସିକୋରେ ରହୁଥିଲେ। ଗୁରୁବାର ଅପରାହ୍ନରେ ବଜ୍ରକୋଟ ଫେରୁଥିବାବେଳେ ରାସ୍ତାତଳ ବିଲକୁ ଟ୍ରାକ୍ଟର ଓଲଟି ପଡ଼ିଥିଲା। ସେ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ମରାମତି କରୁଥିଲେ। ଏହି ସମୟରେ ଟ୍ରାକ୍ଟର ଚନ୍ଦ୍ରମଣିଙ୍କ ଉପରେ ଓଲଟି ପଡିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। କିନ୍ତୁ ପୋଲିସ ତଦନ୍ତ ଜାରି ରଖିଛି। ପରିବାର ଲୋକ ଆସିବା ପରେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

### ଅଟୋ ଯାତ୍ରୀଙ୍କୁ ଧମକାଇ ଦୁର୍ବୃତ୍ତ ଲୁଟିଲେ ଟଙ୍କା

ବେଗୁନିଆ,୩୦।୮ (ଡି.ଏନ.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଡଙ୍ଗରପଡା ଅଞ୍ଚଳରେ ବୁଧବାର ସନ୍ଧ୍ୟା ସମୟରେ ଅଟୋରେ ଯାଉଥିବା ଜଣେ ଯାତ୍ରୀଙ୍କୁ ରାସ୍ତା ଉପରେ ଦୁର୍ବୃତ୍ତମାନେ ଧମକାଇ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଧିକ ତଦନ୍ତ ଚଳାଇଛି। ହେଲେ ଥାନାରେ ଏଯାଏ ମାମଲା ରୁଜୁ ହୋଇନାହିଁ। ଥାନାରେ ହୋଇଥିବା ଅଭିଯୋଗ ମୁତାବକ ଡଙ୍ଗରପଡା ଗ୍ରାମର ଦୀନବନ୍ଧୁ ବିଶ୍ୱାଳ ନିଜ ଗ୍ରାମର ଗୋଟିଏ ପାସେଞ୍ଜର ଅଟୋରେ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଖୋର୍ଦ୍ଧା ପଟୁ କାମ ସାରି ଘରକୁ ଫେରୁଥିଲେ। ଦଲକ-ଡଙ୍ଗରପଡା ଗ୍ରାମ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ଥିବା ଏକ ନିଛାଟିଆ ସ୍ଥାନରେ ଦଲକ ଗ୍ରାମର ଜଣେ ବ୍ୟକ୍ତି ଅଟୋଟିକୁ ଅଟକାଇଥିଲେ। ଦୀନବନ୍ଧୁଙ୍କୁ ଉକ୍ତ ବ୍ୟକ୍ତି ଜଣକ ଭୟଭୀତ କରାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଦୀନବନ୍ଧୁଙ୍କ ପକେଟରେ ଥିବା ୩୦ ହଜାର ଟଙ୍କା ଲୁଟି ନେଇ ପଳାଇ ଥିଲେ। ଏଥିରେ ଉକ୍ତ ଯୁବକଙ୍କୁ ମଧ୍ୟ ୪ ଜଣ ବ୍ୟକ୍ତି ସହାୟତା କରିଥିଲେ। ଏ ନେଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଜାରି ରହିଛି।

## ■ ବିଧାୟକଙ୍କ ଅନୁପସ୍ଥିତିରେ ବିଜେଡି କର୍ମୀ ସମାବେଶ

# ସଂଘର୍ଷ ଘଟଣା: ପ୍ରଶାନ୍ତ ନନ୍ଦଙ୍କୁ ଦାୟୀ କଲେ କର୍ମୀ

■ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ସ୍ମାରକପତ୍ର

■ ଅଭିଯୋଗକୁ ନିରାଧାର କହି ଖଣ୍ଡନ କଲେ ନନ୍ଦ

ଖୋର୍ଦ୍ଧା ଅଫିସ/ବେଗୁନିଆ, ୩୦।୮ (ଡି.ଏନ.ଏ.):

ଖୋର୍ଦ୍ଧା ଜିଲା ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ଗୁରୁବାର ବିଜେଡି ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅନୁପସ୍ଥିତିରେ ଏହି ସମାବେଶ ହୋଇଥିଲା। ଏଥିରେ ଯୋଗ ଦେଇଥିବା ବିଜେଡିର ଦଳୀୟ କର୍ମକର୍ତ୍ତା, ପଞ୍ଚାୟତ ଲୋକ ପ୍ରତିନିଧି, କର୍ମୀ ବୁଧବାର କୁଶପଲାଠାରେ ହୋଇଥିବା ପ୍ରତିବାଦ ସଭାରେ ଘଟିଥିବା ସଂଘର୍ଷରେ ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ବେଗୁନିଆ ବିଧାୟକ ପ୍ରଶାନ୍ତ ନନ୍ଦଙ୍କୁ ସିଧାସଳଖ ଦୋଷାରୋପ କରି ସମାଲୋଚନା କରିଛନ୍ତି। ତେବେ କର୍ମୀମାନେ ବିଧାୟକ ଜଗଦେବଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଛନ୍ତି। ବିଧାୟକ ଯାହା କିଛି କରିଛନ୍ତି ଦଳର ହିତ ପାଇଁ କରିଥିବା ସେମାନେ ଦର୍ଶାଇଛନ୍ତି। କୁଶପଲା ଘଟଣାରେ ଦଳୀୟ ଶୃଙ୍ଖଳା, ଦଳର ଗରିମା ନଷ୍ଟ କରିଥିବାରୁ ରାଜ୍ୟ ସଭା ସଦସ୍ୟ ନନ୍ଦଙ୍କ କାର୍ଯ୍ୟକଳାପଙ୍କୁ ନିନ୍ଦା କରିଛନ୍ତି। ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ନନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଜାନକୀ ସ୍ୱାଇଁ, ଉପାଧ୍ୟକ୍ଷା ତନୁଜା ପାଟଶାଣୀ, ବିଜେଡିର ରାଜ୍ୟ ପରିଷଦ ସଭ୍ୟ ଶ୍ରୀନିବାସ ରାୟଙ୍କ ସମେତ କର୍ମୀଙ୍କ ସ୍ୱାକ୍ଷରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ଦିଆଯିବା ଲାଗି ପ୍ରସ୍ତୁତ କରାଯାଇଛି। ଏହି ସ୍ମାରକପତ୍ର ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି କୁହାଯାଇଛି।



ବେଗୁନିଆ ମିନି ଷ୍ଟାଡିୟମ୍‌ରେ ବିଜେଡି କର୍ମୀ ସମାବେଶରେ ଉପସ୍ଥିତ ନେତା ଓ କର୍ମୀ।

ପ୍ରାପ୍ତ ସୂଚନା ଅନୁସାରେ, ବେଗୁନିଆ ଓ ବୋଲଗଡ ବ୍ଲକର ୪୦ଟି ପଞ୍ଚାୟତର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ଏକ ପ୍ରତିବାଦ ସଭା କୁଶପଲାଠାରେ ବୁଧବାର ହୋଇଥିଲା। ଏଥିରେ ବେଗୁନିଆ ବିଧାୟକ ଜଗଦେବଙ୍କ ଉପସ୍ଥିତିରେ ବିଜେଡି ଦଳର ଅସନ୍ତୁଷ୍ଟ କର୍ମୀ ଓ ବିଧାୟକଙ୍କ ସମର୍ଥକ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁରୁବାର ଅନୁଷ୍ଠିତ ବିଜେଡି କର୍ମୀ ସମାବେଶରେ ରାଜ୍ୟ ସଭା ସଦସ୍ୟ ନନ୍ଦଙ୍କୁ ଦାୟୀ କରାଯାଇଥିଲା। ଏ ନେଇ ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କୁ ପଚାରିବାରେ, ମୋ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ଭିତ୍ତିହୀନ, ନିରାଧାର ଓ ଅମୂଳକ। ମୋତେ ୨୦୧୪ ନିର୍ବାଚନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ଟିକେଟ ମିଳି ନ ଥିଲେ ମଧ୍ୟ ଦଳର ହିତ ଦୃଷ୍ଟିରୁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲି। ଦଳର କ୍ଷତି କରିବାକୁ ଚେଷ୍ଟା ନ କରି ଦିନରାତି ଦଳ ପାଇଁ କାର୍ଯ୍ୟ କରୁଛି। ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଲୋକ ଅନ୍ୟ ଉପରେ ଦୋଷ ଲଦନ୍ତି। ଅସନ୍ତୁଷ୍ଟ କର୍ମୀଙ୍କୁ ବୁଝାଇ ଦଳ ପାଇଁ କାର୍ଯ୍ୟ କରିବା ବିଧାୟକଙ୍କ ଦାୟିତ୍ୱ। ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟ କାହିଁକି ମେଳି କରୁଛନ୍ତି, ପ୍ରଥମେ ସେ ଏହାର ଅନୁଧ୍ୟାନ କରନ୍ତୁ। ଏବେ ମୁଁ ସୁନ୍ଦରଗଡ଼ ଜିଲା ଦଳୀୟ ଦାୟିତ୍ୱ ତୁଲାଉଛି। ଏଣୁ ଅନ୍ୟ ନିର୍ବାଚନ ମଣ୍ଡଳୀ ଘଟଣାରେ ମୁଣ୍ଡ ପୂରାଇବାକୁ ପାଖରେ ସମୟ ନାହିଁ ବୋଲି ନନ୍ଦ କହିଛନ୍ତି।

# ତ୍ୱରିତ ହେବ ଯାତ୍ରୀବାହୀ ଡଙ୍ଗାର ତଦନ୍ତ ପ୍ରକ୍ରିୟା

## ■ ପ୍ରତ୍ୟାହୃତ ହେଲା ଡଙ୍ଗା ମାଲିକ, ଚାଳକଙ୍କ ଗଣଧାରଣା

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୩୦।୮(ଡି.ଏନ.ଏ)

ଚିଲିକାରେ ଯାତ୍ରୀବାହୀ ଡଙ୍ଗା ବନ୍ଦ କରିବାର ପ୍ରତିବାଦରେ ଡଙ୍ଗା ମାଲିକ ଓ ଚାଳକଙ୍କ ପକ୍ଷରୁ ପାନ୍ଥନିବାସ ରୋଡ ବଡକୂଳ ସମ୍ମୁଖରେ ୨୭ ତାରିଖରୁ ଚାଲୁ ରହିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଯାଇଛି। ପ୍ରତିଶ୍ରୁତି ମୁତାବକ ସେପ୍ଟେମ୍ବର ୧୦ ତାରିଖ ଭିତରେ ଫିଟନେସ ଘରୋଇ ଯାତ୍ରୀବାହୀ ଡଙ୍ଗାର ସାର୍ଟିଫିକେଟ ନ ମିଳିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନରତ ଦୁଇ ସଂଘର ଉପଦେଷ୍ଟା ବସନ୍ତ ନାୟକ ସୂଚନା ଦେଇଛନ୍ତି।

ଚିଲିକା ଡଙ୍ଗାବୁଡିରେ ୬ଜଣଙ୍କ ମୃତ୍ୟୁ ଘଟଣା ୨ ମାସରୁ ଉର୍ଦ୍ଧ୍ୱ ଅତିକ୍ରମ କରି ସାରିଛି। ହେଲେ ଚିଲିକାରେ ଘରୋଇ ଡଙ୍ଗା ଚଳାଚଳ କରିପାରିନାହିଁ। ବୋଟ୍ ଫିଟ୍‌ନେସ୍, ବୋଟ୍‌ର ବାର୍ଷିକ ଇନ୍ସପେକ୍ସନ ଓ ଡଙ୍ଗା ଲାଇସେନ୍ସ ନବୀକରଣ ପାଇଁ ଟ୍ରେଜେରୀ ଚାଲାଣ ଜରିଆରେ ଅର୍ଥ ଜମା କାର୍ଯ୍ୟ ଶେଷ ହୋଇଛି। ସେହିଭଳି ଲାଇଫ ଜ୍ୟାକେଟ୍‌ର ବ୍ୟବସ୍ଥା ସହ ଯାତ୍ରୀ ସୁରକ୍ଷା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଅନୁରୂପ ଭାବେ ଶେଷ ହୋଇଛି। ମାତ୍ର ପ୍ରଶାସନ ଏଯାବତ ସର୍ବେକ୍ଷଣ କରି ଚିଲିକାରେ ଘରୋଇ ଡଙ୍ଗା ଚଳାଚଳ କରିବାର ବ୍ୟବସ୍ଥା କରୁନାହିଁ। ପ୍ରଶାସନର ସର୍ବେକ୍ଷଣ ବିଳମ୍ବ କାରଣରୁ ୫୦୦ ପରିବାର ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। ଏଭଳିସ୍ଥଳେ ଗଣଧାରଣା ଦେବା ପାଇଁ ବଡକୂଳସ୍ଥିତ ମା’ କାଳିଜାଇ ମୋଟର ବୋଟ ମାଲିକ ସଂଘ ବଡକୂଳ(ପାନ୍ଥନିବାସ ରୋଡ), ମା’ କାଳିଜାଇ ମୋଟର ବୋଟ ୱାର୍କର ୟୁନିୟନ ଅଶ୍ୱାରୀପାଟଣା ବଡକୂଳ ଓ ମା’ କାଳିଜାଇ ମୋଟର ବୋଟ ଆସୋସିଏଶନ ବାଲୁଗାଁ ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଇଥିଲେ। ତେବେ ବାଲୁଗାଁ ଆସୋସିଏଶନକୁ ଛାଡି ଅନ୍ୟ ଦୁଇ ସଂଘ ଗଣଧାରଣା ଦେଇଥିଲେ। ଗୁରୁବାର ଆନ୍ଦୋଳନରେ ସମାଜିକ କର୍ମୀ ଲଲାଟେନ୍ଦୁ ଶତପଥୀ ସାମିଲ ହୋଇଥିଲେ। ପରେ ଆନ୍ଦୋଳନ ପୁଣି ତ୍ୱରାନ୍ୱିତ ହେବାକୁ ଯାଉଥିଲା। ବାଲୁଗାଁ ଭାରପ୍ରାପ୍ତ ଥାନା ଅଧିକାରୀ, ଚିଲିକା ବିଡିଓ ବାଦଲ ମହାନ୍ତି, ଚିଲିକା ତହସିଲଦାର ଅଶୋକ ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏପରିକି ଘରୋଇ ଡଙ୍ଗା ଯାଞ୍ଚ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

### ମଦଦୋକାନକୁ ବିରୋଧ ସତ୍ତ୍ୱେ ଦିଆଗଲା ଲାଇସେନ୍ସ

# ତୋଟାପଡ଼ାରେ ଚାପା ଉତ୍ତେଜନା

ଖୋର୍ଦ୍ଧା ଅଫିସ,୩୦।୮

ଅଞ୍ଚଳବାସୀଙ୍କ ପକ୍ଷରୁ ମଦ ଦୋକାନକୁ ବିରୋଧ ସତ୍ତ୍ୱେ ୨୮ ତାରିଖରେ ଲାଇସେନ୍ସ ଦେବା ପରେ ଖୋର୍ଦ୍ଧା ବ୍ଲକ ତୋଟାପଡାରେ ଚାପା ଉତ୍ତେଜନା ଦେଖାଦେଇଛି। ଅନ୍ୟପକ୍ଷେ ଅଭିଯୋଗ ଶୁଣାଣିର ୩ଦିନ ପରେ ଲାଇସେନ୍ସ ଦିଆଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥ ତୋଟାପଡାଠାରେ ବିଦେଶୀ ମଦଦୋକାନକୁ ଲୋକଙ୍କ ବିରୋଧ ସତ୍ତ୍ୱେ ଖୋଲିବାକୁ ଲାଇସେନ୍ସ ଦିଆଯାଇଥିବାରୁ ବିରୋଧର ସ୍ୱର ଉଠିଛି। ତୋଟାପଡାରେ ରହିଛି ଏକ ବେସରକାରୀ ଟ୍ରକ ଟର୍ମିନାଲ। ଏଠାରେ ମାଲବାହୀ ଗାଡିର ଡ୍ରାଇଭର, କର୍ମଚାରୀ ବିଶ୍ରାମ ନେବା ସହ ଗାଡିଗୁଡ଼ିକର ମରାମତି କରିଥାନ୍ତି। ସେହିପରି ତୋଟାପଡା ବଜାର ସମ୍ମୁଖରେ ଦୁର୍ଗା ମଣ୍ଡପ ଓ ତ୍ରିନାଥ ମନ୍ଦିର ରହିଛି। ଏଠାରେ ଥିବା ଚକବନ୍ଦୀ ପ୍ଲଟରେ ମଦ ଦୋକାନ ଖୋଲାଯାଇ ମଦ ବିକ୍ରି ହେବ। ପୁଣି କଦଳୀବାଡିକୁ ଯିବା ରାସ୍ତାର କଡରେ ଏହି ମଦଦୋକାନ ପଡିବ। ଲୋକଙ୍କ ବିରୋଧ ସତ୍ତ୍ୱେ ମଦ ଦୋକାନ ଖୋଲିବାର ନିଷ୍ପତ୍ତି ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ଉଲ୍ଲେଖଥାଉ କି ମଦଦୋକାନ ବିରୋଧରେ ଅଞ୍ଚଳବାସୀ ଅଗଷ୍ଟ ୨୦ରେ ଜିଲାପାଳ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଥିଲେ। ୨୫ ତାରିଖରେ ଅଭିଯୋଗ ଶୁଣାଣି ସମୟରେ ସ୍ଥାନୀୟ ଲୋକ ମଦ ଦୋକନକୁ ବିରୋଧ କରିଥିଲେ।

# ମାଲେସିଆରେ ୫ ଓଡ଼ିଆ ଶ୍ରମିକ ନିର୍ଯାତିତ

### ମୁକ୍ତି ପାଇଁ ଏସ୍‌ପିଙ୍କୁ ନିବେଦନ କଲେ ପରିବାର ଲୋକ

ଖୋର୍ଦ୍ଧା ଅଫିସ,୩୦।୮

ଖୋର୍ଦ୍ଧା ଜିଲା ବାଣପୁର ଥାନା ଆୟତପୁର ଗାଁର ୫ଜଣ ଓଡ଼ିଆ ଶ୍ରମିକ ମାଲେସିଆରେ ନିର୍ଯାତିତ ହେଉଛନ୍ତି। ଖାଇବାକୁ, ରହିବାକୁ, ଗାଁକୁ ଫେରି ଆସିବା ପାଇଁ ସେମାନଙ୍କ ପାଖରେ ଟଙ୍କା ନାହିଁ। କ’ଣ କରିବେ, କିପରି ଗାଁକୁ ଫେରିବେ ସେନେଇ ପରିବାର ଲୋକଙ୍କୁ ଅବଗତ କରାଇବା ପରେ ଘରେ ଚୁଲି ଜଳୁନି। ଏପରିସ୍ଥଳେ ନିର୍ଯାତିତ ୫ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣିବାକୁ ଏସ୍‌ପିଙ୍କ ନିକଟରେ ଆୟତପୁରର ଜୟ ବେହେରାଙ୍କ ପରିବାର ଗୁରୁବାର ଫେରାଦ ହୋଇଛନ୍ତି। ତାଙ୍କ ପୁଅ ବାବୁଙ୍କ ସହ ଅନ୍ୟମାନଙ୍କୁ ସେଠାରୁ ଫେରାଇ ଆଣିବା, ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜୟ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ବଡହନ୍ତୁଆଡ ଗାଁର ଜଣେ ବ୍ୟକ୍ତି ନିଜକୁ ଠିକାଦାର ଓ ଏଜେଣ୍ଟ କହି ବାହାର ଦେଶକୁ ଶ୍ରମିକମାନଙ୍କୁ ପଠାଉଛନ୍ତି। ଏଭଳିସ୍ଥଳେ ଆୟତପୁର ଗାଁର ବାବୁ ବେହେରା, ଦୀପକ ଭୋଳ, ଦୀପକ ପ୍ରଧାନ, ରମେଶ ବେହେରା ଓ ମୋରାମୋରି ଗାଁର ପ୍ରଫୁଲ୍ଲ ଦାସଙ୍କୁ ଭଲ ଦରମା, ଭଲ କମ୍ପାନୀ କହି ମାଲେସିଆ ପଠାଇବାକୁ ଲୋଭ ଉକ୍ତ ଠିକାଦାର ଦେଖାଇଥିଲେ। ଏଥିପାଇଁ ୭୦ ହଜାର ଖର୍ଚ୍ଚ ହେଉଛି ଦର୍ଶାଇ ପ୍ରଲୋଭିତ କରାଇଥିଲେ। ସମ୍ପୃକ୍ତ ଲୋକମାନେ ଠିକାଦାରଙ୍କ କଥାରେ ରାଜି ହୋଇ ଜୁନ ୧୭ରେ ମାଲେସିଆ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସେମାନଙ୍କୁ କାମ ମିଳି ନ ଥିଲା। ବାଣପୁରର ଏଜେଣ୍ଟଙ୍କ ହସ୍ତକ୍ଷେପ ପରେ ଅନ୍ୟ ଏକ ଠିକାଦାରଙ୍କ ପାଖରେ କାମରେ ଲଗାଇ ଦେଲେ। ତେବେ ପାରିଶ୍ରମିକ ମିଳିଲା ନାହିଁ। ଟଙ୍କା ମାଗିବାରୁ ମାରପିଟ୍ କରି କ୍ୟାମ୍ପରୁ କାଢ଼ି ଦେଇଥିବା ଜଣାପଡ଼ିଛି।

## ■ ସ୍ୱାୟତ୍ତ ଶାସନର ଆଭିମୁଖ୍ୟ ଲକ୍ଷ୍ୟଚ୍ୟୁତ

# ବିକାଶ ଚାଲିଛି, ବଦଳୁନି ଚେହେରା

ଖୋର୍ଦ୍ଧା ଅଫିସ,୩୦।୮

ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ବିକାଶର ଡିଣ୍ଡିମ ପିଟା ଯାଉଥିଲେ ମଧ୍ୟ ସହରର ଚେହେରା ବଦଳୁନାହିଁ। ସ୍ୱାୟତ୍ତ ଶାସନର ଆଭିମୁଖ୍ୟ ଲକ୍ଷ୍ୟଚ୍ୟୁତ ହୋଇଥିବାରୁ ସହରରେ ଥାଇ ଲୋକେ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ପରିପ୍ରେକ୍ଷୀରେ ଖୋର୍ଦ୍ଧାବାସୀଙ୍କୁ ଯୋଗାଇ ଦିଆଯାଉଥିବା ପୌର ସୁବିଧା ଯଥେଷ୍ଟ କି ନୁହେଁ ଏସବୁ ସମୀକ୍ଷାର ବେଳ ଆସିଛି। ବର୍ଷକ ମଧ୍ୟରେ ଆରମ୍ଭ କରାଯାଇଥିବା ନୂଆ ଏବଂ ଅଧା ପଡିଥିବା ଯୋଜନା କେତେଦୂର ଅଗ୍ରଗତି ହୋଇଛି ସେ ସବୁର ହିସାବ ନିକାଶ କରି ଆଗକୁ ନୂତନ ଯୋଜନା କରିବ ମ୍ୟୁନିସିପାଲିଟି। ଆଗକୁ ପୁଣି ଆସୁଛି ନିର୍ବାଚନର ବର୍ଷ। ହେଲେ କେରଳ ବନ୍ୟା ପରିସ୍ଥିତିକୁ ଆଖି ଆଗରେ ରଖି ଉତ୍ସବ ନିରାଡମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛି ମ୍ୟୁନିସିପାଲିଟି। ସହରର ଜନସଂଖ୍ୟା ଏବେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ। ଦୂରଦୃଷ୍ଟି ଏବଂ ସମୟ ଉପଯୋଗୀ ପଦକ୍ଷେପ ଅଭାବରୁ ସମସ୍ୟା ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ସହରର ଜନସଂଖ୍ୟା ଯେଉଁ ଅନୁପାତରେ ବଢୁଛି ସେହି ଅନୁଯାୟୀ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ କରାଯାଉନାହିଁ। ବୃହତ ଜନସଂଖ୍ୟାକୁ ସର୍ବନିମ୍ନ ପୌର ସୁବିଧା ଯୋଗାଇବାକୁ ହେଲେ ଉତ୍ତମ ଯୋଜନା ସହ ରାଜସ୍ୱ ବଢ଼ାଇବାର ମଧ୍ୟ ଆବଶ୍ୟକତା ରହିଛି। ହେଲେ ଏହାକୁ ଅଣଦେଖା କରାଯାଉଛି।

### ମିଳୁନି ସେବା

ଦୀର୍ଘଦିନର ଦାବି ପୁରୁଣା ମାଛ ମାର୍କେଟକୁ କାର୍ଯ୍ୟକ୍ଷମ କରାଇବାରେ ମ୍ୟୁନିସିପାଲିଟି ବିଫଳ ହୋଇଛି। ଏବେ ବି ଜନସାଧାରଣଙ୍କୁ ରାସ୍ତାରେ ଭାସୁଥିବା ଆମିଷ ପାଣିରେ ଯିବାକୁ ପଡୁଛି। ପରିମଳ ସେବାକୁ ଘରୋଇକରଣ କରାଯାଇଥିଲେ ହେଁ ଏଥିରେ ସହରବାସୀ ସନ୍ତୁଷ୍ଟ ନାହାନ୍ତି। ସହର ସାରା କୁଢ଼କୁଢ଼ ଅଳିଆ, ନାଳ ନର୍ଦ୍ଦମାର ପଚାଶଢ଼ା ପାଣି ସହରବାସୀଙ୍କୁ ଅଣନିଃଶ୍ୱାସୀ କରି ରଖିଛି। ସହରରୁ ବାହାରୁଥିବା ଅଳିଆ ଓ ଆବର୍ଜନାକୁ ପକାଇବା ଲାଗି ପୌରପାଳିକାର ନିର୍ଦ୍ଦିଷ୍ଟ ଡମ୍ପିଂୟାର୍ଡ ନାହିଁ। ଏଣେ ତେଣେ ଆବର୍ଜନାଗୁଡିକୁ ଫୋପଡା ଯାଉଥିବାରୁ ସହର ପ୍ରଦୂଷିତ ହେଉଛି। ମଶା ବଂଶ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ସହରରେ ପଲିଥିନ ଜନିତ ପ୍ରଦୂଷଣ ମଧ୍ୟ ବଢିବାରେ ଲାଗିଛି। କେଉଁଠି ବର୍ଜ୍ୟବସ୍ତୁକୁ ମନଇଚ୍ଛା ଫୋପାଡି ଦିଆଯାଉଛି ତ ଆଉ କେଉଁଠି ସ୍ୱେରେଜ ନିର୍ମାଣ ନାଁରେ ରାସ୍ତାକୁ ତାଡି ଖରାପ କରି ଦିଆଯାଉଛି। ଆଉ କେଉଁଠାରେ ସିମେଣ୍ଟ ଢ଼ଳେଇ ପଡିବା ପରେ ରାସ୍ତାକୁ ଖୋଳି ଟେଲିଫୋନ କେବୁଲ ନିଆଯାଉଛି। ଏବେ ନରାଜ ପାଣି ପାଇଁ ରାସ୍ତା ଖୋଳି ସବୁ ରାସ୍ତାକୁ ମରଣଯନ୍ତା କରି ଦିଆଯାଇଛି।

### ହଟୁନି ସମସ୍ୟା

ରାସ୍ତାପାର୍ଶ୍ୱ ଆଲୋକୀକରଣ, ବସ୍ତି ବାସିନ୍ଦା ଓ ଗରିବ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇବା କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିନାହିଁ। ରାସ୍ତା ଉପରେ ଗୃହପାଳିତ ପଶୁଙ୍କ ରାଜୁତି କାରଣରୁ ବଢୁଛି ଦୁର୍ଘଟଣା। ସହରରେ କ୍ୟାବିନ ସମସ୍ୟା ମୁଖ୍ୟ ଭାବେ ଉଭା ହୋଇଛି। ଫଳରେ ଟ୍ରାଫିକ ସମସ୍ୟା ସହ ସହରର ଉନ୍ନତିମୂଳକ କାର୍ଯ୍ୟରେ କ୍ୟାବିନ ବାଧକ ସୃଷ୍ଟି କରିଛି। ୨୨ବର୍ଷ ତଳର ଏହି ସମସ୍ୟାକୁ ସମାଧାନ କରାଯାଉନାହିଁ। ଡ୍ରେନ ସମସ୍ୟାର ସମାଧାନ ନାହିଁ। ବର୍ଷା ଋତୁ ପୂର୍ବରୁ ଡ୍ରେନ ସଫେଇ କରାଯାଉନାହିଁ। ସାମାନ୍ୟ ବର୍ଷାରେ ସହରରେ କୃତ୍ରିମ ବନ୍ୟା ହେଉଛି। କିଛିଦିନ ତଳେ ଲଘୁଚାପ ବର୍ଷାରେ ସହରର ବିଭିନ୍ନ ୱାର୍ଡରେ ପାଣି ୧ରୁ ୩ ଫୁଟ ଜମି ରହିଥିଲା। ଘର ଭିତରେ ପାଣି ପଶିଥିଲା। ଏପରି କି ଜଳଘେରରୁ ବର୍ତ୍ତିବା ପାଇଁ ରାସ୍ତାରୋକୋ ହୋଇଥିଲା। ସେହିପରି ମ୍ୟୁନିସିପାଲିଟିରେ ଯେଉଁ ଦୋକାନ ଘର ଭଡାରେ ଲାଗିଛି ତାହା ନିୟମିତ ମରାମତି ହେଉନି। ବରୁଣେଇ ଅଞ୍ଚଳରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ରହିଛି, ଯାହାକି ସହରର ପରିବେଶକୁ ବହୁଗୁଣରେ ପ୍ରଦୂଷିତ କରୁଥିଲେ ହେଁ ନିରାକରଣ ନାହିଁ। ହୋଲଡିଂ ଟିକସ ସମେତ ଅନ୍ୟାନ୍ୟ ଟିକସ ବି ଆଦାୟ ହୋଇପାରୁନାହିଁ। ପୁଣି ହୋଲ୍ଡିଂ ଟିକସ ଦେଉଥିବା ଲୋକେ ସେବା ପାଉନାହାନ୍ତି। ଚଳନ୍ତା ଗାଡିକୁ ଅଟକାଇ ବେଆଇନ ପାର୍କିଂ ଫି ଆଦାୟ ହେଉଛି। ଏଣୁ ବିଭିନ୍ନ କ୍ଷେତ୍ରରେ ସହରବାସୀ ସୁବିଧା ଅପେକ୍ଷା ଅଧିକ ଅସୁବିଧା ଭୋଗୁଛନ୍ତି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ସତ୍ୟ



@ ରିଚି



@ ସନ୍ତୋଷ



@ ସର୍ବେଶ୍ୱର



@ ଶଙ୍କର



@ ମୃତ୍ୟୁଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମଧ୍ୟାହ୍ନଭୋଜନରେ ଜାଲିଆତି

ଖୋର୍ଦ୍ଧା ଅଫିସ,୩୦।୮

ଚିଲିକା ବ୍ଲକ କୁମାଣ୍ଡୋଳସ୍ଥିତ ଯୁବଜ୍ୟୋତି ହାଇସ୍କୁଲରେ ପାଠ ପଢୁ ନ ଥିବା ଜଣେ ୮ମ ଶ୍ରେଣୀର ଛାତ୍ରୀ ନାଁରେ ଜାଲିଆତି କରି ମଧ୍ୟାହ୍ନଭୋଜନ ହଡପ ଚାଲିଛି। ଭୁବନେଶ୍ୱର ବରଗଡ ସାଇ ସରସ୍ୱତୀ ଜ୍ଞାନମନ୍ଦିରରୁ ୭ମ ଶ୍ରେଣୀ ପାସ୍ କରିଥିବା ଆୟେଶା ମହାନ୍ତି ଯୁବଜ୍ୟୋତି ହାଇସ୍କୁଲରେ ୮ମ ଶ୍ରେଣୀରେ ନାମ ଲେଖିବାକୁ ଆସିଥିଲେ। ଏଥିପାଇଁ ୪୦୦ ଟଙ୍କା ଫିସ ଓ ସାର୍ଟିଫିକେଟ ଦେଇଥିଲେ। ମାତ୍ର ସାଙ୍ଗିଆରେ ତ୍ରୁଟି କାରଣରୁ ପ୍ରଧାନ ଶିକ୍ଷକ ସଂଶୋଧନ କରି ସାର୍ଟିଫିକେଟ ଆଣିବାକୁ ଅଭିଭାବକଙ୍କୁ କହିଥିଲେ। ଛାତ୍ରୀ ଜଣକ କୁମାଣ୍ଡୋଳ ନ ଫେରି ବରଗଡରେ ନାମ ଲେଖାଇଥିଲେ। କିନ୍ତୁ ସ୍କୁଲରେ ତାଙ୍କ ନାଁ ଗଡି ଚାଲିଲା। ସେ ସ୍କୁଲକୁ ନ ଆସି ୪୯ ନଂ. କ୍ରମିକ ନମ୍ବରରେ ଏପ୍ରିଲରୁ ଉପସ୍ଥାନ ଖାତାରେ ଉପସ୍ଥାନ ଦର୍ଶାଗଲା। ଘଟଣା ସମ୍ପର୍କରେ ଚିଲିକା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ଏହାର ତଦନ୍ତ ଆରମ୍ଭ ହୋଇଛି। ପ୍ରଥମତଃ ଉପସ୍ଥାନ ଖାତାରୁ ନାଁ କାଟି ଦିଆଯାଇଛି। ଅଭିଯୋଗ ପ୍ରମାଣିତ ହେବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସ୍ୱାଇଁ ପ୍ରକାଶ କରିଛନ୍ତି।



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହା ହିଁ ସବୁଠାରୁ ଯନ୍ତ୍ରଣାଦାୟକ।
– ବେନ୍ ଜନସନ



## ଆଜି କ'ଣ କେଉଁଠି

**ପୁରୀ**
- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ଣ ୧୧ଟା ୩୦।
- ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ, ପୌରସଂସ୍ଥା କାର୍ଯ୍ୟାଳୟ ପରିସର, ସକାଳ ୬ଟା ୩୦।

**ନିମାପଡ଼ା**
- ନିମାପଡ଼ା ଏନ୍ଏସି ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳନ ଏବଂ ନୂତନ ପ୍ରକଳ୍ପ ଉଦ୍ଘାଟନ ଓ ଶିଳାନ୍ୟାସ ସମାରୋହ, କାର୍ଯ୍ୟାଳୟ ପରିସର, ପୂର୍ବାହ୍ଣ ୧୦ଟା।
- ଡ.ମନମୋହନ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ଓ ପାଠଚକ୍ର ସମ୍ମିଳନୀ, ଗ୍ରୀନ୍ଲାଣ୍ଡ ମଣ୍ଡପ, ଅପରାହ୍ଣ ୪ଟା।

ଆଇନଜୀବୀଙ୍କୁ ମାଡ଼ ଘଟଣା

## ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ପୁରୀ ଅଫିସ୍/ନିମାପଡ଼ା, ୩୦।୮ (ଡି.ଏନ୍.ଏ.): କଟକରେ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଗୁରୁବାର ଏନେଇ ପୁରୀ ବାର୍ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବାର୍ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାର୍‌ର ଶତାଧିକ ଆଇନଜୀବୀ ପୋଲିସର ବର୍ବରତାକୁ ନିନ୍ଦା କରିଥିଲେ। ଏହି ଅବସରରେ ବାର୍ ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ କହିଲେ, ପୋଲିସ ଏବଂ ଆଇନଜୀବୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ। କିନ୍ତୁ ଅନେକ ସମୟରେ ପୋଲିସ ନିଜ ପଦବୀର ଅପବ୍ୟବହାର କରୁଛି। ସୋମବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ତ୍ରିପାଠୀ କହିଛନ୍ତି। ସେହିପରି ନିମାପଡ଼ାରେ ଶତାଧିକ ଆଇନ୍‌ଜୀବୀ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହା ଯୋଗୁ ନିମାପଡ଼ାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମଏଫସି), ଅତିରିକ୍ତ ଜିଲା ଦୌରାଜଜ, ସିଭିଲଜଜ୍ ସିନିୟର ଡିଭିଜନ, ସିଭିଲଜଜ୍ ଜୁନିୟର ଡିଭିଜନରେ କୋର୍ଟ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଥିବା ଦେଖିବାକୁ ମିଳିଥିଲା।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ବେଳେ ପଡ଼ି ଗୋଡ଼ ଭାଙ୍ଗିବା ଘଟଣା

## ୫୦ହଜାର କ୍ଷତିପୂରଣ ଦେବାକୁ ଓଏଚ୍ଆରସିଙ୍କ ନିର୍ଦ୍ଦେଶ

ପୁରୀ ଅଫିସ, ୩୦।୮: ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ପରିକ୍ରମା ଲାଗି ଫେବର ବ୍ଲକ ବିଛାଯାଇଥିଲା। ଏହି ଫେବର ବ୍ଲକରେ ଗୋଡ଼ ଖସିଯିବାରୁ କୌସ୍ତୁଭ ମିଶ୍ର ନାମକ ଜଣେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିଲା। ଏ ନେଇ ମାନବାଧିକାର କର୍ମୀ ରମାଶଙ୍କର ପାତ୍ର ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି କରି ଓଏଚ୍ଆରସି କୌସ୍ତୁଭଙ୍କ ପରିବାରକୁ ୫୦ହଜାର ଟଙ୍କା କ୍ଷତିପୂରଣ ଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା କୌସ୍ତୁଭଙ୍କ ବ୍ୟାଙ୍କ ଆକାଉଣ୍ଟରେ ଫିକ୍ସ ଡିପୋଜିଟ କରିବାକୁ ରାୟରେ ଦର୍ଶାଇଛନ୍ତି। ଏଥିସହିତ ଶ୍ରୀମନ୍ଦିର ପରିକ୍ରମା ସ୍ଥଳର ସ୍ୱଚ୍ଛତା ଉପରେ ଦୃଷ୍ଟି ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପରିକ୍ରମା ସ୍ଥଳରେ ରାସ୍ତା ଅବରୋଧ କରୁଥିବା ଉଠାଦୋକାନୀ, ଗୋରୁଙ୍କୁ ହଟାଇବା ଲାଗି ଓଏଚ୍ଆରସି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଛାତ୍ରୀଙ୍କୁ କମେଣ୍ଟ ମାରିବା ଘଟଣା: ଯୁବକ ଗିରଫ

କଣାସ,୩୦।୮ (ଡି.ଏନ୍.ଏ./ସ୍ୱ.ପ୍ର.): କଣାସ ବ୍ଲକ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ଓ ଅଶ୍ଳୀଳ ଇଙ୍ଗିତ କରିବା ଘଟଣାରେ ପୋଲିସ ଗୁରୁବାର ଜଗନ୍ନାଥପୁର ଗ୍ରାମର ଚିନ୍ମୟ ରାଉତରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣଙ୍କ କଲେଜକୁ ଯିବା ସମୟରେ ଚିନ୍ମୟ ତାଙ୍କୁ ବାରମ୍ବାର କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏ ନେଇ ଛାତ୍ରୀଜଣଙ୍କ ବାପାଙ୍କୁ ଜଣାଇଥିଲେ। ଏହା ପରେ ଛାତ୍ରୀ ଓ ତାଙ୍କର କେତେଜଣ ସହପାଠୀ ଚିନ୍ମୟଙ୍କ ଘରକୁ ପଚାରିବାକୁ ଯାଇଥିବା ବେଳେ ସେମାନଙ୍କୁ ଚିନ୍ମୟ ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କଣାସ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ।

■ଶ୍ରୀଜଗନ୍ନାଥ ଷ୍ଟାଡ଼ିୟମ

# ଇନ୍‌ଡୋର ହଲ୍ ଶିଳାନ୍ୟାସ

ପୁରୀ ଅଫିସ, ୩୦।୮

**ଡିସେମ୍ବର ସୁଦ୍ଧା ସରିବ ନିର୍ମାଣ**

- ■ କ୍ରୀଡ଼ାର ବିକାଶ ଲାଗି ସହାୟକ ହେବ
- ■ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଖେଳାଳି ଜୟନ୍ତୀ ସମ୍ମାନିତ



ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଶିଳାନ୍ୟାସ କରୁଛନ୍ତି।

କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୁରୀ ପେଣ୍ଟକଟାରେ ନିର୍ମାଣ ହେବାକୁ ଥିବା ଶ୍ରୀଜଗନ୍ନାଥ ଷ୍ଟାଡିୟମର ଇନ୍‌ଡୋର ହଲ୍‌ର ଶିଳାନ୍ୟାସ କରିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ୨୦୧୮ ଡିସେମ୍ବର ଶେଷ ସୁଦ୍ଧା ଇନ୍‌ଡୋର ହଲ୍ ଏବଂ ୨୦୧୯ ଜୁଲାଇ ସୁଦ୍ଧା ଆଉଟ୍‌ଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ବୋଲି ସେ କହିଛନ୍ତି। ମନ୍ତ୍ରୀ ମହାନ୍ତି କହିଲେ ଯେ, ବହୁ ଘାତ ପ୍ରତିଘାତ ପରେ ଏଠାରେ ଏକ ଅନ୍ତର୍ଜାତୀୟ ସ୍ତରର ଷ୍ଟାଡିୟମ ନିର୍ମାଣ ହେବାକୁ ଯାଉଛି। କ୍ରୀଡ଼ାର ବିକାଶ ଦିଗରେ ଏହା ବେଶ୍ ସହାୟକ ହୋଇପାରିବ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କହିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କ୍ରୀଡ଼ାବିତ୍ ରବି ନାରାୟଣ ଗୁରୁ, ପିଡି ଡିଆର୍‌ଡିଏ ଉଦ୍ଧବ ଚନ୍ଦ୍ର ମାଝି, ଶ୍ରୀମନ୍ଦିର ପରିଚାଳନା କମିଟି ସଭ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, କୁସ୍ତିବିତ୍ ରାମଚନ୍ଦ୍ର ପାଢ଼ୀ, ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା, କ୍ରୀଡ଼ାବିତ୍ ରବୀନ୍ଦ୍ର ସେନାପତି, ଭର୍ଟେକ୍ସ କନ୍‌ଷ୍ଟ୍ରକଶନ୍ କମ୍ପାନୀର ଇଞ୍ଜିନିୟର ରାଜୀବ ଅଗ୍ରୱାଲ ଓ ଷ୍ଟାଡିୟମ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ୱାପକସ୍ କମ୍ପାନୀର ମୁଖ୍ୟ ଉପଦେଷ୍ଟା ବିଜୟ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ମହାନ୍ତି ଇନ୍‌ଡୋର ହଲ୍‌ର ନକ୍ସା ଉନ୍ମୋଚନ କରିଥିଲେ। ଶେଷରେ ଖେଳାଳିଙ୍କ ମଧ୍ୟରେ ଟଗ୍ ଅଫ୍ ୱାର(ଦୌଡ଼ି ଭିଡ଼ା ପ୍ରତିଯୋଗିତା) ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଖେଳାଳି ଜୟନ୍ତୀ ବେହେରା ଏବଂ ତାଙ୍କ ଗୁରୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ନିର୍ମାଣ ହେବ ୪ଟି ବ୍ୟାଡ୍‌ମିଣ୍ଟନ କୋର୍ଟ**

୩.୫ କୋଟି ଟଙ୍କାରେ ଇନ୍‌ଡୋର ଏବଂ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ଆଉଟ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯିବ। ଇନ୍‌ଡୋର ହଲ୍‌ରେ ଅନ୍ତର୍ଜାତୀୟ ସ୍ତରର ୪ଟି ବ୍ୟାଡ୍‌ମିଣ୍ଟନ କୋର୍ଟ ନିର୍ମାଣ ହେବ। ୨୫୦ ଲୋକ ବସିବା ଭଳି ଗ୍ୟାଲେରି ତିଆରି କରାଯିବ। ସେହିପରି ଆଉଟ୍‌ଡୋର ଷ୍ଟାଡିୟମରେ କ୍ରିକେଟ ଓ ଆଥ୍‌ଲେଟ ଗ୍ରାଉଣ୍ଡ ନିର୍ମାଣ କରାଯିବ। ୧୨୦୦ରୁ ଊର୍ଦ୍ଧ୍ୱ ଲୋକ ବସିବା ଭଳି ଅତ୍ୟାଧୁନିକ ଗ୍ୟାଲେରି ନିର୍ମାଣ କରାଯିବ ବୋଲି ସେ କହିଥିଲେ।

■ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମ

# ୫ ପ୍ରକଳ୍ପ ଉଦ୍‌ଘାଟିତ, ୨ଟି ପାଇଁ ପଡ଼ିଲା ଭିତ୍ତିପ୍ରସ୍ତର

**ମୋଚିସାହି ଶୌଚାଳୟ ଉଦ୍‌ଘାଟନରେ ଯୋଗଦେଲେନି ମହେଶ୍ୱର**

ପୁରୀ ଅଫିସ, ୩୦।୮

ଚଳିତ ବର୍ଷ ପୁରୀ ପୌରସଂସ୍ଥା ସ୍ୱାୟତ୍ତ ଶାସନ ଦିବସକୁ ତିନିଦିନ ବ୍ୟାପୀ ପାଳନ କରୁଛି। ଗୁରୁବାର ସ୍ୱାୟତ୍ତ ଶାସନ ଦିବସର ଦ୍ୱିତୀୟ ଦିବସରେ ୫ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଉଦ୍‌ଘାଟକ ଥିଲେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ମନ୍ତ୍ରୀଙ୍କ ଦ୍ୱାରା ୪ ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। କିନ୍ତୁ ୱାର୍ଡ-୧୩ ମୋଚିସାହି ଶୌଚାଳୟକୁ ନଗରପାଳ ଉଦ୍‌ଘାଟନ କରିଥିଲେ। ସେଠାକୁ ମନ୍ତ୍ରୀ ଯାଇ ନ ଥିଲେ। ୯୯ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଗାଡିଖାନା ଗ୍ୟାରେଜ ଗୃହ ଗୁରୁବାର ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଲୋକାର୍ପଣ କରିଛନ୍ତି। ୱାର୍ଡ-୮ ଅନ୍ତର୍ଗତ ମାଛ ମାର୍କେଟର ପୁନରୁଦ୍ଧାର ହେବ। ଏଥିରେ ୨୫ଲକ୍ଷ ୯୮ହଜାର ବ୍ୟୟରେ ନୂତନ ମାଛ ମାର୍କେଟ ନିର୍ମାଣ ହେବ। ଏହାର ଶିଳାନ୍ୟାସ ହୋଇଛି। ଏହାସହିତ ବେହେରାସାହି କମ୍ୟୁନିଟି ସେଣ୍ଟର, ହରିଜନସାହି ଶୌଚାଳୟ, ବିରଳା ଗେଷ୍ଟ ହାଉସ୍ ନିକଟ ଶୌଚାଳୟ ଏବଂ ମୋଚିସାହି ଶୌଚାଳୟ ଉଦ୍‌ଘାଟିତ ହୋଇଛି। ୬୦ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟରେ ମଙ୍ଗଳାହାଟଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ଏହି ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ ହୋଇଛି। ଏହି ସମସ୍ତ ଉଦ୍‌ଘାଟନୀ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଏବଂ ସ୍ଥାନୀୟ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୩୧ ସ୍ୱାୟତ୍ତ ଶାସନ ଦିବସ। ଏହି ଦିବସରେ ପୁରୀ ପୌରସଂସ୍ଥା ପକ୍ଷରୁ ଗଣଦୌଡ଼, ୫ଟି ପ୍ରକଳ୍ପର ଶୁଭାରମ୍ଭ, ଗୋ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ଏବଂ ସାଧାରଣ ସଭା କାର୍ଯ୍ୟକ୍ରମ ରହିଛି।



ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ପୌରସଦନଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ୱାର୍ଡ ୧୮କୁ ଓଡିଏଫ୍ ଘୋଷଣା କଲା ପୌରସଂସ୍ଥା

ପୁରୀ ଅଫିସ, ୩୦।୮

ପୁରୀ ପୌରାଞ୍ଚଳର ୱାର୍ଡ ନଂ.୧୮କୁ ଓଡିଏଫ୍(ଓପନ ଡେଫିକେଶନ ଫ୍ରି) ଘୋଷଣା କରିଛି ପୌରସଂସ୍ଥା। ପୁରୀ ପୌରାଞ୍ଚଳରେ ଓଡିଏଫ୍ ଅର୍ଥାତ୍ ବାହ୍ୟ ମଳତ୍ୟାଗ ମୁକ୍ତ ଅଞ୍ଚଳ ଘୋଷଣା ହେବାରେ ଏହି ୱାର୍ଡ ପ୍ରଥମ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ ଏବଂ ୱାର୍ଡ ପରିମଳ କମିଟିକୁ ପୌରସଂସ୍ଥା ପକ୍ଷରୁ ସମ୍ମାନିତ କରାଯିବ। ଶୁକ୍ରବାର ଅପରାହ୍ଣ ୪ଟାରେ ଟାଉନ ହଲରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ମାନିତ କରାଯିବ ବୋଲି ଜଣାପଡିଛି।

■ଜିଆର୍‌ଏସ୍‌ଙ୍କୁ ମାଡ଼ ମାରିବା ଘଟଣା

## ଅଭିଯୁକ୍ତ ଗିରଫ, କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

କଣାସ,୩୦।୮ (ଡି.ଏନ୍.ଏ/ସ୍ୱ.ପ୍ର.)

ବିଜିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗ୍ରାମ ରୋଜଗାର ସେବକ ଶ୍ରୀବତ୍ସ ରାଉତରାୟଙ୍କୁ ମାଡ଼ ମାରିବା ଘଟଣା ପ୍ରତିବାଦରେ ବ୍ଲକ କର୍ମଚାରୀମାନେ ଦୁଇ ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଶ୍ରୀବତ୍ସଙ୍କ ଅଭିଯୋଗକ୍ରମେ କଣାସ ପୋଲିସ ଏକ ମାମଲା (ନଂ.୧୦୮/୧୮)ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରିବା ପରେ ଗୁରୁବାର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ରାଶନ କାର୍ଡ ସର୍ଭେ ଚାଲିଥିବାରୁ ଲୋକମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଫର୍ମ ଦାଖଲ କରିବା ପାଇଁ ଆସିଥିଲେ। ତେବେ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ବନ୍ଦ ଥିବାରୁ ପୁରୁଷ ଓ ମହିଳାମାନେ ବାହାରେ ଅପେକ୍ଷା କରିଥିଲେ। ଏହି ସମୟରେ ପ୍ରଶାନ୍ତ ଗ୍ରାମ ରୋଜଗାର ସେବକ ଶ୍ରୀବତ୍ସଙ୍କୁ ଗାଳିକରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶ୍ରୀବତ୍ସଙ୍କୁ ବଜାରରେ ପ୍ରଶାନ୍ତ ମାଡ଼ ମାରିବା ସହ ତାଙ୍କ ଗ୍ରାମକୁ ଯାଇ ଗାଳିଗୁଲଜ କରିଥିବା ଏତଲାରୁ ଜଣାପଡ଼ିଛି। ଏହାର ପ୍ରତିବାଦରେ ବ୍ଲକ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ।

## ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ

ପୁରୀ ଅଫିସ, ୩୦।୮

ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଗୁରୁବାର ସ୍ଥାନୀୟ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପାରିବାରିକ ହିଂସା, ଯୌତୁକଜନିତ ସମସ୍ୟା ଆଦି ୫୪ଟି ମାମଲା ଉପରେ ଶୁଣାଣି ହୋଇ କିଛି ଆପୋସ ସମାଧାନ କରାଯାଇ କିଛି ମାମଲାରେ ପୁଣିଥରେ ନୋଟିସ କରାଯିବ। ମହିଳା ଆୟୋଗ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ଏଡିଏମ୍ ବିଭୂତି ଭୂଷଣ ଦାସ, ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ଆୟୋଗ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଗୋଲାପ ମଞ୍ଜରୀ ଦାଶ ମାମଲା ପରିଚାଳନା କରିଥିଲେ।

# ସେପ୍ଟେମ୍ବର ୧ରୁ ଭୋଟର ତାଲିକା ସଂଶୋଧନ

ପୁରୀ ଅଫିସ, ୩୦।୮

- ■ଜାନୁୟାରୀ ୪ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା
- ■ଜିଲାରେ ବଢ଼ିବ ୫୫ ବୁଥ୍

ଆସନ୍ତା ସେପ୍ଟେମ୍ବର ୧ରୁ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଅକ୍ଟୋବର ୩୧ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଏହି ସମୟ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ସମ୍ପୃକ୍ତ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ପହଞ୍ଚି ତାଙ୍କ ନାମ ପଞ୍ଜୀକରଣ, ସଂଶୋଧନ, ସ୍ଥାନାନ୍ତରୀକରଣ ଓ ବାଦ ଦେବା ପାଇଁ ଆବେଦନ କରିପାରିବେ ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ସେପ୍ଟେମ୍ବର ୧ରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରଠାରୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିବ। ୨୦୧୯ ଜାନୁୟାରୀ ୧ ସୁଦ୍ଧା ଯେଉଁ ମାନଙ୍କ ବୟସ ୧୮ ହେଉଥିବ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ଲାଗି ଫର୍ମ ନଂ-୬ରେ ଆବେଦନ କରିବାକୁ ପଡିବ। ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ରେ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲାପାଳଙ୍କ ଦ୍ୱାରା ପ୍ରକାଶିତ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଭବତାରଣ ସାହୁ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ ସଂକ୍ଷିପ୍ତ ଭୋଟର ତାଲିକା ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ପୁରୀ ଜିଲାରେ ୬ଟି ନିର୍ବାଚନ ମଣ୍ଡଳୀ ରହିଛି। ଜିଲାର ମୋଟ ଜନସଂଖ୍ୟା ୧୮ଲକ୍ଷ ୭ହଜାର ୯୮୫। ସେଥିମଧ୍ୟରୁ ମୋଟ ଭୋଟର ହେଉଛନ୍ତି ୧୩ଲକ୍ଷ ୨୯ହଜାର ୪୯୫। ଏଥିରୁ ପୁରୁଷ ଭୋଟର ୬ଲକ୍ଷ ୯୪ହଜାର ୧୧୭ଜଣ ହୋଇଥିବା ବେଳେ ମହିଳା ୬ଲକ୍ଷ ୩୫ହଜାର ୩୬୧ଜଣ। ଅନ୍ୟାନ୍ୟ ଭୋଟର ୧୭ଜଣ। ୨୦୧୪ ସାଧାରଣ ନିର୍ବାଚନରେ ଜିଲାର ୬ଟି ନିର୍ବାଚନ ମଣ୍ଡଳୀରେ ୧୫୩୮ଟି ବୁଥ୍ ରହିଥିଲା। ବର୍ତ୍ତମାନ ୫୫ନୂତନ ବୁଥ୍ କରାଯାଇଛି। ଏହାକୁ ଅନୁମୋଦନ ନିମନ୍ତେ ନିର୍ବାଚନ କମିଶନଙ୍କ ନିକଟକୁ ପଠାଯାଇଛି। ଅନୁମୋଦନ ପରେ ଜିଲାର ସମୁଦାୟ ବୁଥ୍ ସଂଖ୍ୟା ୧୫୯୩କୁ ବୃଦ୍ଧି ପାଇବ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ସତ୍ୟ



@ ରିଚି



@ ସନ୍ତୋଷ



@ ସର୍ବେଶ୍ୱର



@ ଶଙ୍କର



@ ମୃତ୍ୟୁଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଏଟିଏମ୍ କାର୍ଡ ଜରିଆରେ ଆକାଉଣ୍ଟରୁ ଟଙ୍କା ଲୁଟ ଘଟଣାରେ ୨ଗିରଫ

କୋଣାର୍କ, ୩୦।୮ (ଡି.ଏନ୍.ଏ.)

କୋଣାର୍କ ଥାନା କୁରୁଜଙ୍ଗ ପଞ୍ଚାୟତର ତାଳସୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ୨ଟି ଏଟିଏମ କାର୍ଡରୁ ଟଙ୍କା ଲୁଟ କରିବା ଘଟଣାରେ କୋଣାର୍କ ପୋଲିସ ଗୁରୁବାର ଅପରାହ୍ଣରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟଜଣେ ନାବାଳକଙ୍କୁ ପୁରୀ ଜୁଭେନାଇଲ କୋର୍ଟକୁ ପଠାଇଥିଲା। ପରେ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ହୋମକୁ ପଠାଯାଇଛି। ଗତ ୨୭ ତାରିଖରେ ତାଳସୁଆଁ ଗ୍ରାମର ପ୍ରଶାନ୍ତ ଜେନା କୋଣାର୍କ ଆସିଥିବାବେଳେ ତାଙ୍କର ୨ଟି ଏଟିଏମ କାର୍ଡ ହଜି ଯାଇଥିଲା। ଏ ନେଇ ସେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୮୨/୧୮ ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରୁଥିଲା। କୋଣାର୍କସ୍ଥିତ ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍‌ର ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ପୋଲିସ ଦୁଇ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା।